
# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ଡିସେମ୍ବର ୧୬/୨୦୧୯ (୨୦ ପୃଷ୍ଠା) Dhenkanal, Monday, December 16 / 2019 ★★★★★

୧୫ଶ ଭାଗ ୨୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-





KP GROUP
Quality Since 1965

Safal
PAN MASALA

ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି !




₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍

0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ଡିସେମ୍ବର ୧୬/୨୦୧୯ | Dhenkanal, Monday, December 16 / 2019 | (ପୃଷ୍ଠା-୧)




**ହେଟମେରଙ୍କ ଦ୍ରୁତ ଶତକ**

ଭାରତ ବିପକ୍ଷ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ଦ୍ରୁତ ଶତକ ହାସଲ କରି ୱେଷ୍ଟଇଣ୍ଡିଜକୁ ମ୍ୟାଚ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ଶିମରନ ହେଟମେର।

୧୭

୦୮

**ଏୟାରପୋର୍ଟରେ କରୀନାଙ୍କ ସଜବାଜ**

ନୱାବ୍ ପରିବାରର ବୋହୂ କରୀନା କପୁର ଖାନ୍ ସମୟ ଅଭାବରୁ ସଜବାଜ ହୋଇପାରୁନାହାନ୍ତି । ତେଣୁ ସେ ଏୟାରପୋର୍ଟରେ ମେକ୍‌ଅପ୍ ନେଉଛନ୍ତି ।



## ■ ସିଏଏ-ଏନ୍‌ଆର୍‌ସି ଭୟ: କେଉଁଠି ଧୂଆଁ, କେଉଁଠି ନିଆଁ

# ଆକ୍ରୋଶରୁ ଅରାଜକତା

**ନୂଆଦିଲ୍ଲୀ/କୋଲକାତା, ୧୫।୧୨**

ଆସାମରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଲାଗୁ ହେବା ପରେ ଉପୁଜିଥିବା ଅଡୁଆ ନ ଛିଣ୍ଡୁଣୁ ଏହାକୁ ଜାତୀୟ ସ୍ତରରେ ପ୍ରୟୋଗ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି କେନ୍ଦ୍ର ସରକାର। ଇତିମଧ୍ୟରେ ସଂଖ୍ୟା ଯୋଗାଡ଼ କରିବାରେ ସଫଳ ହୋଇଥିବା ମୋଦି ସରକାର ଗତ ସପ୍ତାହରେ ପାର୍ଲାମେଣ୍ଟରେ ନାଗରିକତ୍ୱ ସଂଶୋଧନ ବିଲ୍ (ସିଏବି)କୁ ଗୃହୀତ କରାଇନେଇଛନ୍ତି। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହା ଆଇନ (ସିଏଏ)ରେ ପରିଣତ ହୋଇଛି। ସିଏଏକୁ ବିରୋଧ କରି ସମଗ୍ର ଉତ୍ତରପୂର୍ବାଞ୍ଚଳରେ ଆନ୍ଦୋଳନର ନିଆଁ ଜଳୁଛି। ଆସାମ, ତ୍ରିପୁରା, ମଣିପୁର, ସିକିମ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମେଘାଳୟ ଓ ମିଜୋରାମରେ ନବପ୍ରଣୀତ ନାଗରିକତ୍ୱ ଆଇନ ପ୍ରତିବାଦରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇ ବ୍ୟାପକ ଭଙ୍ଗାରୁଜା ଓ ଜଳାପୋଡ଼ା କରୁଥିବାବେଳେ କେବଳ ଆସାମ ହିଂସାରେ ୫ ଜଣଙ୍କ ଜୀବନ ଗଲାଣି। ମୃତକଙ୍କ ମଧ୍ୟରୁ ୪ ବିକ୍ଷୋଭକାରୀ ପୋଲିସ ଗୁଳିରେ ଟଳିପଡ଼ିଛନ୍ତି। ସେହିପରି ତ୍ରିପୁରାରେ ରାସ୍ତା ଅବରୋଧ ଯୋଗୁ ହସ୍ପିଟାଲକୁ ଯାଉଥିବା ଏକ ଦୁଇମାସର ଶିଶୁ ବାଟରେ ଆଖି ବୁଜିଦେଇଛି। ଉତ୍ତରପୂର୍ବାଞ୍ଚଳ ସ୍ଥିତିରେ ସାମାନ୍ୟ ସୁଧାର ଆସୁଥିବାବେଳେ ଏହି ନିଆଁ କ୍ରମଶଃ

☞ପୃଷ୍ଠା–୨



ନୂଆଦିଲ୍ଲୀର ମଥୁରା ରୋଡ୍‌ରେ ବିକ୍ଷୋଭକାରୀମାନେ ଏକ ବସ୍‌ରେ ନିଆଁ ଲଗାଇଦେଇଛନ୍ତି।

- ■ ପଶ୍ଚିମବଙ୍ଗରେ ଉଗ୍ର ହେଲା ଆନ୍ଦୋଳନ
- ■ ଭୟରେ ଜୀବନ ହାରିଲେ ମହିଳା
- ■ ଦିଲ୍ଲୀରେ ୪ ବସ୍ ଜାଳିଦେଲେ ଜେଏମ୍‌ଆଇୟୁ ଛାତ୍ର
- ■ ଆସାମରେ ଗଲାଣି ୫ ଜୀବନ, ତ୍ରିପୁରାରେ ଜଣେ

### ସିଏଏ ବିରୋଧୀ ଆନ୍ଦୋଳନ: ଝାଡ଼ଖଣ୍ଡରେ ବର୍ଷିଲେ ମୋଦି

## ହିଂସା ପଛରେ କଂଗ୍ରେସ



**ଡୁମୁକା, ୧୫।୧୨ (ପି.ଟି./ଆଇଏଏନ୍‌ଏସ୍)**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଉତ୍ତର-ପୂର୍ବ ସମେତ ଦେଶର ବିଭିନ୍ନ ଭାଗରେ ବିକ୍ଷୋଭ ଓ ଆନ୍ଦୋଳନ ଜାରି ରହିଛି। ଦିନକୁ ଦିନ ହିଂସା ବଢ଼ିବାରେ ଲାଗିଥିବାବେଳେ ଏଥିପାଇଁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଉପରେ ଦୋଷ ଲଦିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଝାଡ଼ଖଣ୍ଡର ଡୁମୁକାରେ ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ନାଗରିକତ୍ୱ ସଂଶୋଧନ ବିଲ୍‌କୁ ପାର୍ଲାମେଣ୍ଟରେ ଗୃହୀତ କରାଇ ଦେଶକୁ ବଞ୍ଚାଇଛନ୍ତି। ହେଲେ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ଭାଜପା ଓ ମୋଦିଙ୍କୁ ବିରୋଧ କରୁଛନ୍ତି। ସେମାନେ ମୋଦିଙ୍କୁ ବିରୋଧ କରିବାକୁ ଯାଇ ଦେଶର ବିକାଶରେ ବାଧା ସୃଷ୍ଟି କରୁଛନ୍ତି। ପାକିସ୍ତାନୀମାନେ ଦୀର୍ଘ ସମୟ ଧରି ଯାହା କରିଆସୁଥିଲେ କଂଗ୍ରେସ ପ୍ରଥମଥର ପାଇଁ ତାହା କରିଛି। ବିଦେଶରେ ଭାରତର ଛବିକୁ ମଳିନ କରିବା ପାଇଁ କଂଗ୍ରେସ ଉଦ୍ୟମ ଚଳାଇଛି ବୋଲି ସେ ସମାଲୋଚନା କରିଛନ୍ତି। ଯେଉଁମାନେ ନିଆଁ ଲଗାଉଛନ୍ତି, ସେମାନଙ୍କୁ ତାଙ୍କର ପୋଡ଼ା ପୋଷାକରୁ ଚିହ୍ନଟ କରାଯାଇ ପାରିବ। ଜଳାପୋଡ଼ା ଓ ଭଙ୍ଗାରୁଜା କରୁଥିବା ଲୋକଙ୍କୁ ଟିଭି ଚ୍ୟାନେଲରେ ଚିହ୍ନି ହେବ ବୋଲି ମୋଦି କହିଛନ୍ତି।

### ବଜ୍ରକାପ୍ତା ଚାଲାଣରେ ଲଗାମ୍ ଲଗାଇବାକୁ ପ୍ରୟାସ

## ସୂଚନା ଦେଲେ ମିଳିବ ୧୦ହଜାର

**ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)**

■ **ଅଭିଯୁକ୍ତଙ୍କ ଫଟୋ ଥାନା, ବନଖଣ୍ଡ କାର୍ଯ୍ୟାଳୟରେ ଲଗାଯିବ**

ବଜ୍ରକାପ୍ତା ଚୋରାଚାଲାଣ ବନବିଭାଗର ନିଦ ହଜାଇ ଦେଇଛି। ବନ୍ୟପ୍ରାଣୀ ଚୋରାଚାଲାଣରେ ବଜ୍ରକାପ୍ତାର ସବୁଠାରୁ ଅଧିକ କାରବାର ହୋଇଥାଏ। ଗତ କିଛିମାସ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ଚୋରା କାରବାରରେ ବଜ୍ରକାପ୍ତା ଉଦ୍ଧାର କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇଛି। ତେବେ ଏହାକୁ ରୋକିବା ଲାଗି ବନବିଭାଗ ବଡ଼ ପଦକ୍ଷେପ ନେଇଛି। ଏଣିକି ବଜ୍ରକାପ୍ତା ଚାଲାଣ ସମ୍ପର୍କରେ ସୂଚନା ଦେଲେ ୧୦ ହଜାର ଟଙ୍କା ପୁରସ୍କାର ରାଶି ମିଳିବ। ଏହାଛଡ଼ା ଚାଲାଣକାରୀଙ୍କ ଫଟୋ ଥାନା ଓ ବନଖଣ୍ଡ କାର୍ଯ୍ୟାଳୟରେ ଲଗାଯିବ। ଏନେଇ ଆଠଗଡ଼ ଡିଏଫ୍‌ଓ ସସ୍ମିତା ଲେଙ୍କା ସୂଚନା ଦେଇଛନ୍ତି।

ପୂର୍ବରୁ ଆଠଗଡ଼ ଅଞ୍ଚଳରୁ ବଜ୍ରକାପ୍ତା ଚୋରାଚାଲଣ ଅଭିଯୋଗରେ ବିଭିନ୍ନ ପର୍ଯ୍ୟାୟରେ ୧୨ ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ରିମାଣ୍ଡରେ ଆଣି ବନବିଭାଗ ପଚରାଉଚୁରା ମଧ୍ୟ କରିଛି। ସେପଟେ ସୋସିଆଲ ମିଡିଆରେ ବଜ୍ରକାପ୍ତା ବେପାର ଚାଲିଥିବାବେଳେ କିଛିଦିନ ପୂର୍ବେ ବନବିଭାଗ ଏହାର ସୁରାକ୍ ପାଇଥିଲା। ଏନେଇ ଚୋରାଚାଲାଣକାରୀଙ୍କୁ ଧରିବା ଲାଗି ଅପରେଶନ ଆରମ୍ଭ କରାଗଲା। ଏହି କ୍ରମରେ ପ୍ରତ୍ୟେକ ଦିନ ନୂତନ ତଥ୍ୟ ସାମ୍ନାକୁ ଆସିଥିଲା। ଚାଲାଣକାରୀ ବଜ୍ରକାପ୍ତା ଉପରେ ୧୦ ଟଙ୍କିଆ ନୋଟ୍ ରଖୁଥିବା ସୋସିଆଲ ଭିଡିଓରେ ଦେଖିବାକୁ ମିଳିଥିଲା, ଯାହାର ଅର୍ଥ ବଜ୍ରକାପ୍ତାର ଓଜନ ୧୦ କିଲୋ। ସେହିପରି ଏହାର ଆଉ ଏକ ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି। ଯିଏ ବଜ୍ରକାପ୍ତା ନେବେ, ସେ ଏକ ନୋଟ୍ ବଜ୍ରକାପ୍ତା ଚାଲାଣକାରୀଙ୍କ ନିକଟକୁ ପଠାଇବା ସହ ଏହାର ନମ୍ବର ରଖିବେ। ଚାଲାଣକାରୀ ସେଇ ନୋଟ୍‌କୁ ବଜ୍ରକାପ୍ତା ଉପରେ ରଖି ଭିଡିଓ ପ୍ରସ୍ତୁତ କରି ଗ୍ରାହକଙ୍କ ନିକଟକୁ ପଠାଇବେ। ଏହା ହେଉଛି ଚାଲାଣକାରୀଙ୍କ ନିକଟରେ ବଜ୍ରକାପ୍ତା ରହିଥିବାର ଗ୍ରାହକଙ୍କ ପାଇଁ ପ୍ରମାଣ। ଏହାପରେ ବଜ୍ରକାପ୍ତା ନେଇ ଡିଲ୍ ଚୂଡ଼ାନ୍ତ ହୁଏ। ସେହିପରି ଅନ୍ୟ ଏକ ଭିଡିଓରେ ବଜ୍ରକାପ୍ତା ଦେହରେ ଟେଷ୍ଟର ଲଗାଯାଉଥିବା ଦେଖିବାକୁ ମିଳିଛି। ତେବେ ଏହାର ଅର୍ଥ ଏ ଯାଏ ସ୍ପଷ୍ଟ ହୋଇନାହିଁ। ଏପଟେ ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଏକ ବଡ଼ ର୍‌ୟାକେଟ୍‌ର ସନ୍ଧାନ ପାଇଛି ବନବିଭାଗ। ମୋବାଇଲ ଫୋନ୍ ତଥ୍ୟ ଆଧାରରେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ରବିବାର ଗିରଫ କରାଯାଇଛି। ର୍‌ୟାକେଟ୍‌ରେ ୨୫ରୁ ୩୦ ଜଣ ସଂପୃକ୍ତ ଥିବା ସୂଚନା ମିଳିଛି।

# ଖୋର୍ଦ୍ଧାରେ ଡାକ୍ତରଙ୍କୁ ଗୁଳିମାଡ଼

**ଖୋର୍ଦ୍ଧା ଅଫିସ, ୧୫।୧୨**

- ■ କ୍ଲିନିକରେ ରୋଗୀ ଦେଖୁଥିବାବେଳେ ଫୁଟିଲା ଗୁଳି
- ■ ଦୁର୍ବୃତ୍ତଙ୍କୁ ଧରିବାକୁ ଯାଇ ଗୁଳି ଖାଇଲେ ମେଡିସିନ ଦୋକାନୀ

ପୂର୍ବରୁ ଭୁବନେଶ୍ୱର, ସୋନପୁର, କଟକ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଡାକ୍ତରଙ୍କୁ ହତ୍ୟା ଏବଂ ମରଣାନ୍ତକ ଆକ୍ରମଣ ଭଳି ଘଟଣା ଘଟିଛି। ରବିବାର ସେହିଭଳି ଏକ ଘଟଣା ଘଟିଛି ଖୋର୍ଦ୍ଧା ସହରରେ। ସନ୍ଧ୍ୟା ସାଢ଼େ ୬ଟାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ ବଡଶଙ୍ଖସ୍ଥିତ ଏକ ଘରୋଇ କ୍ଲିନିକ ଭିତରେ ଫୁଟିଛି ୩ ରାଉଣ୍ଡ ଗୁଳି। ସେଥିରୁ ୨ଟି ଗୁଳି ଶିଶୁରୋଗ ବିଶେଷଜ୍ଞ ଡା. ମାନସ ଦାସଙ୍କ ପେଟରେ ବାଜିଥିଲା। ଏହି ସମୟରେ ଦୁର୍ବୃତ୍ତଙ୍କୁ ଧରିବାକୁ ଯାଇ ମେଡିସିନ ଦୋକାନୀ କୃଷ୍ଣଚନ୍ଦ୍ର ସାହୁ ଓରଫ ସନ୍ତୋଷ ମଧ୍ୟ ଗୁଳିମାଡର ଶିକାର ହୋଇଛନ୍ତି। ତାଙ୍କର ମଧ୍ୟ ପେଟରେ ଗୁଳି ବାଜିଥିଲା। ସେଠାରେ ଆତଙ୍କ ଖେଳିଯିବା ପରେ ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ମାନସ ଓ ସନ୍ତୋଷଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଡାକ୍ତର ମାନସଙ୍କ ବଡଶଙ୍ଖ ଅଞ୍ଚଳରେ ଏକ କ୍ଲିନିକ୍ ରହିଛି। କ୍ଲିନିକ୍ ଭିତରେ ବଣିଆଟାଙ୍ଗିର ସନ୍ତୋଷ ମେଡିସିନ ଦୋକାନ କରିଛନ୍ତି। ରବିବାର ମାନସ କ୍ଲିନିକ୍‌ରେ ରୋଗୀ ଦେଖୁଥିଲେ। ଅପରାହ୍ନ ୫ଟାରେ କ୍ଲିନିକ୍ ବନ୍ଦ ହେବା କଥା। କିନ୍ତୁ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ସମୟ ବଢ଼ି ଯାଇଥିଲା। ଏହି ସମୟରେ ଦୁଇଜଣ ଯୁବକ ଚାଲି ଚାଲି କ୍ଲିନିକକୁ ଆସିଥିଲେ। ଜଣେ ଯୁବକ ମଙ୍କିକ୍ୟାପ ପିନ୍ଧି ରୋଗୀ ହିସାବରେ ଡାକ୍ତରଙ୍କ ପାଖକୁ ଯାଇଥିଲେ। ସେଠାରେ ଡାକ୍ତରଙ୍କୁ ଗୁଳିମାଡ କରି ବାହାରକୁ ଆସୁଥିଲେ। ଭିତରୁ ଗୁଳିମାଡ ଶବ୍ଦ ସହ ରୋଗୀ ସମ୍ପର୍କୀୟଙ୍କ ପାଟି ଶୁଣି ସନ୍ତୋଷ ମୁଖାଧାରୀ ଯୁବକଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଫଳରେ ଯୁବକ ଜଣକ ତାଙ୍କ ଉପରକୁ ମଧ୍ୟ ଗୁଳି ଚଳାଇଥିଲେ। ଗୁଳିମାଡ ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଖବରପାଇ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ, ଏସ୍‌ଡିପିଓ ସୁଶୀଲ ମିଶ୍ର ଓ ଖୋର୍ଦ୍ଧା ଆଦର୍ଶ ଥାନା ଆଇଆଇସି ଉମା ପ୍ରସାଦ ସିଂ ଉକ୍ତ କ୍ଲିନିକ୍‌ରେ ପହଞ୍ଚି ତଦନ୍ତ କରିଥିଲେ। ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉଥିବା ଜଣାପଡିଛି। ଏ ନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ୪୬୭/୧୯ ନମ୍ବରରେ ମାମଲା ରୁଜୁ ହୋଇଛି।

## ଆଜିଠାରୁ ଏମ୍‌ଏନ୍‌ପି ଲାଗି ନୂଆ ନିୟମ

**ନୂଆଦିଲ୍ଲୀ, ୧୫।୧୨**



ଉପଭୋକ୍ତାଙ୍କୁ ନିଜ ମୋବାଇଲ ନମ୍ବର ପୋର୍ଟେବିଲିଟି (ଏମ୍‌ଏନ୍‌ପି) କରିବା ପାଇଁ ସପ୍ତାହେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ନାହିଁ। ଟେଲିକମ୍ ରେଗୁଲେଟୋରୀ ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ)ର ନୂଆ ନିୟମ ମୁତାବକ ଏମ୍‌ଏନ୍‌ପି ପୂର୍ବଠାରୁ ଅଧିକ ଦ୍ରୁତ ଏବଂ ସହଜ ହେବ ବୋଲି ଜଣାପଡିଛି। ଏନେଇ ଟ୍ରାଇର ନୂଆ ନିୟମ ୧୬ ଡିସେମ୍ବରଠାରୁ ଲାଗୁ ହେଉଛି। କୌଣସି ଗ୍ରାହକ ନିଜ ମୋବାଇଲ ନମ୍ବରକୁ ପୋର୍ଟ କରିବାକୁ ଯୋଗ୍ୟ ହେଲେ ଟ୍ରାଇ ପକ୍ଷରୁ ୟୁନିକ ପୋର୍ଟିଂ କୋଡ(ୟୁପିସି) ଜାରି କରାଯିବ। ମୋବାଇଲ ନମ୍ବର ପୋର୍ଟ କରିବା ଲାଗି ଟ୍ରାଇ ପକ୍ଷରୁ କିଛି ନିୟମାବଳୀ ଜାରି କରାଯାଇଛି। ଏହି ନିୟମ ମୁତାବକ ପୋଷ୍ଟ ପେଡ୍ ଗ୍ରାହକମାନେ ଟେଲିକମ୍ ଅପରେଟରଙ୍କ ସମସ୍ତ ବକେୟା ପ୍ରଦାନ କରିବାକୁ ହେବ। ପୋର୍ଟ କରାଯାଉଥିବା ନମ୍ବର ଅନ୍ତତଃ ପକ୍ଷେ ୩ ମାସ ପୁରୁଣା ହୋଇଥିବା ଆବଶ୍ୟକ। ଯଦି ଉପଭୋକ୍ତା ତାଙ୍କ ଟେଲିଫୋନ ନମ୍ବରର ମାଲିକାନା ପରିବର୍ତ୍ତନ ଲାଗି ପୂର୍ବରୁ ଅନୁରୋଧ କରିଛନ୍ତି ତେବେ ତାହା ପୋର୍ଟ ଲାଗି ଯୋଗ୍ୟ ବିବେଚିତ ହେବେ ନାହିଁ। ପୋର୍ଟ ହେଉଥିବା ନମ୍ବର କୌଣସି ମକଦ୍ଦମାର ଅଧୀନ ନ ଥିବ। ନମ୍ବରକୁ ପୋର୍ଟ କରାଇବା କ୍ଷେତ୍ରରେ କୌଣସି ଆଇନଗତ କଟକଣା ନ ଥିବ। ୩ଟି କାର୍ଯ୍ୟ ଦିବସରେ ନମ୍ବରକୁ ପୋର୍ଟ କରାଯାଇ ପାରିବ। ଏଥିଲାଗି ୬.୪୬ ଟଙ୍କା ଚାର୍ଜ ଲାଗିବ।

**ଆଜିର ସମ୍ପାଦକୀୟ**

**ସୃଷ୍ଟିକର୍ତ୍ତା ଭାବି ବସିଲେଣି**

**ଆଜିର ମନ୍ତବ୍ୟ**

" ସାମ୍ପ୍ରଦାୟିକ ଦଳଗୁଡ଼ିକ ପଶ୍ଚିମବଙ୍ଗରେ ହିଂସା ଉସୁକାଉଛନ୍ତି।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ


Vencobb CHICKEN — Taste the difference!

15.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 84 | 137 | 147 |
| CTC | 83 | 136 | 146 |
| DKL | 85 | 139 | 149 |
| BDK | 78 | 129 | 139 |
| BLS | 77 | 128 | 138 |
| ANG | 85 | 139 | 149 |
| BHM | 87 | 141 | 151 |

*Conditions Apply

Issued in the Interest of Consumers


## ଡିସେମ୍ବର ୩୧ ସୁଦ୍ଧା ପାନ୍-ଆଧାର ସଂଯୋଗ ଅନିବାର୍ଯ୍ୟ

**ନୂଆଦିଲ୍ଲୀ, ୧୫-୧୨:**

ଚଳିତ ବର୍ଷ ଶେଷ ସୁଦ୍ଧା ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର(ପାନ୍)ର ଆଧାର ସହ ସଂଯୋଗ ବାଧ୍ୟତାମୂଳକ କରାଯାଇଛି। ରବିବାର ଆୟକର ବିଭାଗ ପକ୍ଷରୁ ଏ ନେଇ ଏକ ନୋଟିସ ଜାରି କରାଯାଇଛି। ଏକ ଉନ୍ନତ ଭବିଷ୍ୟତ ଗଠନ ସହ ନିରନ୍ତର ସେବା ଗ୍ରହଣ ଲାଗି ୩୧ ଡିସେମ୍ବର ପୂର୍ବରୁ ସଂଯୋଗ ପ୍ରକ୍ରିୟା ସାରିବା ଆବଶ୍ୟକ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



ଏଥି ଲାଗି ଆଉ ୧୫ ଦିନ ସମୟ ରହିଥିବା ବେଳେ ଧାର୍ଯ୍ୟ ତାରିଖ ଶେଷ ହେବା ଆଗରୁ ଲୋକମାନେ ସଂଯୋଗ ପ୍ରକ୍ରିୟା ଶେଷ କରିନେବାକୁ ସୂଚନା ରହିଛି। ଚଳିତ ବର୍ଷ ସେପ୍ଟେମ୍ବରରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ପାନ୍ ଆଧାର ସଂଯୋଗ ସୀମାକୁ ଚଳିତ ବର୍ଷ ଡିସେମ୍ବର ୩୧ ଯାଏ ବୃଦ୍ଧି କରାଯାଇଥିଲା। ଏହା ପୂର୍ବରୁ ସଂଯୋଗର ଶେଷ ତାରିଖ ଡିସେମ୍ବର ୩୦ ରହିଥିଲା। ଗତ ବର୍ଷ ସେପ୍ଟେମ୍ବରରେ ସୁପ୍ରିମକୋର୍ଟ ଆଧାରକୁ ବୈଧ ବୋଲି କହିଥିଲେ। ଆଇଟି ରିଟର୍ନ ଏବଂ ପାନ୍ ପ୍ରଦାନ ଲାଗି ଏହାକୁ ଅନିବାର୍ଯ୍ୟ କରାଯାଇଥିଲା।




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଶୁଭମ୍ ପରିବାରବର୍ଗ


ସୋମ୍ ପରିବାରବର୍ଗ


ସାଇଶ୍ରୀ ପରିବାରବର୍ଗ


ଲିମୁନ୍ ପରିବାରବର୍ଗ


ଜ୍ୟୋତିଷ୍ମା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କିଛି ତଥ୍ୟ

ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ବିଦ୍ୟୁତ ବିତରଣକାରୀ କମ୍ପାନୀଗୁଡିକ ଉପରେ ଶକ୍ତି ଉତ୍ପାଦନକାରୀ କମ୍ପାନୀଗୁଡିକର ବକେୟା ୪୮% ବୃଦ୍ଧି ଘଟି ୮୧,୦୧୦ କୋଟି ଟଙ୍କା ଛୁଇଁଛି।

– ପିଆର୍ଏଏପିଟିଆଇ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ସ୍ୱଗୃହୀ ଚନ୍ଦ୍ର ଯୋଗୁ କର୍ମକ୍ଷେତ୍ର, ବ୍ୟବସାୟ, ପରିବହନ, ରାଜନୀତି, ସଭାସମିତି ଓ କଳା, କ୍ରୀଡ଼ା ପାଇଁ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ କମିପାରେ। ନିକଟ ସମ୍ପର୍କୀୟଙ୍କ ମିଥ୍ୟା ଅଭିଯୋଗ ସକାଶେ ନିଜ ଲୋକମାନଙ୍କୁ ଦାୟୀ କରିବେ। ମାତ୍ରାଧିକ ଭ୍ରମଣ, ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିବେ।

**ବୃଷ**
ଭାଗ୍ୟସ୍ଥାନରେ ଶୁକ୍ର ଯୋଗୁ ମନୋରଞ୍ଜନ ସମେତ ଅର୍ଥର ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଏକ ସାଧାରଣ ପରିସ୍ଥିତିରେ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମିଥୁନ**
ଧନସ୍ଥାନରେ ଚନ୍ଦ୍ର ହେତୁ ଧନଲାଭ, ସ୍ୱାସ୍ଥ୍ୟରେ ଉନ୍ନତି, ଗୃହରେ ଶାନ୍ତି, ଜମିଜମା, ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଅନୁକୂଳ ଫଳ ପାଇବେ। ମାମଲିମକଦ୍ଦମା, ଆଲୋଚନା, ଗବେଷଣା, ପ୍ରେସ୍ ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ଶିଳ୍ପ, ବାଣିଜ୍ୟରେ ବିଭିନ୍ନ ପ୍ରକାର ଚାପର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ**
ଆଜି ସ୍ୱରାଶିସ୍ଥ ଚନ୍ଦ୍ର ପ୍ରଭାବରୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ସାଙ୍ଗକୁ ଦୂରଯାତ୍ରା ଓ ବନ୍ଧୁମିଳନଜନିତ ମନ ଏକପ୍ରକାର ଖୁସି ରହିବ। ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ। ବାଣିଜ୍ୟ, ବ୍ୟବସାୟ ଏପରି କି ଯୋଗାଣ କାରବାରରେ ଉନ୍ନତି କରିପାରନ୍ତି।

**ସିଂହ**
ଆଜି କେନ୍ଦ୍ରସ୍ଥ ବୁଧାଦିତ୍ୟ ଯୋଗ ହେତୁ ପୂର୍ବାପେକ୍ଷା ପରିସ୍ଥିତି କେତେକାଂଶରେ ଭଲ ରହିବ। ଅବଶ୍ୟ ଆଜି ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ବିଶେଷ ଭ୍ରମଣଜନିତ ସ୍ୱାସ୍ଥ୍ୟ ବିଗିଡ଼ି ଯାଇପାରେ।

**କନ୍ୟା**
ମୁଖ ଭାବରେ ଲାଲଗ୍ରହ ମଙ୍ଗଳ ଯୋଗୁ ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ ଓ ଏଥିପାଇଁ ବନ୍ଧୁଙ୍କୁ ନେହୁରା ହେବାକୁ ପଡ଼ିବ। ସ୍ତ୍ରୀ ପ୍ରତିଦ୍ୱନ୍ଦ୍ୱୀ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ସନ୍ଧ୍ୟା ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

**ତୁଳା**
ଆଜିର ଗ୍ରହ ସ୍ଥିତି ପ୍ରଭାବରେ ଆପଣ ଯେତେପ୍ରକାର ଅନ୍ୟମାନଙ୍କର ମନଧରି କାମ କଲେ ମଧ୍ୟ ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ, କିନ୍ତୁ ସମ୍ପୂର୍ଣ୍ଣ ସଫଳତା ପାଇବେ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ଭ୍ରମଣ ପାଇଁ ମନ ବଳାଇବେ।

**ବିଛା**
ଦ୍ୱାଦଶସ୍ଥ ରାଶ୍ୟାଧିପ ଥିବାରୁ ଶାରୀରିକ ସ୍ୱାସ୍ଥ୍ୟ ବିଗିଡ଼ିବା ସହ ବନ୍ଧୁମାନଙ୍କ ସହ ମତାନ୍ତରର ସମ୍ଭାବନା ରହିଛି। ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ ଓ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ପାରିବାରିକ ସମସ୍ୟା ସମାଧାନ ହୋଇଯିବାରୁ ଖୁସି ରହିବେ।

**ଧନୁ**
ଆଜି ପାପଗ୍ରହମାନେ ରାଶିରେ ଅବସ୍ଥାନ କରିଥିବାରୁ ଯେକୌଣସି କ୍ଷେତ୍ର ହେଉନା କାହିଁକି ଆପଣ ବିଚାର ବିନା ସରଳ ବିଶ୍ୱାସ କଲେ ହଇରାଣରେ ପଡ଼ିପାରନ୍ତି। ସାମାନ୍ୟ ଶାରୀରିକ ସୁସ୍ଥତା ଫେରିପାଇବା ସହ ରୋଗପୀଡ଼ା ଉପଶମ ହୋଇପାରେ। ଲେଖାପଢ଼ା ତଥା ପ୍ରକାଶନ, ପ୍ରଶାସନ, ଯୋଗାଯୋଗ କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର**
କୌଣସି ପ୍ରିୟଜନଙ୍କ ସମ୍ପର୍କରେ ଚିନ୍ତା ବୃଦ୍ଧି ପାଇପାରେ। ଆଜିର ଯାତ୍ରା, ବାଣିଜ୍ୟ, ସ୍ତ୍ରୀ ସମ୍ପର୍କ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ଏହାର କାରଣ ହେବ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ।

**କୁମ୍ଭ**
ଆଜି ବିଳାସକାରକ ଗ୍ରହ ବ୍ୟୟଭାବସ୍ଥ ହେତୁ ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପାଇଁ ମନ ବଳାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟ ଓ ପରିବହନରେ ପୂର୍ବ ଭାଦ୍ରପଦ୍ ନକ୍ଷତ୍ର ପାଇଁ ସାମାନ୍ୟ ଝଟକା ଲାଗିପାରେ। ଆର୍ଥିକ ସମସ୍ୟା, ଜମିଜମା ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ।

**ମୀନ**
ଆଜି ବନ୍ଧୁମାନଙ୍କ ମଧୁର ବ୍ୟବହାର ସାଙ୍ଗକୁ ଅର୍ଥଲାଭ ମନକୁ ପ୍ରଫୁଲ୍ଲିତ କରି ରଖିବ। ସାମାନ୍ୟ ବିଳମ୍ବ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବେ ସମ୍ପନ୍ନ ହେବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

ଆଜି ଧନୁ ସଂକ୍ରାନ୍ତି, ଶ୍ରୀମନ୍ଦିରରେ ପହିଲି ଭୋଗ ଆରମ୍ଭ, ପୌଷ କୃଷ୍ଣ ୫ମୀ ସୋମବାର, ଡିସେମ୍ବର ୧୬ ତାରିଖ, ରାଶି ନକ୍ଷତ୍ର- ଅଶ୍ଳେଷା/କର୍କଟ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର। ସକାଳ ଘ.୯।୧୦ମି. ଗତେ ଘ.୧୧।୨୦ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦।୨୦ମି. ଗତେ ଘ.୧୧।୪୧ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୭।୩୯ମି. ଗତେ ଘ.୯।୦୦ମି. ମଧ୍ୟେ ରାହୁକାଳ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଅନିତା ଶତପଥୀ


ସଂଗ୍ରାମ କେଶରୀ ପୃଷ୍ଟି


ଅଶୋକ କୁମାର ମିଶ୍ର


ଆଦ୍ୟାଶା ମହାପାତ୍ର

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଦୁଇଦିନ ପ୍ରବଳ କୁହୁଡ଼ି
# ଆଜି ୭ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

ରାଜ୍ୟରେ ଶୀତର ପ୍ରଭାବ ଅନୁଭୂତ ହେଉ ନ ଥିବାବେଳେ ଆସନ୍ତା ଦୁଇଦିନ ରାଜ୍ୟରେ ପ୍ରବଳ କୁହୁଡ଼ି ହେବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଦେଇଛି। ଉତ୍ତର-ଓଡ଼ିଶା ଓ ପୁରୀ, ଖୋର୍ଦ୍ଧା, କଳାହାଣ୍ଡି, କୋରାପୁଟ ଜିଲାର କିଛି ସ୍ଥାନରେ ଦୁଇଦିନ କୁହୁଡ଼ି ହେବାର ସମ୍ଭାବନା ରହିଛି। ସେପଟେ ପ୍ରବଳ କୁହୁଡ଼ିକୁ ଦୃଷ୍ଟିରେ ରଖି କେତେକ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସୋମବାର କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ଼, ଖୋର୍ଦ୍ଧା, କଟକ, କନ୍ଧମାଳ ଓ କୋରାପୁଟ ଆଦି ୭ ଜିଲାରେ ପ୍ରବଳ କୁହୁଡ଼ି ହେବ। ତେଣୁ ଏହି ସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ରବିବାର ମଧ୍ୟ ବିଭିନ୍ନ ଜିଲାରେ ପ୍ରବଳ କୁହୁଡ଼ି ଦେଖାଯାଇଥିଲା। ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ପୁରୀ, ଯାଜପୁର, ଭଦ୍ରକ, ଜଗତ୍‌ସିଂହପୁର, କନ୍ଧମାଳ, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଆଦି ୧୨ ଜିଲାରେ କୁହୁଡ଼ି ହୋଇଥିବାରୁ ଏଠାରେ ୟେଲୋ ୱାର୍ନିଂ ଜାରି କରାଯାଇଥିଲା। ତେବେ ଆସନ୍ତା ୨୪ ଘଣ୍ଟା ଭିତରେ ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉପକୂଳ ଓଡ଼ିଶାରେ ଆସନ୍ତା ୨ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରାରେ ସେଭଳି କୌଣସି ପରିବର୍ତ୍ତନ ହେବ ନାହିଁ। ଏହାପରେ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲ୍‌ସିୟସ କମିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ରବିବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରହିଥିଲା।

## ଆକ୍ରୋଶରୁ...

ପ୍ରଥମ ପୃଷ୍ଠାରୁ...

ଦେଶର ଅନ୍ୟ ଭାଗକୁ ବ୍ୟାପିବାରେ ଲାଗିଛି। ପଶ୍ଚିମବଙ୍ଗରେ ଶନିବାର ସଂଖ୍ୟାଲଘୁ ବିକ୍ଷୋଭକାରୀମାନେ ୧୫ ବସ୍ ଓ ୫ଟି ଟ୍ରେନ୍‌ରେ ନିଆଁ ଲଗାଇଦେବା ସହ ଭଙ୍ଗାରୁଜା କରିଥିଲେ। ଏହାର ଦିନକ ପରେ ପୂର୍ବ ବର୍ଦ୍ଧମାନ ଜିଲାରେ ଏନ୍ଆର୍‌ସି ଭୟରେ ଜଣେ ମହିଳା ନିଜ ବେକରେ ମଫଲର ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେପଟେ ରାଜଧାନୀ ଦିଲ୍ଲୀରେ ମଧ୍ୟ ସିଏଏକୁ ନେଇ ବିରୋଧ, ବିକ୍ଷୋଭ ଓ ଆନ୍ଦୋଳନ ଥମିବାର ନାଁ ନେଉନାହିଁ। ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ(ଜେଏମ୍ଆଇୟୁ) ଛାତ୍ରୀଛାତ୍ରଙ୍କ ଉପରେ ପୋଲିସର ଲାଠିମାଡ଼ ପରେ ଯନ୍ତରମନ୍ତରଠୁ ନେଇ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଯାଏ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିଛି। ରବିବାର ଜାମିଆ ନଗର ଅଞ୍ଚଳରେ ପୋଲିସ-ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ବିକ୍ଷୋଭକାରୀମାନେ ୪ଟି ବସ୍‌ରେ ନିଆଁ ଲଗାଇଦେବା ସହ ପୋଲିସକୁ ଟାର୍ଗେଟ କରିଛନ୍ତି। ଏଭଳି ସ୍ଥିତିରେ ଶାସକ-ବିରୋଧୀଙ୍କ ଆରୋପ-ପ୍ରତ୍ୟାରୋପ ଜାତୀୟ ରାଜନୀତିର ତାପମାତ୍ରା ବଢ଼ାଇଦେଇଛି। କାରଣ ଉତ୍ତର-ପୂର୍ବ ସମେତ ପଶ୍ଚିମବଙ୍ଗ, ପଞ୍ଜାବ, କେରଳ, ଛତିଶଗଡ଼ ଓ ମଧ୍ୟପ୍ରଦେଶ ଭଳି ଅନେକ ରାଜ୍ୟର ସରକାର ସିଏଏକୁ ନିଜ ପ୍ରଦେଶରେ ଲାଗୁ କରିବାକୁ ମନାକରି ଦେଇଦେଇଛନ୍ତି। ହେଲେ କେନ୍ଦ୍ର ସରକାର କହୁଛନ୍ତି, ଏହା କେନ୍ଦ୍ରୀୟ ଆଇନ, ତୁମେ ମାନିବାକୁ ବାଧ୍ୟ। ସିଏଏ ଏବଂ ଏନ୍ଆର୍‌ସିକୁ ନେଇ ଦେଶବାସୀଙ୍କ ମନରେ ଥିବା ଭୟ କେତେବେଳେ କେଉଁ ରୂପ ନେବ ତାକୁ ନେଇ ଆକଳନ କରିବା କଷ୍ଟକର ବୋଲି ବିଶ୍ଳେଷକମାନେ କହିଲେଣି। କେନ୍ଦ୍ର ବିରୋଧରେ ଜନ ଆକ୍ରୋଶ ଏବେ ଅରାଜକତା ଆଡ଼କୁ ମୁହାଁଇଲାଣି।

ଦିଲ୍ଲୀରେ ସିଏଏ ବିରୋଧୀ ବିକ୍ଷୋଭ ରବିବାର ଉଗ୍ରରୂପ ଧାରଣ କରିଛି। ଏହି ଆଇନକୁ ବିରୋଧ କରି ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟିର ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ଉପରେ ପୋଲିସ ପୂର୍ବରୁ ଲାଠିଚାର୍ଜ କରିଥିଲା। ଏଥିରେ ଅନେକ ଛାତ୍ରୀଛାତ୍ର ଆହତ ହୋଇଥିଲେ। ଏହି ଦମନଲୀଳା ପ୍ରତିବାଦରେ ଦକ୍ଷିଣପୂର୍ବ ଦିଲ୍ଲୀର ମଥୁରା ରୋଡ୍‌ରେ ଛାତ୍ରୀଛାତ୍ର ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରୁଥିବାବେଳେ ପୋଲିସ ସେମାନଙ୍କ ଉପରେ ପୁଣି ବଳପ୍ରୟୋଗ କରିଥିଲା। ବିକ୍ଷୋଭକାରୀ ଏଥିରେ ଉତ୍ତ୍ୟକ୍ତ ହୋଇ ଦିଲ୍ଲୀ ପରିବହନ ନିଗମ (ଡିଟିସି)ର ଏକ ବସ୍ ଓ ଅଗ୍ନିଶମ ବାହିନୀର ଏକ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ଅପରାହ୍ନ ୪ଟା ୪୨ରେ ସେମାନେ ପୋଲିସକୁ ଟେକାମାଡ଼ କରିବା ସହ ପରେ ଆଉ ଦୁଇଟି ବସ୍‌କୁ ଜାଳିଦେଇଥିବା ଜଣାପଡ଼ିଛି। ତେବେ ଏହି କାଣ୍ଡରେ ବିଶ୍ୱବିଦ୍ୟାଳୟର କୌଣସି ଛାତ୍ରୀଛାତ୍ର ସମ୍ପୃକ୍ତ ନ ଥିବା ଜେଏମ୍ଆଇୟୁ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଅନ୍ୟପକ୍ଷରେ ହିଂସାରେ ସମ୍ପୃକ୍ତ ଛାତ୍ରଙ୍କୁ ଧରିବା ପାଇଁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌କୁ ପଶିଛି ଦିଲ୍ଲୀ ପୋଲିସ।

ଅନୁରୂପ ଭାବେ ପଶ୍ଚିମବଙ୍ଗରେ ସିଏଏକୁ ବିରୋଧ କରି ଚାଲିଥିବା ବିକ୍ଷୋଭ ତୃତୀୟ ଦିନରେ ପହଞ୍ଚିଛି। ମାଲଦା, ଉତ୍ତର ଦିନାଜପୁର, ମୁର୍ଶିଦାବାଦ, ହାଓଡା, ଉତ୍ତର ୨୪ ପ୍ରଗଣା ଓ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟର ଲୋକେ ଏହାକୁ ନେଇ ଆନ୍ଦୋଳନ କରୁଛନ୍ତି। ସେମାନେ ନାଗରିକତ୍ୱ ଆଇନ କପି ପୋଡ଼ିବା ସହ ଭଙ୍ଗାରୁଜା କରୁଛନ୍ତି। ସୋସିଆଲ ମିଡିଆରେ ଫେକ୍ ନ୍ୟୁଜ୍ ପ୍ରସାରଣ ଓ ଗୁଜବ ରୋକିବା ପାଇଁ ୬ ଜିଲାରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅନୁରୋଧକୁ କେହି ଶୁଣୁନାହାନ୍ତି। ନଦୀୟା, ବୀରଭୂମ, ଉତ୍ତର ୨୪ ପ୍ରଗଣା, ଦକ୍ଷିଣ ୨୪ ପ୍ରଗଣା ଏବଂ ହଓଡା ଜିଲାରେ ସାମ୍ପ୍ରଦାୟିକ ହିଂସା ସହ କେତେକ ଦୋକାନରୁ ଲୁଟ ଓ ରାହାଜାନି ହୋଇଥିବା ଖବର ଆସିଛି। ଆନ୍ଦୋଳନକାରୀ ରାସ୍ତା ଓ ରେଳପଥ ଅବରୋଧ କରିବା ଯୋଗୁ ବସ୍-ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ବର୍ଦ୍ଧମାନ ଜିଲାର ସିପ୍ରା ଶିକ୍‌ଦେର ନାମ୍ନୀ ଜଣେ ୩୬ ବର୍ଷୀୟା ମହିଳା ନିଜ ବେକରେ ମଫଲର ଲଗାଇ ଆତ୍ମହତ୍ୟା କରିଛନ୍ତି। ଜଉଗ୍ରାମ ଅଞ୍ଚଳର ତେଲିସ୍ଥିତ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ପୋଲିସ ତାଙ୍କର ମୃତଦେହ ଜବତ କରିଛି। ପାର୍ଲାମେଣ୍ଟରେ ସିଏବି ପାସ୍ ହେବା ପରଠୁ ସେ ଚିନ୍ତା ଓ ଭୟରେ ଥିଲେ। ତାଙ୍କ ୧୯ ବର୍ଷୀୟ ପୁଅ ପାଖରେ ଆଧାର କାର୍ଡ ଥିଲା। ହେଲେ ଭୋଟର କାର୍ଡ ଓ ଜନ୍ମ ପ୍ରମାଣପତ୍ର ନ ଥିଲା। ତେଣୁ ଏନ୍ଆର୍‌ସି ଲାଗୁ ହେଲେ ତାଙ୍କୁ ଦେଶରୁ ବାହାର କରିଦିଆଯିବ ବୋଲି ସିପ୍ରା ଭୟଭୀତ ହୋଇ ଆତ୍ମହତ୍ୟା କରିଥିବା ତାଙ୍କ ସ୍ୱାମୀ ସୁଭାଷ ଶିକଦେର ଅଭିଯୋଗ କରିଛନ୍ତି। ରାଜ୍ୟରେ ସୃଷ୍ଟି ହୋଇଥିବା ଦଙ୍ଗା ଓ ସଙ୍କଟର ସମାଧାନ ପାଇଁ ଭାଜପାର ଏକ ପ୍ରତିନିଧି ଦଳ ରବିବାର ଝାଡ଼ଖଣ୍ଡ ପ୍ରଚାର ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି।

## ସ୍ୱାଭିମାନ ଅଞ୍ଚଳରେ ପ୍ରତିଷ୍ଠା ହେବ ଶିକ୍ଷକ କ୍ଲଷ୍ଟର

ଭୁବନେଶ୍ୱର,୧୫।୧୨(ବ୍ୟୁରୋ): ସ୍ୱାଭିମାନ ଅଞ୍ଚଳରେ ଶିକ୍ଷକ କ୍ଲଷ୍ଟର ପ୍ରତିଷ୍ଠା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି ଅଞ୍ଚଳର ୭ଟି ପଞ୍ଚାୟତର ସ୍କୁଲ ଉପକୃତ ହେବ। ଏଥିପାଇଁ ୮କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମନ୍ତ୍ରୀ ଦାଶ କହିଛନ୍ତି ଯେ, ଗୁରୁପ୍ରିୟା ସେତୁ ହେବାପରେ ମଧ୍ୟ ସ୍ୱାଭିମାନ ଅଞ୍ଚଳର ଦୁଇଟି ପଞ୍ଚାୟତ ପଣସପୁଟ, ଜଡାଆମ୍ବ ପଞ୍ଚାୟତର ସ୍କୁଲକୁ ଆସୁଥିବା ଶିକ୍ଷକମାନଙ୍କୁ ବିଶେଷ ଅସୁବିଧା ହେଉଛି। ସେହିପରି କ୍ଲଷ୍ଟର ପ୍ରସ୍ତୁତ ହେବାଦ୍ୱାରା ସ୍ୱାଭିମାନ ଅଞ୍ଚଳର ଅନ୍ୟ ୫ ପଞ୍ଚାୟତ ଯଥା ପାପରମେଟେଲା, ବଡପଦର, ଅଣ୍ଡରାପାଲି, ଜନ୍ତ୍ରୀ ଓ କାଜୁଲମାମୁଡ଼ିରେ ଥିବା ସ୍କୁଲର ଶିକ୍ଷକମାନେ ମଧ୍ୟ ଉପକୃତ ହେବେ। ସେହି ଅଞ୍ଚଳରୁ ଆସୁଥିବା ଶିକ୍ଷକମାନେ ଲଞ୍ଚରେ ଯିବା ଆସିବା କରୁଛନ୍ତି। ତେଣୁ ସେଠାରୁ ଆସୁଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଯିବା ଆସିବାରେ ୬ ଘଣ୍ଟା ଯାଉଛି। ସେମାନଙ୍କ ସମୟ ନଷ୍ଟ ନ ହେବା ସକାଶେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ କ୍ଲଷ୍ଟରରେ ୧୫ଜଣ ଶିକ୍ଷକ କ୍ଲଷ୍ଟରରେ ନିଯୁକ୍ତି ପାଇବେ ବୋଲି ସମୀର କହିଛନ୍ତି।


## classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68927

ନଖରା ତ୍ରିନାଥବଜାରଠାରେ SC Plot 1200sqft. 4,44,000/-, ଘରବାରୀ ପାଚେରୀ ଥାଇ outrightରେ ମିଳୁଅଛି- 9348817649, 6371569855. D-68443

Yellowzone ready to move plot near NH, Pitapalli, Khordha. 9437827966, 7978441564. D-15729

2BHK simplex 2600000 finishing Hanspal low cost plot available. 7853930213 D-68629

Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851. D-68445

Outright plot sale Chhatabar Bypass roadside 3000sqft. 15,00,000/-, in front of Apartment, 9437306208. D-68447

11000sqft. single plot near C.V. Raman college, Janla Sqft. 800/- 9438400633. D-68448

ଭୁବନେଶ୍ୱର ପାହାଳ (ବଙ୍ଗୁଆରୀ) ଓ ନଖରାରେ ସଙ୍ଗେ ସଙ୍ଗେ ଘରକଲା ଭଳି plot 30' ରାସ୍ତାଥାଇ ବିକ୍ରି ହେଉଅଛି। 9692712917, 8249728525. D-68449

Ready to move 2/3 BHK flat in landmark PH-2, Sundarpada, Big Society, clubhouse, park available. Contact: 9938569014, 9861433014. D-15661




Construct your building as per your terms and condition. Contact: 9937064680. D-27284

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Rejuvenate and ayurvedic full body massage by smart therapist. 9114402304. D-68904

Full body herbal massage with refreshment expert therapist. 7381239385, 06 742540855. D-68915

Newly open full body massage by ladies, gents therapist. 8018656899 D-60858

Ayurvedic full body massage by ladies, gents therapist. 7008773793 D-60859

Take full body therapy. Just call 7852986810. D-68528

Experience full body massage with us (expert). Call: 7377048581, 06742597822. D-68916

Herbal full body massage by smart / expert therapist. Contact: 8338067247. D-68917

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68918

Refresh your mind and soul with best therapy at Orchid Salon/Spa. 9937287222. D-68722

Ayurvadic full body massage Ladies & gents. Contact: 9861064981. D-68721

Sai herbal spa refresh your body with smart, expert therapist. 7608062524. D-68923

Monalisa Massage Club: All types body massage with hiprofile smart lady rooms service available- 9708545108. D-15762

Ayurvedic full body massage ladies & gents smart therapist, 9668814589. D-68723

Male therapist full body massage with relax, BBSR. Contact: 8328868891, D-15718

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


www.tvsxl.com tvsxl
TVS
STOP
ଟ୍ରାଫିକ୍‌ରେ
କିଛି ପ୍ରୋବ୍ଲେମ୍ ନାହିଁ
ଆସିଗଲା XL100 COMFORT
i-TOUCH start
ସବୁଦିନ ଇଜୀ
କୋମ୍ପାକଟ୍ ଡିଜାଇନ୍
ଗିଅର୍ ଲେସ୍
ଚଳାଇବା ପାଇଁ ଇଜୀ / ବ୍ୟବହାର କରିବା ପାଇଁ ଇଜୀ / ପାର୍କିଙ୍ଗ୍ କରିବା ପାଇଁ ଇଜୀ / ଷ୍ଟାର୍ଟ କରିବା ପାଇଁ ଇଜୀ / ଖର୍ଚ୍ଚ ବି କମ
ଆଇ-ଟଚ୍ ଷ୍ଟାର୍ଟ
ମୋବାଇଲ୍ ଚାର୍ଜିଙ୍ଗ୍ ପାଇଁ ଯାଗା
ହାଇଡ୍ରୋଲିକ୍ ସସ୍ପେନ୍‌ସନ୍
ବଡ଼ ଚକ
ସିଙ୍କ୍ ବ୍ରେକିଙ୍ଗ୍ ଟେକ୍ନୋଲୋଜୀ ସହିତ
କୁଶନ୍ ବ୍ୟାକ୍ ରେଷ୍ଟ
୩ଟି ମନମୋହକ ରଙ୍ଗ
₹29 990 ରୁ ଆରମ୍ଭ#
ଡାଉନ ପେମେଣ୍ଟ ₹2 999 ରୁ ଆରମ୍ଭ##
ମିସ୍ଡ କଲ୍: 1800 3157 100
# Ex-showroom price of XL100 Comfort Kick Start variant. ## Finance at the sole discretion of the financier. Schemes cannot be clubbed. Low down payment mentioned is applicable on select variants only. T&C apply.
TVS 3 YEAR WARRANTY
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: ANGUL: Shree Durga TVS, Ph: 9861222572. DHENKANAL: Orissa TVS, Ph: 8260250728. Authorised Dealers: Kamakhyanagar, Ph: 9437332936; Talcher, Ph: 06760-241799; Gondia: Ph: 7008092305; Rasol: Ph: 9437663780; Jiral, Ph: 7894884668, 9437549916; Parjang, Ph: 9777112004; Banarpal, Ph: 9040267959; Mahidharpur, Ph: 9777930551; Bhuban, Ph: 06769-272720, 9937707823; Pallahara, Ph: 9437663970.
dentsuindia/dha ang/41/19

ମଧ୍ୟଯୁଗରେ ସନ୍ନ୍ୟାସୀମାନେ ନାରୀକୁ ଘୃଣାର ପାତ୍ରୀ ବୋଲି ଭାବୁଥିଲେ। ସେମାନେ ଭାବୁଥିଲେ- ଭଗବାନ୍ ସନ୍ନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି। ଭଗବାନ୍‌ଙ୍କ ସମ୍ବନ୍ଧେ ଓ ନାରୀ ସମ୍ବନ୍ଧେ ଆଉ ଟିକିଏ ଉଚ୍ଚ ଧାରଣା କରିବା ନିଶ୍ଚୟ ଅନ୍ୟାୟ ହେବ ନାହିଁ। -ଶ୍ରୀଅରବିନ୍ଦ

# ସୃଷ୍ଟିକର୍ତ୍ତା ଭାବି ବସିଲେଣି

କିଛି ବର୍ଷ ତଳେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ପୋଲିସ ତରଫରୁ ସୂଚନାଫଳକ ଜରିଆରେ ଜଣାଇ ଦିଆଯାଇଥିଲା ଯେ, 'ଅଜଣା ବସ୍ତୁ ଦେଖିବାମାତ୍ରେ ସେଗୁଡ଼ିକୁ ଛୁଅନ୍ତୁ ନାହିଁ, ଯାହା ବୋମା ହୋଇଥାଇପାରେ'। ଭାରତ ସରକାର ଏବେ ସେଭଳି କାର୍ଯ୍ୟ କରୁଥିବା ପରି ମନେହେଉଛି। ସବୁ ଆଞ୍ଚଳିକ ସମସ୍ୟାକୁ ବୁଝିବା କଷ୍ଟକର ହୋଇଥିବା ବେଳେ ଏହି ସରକାର ମନଇଚ୍ଛା ଆଇନ ପ୍ରଣୟନ କରିଚାଲିଛନ୍ତି। ନିଜର ପୁରୁଣା 'ଏଜେଣ୍ଡା' ବା ରାଜନୈତିକ କାର୍ଯ୍ୟସୂଚୀକୁ ପୂରଣ କରିବାକୁ ଯାଇ ଅନେକ ଅନାବଶ୍ୟକ ବିଭ୍ରାଟ ସୃଷ୍ଟି କରିଦିଆଯାଉଛି। ବାସ୍ତବରେ ଦେଖିବାକୁ ଗଲେ ୧୯୪୭ ପୂର୍ବରୁ ଭାରତର ମାନଚିତ୍ର କେବେହେଲେ କଶ୍ମୀରରୁ କନ୍ୟାକୁମାରୀ- ଗୁଜରାଟରୁ ଅରୁଣାଚଳ ନ ଥିଲା। ଆଜିର ପିଢ଼ିକୁ ବୁଝିବାକୁ ହେବ ଯେ, ଐତିହାସିକ ସ୍ଥିତିକୁ ଦେଖିଲେ ଭାରତକୁ ଗୋଟିଏ ଦେଶ ବୋଲି କହିବା ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ। ଧର୍ମ ମାଧ୍ୟମରେ ରାଷ୍ଟ୍ର ସୃଷ୍ଟି ହୁଏ ନାହିଁ। ନାଗରିକର ଇଚ୍ଛା, ଅର୍ଥନୈତିକ ଉନ୍ନତି, ସାମାଜିକ ଶାନ୍ତି ଭଳି ଅନେକ ଇଣ୍ଡେକ୍ସ ବା ସୂଚକାଙ୍କର ମିଳନ ହେଲେ ଏକ ଆଧୁନିକ ଦେଶ ଗଢ଼ିଉଠେ। କୌଣସି ରାଜନୈତିକ ଦଳ, ଅମଲାତନ୍ତ୍ର କିମ୍ବା ବିଚାର ବ୍ୟବସ୍ଥା ମାଧ୍ୟମରେ ଦେଶ ସୃଷ୍ଟି କରାଯାଇପାରେ ନାହିଁ। ଅନ୍ୟ ବାଟରେ କହିବାକୁ ଗଲେ ନାଗରିକଙ୍କ ସହମତିରୁ ସୃଷ୍ଟି ହୋଇଥିବା ଦେଶରେ ଏମାନଙ୍କର ଦାୟିତ୍ୱ ରହିଥାଏ। ସୃଷ୍ଟିକର୍ତ୍ତା ଭାବେ ନୁହେଁ, କାର୍ଯ୍ୟକର୍ତ୍ତା ଭାବେ ଏମାନଙ୍କୁ ବିଭିନ୍ନ କର୍ତ୍ତବ୍ୟ କରିବାକୁ ପଡ଼େ। ଦୁଃଖର ବିଷୟ, ଭାରତବର୍ଷରେ ଏହି ଅଙ୍ଗଗୁଡ଼ିକ ଏବେ ରାଷ୍ଟ୍ରର ସୃଷ୍ଟିକର୍ତ୍ତା ବୋଲି ନିଜକୁ ଧରି ବସିଲେଣି। ସେଥିପାଇଁ ଭାରତ ଭଳି ଏକ ବିରାଟକାୟ ଦେଶର ବିବିଧତାକୁ ବୁଝିବାରେ ଅସମର୍ଥ ବ୍ୟକ୍ତିବିଶେଷ କେବଳ ସେମାନଙ୍କୁ ସୁହାଇଲା ଭଳି 'ଏକତା' ପାଇଁ ପ୍ରୟାସ କରୁଛନ୍ତି। କିନ୍ତୁ ସେଭଳି ଏକତାକୁ ବଜାୟ ରଖିବା କେବଳ ଯେ କଷ୍ଟକର ତା' ନୁହେଁ, ଭବିଷ୍ୟତରେ ଏଭଳି ନିଷ୍ପତ୍ତି ଦେଶକୁ ଖଣ୍ଡବିଖଣ୍ଡ କରିପାରେ। କୌତୂହଳର ବିଷୟ ହେଉଛି, ଆଜି ଏକତା ପାଇଁ ଚିତ୍କାର କରୁଥିବା ସାଧାରଣ ନାଗରିକ ନିଜ ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ଝଗଡ଼ା କରି ସମ୍ପର୍କ ତୁଟାଇ ଦେଉଥିବା ବେଳେ ଭୁଲିଯାଉଛି ଯେ ତାଙ୍କ ନିଜସ୍ୱ ପୂର୍ବ ରାଜନୈତିକ ଅନ୍ଧବିଶ୍ୱାସ ଯୋଗୁ ଦେଶରେ ଆଜିର ଦୁର୍ଦ୍ଦଶା ଦେଖିବାକୁ ପଡୁଛି। ସେଥିପାଇଁ ସଚେତନ ହୋଇ ପୁନର୍ବାର ଅନ୍ୟ ଏକ ଗାତରେ ପଡ଼ିବା ଉଚିତ ନୁହେଁ। ଅର୍ଥାତ୍ ଧର୍ମ ନାମରେ ରାଷ୍ଟ୍ରନୀତି ପରିଚାଳନାକୁ ସମର୍ଥନ ଜଣାଉଥିବା ନାଗରିକ ନିଜର ତ୍ରୁଟିକୁ ଭବିଷ୍ୟତରେ ପୁନର୍ବାର ଅନୁଶୋଚନା କରିବେ।

କିଛି ମାସ ପୂର୍ବରୁ ବିନା ପ୍ରସ୍ତୁତିରେ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି) ଆସାମ ଓ ଏହାର ପଡ଼ୋଶୀ ରାଜ୍ୟଗୁଡ଼ିକରେ ଲାଗୁ କରାଇ ଦିଆଗଲା। ସେତେବେଳେ ଏଥିରେ ଅନେକ ତ୍ରୁଟିବିଚ୍ୟୁତି ରହିଥିବା ଲକ୍ଷ୍ୟ କରାଯାଇଥିଲା। ଧର୍ମ ଆଧାରରେ କେବଳ ନୁହେଁ, ବାସିନ୍ଦାଙ୍କ ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଥିଲା। ଆସାମରେ ୧୯ ଲକ୍ଷରୁ ଅଧିକ ଲୋକ ବାଦ୍ ପଡ଼ିଥିଲେ। ଏପରି କି ଭାରତୀୟ ସେନାରେ କାର୍ଯ୍ୟ କରି ଅବସର ନେଇଥିବା ଯବାନ ନିଜର ନାଗରିକତ୍ୱ ପ୍ରମାଣ ଦେଇ ନ ପାରିବାରୁ ଦେଶବ୍ୟାପୀ ଏନ୍ଆର୍‌ସି ବିତର୍କର ବଳୟକୁ ପଳାଇ ଆସିଛି। ଏଠାରେ ଉଲ୍ଲେଖଯୋଗ୍ୟ, ଉତ୍ତର-ପୂର୍ବାଞ୍ଚଳରେ ଲାଗୁ ହୋଇଥିବା ଏନ୍ଆର୍‌ସିକୁ ସୁପ୍ରିମ୍‌କୋର୍ଟ ସିଧାସଳଖ ତଦାରଖ କରୁଥିଲେ। ଭାରତର ସର୍ବୋଚ୍ଚ ଅଦାଲତ ପାଖରେ ଏଭଳି ଏକ ପ୍ରୟାସକୁ ତଦାରଖ କରିବାର କେଉଁଭଳି ଶକ୍ତି ଥିଲା କିମ୍ବା ଅଛି, ବୁଝିବା କଷ୍ଟକର। ସ୍ଥିତି ଅସମ୍ଭାଳ ହେବା ପରେ ଭାଜପାଶାସିତ ଆସାମରେ ମୂଳବାସିନ୍ଦା ଏହା ବିରୋଧରେ ବିକ୍ଷୋଭ ଓ ପୋଡ଼ାଜଳା କରିଛନ୍ତି। ଏବେ କୁହାଗଲାଣି ସେଠାରେ ଏନ୍ଆର୍‌ସି ପ୍ରକ୍ରିୟାର ପୁନଃ ଯାଞ୍ଚ କରାଯିବ। ଦେଖିବାକୁ ଗଲେ ସେହିସବୁ ଅଞ୍ଚଳରେ ବହିରାଗତଙ୍କ ସଂଖ୍ୟା ବଢ଼ି ଚାଲିବାରୁ ମୂଳବାସିନ୍ଦାମାନେ ସଂଖ୍ୟାଲଘୁ ହେବାରେ ଲାଗିଲେଣି। ଭୋଟ ବ୍ୟାଙ୍କ ବଢ଼ାଇବା ଲକ୍ଷ୍ୟରେ ରାଜନୈତିକ ଦଳଗୁଡ଼ିକ ଅନୁପ୍ରବେଶକୁ ପ୍ରଶ୍ରୟ ଦେଇଦେଉଥିବାରୁ ମୂଳ ଅଧିବାସୀଙ୍କ ଅଧିକାର କ୍ଷୁଣ୍ଣ ହେବାରେ ଲାଗିଛି। ଏହାଦ୍ୱାରା ବାହାରୁ ଆସିଥିବା ଲୋକମାନେ ଭୋଟ ପରିଚୟପତ୍ର, ରାଶନ କାର୍ଡ ପାଇବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ସୁବିଧାକୁ ହାତେଇ ନେଉଛନ୍ତି। ଏଠାରେ ଏକ ଉଦାହରଣ ଦିଆଯାଇପାରେ। ପଶ୍ଚିମ ଓଡ଼ିଶାର ଅନେକ ପଞ୍ଚାୟତରେ ପଡ଼ୋଶୀ ରାଜ୍ୟର ଲୋକ ଅଧିକ ସଂଖ୍ୟାରେ ଆସି ବସବାସ କରିବାକୁ ଆରମ୍ଭ କଲେ ସେହି ଜିଲାର ଓଡ଼ିଆ ଅଧିବାସୀ ନିଜର ସ୍ଥିତି ହରାଇବସିବେ। ଭବିଷ୍ୟତର ସରପଞ୍ଚ ଯଦି ସେହି ବହିରାଗତଙ୍କ ମଧ୍ୟରୁ ହୁଅନ୍ତି, ତେବେ ମୂଳ ବାସିନ୍ଦା ଟଙ୍କିକିଆ ଚାଉଳଠାରୁ ଆରମ୍ଭ କରି ଜାତିଗତ ପ୍ରମାଣପତ୍ର ପର୍ଯ୍ୟନ୍ତ ସବୁକିଛି ସୁବିଧା ହରାଇବସିବେ। ଆସାମ ଓ ଅନ୍ୟ ରାଜ୍ୟରେ ଅନୁରୂପ ସମସ୍ୟା ଦେଖାଦେଉଛି। ଆସାମ ଲୋକଙ୍କ ଗ୍ରାମରେ ଅଧିକ ଅଣ-ଆସାମବାସୀ ରହିଯାଉଥିବାରୁ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି ହେଉଛି। ସେଭଳି ପ୍ରଚ୍ଛଦପଟରେ ମୂଳ ଗ୍ରାମବାସୀ ବହିରାଗତଙ୍କର ଧର୍ମକୁ ଦେଖୁନାହାନ୍ତି। ସେମାନଙ୍କ ପାଇଁ ଉଭୟ ହିନ୍ଦୁ କିମ୍ବା ମୁସଲମାନ ବହିରାଗତ ସଂଖ୍ୟାଗତ ସମସ୍ୟା ସୃଷ୍ଟି କରୁଛନ୍ତି।

ଏବେ ଆଉ ଏକ ବୋମାକୁ ଦେଖାଯାଇପାରେ। ବର୍ତ୍ତମାନ ନାଗରିକତ୍ୱ ସଂଶୋଧନ ବିଲ୍ (ସିଏବି) ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)ରେ ପରିଣତ ହୋଇଛି। ଏଥିରେ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶରୁ ୩୧ ଡିସେମ୍ବର ୨୦୧୪ କିମ୍ବା ତା' ପୂର୍ବରୁ ଭାରତକୁ ଫେରିଥିବା ହିନ୍ଦୁ, ଜୈନ, ପାର୍ସୀ, ଶିଖ୍, ଖ୍ରୀଷ୍ଟିଆନ ଏବଂ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ନାଗରିକତ୍ୱ ପ୍ରଦାନ ଲାଗି ବ୍ୟବସ୍ଥା କରାଯାଇଛି। ପାର୍ଲାମେଣ୍ଟରେ ସିଏବି ଉପସ୍ଥାପିତ ହେବାଠାରୁ ତାହା ଆଇନରେ ପରିଣତ ହେବା ମଧ୍ୟରେ ଉତ୍ତର ପୂର୍ବାଞ୍ଚଳ ସମେତ ପଶ୍ଚିମବଙ୍ଗରେ ନିଆଁ ଲାଗି ଯାଇଛି। ପୋଡ଼ାଜଳା ସହ ଲୋକଙ୍କ ଜୀବନ ଯିବା ଏବଂ ଟ୍ରେନ୍ ଓ ବିମାନସେବା ବାଧାପ୍ରାପ୍ତ ହେବା ଭଳି ସ୍ଥିତି ଦେଖିଲେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ପ୍ରଶ୍ନ ଉଠିଲାଣି। ଯେତେବେଳେ ଦେଶ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି, ନିଯୁକ୍ତି ହାର କମି ଆସିଲାଣି, ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଉଛି, ଚାଷୀକୁଳର ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି; ସେତେବେଳେ ଏହିଭଳି ବିରାଟକାୟ ବିଫଳତାରୁ ନଜର ହଟାଇବା ପାଇଁ ସମ୍ଭବତଃ ଅଣ-ପ୍ରସଙ୍ଗଗୁଡ଼ିକୁ କେନ୍ଦ୍ର ସରକାର ଅଧିକ ଗୁରୁତ୍ୱ ଦେଲା ଭଳି ମନେହେଉଛି। ଏନ୍ଆର୍‌ସି, ଅନୁଚ୍ଛେଦ ୩୭୦ ଓ ୩୫ଏ ହଟାଇବା, ଅଯୋଧ୍ୟା ଓ ବର୍ତ୍ତମାନ ସିଏଏ ଭଳି ପ୍ରସଙ୍ଗକୁ ଜାତୀୟକରଣ କରାଯାଇ ଭାଜପା ସରକାର ଯେଭଳି ଭାବେ ଦେଶବ୍ୟାପୀ ସବୁ ସମୟକୁ ଖବର ମଧ୍ୟରେ ରଖିବାକୁ ଚାହୁଁଛନ୍ତି, ତାହା ଦ୍ୱାରା ଜନକଲ୍ୟାଣ ଅପେକ୍ଷା ଅଧିକ ବିତର୍କିତ ବିଷୟକୁ ଭାରତବାସୀ ସାମ୍ନା କରିବାକୁ ବାଧ୍ୟ ହେଉଛନ୍ତି। ଯେହେତୁ ଦେଶବାସୀ ନିକଟରେ ଶେଷ ହୋଇଥିବା ସାଧାରଣ ନିର୍ବାଚନରେ ଭାଜପାକୁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଦେଇଛନ୍ତି, ସେହେତୁ ଦଳର ନେତାମାନେ ଧରିନେଲେଣି ଯେ, ସେମାନଙ୍କ ସବୁ ନିଷ୍ପତ୍ତି ଗ୍ରହଣୀୟ ହୋଇଯିବ। କିନ୍ତୁ ପେଟ ଯେତେବେଳେ ଭୋକରେ ପୋଡ଼ିଯିବ, ସେତେବେଳେ କୌଣସି ମଠ ମନ୍ଦିରରେ ଖାଦ୍ୟ ମିଳିବ ନାହିଁ।

# ଗାନ୍ଧିଜୀ ଓ ମଦମୁକ୍ତ ସମାଜର ସ୍ୱପ୍ନ



ଡ. ପ୍ରଫୁଲ୍ଲ କୁମାର ସାହୁ

ମହାତ୍ମା ଗାନ୍ଧୀ କେବଳ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ନୁହନ୍ତି, ଅଧିକନ୍ତୁ ସେ ଥିଲେ ଜଣେ ଶ୍ରେଷ୍ଠ ସଂସ୍କାରକ ଓ ଦିଗ୍‌ଦର୍ଶକ। ଜାତୀୟ ଜୀବନରେ ସ୍ୱଚ୍ଛତା ଆଣିବା ପାଇଁ ନିଶାମୁକ୍ତ ଭାରତବର୍ଷ ଗଠନ ଥିଲା ତାଙ୍କର ସ୍ୱପ୍ନ। ସେଥିପାଇଁ ତାଙ୍କ ଅଠରଦଫା ରଚନାତ୍ମକ କାର୍ଯ୍ୟକ୍ରମରେ ଅଗ୍ରାଧିକାର ଲାଭ କରିଥିଲା ନିଶା ନିବାରଣ। ଯେଉଁ ଗାନ୍ଧିଜୀ ନିଶା ନିବାରଣ ପାଇଁ ଦେଶରେ ଏତେବଡ଼ ଆନ୍ଦୋଳନ କଲେ, ସ୍ୱାଧୀନତା ପରେ ତାଙ୍କରି ନାମ ଉଚ୍ଚାରଣ କରି କ୍ଷମତାର ଡୋରି ଧରିଥିବା ନେତାମାନଙ୍କ ସ୍ୱାର୍ଥପରତା ପାଇଁ ନିଶା ନିବାରଣ ଆଇନ ଶୀତଳ ଭଣ୍ଡାରକୁ ଯିବା ସହିତ ଏକ ଭୋଟ୍‌କିଣା ତନ୍ତ୍ରରେ ପରିଣତ ହୋଇଗଲା ଆମ ଗଣତନ୍ତ୍ର। କେବଳ ଅର୍ଥ ନୁହେଁ, ଲୋକଙ୍କୁ ମଦ ପିଆଇ ହାସଲ କରାଗଲା ଭୋଟ୍। ତେଣୁ ରାଜନୈତିକ ଦଳଗୁଡ଼ିକର ନିର୍ବାଚନ ଇସ୍ତାହାରରେ ଆଉ ସ୍ଥାନ ପାଇଲାନାହିଁ ନିଶା ନିବାରଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଅର୍ଥାତ୍ ଆମ ଗଣତନ୍ତ୍ର ଯେତେ ପରିପକ୍ୱ ହେଲା, ସେତେ ପ୍ରାସଙ୍ଗିକତା ହରେଇ ବସିଲା ଗାନ୍ଧୀ ବିଚାର। ଏକଦା ମଦକୁ ଏକ ଅଭିଶପ୍ତ ପାନୀୟ ଭାବୁଥିଲେ ଓଡ଼ିଶାର ଲୋକେ। ମହାଭାରତର ଆଖ୍ୟାନ ଅନୁସାରେ ଦାନବ ଗୁରୁ ଶୁକ୍ରାଚାର୍ଯ୍ୟ ମଦ୍ୟପାନଜନିତ ମସ୍ତବଡ଼ ଭୁଲ୍ କରିଥିବାରୁ ନିଜକୁ ଧିକ୍କାର କରିବା ସହିତ ମଦକୁ ଅଭିଶାପ ଦେଇ କହିଥିଲେ ଯିଏ ମଦ ପିଇବ, ସମାଜ ଆଖିରେ ସେ ହେବ ଏକ ନିନ୍ଦିତ ପ୍ରାଣୀ। ବାସ୍ତବରେ ସ୍ୱାଧୀନତା ପ୍ରାପ୍ତିର କେଇ ଦଶନ୍ଧି ପର୍ଯ୍ୟନ୍ତ ଆମ ରାଜ୍ୟରେ ମୁଷ୍ଟିମେୟ ସଂଭ୍ରାନ୍ତ ବ୍ୟକ୍ତି, ଧନୀ ବ୍ୟବସାୟୀ, ବଡ଼ ବଡ଼ ଅଫିସର ଓ ଅପରାଧୀଙ୍କୁ ବାଦ୍ ଦେଲେ ମଦର ପ୍ରସାର ନ ଥିଲା କହିଲେ ଚଳେ। ଏପରି କି କେହି ମଦ ପିଉଛି ବୋଲି ଜଣାପଡ଼ିଲେ ଲୋକଟା ବରବାଦ୍ ହୋଇଗଲା ବୋଲି କହି ସମାଜ ତାକୁ ଘୃଣା କରୁଥିଲା ଏବଂ ଏହି କାରଣରୁ କିଛି ଲୋକଙ୍କୁ ବାହାହେବା ପାଇଁ କନିଆଁ ମିଳୁ ନ ଥିଲା ସେତେବେଳେ। ଲୋକେ ମଦ ପିଉ ନ ଥିଲେ ସତ; କିନ୍ତୁ ପାନ, ଗୁଡ଼ାଖୁ, ବିଡ଼ି, ତାଡ଼ି, ଭାଙ୍ଗ, ଗଞ୍ଜେଇ ଆଦି ନିଶା ପ୍ରତି ଆସକ୍ତ ଥିଲେ, ଯାହାକୁ ଆମ ଦାରିଦ୍ର୍ୟର ଏକ ପ୍ରମୁଖ କାରଣ ବୋଲି ଚିହ୍ନଟ କରିଥିଲେ ଗାନ୍ଧିଜୀ। ତାହାକୁ ଦୃଷ୍ଟିରେ ରଖି ୧୯୫୬ ମସିହାରେ ଆମ ରାଜ୍ୟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସମୟରେ ପ୍ରଣୟନ ହୋଇଥିଲା ନିଶା ନିବାରଣ ଆଇନ। ମାତ୍ର ସେ ଆଇନକୁ କାର୍ଯ୍ୟକାରୀ କରିବାକୁ ଦିଆଗଲା ନାହିଁ ପରବର୍ତ୍ତୀ ସମୟରେ। ଗାନ୍ଧିଜୀ କହୁଥିଲେ, ଦେଶ ସ୍ୱାଧୀନ ହେବାର ୨୪ଘଣ୍ଟା ମଧ୍ୟରେ ନିଶା ନିବାରଣ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ମାତ୍ର ସ୍ୱାଧୀନତାର ୭୦ବର୍ଷ ପରେ ଓଡ଼ିଶା ଭଳି ଏକ ସଂସ୍କୃତିସମ୍ପନ୍ନ ରାଜ୍ୟର ଯୁବକଠାରୁ ବୁଢ଼ା ଯାଏ ଅନେକଙ୍କ ହାତରେ ଏବେ ମଦବୋତଲ।

ଲୋକଙ୍କୁ ସ୍ୱାବଲମ୍ବନଶୀଳ କରିବା ପାଇଁ ଗାନ୍ଧିଜୀ ଚାହୁଁଥିଲେ କୁଟୀରଶିଳ୍ପର ବିକାଶ। ଅର୍ଥାତ୍ ସମସ୍ତଙ୍କ ହାତକୁ କାମ ଯୋଗାଇବା ଥିଲା ଗାନ୍ଧୀ ଅର୍ଥନୀତିର ମୂଳକଥା। ମାତ୍ର ଗାନ୍ଧୀ ଅର୍ଥନୀତିକୁ ଅବଜ୍ଞା କରି ରାଜ୍ୟରେ ଏବେ କାର୍ଯ୍ୟକାରୀ ହେଉଛି ଭଳିକି ଭଳି ମାଗଣାଖିଆ ଯୋଜନା। ଜାତୀୟ ଜୀବନରେ ସ୍ୱଚ୍ଛତା ଆଣିବା ପାଇଁ ଗାନ୍ଧିଜୀ ଚାହୁଁଥିଲେ ସମ୍ପୂର୍ଣ୍ଣ ନିଶା ନିବାରଣ। ମାତ୍ର ରାଜସ୍ୱ ଆୟ ବଢ଼େଇବା ଲକ୍ଷ୍ୟରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜାଙ୍କ ଗୁରୁତ୍ୱପୂର୍ଣ୍ଣ ସୁପାରିସ (୧୯୬୨)କୁ ଉପେକ୍ଷା କରି ମଦର ବ୍ୟାପକ ପ୍ରସାରକୁ ଏକ ଅପରିହାର୍ଯ୍ୟ ଆବଶ୍ୟକତା ଭାବରେ ଗ୍ରହଣ କରିନେଇଛନ୍ତି ରାଜ୍ୟ ସରକାର। ତେଣୁ ପରିବର୍ତ୍ତିତ ଅବକାରୀ ଆଇନ ଅନୁସାରେ କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ବି ଖୋଲିଲାଣି ପର୍ଯ୍ୟାପ୍ତ ମଦ ଦୋକାନ। ଏଥିସହିତ ନିର୍ଦ୍ଦିଷ୍ଟ ପରିମାଣର ମଦ ବିକିବା ପାଇଁ ଦୋକାନୀକୁ ଚୁକ୍ତିବଦ୍ଧ କରାଯାଉଛି ଏବଂ ଅଗ୍ରଣୀ ବିକ୍ରେତାଙ୍କ ପାଇଁ ରଖାଯାଇଛି ପୁରସ୍କାର ବ୍ୟବସ୍ଥା। ଏଥିରେ ଉତ୍ସାହିତ ହୋଇ ସ୍ୱୀକୃତିପ୍ରାପ୍ତ ଦୋକାନୀମାନେ ସାହିବସ୍ତିରେ ଥିବା ଛୋଟ ଛୋଟ ପାନ ଓ ତେଜରାତି ଦୋକାନର ସହାୟତା ଲୋଡୁଛନ୍ତି, ଯାହାଫଳରେ ଗଳିକନ୍ଦିର ଅଧିକାଂଶ ଦୋକାନରେ ଏବେ ଉପଲବ୍ଧ ହେଉଛି ମଦ। ମଦର ବ୍ୟାପକ ପ୍ରସାର ଯୋଗୁ ବଢୁଥିବା ରାଜସ୍ୱ ଆୟକୁ ନେଇ ସରକାର ଉଲ୍ଲସିତ ହେବା ସହିତ ଘୋଷଣା କରି ଚାଲିଛନ୍ତି ନୂଆ ନୂଆ କଲ୍ୟାଣକାରୀ ଯୋଜନା। ସେପଟେ ହାତ ପାହାନ୍ତାରେ ମଦ ଉପଲବ୍ଧ ହେବା ଫଳରେ ବଦଳିଚାଲିଛି ଆମ ସାମାଜିକ ଓ ସାଂସ୍କୃତିକ ଜୀବନଧାରା। ଗାନ୍ଧିଜୀ କହୁଥିଲେ, ନିଶାର ବ୍ୟାପକ ପ୍ରସାର ହେଲେ ବିଗିଡ଼ିଯିବ ଦେଶର ମୌଳିକ ବ୍ୟବସ୍ଥା। ହୁଗୁଳା ହୋଇଯିବ ସାମାଜିକ ଶୃଙ୍ଖଳା ଓ ମାନବିକ ମୂଲ୍ୟବୋଧ। ବାସ୍ତବରେ ତାହା ହିଁ ଦେଖିବାକୁ ମିଳୁଛି ଆମ ସମାଜ ଜୀବନରେ। ପର୍ବପର୍ବାଣି ହେଉ କି ବାହାଘର ଭୋଜି, ପ୍ରଥମେ ଦରକାର ହେଉଛି ମଦ। ବାହାଘର ଶୋଭାଯାତ୍ରାରେ ଆଗେ ପୁରୁଷମାନେ ନାଚୁଥିଲେ, ଏବେ ମହିଳାମାନେ ନିଶାସକ୍ତ ହୋଇ ନାଚିଲେଣି ମଝିରାସ୍ତାରେ। ମଜୁରି ସହିତ ମଦ ପିଇବାକୁ ନ ଦେଲେ ଆଉ କ୍ଷେତରେ କାମ କରିବାକୁ ରାଜି ହେଉ ନାହାନ୍ତି କୃଷି ଶ୍ରମିକ। ଶବସଂସ୍କାର ବେଳେ ବି ମଦପାଇଁ ଅଡ଼ି ବସୁଛନ୍ତି ସାହିଭାଇ। ବୋଲବମ୍ ଭକ୍ତମାନେ ଶୈବପୀଠରେ ପହଞ୍ଚି ଖୋଜିଲେଣି ମଦଦୋକାନ। ଆରମ୍ଭ ହୋଇଗଲାଣି ବାପା ପୁଅ ସାଙ୍ଗରେ ବସି ମଦ ପିଇବା ପରମ୍ପରା।

ଅର୍ଥାତ୍ ନିଶା ଏବେ ଆମକୁ ଏମିତି ଗ୍ରାସିଛି ଯେ ତା'ର ପ୍ରଭାବରେ ସମାଜର ପ୍ରତିଷ୍ଠିତ ମୂଲ୍ୟବୋଧ, ଶୃଙ୍ଖଳା ଓ ନିରାପତ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ସଡ଼କ ସୁରକ୍ଷା ସପ୍ତାହ ପାଳନ ବେଳେ କୁହାଯାଉଛି ଆମ ରାଜ୍ୟରେ ଯେତେ ଦୁର୍ଘଟଣା ଘଟୁଛି ତା'ର ୬୦ ପ୍ରତିଶତ ଦୁର୍ଘଟଣାର କାରଣ ହେଉଛି ମଦଜନିତ ନିଶା। ଗଣମାଧ୍ୟମରେ ପ୍ରକାଶିତ ଏକ ତଥ୍ୟ ଅନୁସାରେ ରାଜ୍ୟରେ ଜେଲଦଣ୍ଡ ଭୋଗୁଥିବା ଅପରାଧୀଙ୍କ ମଧ୍ୟରେ ନିଶାଡ଼ିଙ୍କ ସଂଖ୍ୟା ପ୍ରାୟ ୮୦ ପ୍ରତିଶତ। ନିୟମିତ ମଦ ପିଇବା କାରଣରୁ ମଧୁମେହ, କର୍କଟ ଓ ଯକୃତ ରୋଗରେ ଶିକାର ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି ଶହ ଶହ ଲୋକ। ଏଥିପାଇଁ କେତେ ମାଆର କୋଳ ଖାଲି ହୋଇଯାଉଛି, କେତେ ଶିଶୁ ବାପଛେଉଣ୍ଡ ହେଉଛନ୍ତି ଓ କେତେ ମହିଳା ବୈଧବ୍ୟ ଯନ୍ତ୍ରଣା ଭୋଗୁଛନ୍ତି ସେ ହିସାବ ରଖିନାହାନ୍ତି ସରକାର। ମଦ କିଣୁଥିବା ଶତକଡ଼ା ୩୨ ଭାଗ ଲୋକଙ୍କ ବୟସ ୧୪ରୁ ୨୫ ମଧ୍ୟରେ ଏବଂ ସେମାନଙ୍କ ଭିତରୁ ୪୨ ପ୍ରତିଶତ ହେଉଛନ୍ତି ଛାତ୍ର। ଅର୍ଥାତ୍ ମଦର ପ୍ରସାର ଯୋଗୁ ପଥଭ୍ରଷ୍ଟ ହେଉଛି ଆମ ଭବିଷ୍ୟତ ପିଢ଼ି।

ସରକାରଙ୍କ ଯୁକ୍ତି ଅନୁସାରେ ମଦ୍ୟପାନ ସବୁକାଳରେ ଥିଲା ଓ ରହିବ। ସେଥିରେ କଟକଣା କଲେ ଚୋରା ମଦ କାରବାର ବଢ଼ିବ ଓ ରାଜସ୍ୱ କ୍ଷତି ସହିବେ ସରକାର। ସରକାର କହୁଛନ୍ତି ମଦ ପିଇବା ବ୍ୟକ୍ତିଗତ ଅଧିକାର। ତାହା ସତ ହୋଇପାରେ, ମାତ୍ର ଜଣେ ମଦ ପିଇ ପରିବାରର ଅନ୍ୟମାନଙ୍କ ଉପରେ ଅତ୍ୟାଚାର କରିବ କେଉଁ ଅଧିକାର ବଳରେ? ଘରେ ନିତ୍ୟ ଅଶାନ୍ତି ସୃଷ୍ଟି କରୁଥିବା ମଦୁଆ ବାପର ଆଚରଣ ପିଲାମାନଙ୍କ ଉପରେ ଯେଉଁ କୁପ୍ରଭାବ ପକାଉଛି ସେ କ୍ଷତିକୁ ସରକାର ମାପିବେ କେଉଁ ମାପକାଠିରେ? ସରକାର ଏ କଥା ବି ଜାଣି ରଖିବା ଉଚିତ ଖାଦ୍ୟ ସୁରକ୍ଷା ଆଇନ ବଳରେ ଲୋକଙ୍କ ପାଖକୁ ଯେଉଁ ଟଙ୍କିକିଆ ଚାଉଳ ଯାଉଛି, ତା'ର ଏକ ବଡ଼ ଅଂଶ ଖର୍ଚ୍ଚ ହେଉଛି ମଦକିଣାରେ। ସମାଜ ବିଜ୍ଞାନୀମାନେ କହନ୍ତି ଦାରିଦ୍ର୍ୟ ଓ ଅସାମାଜିକ କାର୍ଯ୍ୟ ସହ ମଦର ସମ୍ପର୍କ ଅତି ନିବିଡ଼। ତେଣୁ ସରକାର କ'ଣ ଚାହାନ୍ତି? ଜନତାଙ୍କ ମଙ୍ଗଳ ନା ଅନ୍ୟକିଛି?

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ-୯୪୩୮୮୫୫୦୮୮

# ବଦଳାଇବାକୁ ହେବ ସ୍ୱାସ୍ଥ୍ୟସେବାର ଚିତ୍ର



ଅରୁଣ ଦାସ

ସେଦିନ ମାଉସୀଙ୍କୁ ଭୀଷଣ ଜ୍ୱର ହୋଇଥିବାରୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଲୁ। ଡାକ୍ତର କିଛି ଔଷଧ ଲେଖିଦେବା ସହ ରକ୍ତ ଓ ପରିସ୍ରା ପରୀକ୍ଷା ପାଇଁ କହିଲେ। ସେତେବେଳେ ସନ୍ଧ୍ୟା ହୋଇ ସାରିଥିବାରୁ ଆମେ ଘରକୁ ଫେରି ଆସିଥିଲୁ ଏବଂ ତା' ପରଦିନ ସକାଳ ସାତଟା ତିରିଶ ମିନିଟରେ ପୁଣିଥରେ ପହଞ୍ଚିଥିଲୁ ରକ୍ତ ଓ ପରିସ୍ରା ପରୀକ୍ଷା ପାଇଁ। ପ୍ରଥମେ ଟୋକନ ଆଣିବା ପାଇଁ ଲମ୍ବା ଧାଡିରେ ଛିଡା ହେବାକୁ ପଡିଲା। ପାଖାପାଖି ଏକଘଣ୍ଟା ପରେ ଆମକୁ ଟୋକନ ମିଳିଲା। ତା' ପରେ ଯାଇ ପହଞ୍ଚିଲୁ ରକ୍ତ ପରୀକ୍ଷା କେନ୍ଦ୍ରରେ। ସେଠାରେ କାର୍ଯ୍ୟରତ ଦରୱାନ ଆମଠାରୁ ଟୋକନ ନେଇ କହିଲେ ଯାଆନ୍ତୁ ଦୁଇଘଣ୍ଟା ପରେ ଆସିବେ। ମାଉସୀ ସେତେବେଳକୁ ଜ୍ୱରରେ ବ୍ୟତିବ୍ୟସ୍ତ ହେଉଥାଏ। ଦୁଇଘଣ୍ଟା ପରେ ଆସିଲାରୁ ସେମାନେ ରକ୍ତ ସଂଗ୍ରହ କରି ଚଉଦ ନମ୍ବର ରୁମ୍‌ରେ ଦାଖଲ କରିବା ପାଇଁ କହିଲେ। ତା' ପରେ ଚଉଦ ନମ୍ବର ରୁମ୍ ପାଖକୁ ଗଲାବେଳକୁ ସେଠାରେ ମଧ୍ୟ ଲମ୍ବା ଧାଡି। ଶେଷରେ ଚଉଦ ନମ୍ବରରେ ଦାଖଲ କଲାବେଳକୁ ସେଠାରେ ଥିବା କର୍ମଚାରୀ କହିଲେ, ଯାଆନ୍ତୁ ରିପୋର୍ଟ ଆସି ଅପରାହ୍ଣ ଚାରିଟାରୁ ଛଅଟା ଭିତରେ ନେଇଯିବେ। ଭାରାକ୍ରାନ୍ତ ହୋଇ ଘରକୁ ଫେରିବା ବେଳେ ସାମାନ୍ୟ ଏହି ପରୀକ୍ଷାରେ କେମିତି ଆମର ଗୋଟାଏ ଦିନ ଚାଲିଗଲା ସେଇ କଥା ଖାଲି ମୋ ମନକୁ ଆନ୍ଦୋଳିତ କରୁଥାଏ।

ଭାରତୀୟ ସମ୍ବିଧାନର ଧାରା ୨୧ ଅନୁଯାୟୀ ପ୍ରତିଟି ମଣିଷକୁ ବଞ୍ଚିବାର ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଦିଆଯାଇଛି। ସେହିପରି ଜାତିସଂଘର ଧାରା ୨୫ ଅନୁଯାୟୀ ପୃଥିବୀର ପ୍ରତିଟି ମଣିଷ ତା' ପରିବାର ସହ ଆବଶ୍ୟକତା ଅନୁସାରେ ଖାଦ୍ୟ, ବସ୍ତ୍ର, ବାସଗୃହ, ସ୍ୱାସ୍ଥ୍ୟସେବା ସହ ବିଭିନ୍ନ ସାମାଜିକ ସେବା ପାଇବାର ଅଧିକାରରୁ କେବେ ବି ବଞ୍ଚିତ ହେବନାହିଁ ବୋଲି ୧୯୪୮ ମସିହା ବିଶ୍ୱ ମାନବିକ ଅଧିକାର ଘୋଷଣାନାମାରେ ଆଲୋଚନା କରାଯାଇଛି। ଏହାର ମାତ୍ର ଦୁଇବର୍ଷ ପୂର୍ବରୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ପ୍ରତିଷ୍ଠା ହୋଇ ସମଗ୍ର ବିଶ୍ୱ ସ୍ୱାସ୍ଥ୍ୟସେବାର ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବାର ଆଭିମୁଖ୍ୟ ପୋଷଣ କରିଥିଲା। ଏସବୁ ପରେ ଏବେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ଭାରତର ପ୍ରତିଟି ରାଜ୍ୟର ପ୍ରାଥମିକ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପକେନ୍ଦ୍ରଗୁଡିକରେ ନ୍ୟାଶ୍‌ନାଲ ହେଲ୍‌ଥ ମିଶନ, ଆୟୁଷ୍ମାନ ଭାରତ ଓ ନ୍ୟାଶ୍‌ନାଲ ମେଣ୍ଟାଲ ହେଲ୍‌ଥ କାର୍ଯ୍ୟକ୍ରମମାନ ଉପଲବ୍ଧ ହୋଇ ଆସୁଛି। ନିରାମୟ ଆଦି ଯୋଜନାରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଉଛି।

ସହରାଞ୍ଚଳ ଓ ଗ୍ରାମାଞ୍ଚଳ ରୋଗୀମାନଙ୍କ ପାଇଁ ଚବିଶ ଘଣ୍ଟିଆ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ସରକାରୀ ସଂସ୍ଥା ଓ ଏନ୍‌ଜିଓ ମାଧ୍ୟମରେ ସହରଠୁ ଆରମ୍ଭ କରି ଅପହଞ୍ଚ ଗାଁଗଣ୍ଡାରେ ଯାଇ ସ୍ୱାସ୍ଥ୍ୟଭିତ୍ତିକ ଜନସଚେତନତା କାର୍ଯ୍ୟକ୍ରମ ସବୁ ଆୟୋଜନ କରାଯାଉଛି। ତେଣୁ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥା ସ୍ମାର୍ଟ ନୁହେଁ ବୋଲି କହିହେବ କି? ଅଥଚ ଖୋଦ୍ ରାଜଧାନୀର ମୁଖ୍ୟ ସରକାରୀ ଚିକିତ୍ସାଳୟରେ ସାମାନ୍ୟ ରକ୍ତ ଓ ପରିସ୍ରା ପରୀକ୍ଷା ନିମନ୍ତେ ଜଣେ ସାଧାରଣ ଲୋକକୁ ଗୋଟିଏ ଦିନ ସମୟ ଦେବାକୁ ପଡୁଛି। ମେଡିକାଲ ପରିସରରେ ପ୍ରତିଟି ସରଞ୍ଜାମ ମହଜୁଦ ରହିବାଟା ବଡ଼ କଥା ନୁହେଁ। ବରଂ ଏହା କେତେ ଅଧିକ ପରିମାଣରେ ରହୁଛି ଓ ଏହାକୁ ନେଇ ଲୋକ କେତେ କମ୍ ସମୟ ଭିତରେ ନିଜର ସୁବିଧା ହାସଲ କରି ପାରୁଛନ୍ତି ତାହା ହିଁ ହେଉଛି ଆମ ପାଇଁ ବଡ ସଫଳତା। ଯଦି ଏଇ ରକ୍ତ ଓ ପରିସ୍ରା ପରୀକ୍ଷା କେନ୍ଦ୍ରଗୁଡିକ ଗୋଟିଏ ସ୍ଥାନରେ ନ କରି ମେଡିକାଲ ପରିସରର ବିଭିନ୍ନ ସ୍ଥାନରେ କରାଯାଆନ୍ତା ତେବେ ଲୋକମାନେ ସାରା ଦିନ ଧାଡି ଲଗେଇବାରୁ ରକ୍ଷା ପାଇବା ସହ ତ୍ୱରିତ ଚିକିତ୍ସାର ଲାଭ ଉଠେଇ ପାରନ୍ତେ।

ଏହାଛଡା ଆଉଟ୍‌ଡୋରରୁ ଟିକେଟ ଖଣ୍ଡେ ଆଣିବା ପାଇଁ ମଧ୍ୟ ରୋଗୀମାନଙ୍କୁ ଘଣ୍ଟା ଘଣ୍ଟା ଲମ୍ବା ଲାଇନରେ ଛିଡା ହେବା ପାଇଁ ପଡୁଛି। ସଙ୍କଟାପନ୍ନ ରୋଗୀମାନେ ତତକ୍ଷଣାତ୍ ଚିକିତ୍ସା ସେବା ଚାହୁଁଥିବା ବେଳେ ଧାଡିରେ ବିଳମ୍ବ ହେତୁ ମୃତ୍ୟୁମୁଖରେ ପଡୁଛନ୍ତି। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ମଧ୍ୟ ସମଦଶା। କାରଣ ଏସବୁ ସହରର ମୁଖ୍ୟ ଚିକିତ୍ସାଳୟ ଏବଂ ଏହା ଉପରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ହଜାର ହଜାର ରୋଗୀ ନିର୍ଭର କରି ଆସୁଛନ୍ତି। କେବଳ ଏକମାତ୍ର ବିକଳ୍ପ ହେଉଛି ଅଧିକ ସଂଖ୍ୟାରେ ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବା ସହ ଡାକ୍ତର, ନର୍ସ ଓ ମେଡିକାଲ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରିବା। ତା'ହେଲେ ଲୋକମାନେ ପୂର୍ବପେକ୍ଷା ଅଧିକ ଶୀଘ୍ର ଚିକିତ୍ସା ପାଇ ଆଶ୍ୱସ୍ତି ଲାଭ କରନ୍ତେ। ସେହିପରି ଅଧିକ ସଂଖ୍ୟାରେ ଟିକେଟ କାଉଣ୍ଟର ଖୋଲାଗଲେ ରୋଗୀମାନେ ଆଉ ବିଳମ୍ବଜନିତ ସମସ୍ୟାର ସମ୍ମୁଖୀନ ହୁଅନ୍ତେ ନାହିଁ। ଆମେ ଏହି ମୌଳିକ ସମସ୍ୟାଗୁଡିକର ସମାଧାନ କରିବା ଉଚିତ। କାରଣ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ତ୍ରୁଟିମୁକ୍ତ କରିବା ସହଜ ବ୍ୟାପାର ନୁହେଁ। ଏବେ ବି କିଛି ଅଞ୍ଚଳରେ ଗର୍ଭବତୀ ମହିଳାମାନେ ଭାର ସାହାଯ୍ୟରେ ନଦୀ ଉପରେ ହୋଇଥିବା ବାଉଁଶ ପୋଲକୁ ପାର ହୋଇ ଅନେକ ଲମ୍ବା ରାସ୍ତା ଅତିକ୍ରମ କରି ମେଡିକାଲ ଆସିବାର ଚିତ୍ର ଗଣମାଧ୍ୟମରୁ ଦେଖିବାକୁ ମିଳୁଛି। ତେଣୁ ଆମକୁ ଆଗାମୀ ଦିନରେ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଚିତ୍ର ସମ୍ପୂର୍ଣ୍ଣ ନ ବଦଳାଇଲେ ମଧ୍ୟ କିଛି ମାତ୍ରାରେ ବଦଳାଇବାକୁ ହେବ। ଆଗାମୀ ଦିନରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ରାଜ୍ୟ ପ୍ରଶାସନ ତରଫରୁ ବିହିତ ନିରାକରଣର ପଦକ୍ଷେପମାନ ଗ୍ରହଣ କରିବାକୁ ହେବ। ତେବେ ଯାଇ ବ୍ୟବସ୍ଥା ସୁଧୁରିବ।

ପତରପଡା, ବରମୁଣ୍ଡଳୀ, ଜଗତ୍‌ସିଂହପୁର,
ମୋ-୭୮୭୩୭୧୯୦୫୬

## ଏଇ ଭାରତରେ

କିଛି ନିଆରା କରିବାର ଆଗ୍ରହ ଆଗକୁ ବାଟ କଢାଇନିଏ, ଯାହା ଘଟିଛି କେରଳର ଯସ୍ମିନ୍ ଅରିମ୍ବ୍ରାଙ୍କ ଜୀବନରେ। ଅରିମ୍ବ୍ରା ରହନ୍ତି ମାଲାପ୍ପୁରମ୍ ଜିଲା ଥେନ୍ନଲା ପଞ୍ଚାୟତରେ। ତାଙ୍କୁ ଏବେ ବୟସ ୩୫ ବର୍ଷ। ୯ମ ପରେ ପାଠ ଛାଡି ପିତାଙ୍କ ସହ କ୍ଷେତରେ କାମ କରୁଥିଲେ। ପରେ ନିଜ ଭାଗ୍ୟ ନିଜେ ଗଢିଛନ୍ତି। ଆଣିଛନ୍ତି ଧାନ ଚାଷରେ କ୍ରାନ୍ତି। କେବଳ ଏତିକି ନୁହେଁ ଜିଲାର ୫୦୦ ମହିଳାଙ୍କୁ ଶେୟାରହୋଲ୍‌ଡର ଭାବେ ତାଙ୍କ କମ୍ପାନୀ ସହ ସାମିଲ କରିଛନ୍ତି। ମହିଳାଙ୍କ ବିକାଶ ଲାଗି ସଚେତନତା ସୃଷ୍ଟି କରିବା ସହ ପ୍ରଶିକ୍ଷଣ ଓ ଆର୍ଥିକ ସହଯୋଗ ଦେଉଥିବା କୁଡୁମ୍ବଶ୍ରୀ ମିଶନ୍‌ରେ ୨୦୧୦ରେ ଯସ୍ମିନ୍ ଯୋଗଦେଇଥିଲେ। ଦୁଇ ବର୍ଷ ପରେ ସେ ଅଧିକ ମହିଳାଙ୍କୁ ଏକାଠି କରିବାରେ ସକ୍ଷମ ହୋଇ ପଞ୍ଚାୟତ ସ୍ତରରେ କୁଡୁମ୍ବଶ୍ରୀର ସଭାପତି ହୋଇଥିଲେ। ପଞ୍ଚାୟତର ସମସ୍ତ ସଭ୍ୟଙ୍କୁ ୧୨୬ଟି ଗ୍ରୁପ୍‌ରେ ଭାଗ କରି ପ୍ରତି ଗ୍ରୁପ୍‌ରେ ୪ଜଣ ମହିଳା ରଖିଥିଲେ। ପଞ୍ଚାୟତର ପଡିଆ ଜମିକୁ ଚାଷ ପାଇଁ ଲୋକଙ୍କଠାରୁ ଲିଜ୍‌ରେ ଆଣିବାପରେ ପ୍ରତି ଗ୍ରୁପକୁ ୧ରୁ ୩ ଏକର ଜମି ଲିଜ୍‌ରେ ପ୍ରଦାନ କରିଥିଲେ। ପ୍ରଥମରୁ ସେ ୧୨୬ ଏକର ଜମ ଲିଜ୍ ନେଇଥିଲେ ଓ ଏବେ ତାହା ୫୨୨ ଏକରରେ ପହଞ୍ଚିଛି। ୨୦୧୩ରେ ସେ ଲିଟେରାସି ମିଶନ୍ ମାଧ୍ୟମରେ ମାଟ୍ରିକ ପାସ୍ କରି ଏବେ ସମାଜ ବିଜ୍ଞାନରେ ଡିଗ୍ରୀ କରୁଛନ୍ତି। ୨୦୧୫ରେ ଯସ୍ମିନ୍ 'ଥେନ୍ନଲ ଆଗ୍ରୋ ଫାର୍ମର୍ସ ପ୍ରଡ୍ୟୁଶର କମ୍ପାନୀ ଲିମିଟେଡ୍' ଗଠନ କରି ଏହାର ମୁଖ୍ୟ ରହିବା ସହ ନିଜେ ୫ ଏକର ଚାଷ କରୁଛନ୍ତି।

## ଚିରନ୍ତନୀ

ଦୁନିଆ ବୁକୁରେ ଜାଳିଦେଇ ହୁତାଶନ
ସେହି ସେ ଆଘାତ ବାଜିଉଠେ ଘନ ଘନ
ସେହି ସେ ଆଘାତ ବାଜଇ ଜନନୀ ବୁକେ
ଚାହିଁ ଅନାହାର- ପୀଡିତ ତନୟ ମୁଖେ।
(ତୁମେଟି ଚାଲିବା ଜାଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଡିସେମ୍ବର ୧୯୯୪

- ଚିନି ଦୁର୍ନୀତି ଉପରେ ଗତକାଲି କେନ୍ଦ୍ର ବେସାମରିକ ଯୋଗାଣ ମନ୍ତ୍ରୀ ଏ.କେ. ଆଣ୍ଟୋନୀ ଇସ୍ତଫା ଦେବାପରେ ଆଜି ଖାଦ୍ୟ ରାଷ୍ଟ୍ରମନ୍ତ୍ରୀ କଳ୍ପନାଥ ରାୟଙ୍କ ଇସ୍ତଫା।
- ରାଜ୍ୟର ଅତି ଗରିବ ଲୋକଙ୍କୁ ଆସନ୍ତା ଜାନୁୟାରୀ ମାସ ପହିଲାରୁ କିଲୋ ପିଛା ଦୁଇଟଙ୍କା ଦରରେ ଚାଉଳ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଘୋଷଣା।

## ସାପ୍ତାହିକ ପଞ୍ଜିକା

ଡିସେମ୍ବର ୮- ଦିଲ୍ଲୀର ଅନାଜ ମଣ୍ଡିରେ ନିଆଁ ଲାଗି ୪୩ ଜଣଙ୍କ ମୃତ୍ୟୁ।
୯- କର୍ନାଟକରେ ୧୫ ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ଶାସକ ଭାଜପା ୧୨ଟି ଆସନରେ ବିଜୟୀ ହୋଇ ବାଜିମାତ୍ କରିଛି।
* ନାଗରିକତା ସଂଶୋଧନ ବିଲ୍ ଲୋକସଭାରେ ଗୃହୀତ।
୧୦- ଆଣ୍ଟାର୍କଟିକା ଯାଉଥିବା ଚିଲିର ଏକ ସେନା ବିମାନ ନିଖୋଜ ହୋଇଯାଇଛି। ଏଥିରେ ଥିବା ସମସ୍ତ ୧୭ ଅଧିକାରୀ ଓ ବିମାନ କର୍ମଚାରୀଙ୍କ ସହ ୨୧ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି।
୧୧- ନାଗରିକତା ସଂଶୋଧନ ବିଲ୍ ରାଜ୍ୟ ସଭାର ଅନୁମୋଦନ ଲାଭ କରିଛି।
୧୨- ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆସ୍ଥିତ ଏକ ସେନା ଶିବିରକୁ ଇସ୍‌ଲାମିଷ୍ଟ ଆତଙ୍କବାଦୀମାନେ ଆକ୍ରମଣ କରିବାରୁ ଏଥିରେ ୭୧ ସୈନ୍ୟ ଓ ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ୫୭ ଆତଙ୍କବାଦୀ ନିହତ ହୋଇଛନ୍ତି।
୧୩- ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ କଞ୍ଜରଭେଟିଭ ପାର୍ଟି ସାଧାରଣ ନିର୍ବାଚନରେ ବିଜୟୀ ହୋଇଛି।

## ଆମ ସମସ୍ୟା

### ଜଟଣୀରେ ଆର୍‌ଟିଓ ଅଫିସ ଖୋଲାଯାଉ

ମହାଶୟ,

ଜଟଣୀ ସହର ଭୁବନେଶ୍ୱର କମିଶନରେଟ ପରିସରରେ ଯାଉଥିଲେ ମଧ୍ୟ କମିଶନରେଟ ଅଞ୍ଚଳର ସୁବିଧାସୁଯୋଗରୁ ବଞ୍ଚିତ। ରାଜ୍ୟ ପରିବହନ ବିଭାଗ ଗାଡିମୋଟର କାଗଜପତ୍ର ଏବଂ ଡ୍ରାଇଭିଂ ଲାଇସେନ୍ସ ପାଇଁ ୩ ମାସ ସମୟ ଦେଇଥିବା ବେଳେ ଭୁବନେଶ୍ୱର ଏବଂ ଖୋର୍ଦ୍ଧାରେ ଥିବା ଆର୍‌ଟିଓ ଅଫିସରେ ଅସମ୍ଭବ ଭିଡ଼କୁ ଆଖିଆଗରେ ରଖି ଭୁବନେଶ୍ୱର ଏବଂ ଖୋର୍ଦ୍ଧାରେ ନୂତନ ପରିବହନ ଅଫିସ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହି ନ୍ୟାୟରେ ଜଟଣୀର ଲୋକସଂଖ୍ୟା ଏବଂ ଗାଡ଼ି ସଂଖ୍ୟା ଦେଖିଲେ ଖୋର୍ଦ୍ଧାଠାରୁ ଅଧିକ ଥିବାରୁ ଜଟଣୀ ଲୋକମାନେ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଦୌଡ଼ି ଗାଡ଼ି କାଗଜପତ୍ର କରିବାକୁ ବହୁତ ଅସୁବିଧା ଭୋଗୁଛନ୍ତି। ଅନୁରୋଧ, ପରିବହନ ବିଭାଗ ସଚିବ ଏଥିପ୍ରତି ଦୃଷ୍ଟି ଦେଇ ଜଟଣୀରେ ପରିବହନ ଅଫିସ ଖୋଲିଲେ ସାଧାରଣ ଲୋକମାନେ ଉପକୃତ ହୋଇପାରନ୍ତେ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### ସର୍ବସାଧାରଣ ରାସ୍ତା ଦଖଲ କରି ବେପାର

ସମ୍ବଲପୁର ସହରରେ ବିଶେଷକରି ଅଇଁଠାପାଲି ଛକଠାରୁ ଫାଟକ ଓଭରବ୍ରିଜ୍ ମଧ୍ୟରେ ଅନେକ ଦୋକାନୀ ସର୍ବସାଧାରଣ ରାସ୍ତାପାର୍ଶ୍ୱ ସ୍ଥାନକୁ ଅକ୍ତିଆର କରିଛନ୍ତି। ଯଦି କୌଣସି ଯାନ ସେହି ସ୍ଥାନ ପାଖରେ ପାର୍କିଂ କରେ ତେବେ ସେମାନେ ସେହି ଯାନରେ ଆସିଥିବା ପୁରୁଷ କିମ୍ବା ମହିଳାଙ୍କୁ ସେହି ସ୍ଥାନରୁ ସଙ୍ଗେ ସଙ୍ଗେ ଚାଲିଯିବାକୁ କହୁଛନ୍ତି ଏବଂ ଦୁର୍ବ୍ୟବହାର ମଧ୍ୟ କରୁଛନ୍ତି। ଫଳରେ ଗଣ୍ଡଗୋଳ ଉପୁଜୁଛି। ଏହା ଗୋଟିଏ ଆଇନ ଶୃଙ୍ଖଳା ବିଷୟ। ଏଣୁ କର୍ତ୍ତୃପକ୍ଷ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

ସଦାନନ୍ଦ ଭୋଇ, ବୁଢ଼ାରଜା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | A | 7 | D | | | | | | | | | 3 |
| | 0 | A | | | E | | | | | | | | 8 | |
| | 8 | | | | | B | 6 | | 5 | | | | 2 | |
| 7 | | | | 0 | | 3 | | | | | | 5 | | E |
| E | | | C | | 5 | 9 | A | | | D | | 7 | 6 | 1 |
| | | E | | | | | | | | 9 | A | D | 7 | 0 |
| | | 7 | | 3 | | | 8 | | | | 5 | | | 4 |
| | C | | 7 | 2 | | | | | 6 | B | D | | | |
| | | | | | 6 | 1 | 4 | 9 | | | 2 | | 5 | |
| | | | | | | | | C | 0 | 4 | | | | 8 |
| | 5 | 0 | | 8 | | | | B | | E | C | | D | |
| | | | | | 2 | | | D | 1 | 7 | | | | |
| | | | | B | | | 5 | | 9 | 0 | | | 3 | |
| 1 | 9 | | | | 3 | E | | 6 | | | 8 | C | A | |
| | | | | | 9 | | | | B | | 6 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | C | 1 | 8 | 5 | 6 | B | 9 | 4 | 0 | A | 2 | 3 | 7 | E |
| 9 | 3 | 5 | 7 | A | E | C | D | 6 | B | 8 | 4 | 0 | 2 | 1 |
| 8 | B | 0 | 1 | 2 | C | A | 3 | E | 9 | 5 | 7 | 6 | D | 4 |
| 7 | 6 | 4 | B | D | 9 | 8 | 2 | 0 | 3 | E | 1 | C | A | 5 |
| 2 | A | E | 4 | 0 | 3 | 1 | 7 | 5 | D | C | 6 | B | 8 | 9 |
| 4 | 0 | 2 | A | B | 5 | D | E | 8 | C | 3 | 9 | 7 | 1 | 6 |
| A | D | C | 9 | 3 | 7 | 5 | 4 | 2 | 1 | 6 | 8 | E | B | 0 |
| 5 | E | 6 | 2 | 1 | 8 | 3 | 0 | C | A | 7 | B | 4 | 9 | D |
| 3 | 9 | B | E | 6 | 4 | 7 | 1 | A | 5 | 0 | D | 8 | C | 2 |
| 1 | 8 | 7 | 0 | C | D | 9 | 6 | B | 4 | 2 | E | 5 | 3 | A |
| 6 | 1 | 9 | 3 | 8 | 0 | E | B | 7 | 2 | D | 5 | A | 4 | C |
| E | 2 | 3 | 5 | 4 | B | 6 | A | D | 8 | 9 | C | 1 | 0 | 7 |
| C | 5 | A | 6 | 9 | 2 | 4 | 8 | 1 | 7 | B | 0 | D | E | 3 |
| 0 | 7 | 8 | D | E | 1 | 2 | C | 3 | 6 | 4 | A | 9 | 5 | B |
| B | 4 | D | C | 7 | A | 0 | 5 | 9 | E | 1 | 3 | 2 | 6 | 8 |

ଗତକାଲିର ଉତ୍ତର

## ସଂକ୍ଷେପରେ

### ୧୬ରୁ ସାତକୋଶିଆ ନାଟ୍ୟ ଉତ୍ସବ

ବଅଁରପାଳ, ୧୫।୧୨ (ଡି.ଏନ୍.ଏ)- ଆସନ୍ତା ୧୬ ତାରିଖରେ ସାତକୋଶିଆ ନାଟ୍ୟ ଉତ୍ସବ ନାଲକୋ ଟ୍ରେନିଂ ସେଣ୍ଟରଠାରେ ଅନୁଷ୍ଠିତ ହେବ। ନାଲ୍‌କୋ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ମିଳିଛି। ଏଥିରେ ନାଲ୍‌କୋ କର୍ମଚାରୀମାନେ ସେମାନଙ୍କ କଳା ପ୍ରଦର୍ଶନ କରିବେ। ସେଥିପାଇଁ ପୂର୍ବରୁ ଆନ୍ତଃବିଭାଗୀୟ ନାଟ୍ୟ ଉତ୍ସବର ଆୟୋଜନ କରାଯାଇଥିଲା। ୧୬ ତାରିଖରେ ଇନ୍ଦ୍ରଧନୁ କାର୍ବନ ଏରିଆ ପକ୍ଷରୁ 'ଆପଣ ମାନେ ଖୁସି ତ' ନାଟକ ମଞ୍ଚସ୍ଥ ହେବ। ସେହିପରି ୧୭ରେ ସିପିପି ମେଣ୍ଟନାନ୍ସ ପକ୍ଷରୁ 'ମଢ଼ ଉପରେ ରାଜନୀତି' ଓ ସ୍ମେଲଟର ପଟ୍ ଲାଇନ ପକ୍ଷରୁ 'ଏ ଫୁଲ', ୧୮ରେ ଏସ୍‌ଆଣ୍ଡପି ସର୍ଭିସେସ୍ ପକ୍ଷରୁ 'କାହାକୁ କହିବେନି', ସିପିପି ପକ୍ଷରୁ 'ନାଟ୍ୟ ଶକ୍ତି' ପ୍ରମୁଖ ନାଟକ ପରିବେଷଣ ହେବ। ୧୯ ତାରିଖରେ ଉଦ୍‌ଯାପନୀ ଉତ୍ସବ ସହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ନାଲ୍‌କୋ ପକ୍ଷରୁ କୁହାଯାଇଛି।

### ଦୁର୍ଘଟଣାରେ ନଇଁଗଲା ବିଦ୍ୟୁତ୍ ଖୁଣ୍ଟ



ବଅଁରପାଳ,୧୫।୧୨ (ଡି.ଏନ୍.ଏ)- ୫୫ ନମ୍ବର ଜାତୀୟ ରାଜପଥର ନାଲକୋ ଥାନା କାଣ୍ଡସର ପେଟ୍ରୋଲ ପମ୍ପ ନିକଟରେ ରବିବାର ଅପରାହ୍ନରେ ଏକ ଦୁର୍ଘଟଣା ଯୋଗୁ ସେଠାରେ ଥିବା ବିଦ୍ୟୁତ ଖୁଣ୍ଟ ରାସ୍ତା ଉପରକୁ ନଇଁ ପଡିଥିଲା। ଏଥିଯୋଗୁ ଅଞ୍ଚଳରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହେବା ସହ ପ୍ରାୟ ଦୁଇ ଘଣ୍ଟା ଧରି ରାସ୍ତା ଜାମ୍ ହୋଇଥିଲା। ଖୁଣ୍ଟଟିକୁ ହଟାଯିବା ପରେ ଟ୍ରାଫିକ ସମସ୍ୟାରେ ସୁଧାର ଆସିଥିଲା।

### ଗାଡ଼ିମୋଟର ଯାଞ୍ଚ

ବଇଣ୍ଡା,୧୫।୧୨(ଡି.ଏନ.ଏ.)-୫୫ନଂ. ଜାତୀୟ ରାଜପଥ ହଣ୍ଡପା ଥାନା ଡେବେରାପାଲି ନିକଟରେ ହଣ୍ଡପା ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ବାଇକ ଗୁଡ଼ିକୁ ଅଟକାଇ ହେଲମେଟ ଯାଞ୍ଚ କରାଯାଇଥିଲା। ଏଥିରେ ୭ଟି ମାମଲା ରୁଜୁ କରାଯାଇ ୩ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଏସଆଇ ଆର୍. ବିଶ୍ୱାଳ, ପି. କେ. ଆଇଚ ପ୍ରମୁଖ ଯାଞ୍ଚ କରିଥିଲେ।

■କଣ୍ଟେନର ଧକ୍କାରେ ସ୍କୁଟି ଚାଳକ ମୃତ

# ଘଣ୍ଟାଏ ଧରି ରାସ୍ତାରୋକୋ

ଅନୁଗୋଳ ଅଫିସ,୧୫।୧୨

ଅନୁଗୋଳ ସହର ଦେଇ ଯାଇଥିବା ୫୫ ନଂ. ଜାତୀୟ ରାଜପଥର ଥାନା ଛକରେ ରବିବାର ଏକ କଣ୍ଟେନର ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅନୁଗୋଳ ସହର ବଜାର ଛକର ପର୍ଶୁରାମ ରାଉତ(୫୦)। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ପ୍ରାୟ ଏକ ଘଣ୍ଟା ଧରି ରାସ୍ତା ଅବରୋଧ କରିବା ସହ କଣ୍ଟେନରର କାଚ ଭଙ୍ଗାରୁଜା କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ଘଟଣାରୁ ଜଣାପଡ଼ିଛି, ପର୍ଶୁରାମ ରବିବାର ସକାଳୁ ସାପ୍ତାହିକ ହାଟରୁ ପରିବା କିଣି ସ୍କୁଟିରେ ଥାନା ଛକ ଦେଇ ଯାଉଥିବାବେଳେ ସମ୍ବଲପୁରରୁ ଆସୁଥିବା ଏକ କଣ୍ଟେନର ଦ୍ରୁତ ଗତିରେ ଆସି ପର୍ଶୁରାମଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କଣ୍ଟେନର ଡ୍ରାଇଭର ରାମପ୍ରସାଦଙ୍କୁ ଅନୁଗୋଳ ପୋଲିସ ଅଟକ ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

# ଗ୍ୟାସ ଟାଙ୍କି ଫାଟି ୫ ବଖରା ଜଳିଗଲା

କଣିହାଁ,୧୫।୧୨(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ବାଲିପଶି ପଞ୍ଚାୟତ ପଳାସବାହାଳି ଗ୍ରାମ ତିଳେଇପଶି ସାହିରେ ଶନିବାର ଗ୍ୟାସ ଟାଙ୍କି ଫାଟି ବାଞ୍ଛାନିଧି ପେଠେଇଙ୍କ ୫ ବଖରା ଜଳିଯାଇଛି। ଏଥିସହିତ ଘରେ ଥିବା ସମସ୍ତ ଆସବାବପତ୍ର ସମେତ ଧାନ ଆଦି ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଏଥିସହ ସରକାରୀ ସହାୟତା ଯୋଗାଇ ଦେବାକୁ କଣିହାଁ ତହସିଲଦାରଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଅବଗତ କରିଥିବା ପୂର୍ବତନ ସରପଞ୍ଚ ଡିଲେଶ୍ୱର ସାହୁ, ଜୟନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ଏ ନେଇ କଣିହାଁ ଅଗ୍ନିଶମ ବିଭାଗ ଅଧିକାରୀ ରୋହିତ ବେହେରା କହିଛନ୍ତି, ଶନିବାର ରାତିରେ ଅଗ୍ନିକାଣ୍ଡ ଘଟିଥିବା ଖବରପାଇ ଆସିଥିଲୁ। ରାତି ପ୍ରାୟ ୧୨ଟା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ଗ୍ୟାସ ଟାଙ୍କି ଫାଟି ଅଗ୍ନିକାଣ୍ଡ ଘଟିଥିବାବେଳେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କ୍ଷୟକ୍ଷତି ହୋଇଛି। ତହସିଲଦାର ଅଂଶୁମାନ ଶତପଥୀ କହିଛନ୍ତି, କ୍ଷୟକ୍ଷତିର ଆକଳନ ସହିତ ପ୍ରାଥମିକ ସରକାରୀ ସହାୟତା ଯୋଗାଇ ଦେବାକୁ ବଜ୍ରକୋଟ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ବିଧାୟକ ମୁକେଶ କୁମାର ପାଲ ଅଗ୍ନିକାଣ୍ଡସ୍ଥଳ ପରିଦର୍ଶନ କରୁଛନ୍ତି।

# ବିଶ୍ୱ କବି ସମ୍ମିଳନୀରେ ଅନୁଗୋଳ ଛାତ୍ରୀଙ୍କ କୃତିତ୍ୱ

ଅନୁଗୋଳ ଅଫିସ, ୧୫।୧୨

ଅକ୍ଟୋବର ୨ରୁ ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କିଟ୍ ବିଶ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ୩୯ ତମ ବିଶ୍ୱ କବି ସମ୍ମିଳନୀରେ ଅନୁଗୋଳର ସୂର୍ଯ୍ୟାଲିପ୍ସା ସାହୁ ନିଜସ୍ୱ କବିତା ଆବୃତ୍ତି କରି କୃତିତ୍ୱ ହାସଲ କରିଛନ୍ତି। ଏହି କବି ସମ୍ମିଳନୀ ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବାବେଳେ ଏଥିରେ ୮୨ଟି ଦେଶର କବି ଯୋଗ ଦେଇଥିଲେ। ଅନୁଗୋଳ ଶିମିଳିପଡା ନିବାସୀ ପଙ୍କଜ କୁମାର ସାହୁ ଓ ମିନା ପ୍ରଧାନଙ୍କ କନ୍ୟା ସୂର୍ଯ୍ୟାଲିପ୍ସା ସାହୁ ରେଭେନ୍ସା ବିଶ୍ୱ ବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ ବିଇଡି କରୁଛନ୍ତି। ତାଙ୍କର ପଦ୍ୟାବଳୀ ସଙ୍କଳନରେ କବିତା ପ୍ରକାଶିତ ହୋଇଥିଲା। ୟୋର କ୍ୱୋଟରେ ଆବୃତ୍ତି କରିଥିବା କବିତାଟି ୟୁ-ଟ୍ୟୁବ୍‌ରେ ଅପ୍‌ଲୋଡ ହୋଇଥିବାବେଳେ କେତୋଟି ଅନ୍ୟ ସଙ୍କଳନ ଲଭ ମିଡ୍‌ଲେ ଓ ସ୍ୱେଲବଣ୍ଡ ଫାବ୍‌ଲସରେ ପ୍ରକାଶିତ ହୋଇଛି।




■କୋଇଲା ଉତ୍ତୋଳନରେ ଏମ୍‌ସିଏଲର ରେକର୍ଡ

# ଡିସେମ୍ବର ୧୪ରେ ୬.୪୬ ଲକ୍ଷ ଟନ୍

ତାଳଚେର,୧୫।୧୨(ନି.ପ୍ର.)

ମହାନଦୀ କୋଲ ଫିଲ୍ଡସ୍ ଲିମିଟେଡ (ଏମ୍‌ସିଏଲ)ଚଳିତ ଆର୍ଥିକ ବର୍ଷର ଡିସେମ୍ବର ୧୪ ତାରିଖରେ ୬.୪୬ ଲକ୍ଷ ଟନ କୋଇଲା ଉତ୍ତୋଳନ କରି ନୂତନ ରେକର୍ଡ କରିଛି। ତାଳଚେର କୋଲଫିଲ୍ଡସରୁ ୩,୯୭,୧୩୯ ମିଲିୟନ ଟନ ଏବଂ ଇବଭାଲିରୁ ୨,୪୯,୨୬୨ ମିଲିୟନ ଟନ କୋଇଲା ଉତ୍ତୋଳନ ହୋଇଛି। ଏ ସଂକ୍ରାନ୍ତରେ ଏମସିଏଲ ଜନସମ୍ପର୍କ ଅଧିକାରୀ ଡି. ମେହେରା ଏକ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି। ୨୦୧୮ ଡିସେମ୍ବର ୧୪ରେ ୪ ଲକ୍ଷ ୫୮ ହଜାର ୭ ଶହ ଟନ କୋଇଲା ଉତ୍ତୋଳନ ହୋଇଥିଲା। ସେହିପରି ଚଳିତ ଡିସେମ୍ବର ୧୪ରେ ଓଭର ବର୍ଡନ ରିମୁଭାଲ ୫,୧୭,୬୨୯ କ୍ୟୁବିକ୍ ମିଟର ଥିବାବେଳେ ଗତ ଡିସେମ୍ବର ୧୪ରେ ଏହା ଥିଲା ୪,୭୦,୪୦୦ କ୍ୟୁବିକ ମିଟର। ଲିଙ୍ଗରାଜ ଓ ହିଙ୍ଗୁଳା କ୍ଷେତ୍ର ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ବହୁ ଅଧିକ କୋଇଲା ଉତ୍ତୋଳନ କରିଥିବା ବିବୃତିରେ କୁହାଯାଇଛି। ଏହି ସଫଳତା ପାଇଁ ଏମସିଏଲର ସିଏମଡି ଭୋଳାନାଥ ଶୁକ୍ଳା ସମସ୍ତ ଅଧିକାରୀ, କର୍ମଚାରୀ ଓ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି । କଠିନ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇ ପାରିଛି ଓ ଆଗାମୀ ଦିନରେ ଏମସିଏଲ ଅଧିକ ସଫଳତା ହାସଲ କରି ପାରିବ ବୋଲି ସେ କହିଛନ୍ତି।

### ଲୋକ ଅଦାଲତରେ ୧୨୨ ମାମଲା ଫଇସଲା

ତାଳଚେର,୧୫।୧୨(ନି.ପ୍ର.)

ତାଳଚେର ତାଲୁକ୍ ଆଇନ୍ ସହାୟତା କମିଟି ତରଫରୁ ସିଭିଲ୍ କୋର୍ଟ ପରିସରରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କ, ମୋଟରଯାନ ଦୁର୍ଘଟଣା, ସିଭିଲ୍ ଅପିଲ୍ ମାମଲା ଆଦି ୩୧୫ଟି କେସ୍ ମଧ୍ୟରୁ ୧୨୨ଟିର ଫଇସଲା ହୋଇଥିଲା। ଏଥିରେ ତାଳଚେର ତାଲୁକ୍ ଆଇନ୍ ସହାୟତା କମିଟିର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ, ସବ୍ ଜଜ ସୌମ୍ୟା ଶୁଭଦର୍ଶିନୀ, ଏସ୍‌ଡିଜେଏମ୍ ସୋନାଲ ଶର୍ମା, ଜେଏମ୍‌ଏଫ୍‌ସି ହୃଷୀକେଶ ଖେମୁଣ୍ଡୁ, ଜେଏମ୍‌ଏସ୍‌ସି ଚରଣ କୁମାର ଜେନା, ଓକିଲ ସଂଘର ସଭାପତି ରଣଜିତ୍ କୁମାର ଘୋଷଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ବ୍ୟାଙ୍କର କର୍ମକର୍ତ୍ତା, କୋର୍ଟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

### ମା'ଙ୍କୁ ପଥର ମାଡ଼ ଅଭିଯୋଗ

ବଇଣ୍ଡା,୧୫।୧୨(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ବିଲେଇନାଳୀ ଗ୍ରାମର ଅଶ୍ୱରା ବେହେରାଙ୍କୁ ତାଙ୍କ ପୁଅ ପଞ୍ଚାନନ ବେହେରା ଓ ବୋହୂ ପଦ୍ମିନୀ ବେହେରା ପଥର ମାଡ଼ କରିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୨୧୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପାରିବାରିକ କଳହକୁ ନେଇ ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।


### ହତ୍ୟା ଧମକ ଦେଇ ମହିଳା ଗିରଫ

ଅନୁଗୋଳ ଅଫିସ, ୧୫।୧୨

ଅନୁଗୋଳ ସହର ବଜାରପଡ଼ା ଅଞ୍ଚଳର ସେକ ସରିଫ୍‌ଙ୍କ ଘରେ କାମ କରୁଥିବା ମହିଳା ଶୁଭ ବେହେରାଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଶୁଭ ତାଙ୍କ ମାଲିକ ସରିଫ୍‌ଙ୍କୁ ହତ୍ୟା ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ସୂଚନା ମୁତାବକ, ଆଠମଲ୍ଲିକ ବ୍ଲକ ମାଧପୁରର ଶୁଭ ବେହେରା ବଜାରପଡାର ସରିଫ୍‌ଙ୍କ ଘରେ କାମ କରୁଥିଲେ। କିଛି ଦିନ ହେବ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ତିକ୍ତତା ଦେଖାଦେଇଥିଲା। ଦୁଇ ଦିନ ତଳେ ଶୁଭ ମାରଣାସ୍ତ୍ର ଧରି ସରିଫ୍ ଓ ତାଙ୍କ ପରିବାରକୁ ହତ୍ୟା କରିବାକୁ ଧମକ ଦେବା ସହ ଗଣ୍ଡଗୋଳ କରିଥିଲେ। ଏ ନେଇ ସରିଫ୍ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଶୁଭଙ୍କୁ ଗିରଫ କରିଛି। ପୂର୍ବରୁ ଶୁଭଙ୍କ ନାମରେ ଆଠମଲ୍ଲିକ ଓ ଅନୁଗୋଳ ଥାନାରେ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।












■ତାଳଚେର ବିଧାୟକଙ୍କ ଗାଡ଼ି ପୋଡ଼ି ଘଟଣା

# ୨ ଗିରଫ, ଜାମିନ୍‌ରେ ମୁକୁଳିଲେ

ତାଳଚେର,୧୫।୧୨(ନି.ପ୍ର.)



■ଥାନାକୁ ଡାକି ମାଡ଼ ଅଭିଯୋଗ

■ଅଭିଯୋଗକୁ ଆଇଆଇସିଙ୍କ ଖଣ୍ଡନ

ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଗାଡ଼ି ପୋଡ଼ାଯିବା ଘଟଣାରେ ବିକ୍ରମପୁର ପୋଲିସ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଯୁବ ସମାଜସେବୀ ସଙ୍ଗଠନ ସଭାପତି ସ୍ୱାଧୀନ ଥମ୍ବ ଓ ଆବାହକ ଯତିନ ମହାନ୍ତି। ତେବେ କୋର୍ଟରେ ଉଭୟଙ୍କ ଜାମିନ ମଞ୍ଜୁର ହୋଇଯାଇଥିବା ଜଣାପଡିଛି। ଘଟଣାରେ ସମ୍ପୃକ୍ତି ଥିବା ନେଇ ପୋଲିସ ଶନିବାର ରାତିରେ ସ୍ୱାଧୀନ ଏବଂ ଯତିନଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ ସ୍ୱାଧୀନ ଏବଂ ଯତିନ କହିଛନ୍ତି, ପୋଲିସ କ୍ୟାରେକ୍ଟର ଭେରିଫିକେଶନ ନାମରେ ସେମାନଙ୍କୁ ଥାନାକୁ ଡାକିଥିଲା। ହେଲେ ସେଠାରେ ବିଧାୟକଙ୍କ ଗାଡ଼ିକୁ ତୁମେମାନେ ପୋଡିଛ ବୋଲି କହିବା ସହ ମାଡ଼ ମାରିଥିଲା। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିକ୍ରମପୁର ଆଇଆଇସି ଧୂଳେଶ୍ୱର ନାୟକଙ୍କୁ ପଚାରିବାରେ ସେ ଏହାକୁ ଅସ୍ୱୀକାର କରିବା ସହ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଗତ ୮ ତାରିଖ ରାତିରେ କେହି ଦୁର୍ବୃତ୍ତ ବିଧାୟକଙ୍କ ଭରତପୁର କ୍ୟାମ୍ପ ଅଫିସ୍‌ରେ ଥିବା ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ଏଥିରେ ବିଧାୟକଙ୍କ ଗାଡ଼ିଟି ସମ୍ପୂର୍ଣ୍ଣ ପୋଡ଼ିଯିବା ସହ ନିକଟରେ ଥିବା ଆମ୍ବୁଲାନ୍ସ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ନଂ. ୧୪୨/୧୯ରେ ଏକ ମାମଲା ରୁଜୁ କରିଥିଲା।


ଅନଲାଇନ ମାଧ୍ୟମରେ ଏକକ ରସିଦ ବ୍ୟବସ୍ଥାର ପ୍ରଚଳନ

ଜନସାଧାରଣଙ୍କର ସୁବିଧା ନିମନ୍ତେ ପରିବହନ ଆୟୁକ୍ତ, ଓଡ଼ିଶାଙ୍କ ଦ୍ୱାରା ଆସନ୍ତା ତା.୧୭/୧୨/୨୦୧୯ରିଖ ଠାରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଗୁଡ଼ିକରେ ଏକକ ରସିଦ୍ ବ୍ୟବସ୍ଥାର ପ୍ରଚଳନ କରାଯାଉଅଛି ।

- ଏହି ବ୍ୟବସ୍ଥା ମାଧ୍ୟମରେ ଆଗରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଲର୍ଣ୍ଣିଙ୍ଗ ଲାଇସେନ୍ସ, ଡ୍ରାଇଭିଂ ଲାଇସେନ୍ସ, ମୋଟର ଯାନର ରେଜିଷ୍ଟ୍ରେସନ, ପରମିଟ୍, ଫିଟ୍‌ନେସ୍ ଓ ଅନ୍ୟାନ୍ୟ ସେବାପାଇଁ ପୈଠ କରାଯାଉଥିବା ଦେୟ ଗୁଡ଼ିକୁ ସରଳୀକରଣ କରାଯାଇ ଏକକ ରସିଦ୍ ବ୍ୟବସ୍ଥାର ପ୍ରଚଳନ କରାଯାଉଅଛି ।
- ବିଭିନ୍ନ ସେବା ପାଇଁ ଆବେଦନକାରୀ ପୂର୍ବରୁ ସରକାରୀ ଦେୟ ଅନ୍‌ଲାଇନ ମାଧ୍ୟମରେ ଦେଇପାରୁଥିଲେ ମଧ୍ୟ ସେବା ପ୍ରଦାନକାରୀ ସଂସ୍ଥା (Smart Chip Limited) ର ଦେୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କାଉଁଟର କୁ ଆସି ଅଲଗା ଦେବାକୁ ପଡୁଥିଲା । ବର୍ତ୍ତମାନ ଆଉ କୌଣସି ଦେୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଲାଇନରେ ଯାଇ ଭିଡ଼ରେ ଠିଆ ହୋଇ ଦେବାକୁ ପଡ଼ିବ ନାହିଁ ।






ବି. ଦ୍ର. : ଉକ୍ତ ଏକକ ରସିଦ୍‌ରେ ଆଦାୟ କରାଯାଉଥିବା କାଗଜ ଭିତ୍ତିକ ନଥିପତ୍ର (Paper based documents) ଯଥା LL, DL, Fitness Certificate ଓ Registration Certificate ଇତ୍ୟାଦିର ଦେୟ ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡ଼ିଶାଙ୍କର କେସ ନଂ 4520 of 2019ର ଅନ୍ତରୀଣ ନିର୍ଦ୍ଦେଶ ଅନୁଯାୟୀ ଆଦାୟ କରାଯାଉଅଛି ।

ପରିବହନ ଆୟୁକ୍ତ, ଓଡ଼ିଶା

# ଆରମ୍ଭ ହେଲା ଫାଷ୍ଟାଗ୍ ବ୍ୟବସ୍ଥା

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)/ ଚଣ୍ଡିଖୋଲ(ଡି.ଏନ.ଏ)



- ରାଜ୍ୟର ୧୧ ଟୋଲ୍ ଗେଟ୍‌ରେ ଲାଗୁ
- ଭିତ୍ତିଭୂମି ପ୍ରସ୍ତୁତ ହୋଇପାରେ ଚ୍ୟାଲେଞ୍ଜ
- ଆବଶ୍ୟକ ସଚେତନତା ଲୋଡ଼ା

ସାରା ଦେଶର ଜାତୀୟ ରାଜପଥଗୁଡିକରେ ଥିବା ଟୋଲ୍‌ଗେଟରେ ରବିବାରଠାରୁ ଫାଷ୍ଟାଗ୍ ବ୍ୟବସ୍ଥାକୁ ଲାଗୁ କରାଯାଇଛି। କେନ୍ଦ୍ର ସଡ଼କ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ ଏ ନେଇ ଘୋଷଣା କରାଯାଇଥିଲା। ୨୦୧୯ ଡିସେମ୍ବର ୧ ତାରିଖରୁ ଏହି ବ୍ୟବସ୍ଥା ଲାଗୁ ହୋଇଥାଆନ୍ତା। ହେଲେ କେତେକ କାରଣରୁ ଏହାକୁ ଡିସେମ୍ବର ୧୫ ତାରିଖ ଯାଏ ଘୁଞ୍ଚା ଯାଇଥିଲା। ଓଡ଼ିଶାର ଜାତୀୟ ରାଜପଥର ୧୧ଟି ଟୋଲ୍ ଗେଟ୍‌ରେ ଏହି ଫାଷ୍ଟାଗ୍ ବ୍ୟବସ୍ଥା ଲାଗୁ କରାଯାଇଛି। ଫାଷ୍ଟାଗ୍ ବ୍ୟବସ୍ଥା ସହ ପୂର୍ବପରି ମାନୁଆଲ୍ ବ୍ୟବସ୍ଥା ମଧ୍ୟ ରହିଛି। ଆବଶ୍ୟକ ସଚେତନତା ଏବଂ ଭିତ୍ତିଭୂମି ପ୍ରସ୍ତୁତ ହୋଇ ନ ଥିବାରୁ ଏହି ବ୍ୟବସ୍ଥାକୁ ମାସେ ପର୍ଯ୍ୟନ୍ତ କୋହଳ କରାଯାଇଛି।

ଅଧିକାଂଶ ସ୍ଥାନରେ ପୂର୍ଣ୍ଣଭାବେ ଭିତ୍ତିଭୂମି ପ୍ରସ୍ତୁତ କରିବା ଏକ ପ୍ରମୁଖ ଚ୍ୟାଲେଞ୍ଜ ହୋଇଛି। ଉଦାହରଣ ସ୍ୱରୂପ, ଚଣ୍ଡିଖୋଲ-ପାରାଦୀପ ୫ନଂ(କ) ଜାତୀୟ ରାଜପଥ ଉପରେ ଶ୍ରୀରାମପୁରଠାରେ ଏକ ଟୋଲ୍ ଗେଟ୍ ରହିଛି। ଲାଗୁ କରାଯାଇଥିବା ଫାଷ୍ଟାଗ୍ ବ୍ୟବସ୍ଥା ସମ୍ପର୍କରେ ଏ ପର୍ଯ୍ୟନ୍ତ ଅଧିକାଂଶ ଗାଡ଼ି ମାଲିକ ଓ ଚାଳକମାନେ ଠିକ୍ ଭାବେ ଜାଣିପାରି ନ ଥିବା ପରିଲକ୍ଷିତ ହୋଇଛି। ଏହି ବ୍ୟବସ୍ଥା ଲାଗୁ ପୂର୍ବରୁ ଆବଶ୍ୟକ ସଚେତନତା କାର୍ଯ୍ୟକ୍ରମ କରାଯାଇନାହିଁ। ଅପରପକ୍ଷରେ ଶ୍ରୀରାମପୁର ଟୋଲ୍ ଗେଟ୍‌ରେ ଏହି ବ୍ୟବସ୍ଥା ପାଇଁ ମେଶିନ ବସା ଯାଇଥିଲେ ମଧ୍ୟ ଏହାର ଭିତ୍ତିଭୂମି ନ ଥିବାରୁ ଗାଡ଼ି ଚାଳକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ଲକ୍ଷ୍ୟ କରାଯାଇଛି। ଏପରି କି କେତେକ ବସ ଡାହାଣ ପଟ ରାସ୍ତା ଦେଇ ଅତିକ୍ରମ କରୁଥିବା ଦେଖା ଯାଉଛି। ଟୋଲ୍ ଗେଟ୍ ଗୁଡ଼ିକରେ ଆଲୋକୀକରଣ ସହ ଗାଡ଼ି ଚାଳକ ମାନଙ୍କୁ ସମସ୍ତ ପ୍ରକାର ସୁବିଧା ସହଯୋଗ ଯୋଗାଇ ଦେବାର ନିୟମ ରହିଥିବା ବେଳେ ଏଠାରେ ତାହା ଦେଖିବାକୁ ମିଳୁନାହିଁ। ପାନୀୟଜଳ, ଆଲୋକ ଓ ଶୌଚାଳୟ ଆଦି ସୁବିଧା ଏ ପର୍ଯ୍ୟନ୍ତ କରାଯାଇନାହିଁ। ବହୁ ଗାଡ଼ି ମାଲିକ ଫାଷ୍ଟାଗ ଆକାଉଣ୍ଟ ଖୋଲିପାରି ନାହାନ୍ତି। ଫାଷ୍ଟାଗ୍ ଆକାଉଣ୍ଟ ନ ଖୋଲିବା ଯୋଗୁ ସେମାନଙ୍କୁ ନଗଦ କ୍ୟାଶ ଦେବାକୁ ପଡୁଛି। ଏହି ଟୋଲ୍ ଗେଟ୍‌ରେ ଉଭୟ ପଟର ୩ଟି ଲେଖାଏ ୬ଟି କାଉଣ୍ଟର ରହିଥିବା ବେଳେ ୪ଟି କାଉଣ୍ଟରକୁ କ୍ୟାଶଲେସ ଫାଷ୍ଟାଗ୍ କରାଯାଇଛି। ଉଭୟ ପଟର ଗୋଟିଏ ଲେଖାଏ କ୍ୟାଶ କାଉଣ୍ଟର ରହିଥିବାରୁ ଭିଡ଼ ଅଧିକ ହେଉଛି । ଫଳରେ ଗାଡ଼ି ଚାଳକମାନେ ଅସୁବିଧା ଭୋଗୁଛନ୍ତି। ଏ ସମ୍ପର୍କରେ ଜାତୀୟ ରାଜପଥ ଟୋଲ୍ ଗେଟ୍ ଅଧୀକ୍ଷଣ ଯନ୍ତ୍ରୀ ପୂଜା ମିଶ୍ରଙ୍କୁ ପଚାରିବାରେ ସେ କୁହନ୍ତି ଯେ, ନୂତନ ଭାବେ ଫାଷ୍ଟାଗ୍ ବ୍ୟବସ୍ଥା ଲାଗୁ ହେଉଥିବାରୁ ଏଭଳି ଅସୁବିଧା ହେଉଛି। ଖୁବ୍‌ଶୀଘ୍ର ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ମିଶ୍ର କହିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଫାଷ୍ଟାଗ୍ ଲାଗୁ ହୋଇଥିବା ଟୋଲ୍ ଗେଟ୍‌ଗୁଡିକ ହେଲା, ୨୧୫ ଜାତୀୟ ରାଜପଥର ପାଣିକୋଇଲିଠାରୁ ରାମୁଳି ମଧ୍ୟରେ ଥିବା ବନଯୋଡି(ପଦ୍ମପୁର), ୬ ନମ୍ବର ଜାତୀୟ ରାଜପଥର ସମ୍ବଲପୁର ଓ ବରଗଡ ମଧ୍ୟରେ ଥିବା ବରଗଡ, ୧୬ ନମ୍ବର ଜାତୀୟ ରାଜପଥର ଗୁଡିପଡା, ୧୬ ନମ୍ବର ଜାତୀୟ ରାଜପଥର ଗୁରାପାଲି, ୨୧୫ ନମ୍ବର ଜାତୀୟ ରାଜପଥର ହସନପୁର, ୨୧୫ ନମ୍ବର ଜାତୀୟ ରାଜପଥର ଖଣ୍ଡାଘର, ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି, ୧୬ ନମ୍ବର ଜାତୀୟ ରାଜପଥର ସେରଗଡ, ଜାତୀୟ ରାଜପଥ ୫-ଏ'ର ଶ୍ରୀରାମପୁର, ଏନ୍‌ଏଚ୍-୧୬ର ମଙ୍ଗୁଳି ଏବଂ ଏନ୍‌ଏଚ୍-୩୧୬ର ପାଟଶାଣୀପୁର(ପିପିଲି)।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡି ଗଣିଆର ଦି'ଗୁଣ ସରେ;**
**ଆଟିକା ପୋଛାର ମାଇପ ମରେ ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଯାହା ଚେଷ୍ଟା କଲେ ମଧ୍ୟ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇପାରି ନ ଥାନ୍ତି। ପରନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ତଥା ଚଳିବାରେ ଅନେକ କାଟଛାଣ୍ଟ କରିଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତିର ପତ୍ନୀ ଭୋକ ଉପାସରେ ପଡ଼ିରହିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇବ ସଅଳ, ଶୋଇବ ବେଗେ**
**ଉଠିବ ସଅଳ, ଚାଲିବ ବେଗେ ।**

ରାତ୍ରୀର ଖାଦ୍ୟ ସଅଳ ଖାଇ ଶୀଘ୍ର ବିଛଣା ଯିବା ଉଚିତ। ଶୀଘ୍ର ଶୋଇଲେ ବଡ଼ି ଭୋରରୁ ନିଦ ଭାଙ୍ଗିଯାଇଥାଏ। ସେହିପରି ଅତି ସକାଳୁ ଉଠି ବାହାରେ ଚଲାବୁଲା କଲେ ଦେହ ମନ ତାଜା ହୋଇଯାଇଥାଏ, ଫୁର୍ତ୍ତି ଆସିଥାଏ। ବ୍ୟକ୍ତି ସୁସ୍ଥ ନୀରୋଗ ରହିବା ପାଇଁ ଏପରି ଦିନଚର୍ଯ୍ୟା କରିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ସଂକ୍ଷେପରେ

### ଓଏମ୍‌ଇସିଏଲ ପାଇପାରେ ୨ ଖଣି

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ଆଗାମୀ ଦିନରେ ଓଡ଼ିଶା ଖଣିଜ ଉତ୍ତୋଳନ ନିଗମ ଲିମିଟେଡ (ଓଏମ୍‌ଇସିଏଲ୍)କୁ ୨ଟି ଖଣି ଆବଣ୍ଟିତ କରାଯାଇପାରେ। ଏହି ଖଣି ୨ଟି ହେଉଛି-ସୁକିନ୍ଦା କ୍ରୋମାଇଟ୍ ଏବଂ ଗୁହାଳୀ ଲୁହାପଥର ଖଣି। ଓଡ଼ିଶା ସରକାର ଏ ସଂକ୍ରାନ୍ତରେ କେନ୍ଦ୍ର ଖଣି ମନ୍ତ୍ରଣାଳୟ ସହ ଆଲୋଚନା କରୁଥିବା ଜଣାପଡିଛି। ଗତ ମାସରେ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ରାଜ୍ୟ ଗସ୍ତରେ ଆସିଥିଲେ। ଓଏମ୍‌ଇସିଏଲ୍‌କୁ ୨ ଖଣି ଦେବା ପାଇଁ ସେ ସମୟରେ ତାଙ୍କୁ ଅନୁରୋଧ କରାଯାଇଥିବା ଜଣେ ଅଧିକାରୀ କହିଛନ୍ତି। ଆସନ୍ତା ମାର୍ଚ୍ଚ ୩୧ରେ ଏହି ଦୁଇ ଖଣିର ପୂର୍ବ ଲିଜ୍ ଅବଧି ସମାପ୍ତ ହେଉଛି। ଚଳିତଥର ଖଣି ଖନନ ପରେ ସୃଷ୍ଟି ହେଉଥିବା ଗର୍ତ୍ତକୁ ପୋତିବା, ଆଖପାଖ ଅଞ୍ଚଳର ପରିବେଶ ସମ୍ପର୍କିତ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡିଛି।

### ହାଣ୍ଡିଗଢା ପାଇଁ ମାଟି ଅନୁକୂଳ

ପୁରୀ ଅଫିସ, ୧୫।୧୨: ପୌଷ କୃଷ୍ଣ ତୃତୀୟା ତିଥିରେ ସୂର୍ଯ୍ୟୋଦୟଠାରୁ ସକାଳ ୭ଟା ୧୯ ମିନିଟ ମଧ୍ୟରେ ସମସ୍ତ କୁମ୍ଭକାର ମାଟିପାତ୍ର ଅନୁକୂଳ କରିଛନ୍ତି। କୁମ୍ଭକାର ନିଯୋଗ ସାଧାରଣ ସଭା ନିଷ୍ପତ୍ତି କ୍ରମେ ଏହି ଶୁଭ ଅନୁକୂଳ ସମୟ ନିର୍ଘଣ୍ଟ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ନିଯୋଗର ସମସ୍ତ ସଦସ୍ୟ ମାଟି ଅନୁକୂଳ କରିଥିଲେ। ସୂଚନାଥାଉ କି, କୁରାଳ ପଞ୍ଚମୀଠାରୁ କୁମ୍ଭକାରମାନେ ସେମାନଙ୍କ ହାଣ୍ଡିକୁଡୁଆ କାମ ବନ୍ଦ ରଖିଥିଲେ। ରବିବାର ମାଟି ଅନୁକୂଳ କରି ଆସନ୍ତା ବର୍ଷ ପାଇଁ ହାଣ୍ଡିଗଢା କାମ ଆରମ୍ଭ କରିଛନ୍ତି।




ଭୁବନେଶ୍ୱର ଜନତା ମଇଦାନରେ ରବିବାରଠାରୁ ଆରମ୍ଭ ହୋଇଛି ୧୪ତମ ଜାତୀୟ ହସ୍ତଶିଳ୍ପ ମେଳା ତୋଷାଳି। ରାଜ୍ୟ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପଦ୍ମିନୀ ଦିଆନ ଏହାକୁ ଉଦ୍‌ଘାଟନ କରିବା ସହ ଷ୍ଟଲ ବୁଲି ଦେଖୁଛନ୍ତି।

## ତାଳସାରୀ ବେଳାଭୂମିରୁ ମୃତ ଡଲଫିନ ଉଦ୍ଧାର

ଜଳେଶ୍ୱର/ଭୋଗରାଇ, ୧୫।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ସମୁଦ୍ର ବେଳାଭୂମିରୁ ଏକ ମୃତ ଡଲଫିନ୍ ଉଦ୍ଧାର ହୋଇଛି। ରବିବାର ସକାଳେ ମାଛ ଧରିବାକୁ ଯାଇଥିବା ସ୍ଥାନୀୟ ଲୋକେ ଓ ମତ୍ସ୍ୟଜୀବୀମାନେ ବେଳାଭୂମିରେ ମୃତ ଡଲ୍‌ଫିନ୍‌କୁ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ ଏହାକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

ଏହା ଏକ ନାକୁଆ ଡଲଫିନ୍ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏହି ଡଲଫିନ୍ ଓଡ଼ିଶା ଉପକୂଳରେ ଅଧିକ ଦେଖାଯାଆନ୍ତି। ମାଛଧରା ଷ୍ଟିମର ଓ ଯନ୍ତ୍ରଚାଳିତ ଡଙ୍ଗା ଆଘାତରେ ମୃତ୍ୟୁବରଣ କରିଥିବା କୁହାଯାଉଛି। ବିଭିନ୍ନ ସମୟରେ ବହୁ ସାମୁଦ୍ରିକ ଜୀବ ମତ୍ସ୍ୟଜୀବୀମାନଙ୍କ ମୋଟରଚାଳିତ ଡଙ୍ଗା ଓ ଷ୍ଟିମର ଫ୍ୟାନ୍‌ବେଲ୍ଟ ଆଘାତରେ ମୃତ୍ୟୁବରଣ କରୁଥିବା ପରିବେଶବିତ୍‌ମାନେ ଅଭିଯୋଗ କରିଛନ୍ତି।



ତାଳସାରୀ ସମୁଦ୍ର ବେଳାଭୂମିରୁ ଉଦ୍ଧାର ହୋଇଥିବା ମୃତ ଡଲଫିନ୍।

## ୩୯ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ

ଧରାକୋଟ/ଶେରଗଡ଼, ୧୫।୧୨ (ଡି.ଏନ୍.ଏ.)

ଧରାକୋଟ ବ୍ଲକ ତଥା ବଡ଼ଗଡ଼ ଥାନା ବାହାରପୁର ପଞ୍ଚାୟତ ଖଜୁରିପଦା ଗ୍ରାମ ନିକଟ ଜଙ୍ଗଲରେ ରବିବାର ଚଢାଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ନେତୃତ୍ୱରେ ୧୦ ପ୍ଲାଟୁନ ଫୋର୍ସ ସହ ୬ ଥାନାଅଧିକାରୀ, ଅବକାରୀ ବିଭାଗ, ଜଙ୍ଗଲ ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ଏହି ଚଢାଉ କରାଯାଇଥିଲା। ଗ୍ରାମ ନିକଟ ଜଙ୍ଗଲରେ ୩୯ ଏକର ଜମିରେ ୫୭ ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ଏସଡିପିଓ ସୂଚନା ଦେଇଛନ୍ତି। ଗତ ୨୨ ନଭେମ୍ବରରେ ଏହି ଗଞ୍ଜେଇ ଗଛ ଉଚ୍ଛେଦବେଳେ ଆଦିବାସୀମାନେ ମେଳିବାନ୍ଧି ପୋଲିସ କାର୍ଯ୍ୟରେ ବାଧା ଦେଇଥିଲେ। ମାତ୍ର ଚଳିତଥର ବ୍ୟାପକ ପୋଲିସ ଫୋର୍ସ ସହ ଚଢାଉ ହୋଇଥିବାରୁ କାହାରି ଦେଖା ମିଳି ନ ଥିଲା। ଜଙ୍ଗଲକୁ ଲାଗି ଥିବା ପ୍ରାୟ ୭ ଗ୍ରାମରେ ପୋଲିସ ଓ ପ୍ରଶାସନ ପହଞ୍ଚି ଲୋକମାନଙ୍କୁ ଗଞ୍ଜେଇ ଚାଷ ବନ୍ଦକରି ଉକ୍ତ ଜମିରେ ମାଣ୍ଡିଆ, ପନିପରିବା ଓ ମକା ଫସଲ କରିବାକୁ ପରାମର୍ଶ ଦେଇଥିଲେ।

## ଜିଲା ଟିଠି



### କଟକ

### ତୁଚ୍ଛା ପ୍ରଶଂସା

କିଏ କେତେ ପ୍ରକାର ଢଙ୍ଗରେ କଥା କହି ପ୍ରଶାସନକୁ ଟେକିପାରିବ ସେନେଇ ଏକ ପ୍ରକାର ପ୍ରତିଯୋଗିତା ଚାଲିଥିଲା। କିଏ ଧନ୍ୟବାଦ ଦେଉଥାନ୍ତି ତ କିଏ କୃତଜ୍ଞତାରେ ପୋତି ପକାଉଥାନ୍ତି। ଏପରି କି 'ମୋ ଆଖି ଉଠିବା ଦିନଠାରୁ ଏଭଳି ଆୟୋଜନ ଦେଖି ନ ଥିବା' କହିବାକୁ ପଛାଇ ନ ଥିଲେ। ବାଲିଯାତ୍ରା ଉଦ୍‌ଘାଟନୀ ଉତ୍ସବରେ ଦେଖିବାକୁ ମିଳିଥିଲା ଏଭଳି ଦୃଶ୍ୟ। ପ୍ରଶାସନ ପ୍ରତି ନେତାମାନଙ୍କ ଏଭଳି ତୁଚ୍ଛା ପ୍ରଶଂସା ଦେଖି ବାଲିଯାତ୍ରା ମଞ୍ଚ ସାମ୍ନାରେ ବସିଥିବା ସାଧାରଣ ଲୋକ ଓ ଗଣମାଧ୍ୟମ ପ୍ରତିନିଧିମାନେ ମୁରୁକିହସା ମାରୁଥିଲେ। କାରଣ ବାଲିଯାତ୍ରାର ସଫଳ ଆୟୋଜନର ନାଁ ନେଇ ମଞ୍ଚାସୀନ ନେତାମାନେ ପ୍ରଶାସନକୁ ଟେକୁଥିବା ବେଳେ ମଞ୍ଚ ଆଗରେ ବସିଥିବା ଲୋକେ ଯାତ୍ରା ଆରମ୍ଭରୁ ଅବ୍ୟବସ୍ଥାକୁ ବାରି ପାରୁଥିଲେ। ଷ୍ଟଲ ଆବଣ୍ଟନକୁ ନେଇ ଆରମ୍ଭରୁ ବିବାଦ ଉପୁଜିଥିଲା। ବ୍ୟବସାୟୀମାନେ ଷ୍ଟଲ ପାଇଁ ଦେୟ ପଇଠ କରି ମଧ୍ୟ ଜାଗା ଦଖଲ କରିବା ଲାଗି ନାନା ସମସ୍ୟା ସାମ୍ନା କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, ଷ୍ଟଲ ନିର୍ମାଣ ପାଇଁ ବାଉଁଶ ପୋତି ଟେଣ୍ଟ ବାନ୍ଧି ସାରିବା ପରେ କେତେଜଣ ବ୍ୟବସାୟୀଙ୍କୁ ଟେଣ୍ଟ ଖୋଲିବାକୁ ପଡ଼ିଥିଲା। ଏଭଳି ପରିସ୍ଥିତି ଉପୁଜିବା ପଛର କାରଣ ଖୋଜିଲା ବେଳକୁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଦୁଇଜଣ ଶକ୍ତିଶାଳୀଙ୍କ ଭିତରେ କୁଆଡ଼େ ଶକ୍ତିପରୀକ୍ଷା ଚାଲିଥିଲା। ସେହିପରି ବାଲିଯାତ୍ରାରେ ମୋ ସାଇକେଲ, ମୋ ରିକ୍ସା, ମୋ ବାଲିଯାତ୍ରା ଭଳି ଆୟୋଜନ ଫସର ଫାଟିଥିବାବେଳେ ନୌବିହାର ପ୍ରହସନ ପାଲଟିଥିଲା। ବାଲିଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସର ବିଫଳତା ବୋଧହୁଏ ରେକର୍ଡ ସୃଷ୍ଟି କରିଛି। ଭିଡ଼ ଏଭଳି ନିୟନ୍ତ୍ରଣ ବାହାରକୁ ଯାଇଥିଲା ଯେ, ବାଲିଯାତ୍ରା ସାଂସ୍କୃତିକ ସନ୍ଧ୍ୟାକୁ ଅତିଥି ଭାବେ ଡକାଯାଇଥିବା ସମ୍ମାନନୀୟ ବ୍ୟକ୍ତିବିଶେଷ ମଞ୍ଚ ପାଖରେ ପହଞ୍ଚିବାରେ ସକ୍ଷମ ହୋଇ ନ ଥିଲେ। ଆରମ୍ଭରୁ ଶେଷ ଯାଏ ବାଲିଯାତ୍ରାରେ ଏଭଳି ଅବ୍ୟବସ୍ଥା ଲାଗି ରହିଥିବା ବେଳେ ନେତାଏ କାହିଁକି ପ୍ରଶାସନର ଖୋସାମଦ କରୁଥିଲେ ତାହା ସାଧାରଣ ଲୋକ ଆଜି ପର୍ଯ୍ୟନ୍ତ ବୁଝିପାରୁନାହାନ୍ତି।

– ନିର୍ମଳ ପଣ୍ଡା

- ସେଲ୍‌ଫି ନେବା କାଳ ହେଲା

## ଖରସ୍ରୋତାରେ ବୁଡ଼ି ଛାତ୍ରୀ ନିଖୋଜ

ଯାଜପୁର ଅଫିସ,୧୫।୧୨

ଯାଜପୁର ସଦର ଥାନା ଅନ୍ତର୍ଗତ ଖରସ୍ରୋତା ନଦୀର ତନ୍ତୀଘାଇ ନିକଟରେ ରବିବାର ଅପରାହ୍ଣରେ ସେଲ୍‌ଫି ଉଠାଇବାକୁ ଯାଇ ଜଣେ ଛାତ୍ରୀ ଖରସ୍ରୋତା ନଦୀରେ ନିଖୋଜ ହୋଇଯାଇଛନ୍ତି। ଛାତ୍ରୀ ଜଣକ ହେଲେ ରୁଦ୍ରଚରଣ ହାଇସ୍କୁଲରେ ୧୦ମ ଶ୍ରେଣୀରେ ପଢୁଥିବା ସୁଜନପୁର ଗ୍ରାମର ସାଇତା ବେଗମ(୧୪)। ୫ଜଣ ସାଙ୍ଗଙ୍କ ସହ ଖରସ୍ରୋତା ନଦୀକୂଳକୁ ବୁଲିବାକୁ ଯାଇ ସେଲ୍‌ଫି ଉଠାଉ ଥିବାବେଳେ ହଠାତ ସାଇତାଙ୍କ ଗୋଡ ଖସି ଯାଇଥିଲା। ଚାହୁଁ ଚାହୁଁ ସେ ଖରସ୍ରୋତା ନଦୀର ପ୍ରଖର ଜଳସ୍ରୋତରେ ଭାସି ଯାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବରୀ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ବହୁତ ଖୋଜାଖୋଜି କରିଥିଲେ ହେଁ ଖବର ଲେଖାହେବା ପର୍ଯ୍ୟନ୍ତ ସାଇତାଙ୍କର କୌଣସି ପତ୍ତା ମିଳି ନ ଥିଲା।




ଅଗ୍ନିଶମ ବିଭାଗ କର୍ମଚାରୀମାନେ ଖୋଜାଖୋଜି କରୁଛନ୍ତି।

ସିଏଏକୁ ବିରୋଧ ଜାରି, ଲଗାତର ୫ଦିନ ଟ୍ରେନ ବାତିଲ୍

## ସ୍ଥିତି ସୁଧୁରିଲେ ଚାଲିବ ସ୍ପେଶାଲ ଟ୍ରେନ୍

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

- ରବିବାର ୧୭ ଟ୍ରେନ୍ ଚଳାଚଳ ବନ୍ଦ
- ସୋମବାର ୩ ଓ ମଙ୍ଗଳବାର ୧ ଟ୍ରେନ୍ ବାତିଲ

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ବିରୋଧ କରି ପଶ୍ଚିମବଙ୍ଗ, ଆସାମ ସମେତ କେତେକ ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଚାଲିଥିବା ଆନ୍ଦୋଳନ ଓ ହିଂସା ଯୋଗୁ ଟ୍ରେନ୍ ଚଳାଚଳ ଗୁରୁତର ପ୍ରଭାବିତ ହୋଇଛି। ସମଗ୍ର ଆସାମ, ପଶ୍ଚିମବଙ୍ଗର ହାଓଡ଼ା ଓ ଉଲୁବେରିଆ ଅଞ୍ଚଳରେ ଆନ୍ଦୋଳନକାରୀ ଟ୍ରେନ୍‌କୁ ଟାର୍ଗେଟ କରିଛନ୍ତି। ଗୁରୁବାରଠାରୁ ହାଓଡ଼ା-ଖଡ଼ଗପୁର ସେକ୍ସନ ମଧ୍ୟରେ ରେଳରୋକୋ ଜାରି ରହିଛି। ଆନ୍ଦୋଳନକାରୀମାନେ ପଥର ମାଡ଼ ସହ ଷ୍ଟେଶନ ଓ ଟ୍ରେନ୍‌ରେ ନିଆଁ ଲଗାଇ ଦେଇଛନ୍ତି। ଯାତ୍ରୀମାନେ ମଧ୍ୟ ଆକ୍ରମଣର ଶିକାର ହେଉଛନ୍ତି। ଫଳରେ ଶୁକ୍ରବାରଠାରୁ ହାଓଡ଼ାରୁ ଅଧିକାଂଶ ଟ୍ରେନ୍‌କୁ ବାତିଲ୍ କରାଯାଇଥିବାବେଳେ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ବିଶାଖାପାଟଣା, ହାଇଦ୍ରାବାଦ, ଚେନ୍ନାଇ ଓ ବେଙ୍ଗାଲୁରୁକୁ ରେଳ ସେବା ବାଧାପ୍ରାପ୍ତ ହୋଇଛି। ରବିବାର ଓଡ଼ିଶା ଦେଇ ଚଳାଚଳ କରୁଥିବା ୧୭ ଟ୍ରେନ୍‌କୁ ସମ୍ପୂର୍ଣ୍ଣ ବାତିଲ୍ ଓ ଆଉକିଛି ଆଂଶିକ ବାତିଲ୍ ହୋଇଛି। ସୋମବାର ଓ ମଙ୍ଗଳବାର ପର୍ଯ୍ୟନ୍ତ ଆଉ କିଛି ଟ୍ରେନ୍ ଚଳାଚଳକୁ ବନ୍ଦ ରଖାଯାଇଛି। ସୁରକ୍ଷା ସ୍ଥିତି ଓ ଯାତ୍ରୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି କିଛି ସ୍ପେଶାଲ ଟ୍ରେନ୍ ଚଲାଇବାକୁ ନିଷ୍ପତ୍ତି ହୋଇଛି। ଆବଶ୍ୟକସ୍ଥଳେ ସ୍ଥିତି ସ୍ୱାଭାବିକ ହେବା ମାତ୍ରେ ସ୍ପେଶାଲ ଟ୍ରେନ ଚାଲିବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ମିଳିଛି।

ମିଳିଥିବା ସୂଚନାନୁସାରେ, ରବିବାର ପୁରୀ-ଚେନ୍ନାଇ ଏକ୍ସପ୍ରେସ, ପୁରୀ-ସାନ୍ତ୍ରାଗାଛି ପାସେଞ୍ଜର, ପୁରୀ-ଖୋର୍ଦ୍ଧାରୋଡ଼ ପାସେଞ୍ଜର, ତିରୁପତି-ହାଓଡ଼ା, ଦୀଘା-ପୁରୀ ଏକ୍ସପ୍ରେସ, ହାଇଦ୍ରାବାଦ-ହାଓଡ଼ା ଇଷ୍ଟକୋଷ୍ଟ, ଚେନ୍ନାଇ-ହାଓଡ଼ା କରମଣ୍ଡଳ ଏକ୍ସପ୍ରେସ, ଭାସ୍କୋଡ଼ାଗାମା-ହାଓଡ଼ା ଅମରାବତୀ ଏକ୍ସପ୍ରେସ, ସିକନ୍ଦରାବାଦ-ଗୁଆହାଟୀ ଏକ୍ସପ୍ରେସକୁ ବାତିଲ୍ କରାଯାଇଥିଲା। ସୋମବାର ପାଇଁ ସିଆଲ୍‌ଦା-ପୁରୀ ଏକ୍ସପ୍ରେସ, ଯଶୋବନ୍ତପୁର-ହାଓଡ଼ା ଏକ୍ସପ୍ରେସ, ଚେନ୍ନାଇ-ପୁରୀ ଏକ୍ସପ୍ରେସ ଓ ମଙ୍ଗଳବାର ପାଇଁ ଏର୍ନାକୁଲମ-ହାଓଡ଼ା ଏକ୍ସପ୍ରେସକୁ ବାତିଲ୍ କରାଯାଇଛି।

## ଡିସେମ୍ବର ଶେଷସୁଦ୍ଧା ସଭାପତି ଚୟନ କରିବ ଭାଜପା: ଅରୁଣ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ):

- ରବିବାର ୧୭ ଜିଲାର ସଭାପତି ଚୟନ ପ୍ରକ୍ରିୟା ସରିଲା
- ୧୭ ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ ହେବ
- ଜିଲା ସଭାପତି ଚୟନ ପାଇଁ ରାଜ୍ୟରେ ୬ଜଣିଆ କମିଟି ଗଠିତ
- ଆଜି ସରିବ ୧୯ ଜିଲାର ସଭାପତି ଚୟନ ପ୍ରକ୍ରିୟା

ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ ରାଜ୍ୟ ସଭା ସଦସ୍ୟଭାବେ ନିର୍ବାଚିତ ହେବାପରେ ପ୍ରଥମ ଥର ଲାଗି ରବିବାର ଓଡିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ତାଙ୍କୁ ଦଳ ପକ୍ଷରୁ ବ୍ୟାପକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଗଣମାଧ୍ୟମକୁ ସୂଚନା ଦେଇ ଅରୁଣ କହିଛନ୍ତି ଯେ, ଭାଜପା ରାଜ୍ୟ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଖୁବଶୀଘ୍ର ସରିବ। ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟ ସଭାପତି ନିର୍ବାଚନ ହେବ। ସଭାପତି ପଦ ପାଇଁ ଏକ ମତଦାତା ସୂଚୀ ତିଆରି କରାଯାଇଥାଏ। ଏଥିରେ ସମସ୍ତ ସାଂଗଠନିକ ଜିଲାର ସଭାପତି ଓ ରାଜ୍ୟ ପରିଷଦର ସଦସ୍ୟମାନେ ରହିଥାନ୍ତି। ଏହି ମତଦାତା ସୂଚୀର ସଦସ୍ୟମାନେ ରାଜ୍ୟ ସଭାପତି ବାଛିଥାନ୍ତି। ଭାଜପାରେ କେବଳ ଆଭ୍ୟନ୍ତରୀଣ ଗଣତନ୍ତ୍ର ରହିଛି। ସଭାପତି କିଏ ହେବ ତାହା ଏବେଠାରୁ କହି ହେବନାହିଁ। ଏହି ମତଦାତା ସୂଚୀରେ ଥିବା ମତଦାତାମାନେ ଏନେଇ ସ୍ଥିର କରିବେ ବୋଲି ଅରୁଣ କହିଛନ୍ତି।

ଅନ୍ୟପକ୍ଷରେ ଭାଜପାର ଜିଲା ସଭାପତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଦଳର ୩୬ ସାଂଗଠନିକ ଜିଲା ମଧ୍ୟରୁ ରବିବାର ସୁଦ୍ଧା ୧୭ ଜିଲାର ସଭାପତି ଚୟନ ପାଇଁ ପ୍ରକ୍ରିୟା ଶେଷ ହୋଇଯାଇଛି। ସୋମବାର ବାକି ୧୯ଟି ଜିଲା ସଭାପତି ଚୟନ ପ୍ରକ୍ରିୟା ସରିବ ବୋଲି ରାଜ୍ୟ ସହ ନିର୍ବାଚନ ଅଧିକାରୀ ସୁଦୀପ୍ତ ରାୟ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ୧୭ ତାରିଖ ସୁଦ୍ଧା ଜିଲା ସଭାପତି ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସରିବ। ଏହାପରେ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜୀବ ପ୍ରତାପ ରୁଡ୍ଡୀଙ୍କଠାରୁ ସମୟ ଲୋଡାଯିବ। ସେମାନେ ଯେବେ ସମୟ ଦେବେ ସେହି ଅନୁଯାୟୀ ରାଜ୍ୟ ସଭାପତି ନିର୍ବାଚନ କରାଯିବ। ଗତ ସପ୍ତାହରେ ୯ଟି ଗ୍ରୁପ୍ କରାଯାଇ ପ୍ରତ୍ୟେକଙ୍କୁ ୪ଟି ଲେଖାଏ ଜିଲାର ଦାୟିତ୍ୱ ବଣ୍ଟାଯାଇଥିଲା। କାହାକୁ କେଉଁ ଜିଲାର ସଭାପତି କଲେ ଭଲ ହେବ ସେ ନେଇ ସେହି ଗ୍ରୁପଗୁଡିକ କର୍ମୀଙ୍କ ସହ ଆଲୋଚନା କରି ମତାମତ ସଂଗ୍ରହ କରିଛନ୍ତି। ଅନ୍ୟପଟେ ରାଜ୍ୟସ୍ତରରେ ଏକ ୬ ଜଣିଆ ଗ୍ରୁପ କରାଯାଇଛି। ଉକ୍ତ ଗ୍ରୁପରେ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ରାଜ୍ୟ ନିର୍ବାଚନ ଅଧିକାରୀ ରଞ୍ଜନ ପଟେଲ, ସୁଦୀପ୍ତ ରାୟ, ସମୀର ମହାନ୍ତି, ପୃଥ୍ୱୀରାଜ ହରିଚନ୍ଦନ ଏବଂ ଭୃଗୁବକ୍ସି ପାତ୍ର ରହିଛନ୍ତି। ଏହି ଟିମ୍ ସହ ରବିବାର ବିଧାୟକ, ଏମ୍‌ପି, ଦଳର ସାଧାରଣ ସମ୍ପାଦକ ପ୍ରମୁଖ ଭେଟିଛନ୍ତି। ଏହି ପ୍ରକ୍ରିୟା ସରିବାପରେ ପୁନର୍ବାର ସବୁ ଜିଲାସ୍ତରରେ ଯେଉଁଠାରେ ଜଣେ ଲେଖା ସଭାପତି ଆବେଦନକାରୀ ଏବଂ ଦୁଇଜଣ ଲେଖା ଅଛନ୍ତି ସେହି ସ୍ଥାନଗୁଡିକର ସମୀକ୍ଷା କରାଯାଇ ଚୂଡାନ୍ତ ଜିଲା ସଭାପତି ରିପୋର୍ଟ ପ୍ରକାଶ ପାଇବ ବୋଲି ରାୟ କହିଛନ୍ତି।

**ନେପାଳରେ ଦୁର୍ଘଟଣା: ୧୪ ମୃତ**

ନେପାଳର ସିନ୍ଧୁପାଲଚୋକ୍‌ସ୍ଥିତ ଜାତୀୟ ରାଜପଥରୁ ରବିବାର ଏକ ବସ୍ ୧୦୦ ମିଟର ତଳକୁ ଖସିପଡ଼ିବା ଫଳରେ ୧୪ ଯାତ୍ରୀଙ୍କ ମୃତ୍ୟୁ ହେବା ସହ ୧୮ ଜଣ ଆହତ ହୋଇଛନ୍ତି। ବସ୍‌ଟି ଡୋଲଖା ଜିଲାର କାଲିନଚୋକ୍‌ରୁ ଭକ୍ତପୁର ଯାଉଥିବାବେଳେ ଛା କିଲୋ ଅଞ୍ଚଳରେ ଏହା ରାସ୍ତାରୁ ଖସିପଡ଼ିଥିଲା। ମୃତକଙ୍କ ମଧ୍ୟରେ ୩ ଶିଶୁ ଅଛନ୍ତି।



ଗୁଆହାଟୀର ହାତୀଗାଁରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ବିକ୍ଷୋଭ ବେଳେ ପୋଲିସ ଗୁଳିରେ ଦୁଇଦିନ ତଳେ ଆହତ ହୋଇଥିବା ୧୭ ବର୍ଷୀୟ ସାମ୍ ଷ୍ଟାଫୋର୍ଡ ରବିବାର ଆଖି ବୁଜିଦେଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।



ନୂଆଦିଲ୍ଲୀର ମଥୁରା ରୋଡ୍‌ରେ ବିକ୍ଷୋଭକାରୀ ଜାଳିଦେଇଥିବା ବସ୍।



କୋଲ୍‌କାତାରେ ପଶ୍ଚିମବଙ୍ଗ ମାନବାଧିକାର ସେଲ୍ ପକ୍ଷରୁ ସିଏଏ ଏବଂ ଏନ୍‌ଆର୍‌ସି ବିରୋଧୀ ଶୋଭାଯାତ୍ରା।

## ନିର୍ଭୟା ମାମଲାକୁ ୭ ବର୍ଷ: କେନ୍ଦ୍ର ଆଣିଛି କଠୋର ଆଇନ

# ତଥାପି ଥମୁନି ବର୍ବରତା

**ଠିକ୍ ସାତ ବର୍ଷ ପୂର୍ବେ ଦେଶକୁ ସ୍ତବ୍ଧ କରିଦେଇଥିଲା ନିର୍ଭୟା ମାମଲା। ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀଙ୍କୁ ଚଳନ୍ତା ବସ୍‌ରେ ଗଣବଳାତ୍କାର ପରେ ଫିଙ୍ଗିଦିଆଯାଇଥିଲା। ଜୀବନ ସହ ସଂଗ୍ରାମ କରି ସିଙ୍ଗାପୁର ହସ୍ପିଟାଲରେ ଶେଷରେ ଆଖି ବୁଜିଥିଲେ ପୀଡ଼ିତା। ଏହା ପରେ ବଳାତ୍କାରୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ପକ୍ଷରୁ ଏକାଧିକ ଆଇନ ପ୍ରଣୟନ କରାଯାଇଛି। ହେଲେ ଆଇନକୁ ଫାଙ୍କି ଗୋଟିଏ ପରେ ଗୋଟିଏ କାଣ୍ଡ ଭିଆଇଚାଲିଛନ୍ତି ଯୌନ ପିପାସୁ। କାରଣ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ହାର ନଗଣ୍ୟ।**

ନୂଆଦିଲ୍ଲୀ,୧୫।୧୨(ପି.ଟି.)

୨୦୧୨ ଡିସେମ୍ବର ୧୬ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ଘଟଣା ପରେ ମହିଳାଙ୍କ ପ୍ରତି ଯୌନ ଅପରାଧ ରୋକିବା ଲାଗି ଆଇନକୁ କଡ଼ାକଡ଼ି କରାଯାଇଥିଲା। ଘଟଣାକୁ ୭ ବର୍ଷ ପୂରିଥିବାବେଳେ ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ହାର ମାତ୍ର ୩୨.୨ ପ୍ରତିଶତ ରହିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର

### ବଳାତ୍କାର ମାମଲାରେ ଦୋଷୀସାବ୍ୟସ୍ତ ହାର ୩୨%

୨୦୧୭ ତଥ୍ୟ ଅନୁଯାୟୀ ସେହିବର୍ଷ ୧,୪୬,୨୦୧ଟି ବଳାତ୍କାର ମାମଲା ବିଚାର ପାଇଁ ନିଆଯାଇଥିବାବେଳେ ସେଥିରୁ ମାତ୍ର ୫୮୨୨ଟି ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରାଯାଇଛି। ଏହି ମାମଲାରେ ଚାର୍ଜଶିଟ୍ ପ୍ରସ୍ତୁତ ହାର ମଧ୍ୟ ବହୁତ କମିଛି। ଅର୍ଥାତ ଅନେକ ମାମଲା କୋର୍ଟକୁ ଯାଇପାରୁ ନାହିଁ। ୨୦୧୩ରେ ବଳାତ୍କାର ମାମଲାରେ ଚାର୍ଜଶିଟ୍ ହାର ୯୫.୪ ପ୍ରତିଶତ ଥିବାବେଳେ ୨୦୧୭ରେ ଏହା ୮୬.୬ ପ୍ରତିଶତକୁ ହ୍ରାସ ପାଇଛି। ମାମଲାର ତଦନ୍ତ କରୁଥିବା ପୋଲିସ ଅଧିକାରୀ ଅଧିକ ଦକ୍ଷ ହେବା ଆବଶ୍ୟକ ବୋଲି ଓଡ଼ିଶାର ପୂର୍ବତନ ପୋଲିସ ଡିଜି ବି.ବି. ମହାନ୍ତିଙ୍କ ପୁଅ ବିଡ଼ିହୋତ୍ର ମହାନ୍ତିଙ୍କ ପାଇଁ ମାମଲା ଲଢୁଥିବା ଆଇନଜୀବୀ ଶିଳ୍ପୀ ଜୈନ କହିଛନ୍ତି। ଅଧିକାଂଶ ତଦନ୍ତକାରୀ ପୋଲିସ ଅଧିକାରୀଙ୍କ ପାଖରେ ଆବଶ୍ୟକ ସମ୍ବଳ ଓ ଅଭିଜ୍ଞତା ନାହିଁ ଓ ବହୁ କ୍ଷେତ୍ରରେ ସେମାନେ ଅତିମାତ୍ରାରେ ଦୁର୍ନୀତିଗ୍ରସ୍ତ ବୋଲି ଜୈନ କହିଛନ୍ତି।

## ରକ୍ତରେ ଚିଠି ଲେଖିଲେ ଶୁଟର୍

ଲକ୍ଷ୍ନୌ,୧୫।୧୨(ପି.ଟି.)

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଅପରାଧୀମାନଙ୍କୁ ଫାଶୀ ଦେବା ପାଇଁ ଆଗ୍ରହ ପ୍ରକାଶ କରି ଶୁଟର୍ ବର୍ତ୍ତିକା ସିଂ ରବିବାର କେନ୍ଦ୍ର ସରକାରଙ୍କୁ ରକ୍ତରେ ଚିଠି ଲେଖିଛନ୍ତି। ବଳାତ୍କାରୀଙ୍କୁ ଫାଶୀ ଦେବା ପାଇଁ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କଠାରୁ ଅନୁମତି ଚାହିଁଛନ୍ତି। ଏହାଦ୍ୱାରା ନାରୀ ହିଁ ନାରାୟଣୀ ଧାରଣା ପୁନର୍ବାର ସୁଦୃଢ଼ ହୋଇପାରିବ ବୋଲି ବର୍ତ୍ତିକା ଖବରଦାତାମାନଙ୍କୁ କହିଛନ୍ତି। ଏହି ବାର୍ତ୍ତା ସାରା ବିଶ୍ୱକୁ ଯାଉ ଓ ଭାରତରେ ବଳାତ୍କାରୀଙ୍କୁ ମହିଳା ଫାଶୀ ଦେଇପାରନ୍ତି ଏହା ସମସ୍ତେ ଜାଣନ୍ତୁ ବୋଲି ସେ କହିଛନ୍ତି। ଏଥିରେ ତାଙ୍କୁ ସମର୍ଥନ ଦେବାକୁ ସେ ମହିଳା ସୈନ୍ୟ, ଅଭିନେତ୍ରୀ, ଜନପ୍ରତିନିଧି ଓ ସଂଗଠନଗୁଡ଼ିକୁ ଆହ୍ୱାନ ଦେଇଛନ୍ତି।

୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀର ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଚଳନ୍ତା ବସ୍ ଭିତରେ ଗଣବଳାତ୍କାର କରାଯିବା ସହ ଆକ୍ରମଣ ହୋଇଥିଲା। ସିଙ୍ଗାପୁରର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଙ୍କ



ବର୍ତ୍ତିକା ସିଂ

### ନିର୍ଭୟା ବଳାତ୍କାରୀଙ୍କୁ ଫାଶୀ ଦେବାକୁ ଆଗ୍ରହୀ

ମୃତ୍ୟୁ ଘଟିଥିଲା। ୨୦୧୭ରେ କୋର୍ଟ ୪ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ଜଣେ ଅପରାଧୀଙ୍କ ରିଭ୍ୟୁ ପିଟିଶନର ଶୁଣାଣି ମଙ୍ଗଳବାର ହେବାକୁ ଥିବାବେଳେ ୪ ବଳାତ୍କାରୀଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ ନିର୍ଭୟାଙ୍କ ପରିବାର ସମେତ ବିଭିନ୍ନ ମହଲରୁ ଦାବି ହୋଇଛି।

## ସେନ୍‌ଗାରଙ୍କ ବିରୋଧରେ ରାୟ ଆଜି

### ଉନ୍ନାଓ ମାମଲା

ନୂଆଦିଲ୍ଲୀ,୧୫।୧୨(ପି.ଟି.)



ଉନ୍ନାଓ ବଳାତ୍କାର ମାମଲାରେ ଭାଜପାରୁ ବହିଷ୍କୃତ ବିଧାୟକ କୁଲଦୀପ ସିଂ ସେନ୍‌ଗାରଙ୍କ ବିରୋଧରେ ଦିଲ୍ଲୀର ଏକ ଅଦାଲତ ସୋମବାର ରାୟ ପ୍ରଦାନ କରିବେ। ୨୦୧୭ରେ ଜଣେ ନାବାଳିକାଙ୍କୁ ବିଧାୟକ ସେନ୍‌ଗାର ଅପହରଣ ପରେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ସିବିଆଇ ଏବଂ ଅଭିଯୁକ୍ତଙ୍କ ଚୂଡ଼ାନ୍ତ ଯୁକ୍ତି ଶୁଣିବା ପରେ ଜିଲା ଜଜ୍ ଧର୍ମେଶ ଶର୍ମା ୧୬ ତାରିଖକୁ ରାୟ ସଂରକ୍ଷିତ ରଖିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମାମଲାକୁ ଲକ୍ଷ୍ନୌରୁ ଦିଲ୍ଲୀ କୋର୍ଟକୁ ସ୍ଥାନାନ୍ତର କରାଯିବା ପରେ ଅଗଷ୍ଟ ୫ରୁ ଏହା ଉପରେ ଦୈନନ୍ଦିନ ଶୁଣାଣି ହୋଇଥିଲା। ପରେ ଭାଜପା ସେନ୍‌ଗାରଙ୍କୁ ଦଳରୁ ବହିଷ୍କାର କରିଥିଲା।

ଅଗଷ୍ଟ ୯ରେ ସେନ୍‌ଗାର ଓ ଅନ୍ୟତମ ଅଭିଯୁକ୍ତ ଶଶୀ ସିଂଙ୍କ ବିରୋଧରେ ଅଦାଲତ ଆଇପିସି ଏବଂ ପୋକ୍ସୋ ଆଇନର ବିଭିନ୍ନ ଧାରାରେ ଚାର୍ଜଫ୍ରେମ୍ କରିଥିଲେ। ଜୁଲାଇ ୨୮ରେ ପୀଡ଼ିତାଙ୍କୁ ମାରିଦେବା ପାଇଁ ସେନ୍‌ଗାର ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ସେ ଯାଉଥିବା କାରକୁ ଏକ ଟ୍ରକ୍ ଧକ୍କା ଦେଇଥିଲା, ଯେଉଁଥିରେ ପୀଡ଼ିତାଙ୍କ ଦୁଇଜଣ ଖୁଡ଼ୀଙ୍କ ମୃତ୍ୟୁ ହୋଇଥିଲା।

## ‘ସାରା ଦେଶରେ ଲାଗୁହେଉ ଦିଶା ଆଇନ’

ନୂଆଦିଲ୍ଲୀ,୧୫।୧୨



ସ୍ୱାତୀ ମାଲିୱାଲ

ବଳାତ୍କାର ସମେତ ମହିଳାଙ୍କ ପ୍ରତି ଅପରାଧ ହାର ବଢ଼ିଚାଲିଥିବାରୁ ଆନ୍ଧ୍ରପ୍ରଦେଶ ସରକାର ଆଣିଥିବା ଦିଶା ଆଇନକୁ ତୁରନ୍ତ ସାରା ଦେଶରେ ଲାଗୁ କରିବା ପାଇଁ ଦିଲ୍ଲୀ ମହିଳା କମିଶନ ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଶୁକ୍ରବାର ଏହି ବିଲ୍ ଆନ୍ଧ୍ରପ୍ରଦେଶ ବିଧାନସଭାରେ ଗୃହୀତ ହୋଇଥିଲା। ବଳାତ୍କାର ମାମଲାରେ ଅପରାଧୀଙ୍କୁ ୨୧ ଦିନ ମଧ୍ୟରେ ମୃତ୍ୟୁଦଣ୍ଡ ଦେବା ପାଇଁ ଦିଶା ବିଲ୍‌ରେ ବ୍ୟବସ୍ଥା ରହିଛି। ଏହି ଆଇନକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଦେଶରେ ବଳାତ୍କାର ଘଟଣା ବଢୁଥିବାରୁ ଅପରାଧୀଙ୍କୁ ଫାଶୀ ଦେବା ଦାବିରେ ସ୍ୱାତୀ ୧୦ଦିନରୁ ଉର୍ଦ୍ଧ୍ୱ ଅନଶନରେ ବସିଥିଲେ। ରବିବାର ସକାଳେ ସେ ଚେତାଶୂନ୍ୟ ହୋଇପଡ଼ିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଏଲ୍‌ଏନ୍‌ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଛାତ୍ରୀଙ୍କୁ ଗଣବଳାତ୍କାର

ମାଉ,୧୫।୧୨(ପି.ଟି.)

ଉତ୍ତରପ୍ରଦେଶର ମାଉଠାରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ୬ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ପୋଲିସ ଅଟକ ରଖି ଜେରା କରୁଥିବାବେଳେ ଅନ୍ୟମାନଙ୍କୁ ଖୋଜୁଛି। ମାଉ ଜିଲାର ମଧୁବନ ଥାନା ଅଞ୍ଚଳରେ ଶୁକ୍ରବାର ଏହି ଘଟଣା ଘଟିଥିବା ଏସ୍‌ପି ଅନୁରାଗ ଆର୍ଯ୍ୟ କହିଛନ୍ତି। ଛାତ୍ରୀ ଜଣକ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରୁଥିବାବେଳେ ତାଙ୍କୁ ବଳାତ୍କାର କରାଯାଇଥିବା ଖବର ପାଇଥିଲେ। ଘଟଣାସ୍ଥଳରେ ପୀଡ଼ିତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଛାଡ଼ି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଚେତା ଫେରିବା ପରେ ଛାତ୍ରୀଜଣକ ସବୁ ଘଟଣା କହିଥିଲେ। ଆଇପିସି ଓ ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଛି।

## ଫତେପୁର ପୀଡ଼ିତା ଗୁରୁତର

ବଣ୍ଡା,୧୫।୧୨(ପି.ଟି.)

### ଅଭିଯୁକ୍ତ ଗିରଫ

ଉତ୍ତରପ୍ରଦେଶର ଫତେପୁର ସହରରେ ଜଣେ ୧୮ ବର୍ଷୀୟା ଯୁବତୀଙ୍କୁ ବଳାତ୍କାର ପରେ ଜାଳିଦେବା ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ପୀଡ଼ିତାଙ୍କ ଶରୀରର ୯୦ ଭାଗ ପୋଡିଯାଇଥିବାରୁ ଅବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତର କହିଛନ୍ତି। ପୀଡିତାଙ୍କ ପରିବାର ପକ୍ଷରୁ ଦାଏର ଏତଲାକ୍ରମେ ଅଭିଯୁକ୍ତଙ୍କୁ ଆଇପିସିର ଧାରା ୩୭୬ ଓ ୩୦୭ରେ ଗିରଫ କରାଯାଇଥିବା ଫତେପୁର ଏସ୍‌ପି ପ୍ରଶାନ୍ତ ବର୍ମା କହିଛନ୍ତି। ଅଭିଯୁକ୍ତ ପୀଡ଼ିତାଙ୍କ ଦୂର ସମ୍ପର୍କୀୟ ଓ ତାଙ୍କ ସହ ପ୍ରେମ ସମ୍ପର୍କ ଥିଲା ବୋଲି ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଆଲ୍ଲାହାବାଦ ଜୋନ୍) ସୁଜିତ ପାଣ୍ଡେ କହିଛନ୍ତି। ଏହା ଜଣାପଡିବା ପରେ ସେମାନଙ୍କ ଗାଁରେ ପଞ୍ଚାୟତ ବସିଥିଲା ଓ ପରସ୍ପରକୁ ଭେଟିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ। ପଞ୍ଚାୟତ ନିଷ୍ପତ୍ତିରେ ବିଚଳିତ ଯୁବତୀ ଜଣକ ଘରକୁ ଫେରି ଦେହରେ କିରୋସିନ ଢାଳି ନିଆଁ ଲଗାଇଦେଇଥିଲେ ବୋଲି ପାଣ୍ଡେ କହିଛନ୍ତି। ଗ୍ରାମବାସୀ ଧୂଆଁ ଦେଖି ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ମାନହାନି ମାମଲା କରିବେ ସଭରକରଙ୍କ ନାତି

ନୂଆଦିଲ୍ଲୀ,୧୫।୧୨



ରଞ୍ଜିତ ସଭରକର

### ପରିବାରର ଭୁଲ୍‌କୁ ରାହୁଲ ଦୋହରାଉଛନ୍ତି: ରଞ୍ଜିତ

ବୀର ସଭରକରଙ୍କୁ ଅପମାନିତ କରିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ମାନହାନି ମାମଲା ଦାଏର କରିବେ ବୋଲି ତାଙ୍କ ନାତି ରଞ୍ଜିତ ସଭରକର ରବିବାର କହିଛନ୍ତି। ରଞ୍ଜିତ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଭେଟି ରାହୁଲଙ୍କ ମନ୍ତବ୍ୟ ସମ୍ପର୍କରେ ଆଲୋଚନା କରିବେ। ରାହୁଲଙ୍କ ବିବାଦୀୟ ମନ୍ତବ୍ୟ ପାଇଁ ଶିବସେନା କଂଗ୍ରେସ ସହ ମେଣ୍ଟ ତୁଟାଇଦେବା ଉଚିତ ବୋଲି ସେ ଦାବି କରିଛନ୍ତି। ଏକଦା ଜବାହରଲାଲ୍ ନେହେରୁ ଶିବାଜୀଙ୍କୁ ଲୁଟେରା କହି ପରେ କ୍ଷମା ମାଗିଥିଲେ। ରାହୁଲ ତାଙ୍କ ପରିବାରର ଭୁଲ୍‌କୁ ଦୋହରାଉଛନ୍ତି। କଂଗ୍ରେସ ନେତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଉଦ୍ଧବ ଠାକ୍‌ରେ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେ ଅନୁରୋଧ କରିଛନ୍ତି।

### [ଇତିହାସର ଆଇନାରେ] ଡିସେମ୍ବର ୧୬ର ପ୍ରମୁଖ ଘଟଣା


୧୯୨୦ ଡିସେମ୍ବର ୧୬ରେ ଚାଇନାର ନିଙ୍ଗଜିଆ ପ୍ରଦେଶ ଅନ୍ତର୍ଗତ ହୈୟୁଆନ କାଉଣ୍ଟିରେ ୮.୫ ତୀବ୍ରତାର ଭୂମିକମ୍ପ ହୋଇଥିଲା। ଏହାକୁ ଗାନ୍‌ସୁ ଭୂକମ୍ପ କୁହାଯାଇଥାଏ। ଏଥିରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

୧୯୭୧ ଡିସେମ୍ବର ୧୬ରେ ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ବାଂଲାଦେଶର ସୃଷ୍ଟି ହୋଇଥିଲା। ପାକିସ୍ତାନ ସେନାର ଲେଫ୍ଟନାଣ୍ଟ ଜେନେରାଲ ଏ.ଏ.କେ. ନିଆଜି ଆତ୍ମସମର୍ପଣ ଦଲିଲରେ ସ୍ୱାକ୍ଷର କରିବା ପରେ ବାଂଲାଦେଶକୁ ସ୍ୱାଧୀନ ରାଷ୍ଟ୍ର ଘୋଷଣା କରାଯାଇଥିଲା।

## ପଶ୍ଚିମବଙ୍ଗରେ ଟିଏମ୍‌ସି ଆନ୍ଦୋଳନ ଆଜି

# ମମତା-ରାଜ୍ୟପାଳ ମୁହାଁମୁହିଁ





କୋଲ୍‌କାତା,୧୫।୧୨

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକତ୍ୱ ପଞ୍ଜିକା (ଏନ୍‌ଆର୍‌ସି) ବିରୋଧରେ ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ସୋମବାର ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିଠାରୁ ଏକ ବିଶାଳ ଶୋଭାଯାତ୍ରା କରିବେ। ମମତା କହିଛନ୍ତି, ସିଏଏ ଏବଂ ଏନ୍‌ଆର୍‌ସି ବିରୋଧରେ ଆମେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରୁଥିବାବେଳେ କେତେକ ଧାର୍ମିକ ମୌଳବାଦୀ ଓ ସାମ୍ପ୍ରଦାୟିକ ଚିନ୍ତାଧାରାସମ୍ପନ୍ନ ଦଳ ରାଜ୍ୟରେ ହିଂସା ଉସୁକାଉଛନ୍ତି। ହିଂସାକାରୀଙ୍କୁ ବରଦାସ୍ତ କରାଯିବ ନାହିଁ। ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜଭବନରେ ରାଜ୍ୟପାଳ ଜଗଦୀପ ଧନଖର ଗଣମାଧ୍ୟମକୁ କହିଛନ୍ତି, ଏନ୍‌ଆର୍‌ସି ଏବଂ ସିଏଏକୁ ରାଜ୍ୟରେ ଲାଗୁ କରାଇଦିଆଯିବ ନାହିଁ ବୋଲି ମମତା ଯେଉଁ ବିଜ୍ଞାପନ ଦେଇଛନ୍ତି, ତାକୁ ପ୍ରଥମେ ପ୍ରତ୍ୟାହାର କରନ୍ତୁ। ଜନସାଧାରଣଙ୍କ ଅର୍ଥରେ ଜଣେ ନିର୍ବାଚିତ ମୁଖ୍ୟମନ୍ତ୍ରୀ ଏପରି ଅସାମ୍ବିଧାନିକ ବିଜ୍ଞାପନ ଦେଇପାରିବେ ନାହିଁ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗରେ ଲାଗିରହିଥିବା ବିକ୍ଷୋଭ ବିରୋଧରେ ବିଚାରବିଭାଗୀୟ ତଦନ୍ତ କରାଇବାକୁ ରାଜ୍ୟପାଳଙ୍କୁ କଂଗ୍ରେସ ପକ୍ଷରୁ ପରାମର୍ଶ ଦିଆଯାଇଛି। ବିକ୍ଷୋଭ ବେଳେ ୪ ଜଣଙ୍କ ଜୀବନ ଗଲାଣି। ତେଣୁ ଗୁଆହାଟୀ ହାଇକୋର୍ଟର ଜଣେ ବିଚାରପତିଙ୍କ ଦ୍ୱାରା ଏହାର ତଦନ୍ତ କରାଯାଉ ବୋଲି ଦଳ ଦାବି କରିଛି।

## ଉଗ୍ର ହେଲା ସିଏଏ ବିରୋଧୀ ଆନ୍ଦୋଳନ

# ଦିଲ୍ଲୀ ପାଲଟିଲା ରଣକ୍ଷେତ୍ର

ନୂଆଦିଲ୍ଲୀ,୧୫।୧୨

ଦିଲ୍ଲୀରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ଆନ୍ଦୋଳନ ରବିବାର ଉଗ୍ରରୂପ ଧାରଣ କରିଛି। ବିକ୍ଷୋଭ ବେଳେ ପୋଲିସ-ଜନତା ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଛି। ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିବାବେଳେ ଲୋକେ ଟେକାମାଡ଼ କରିବା ସହ ପେଟ୍ରୋଲ ବୋମା ଫିଙ୍ଗିଛନ୍ତି। ଏଥିରେ ପୋଲିସ କର୍ମଚାରୀଙ୍କ ସମେତ କେତେଜଣ ଗଣମାଧ୍ୟମ କର୍ମୀ ଆହତ ହୋଇଛନ୍ତି। ଜାମିଆ ମେଟ୍ରୋ ଷ୍ଟେଶନ ଏରିଆ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି। ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଦିଲ୍ଲୀର ସମସ୍ତ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କୁ ଦିଲ୍ଲୀ ପୋଲିସ ମୁଖ୍ୟାଳୟରେ ରାତି ୯ଟାରେ ବିକ୍ଷୋଭ ପାଇଁ ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିବାବେଳେ ଏଭଳି ସ୍ଥିତି ଉପୁଜିଛି। ହଜାର ହଜାର ସଂଖ୍ୟାରେ ବିକ୍ଷୋଭକାରୀ ୫ଟି ବସ୍‌ରେ ନିଆଁ ଲଗାଇଦେଇଥିବା ସି.ଭି. ରମଣ ମାର୍ଗରେ ପାନ ଦୋକାନ ଦେଇଥିବା ସୁଶୀଲ କୁମାର କହିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ଦୋକାନବଜାର ବନ୍ଦ ରହିଛି। ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଶୁକଦେବ ବିହାର ମେଟ୍ରୋ ଓ ଆଶ୍ରମ ଗେଟ୍ ମେଟ୍ରୋର ଗେଟ୍ ନମ୍ବର ୩କୁ ବନ୍ଦ କରିଦିଆଯାଇଛି।

### ଜାମିଆରେ ପଶିଲା ପୋଲିସ

ନୂଆଦିଲ୍ଲୀ,୧୫।୧୨(ପି.ଟି.)

ସିଏଏ ବିରୋଧରେ ଦକ୍ଷିଣ ଦିଲ୍ଲୀରେ ଆନ୍ଦୋଳନ ହିଂସାର ରୂପ ନେଇଥିବାବେଳେ ପୋଲିସ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରବେଶ କରିବା ସହ ଏହାର ଫାଟକକୁ ବନ୍ଦ କରିଦେଇଛି। କେତେକ ବାହାର ଲୋକ ଜାମିଆ କ୍ୟାମ୍ପସ୍‌ରେ ଆତ୍ମଗୋପନ କରିଥିବା ଖବର ମିଳିବା ପରେ ସେମାନଙ୍କୁ ଧରିବା ପାଇଁ ପୋଲିସ ସେଠାରେ ପ୍ରବେଶ କରିଛି। ରବିବାର ଅପରାହ୍ନରେ ବିଶ୍ୱବିଦ୍ୟାଳୟ ନିକଟରେ ଘଟିଥିବା ହିଂସା ଓ ପୋଡ଼ାଜଳାରେ ଜାମିଆର ଛାତ୍ର ଗୋଷ୍ଠୀ କିମ୍ବା ଶିକ୍ଷକ ସଂଗଠନ ସମ୍ପୃକ୍ତ ନ ଥିବା କହିଛନ୍ତି। ପୋଲିସ ଘେରାବନ୍ଦୀରେ ଛାତ୍ରମାନେ ହାତ ଉପରକୁ ଟେକି ହଷ୍ଟେଲରୁ ବାହାରୁଥିବା ଦେଖାଯାଇଥିଲା। ପୋଲିସ ଲାଇବ୍ରେରୀରେ ପ୍ରବେଶ କରି ଛାତ୍ରୀଛାତ୍ରଙ୍କୁ ହଇରାଣ କରିଥିବା ଅଭିଯୋଗ ହୋଇଛି। କ୍ୟାମ୍ପସ୍ ଭିତରେ ଓ ବାହାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।






ଅଭିନେତା ଅକ୍ଷୟ କୁମାର ଓ ଅଭିନେତ୍ରୀ କରିନା କପୁର ଖାନ୍ ଦୀର୍ଘଦିନର ବ୍ୟବଧାନ ପରେ ପୁଣିଥରେ ସ୍କ୍ରିନ୍‌ରେ ନିଆଁ ଲଗାଇବାକୁ ଯାଉଛନ୍ତି। ଏହି ଷ୍ଟାର ଯୋଡିଙ୍କ 'ଗୁଡ ନ୍ୟୁଜ'ଫିଲ୍ମର 'ଲାଲ୍ ଘାଘରା' ଗୀତ ଦୃଶ୍ୟକୁ ଅକ୍ଷୟ ଟୁଇଟ୍ କରିଛନ୍ତି। ଡିସେମ୍ବର ୨୭ରେ ଏହି ସିନେମା ରିଲିଜ ହେବ।



# ଏୟାରପୋର୍ଟରେ ସଜେଇ ହେଲେ ବେବୋ

**ମୁମ୍ବାଇ:** ବଲିଉଡ୍ ନାୟିକା ତଥା ନୱାବ୍ ପରିବାରର ବୋହୂ କରୀନା କପୁର ଖାନ ଓରଫ୍ ବେବୋ ଆଜିକାଲି ଭାରି ବ୍ୟସ୍ତ। ତାଙ୍କର ଅପ୍‌କମିଂ ଫିଲ୍ମ 'ଗୁଡ୍ ନ୍ୟୁଜ୍' ରିଲିଜ୍ ହେବାକୁ ଯାଉଛି। ଏନେଇ ଫିଲ୍ମ ପ୍ରମୋଶନରେ ବେବୋ ପୂରା ବ୍ୟସ୍ତ ଅଛନ୍ତି। ସେ ଏତେ ବ୍ୟସ୍ତ ଯେ, ତାଙ୍କୁ ସଜବାଜ ହେବାକୁ ମଧ୍ୟ ସମୟ ମିଳୁନି। ଏଣୁ ଏୟାରପୋର୍ଟରେ ହିଁ ତାଙ୍କୁ ମେକ୍‌ଅପ୍ ନେବାକୁ ପଡ଼ିଛି। ଜାଣି ଆଶ୍ଚର୍ଯ୍ୟ ହେଉଛନ୍ତି କି? ତେବେ ଜାଣନ୍ତୁ କ'ଣ ଥିଲା ପରିସ୍ଥିତି...

ଏୟାରପୋର୍ଟରେ ବେବୋ ହେଉଛନ୍ତି ସଜବାଜ। ନିକଟରେ ଏକ ଷ୍ଟୋର୍ ଲଞ୍ଚିଂ ପ୍ରୋଗ୍ରାମରେ ଯୋଗଦେବାକୁ ଏବଂ ଫିଲ୍ମ ପ୍ରମୋଶନ ପାଇଁ ସେ ବେଙ୍ଗାଲୁରୁ ଯାଇଥିଲେ। ଏହି ଅବସରରେ ତାଙ୍କୁ ନିଜ ସମ୍ପର୍କୀୟ ଭାଇ ଅର୍‌ମାନ ଜୈନଙ୍କ ନିର୍ବନ୍ଧରେ ମଧ୍ୟ ସାମିଲ ହେବାର ଥିଲା। ତେବେ ବିଜି ବେବୋ ସମୟ ଅଭାବରୁ ଏୟାରପୋର୍ଟରେ ହିଁ ବସି ସଜବାଜ ହେବାକୁ ଆରମ୍ଭ କରିଦେଲେ। ତେବେ ଏ ସମସ୍ତ ଦୃଶ୍ୟ ଭିଡିଓ ହୋଇ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ବେବୋ ଭାଇଙ୍କ ନିର୍ବନ୍ଧରେ ସାମିଲ ହେବାକୁ ନିଜକୁ ପ୍ରସ୍ତୁତ କରୁଛନ୍ତି। ମେକ୍‌ଅପ୍ ଆର୍ଟିଷ୍ଟ ଏବଂ ହେୟାର ଡିଜାଇନର୍ ମଧ୍ୟ ତାଙ୍କୁ ସଜେଇବାରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି। ନାଲି ରଙ୍ଗର ଏକ ଟ୍ରାଡିଶନାଲ ଡ୍ରେସ୍ ପିନ୍ଧି କରୀନା ହାତରେ ଆଇନା ଧରି ବେଶ୍ ଉତ୍ସାହିତ ଦେଖାଯାଉଛନ୍ତି। ତେବେ ଏଥିରୁ ଜଣାପଡୁଛି ଯେ, ବେଗମ୍ ସାହିବା କରୀନା କପୁର ଖାନ୍ ଫିଲ୍ମ ପ୍ରମୋଶନ ପାଇଁ କେତେ ବ୍ୟସ୍ତ, ଯେଉଁଥିପାଇଁ ତାଙ୍କୁ ଏୟାରପୋର୍ଟରେ ହିଁ ନିଜର ମେକ୍‌ଅପ୍ ନେବାକୁ ପଡ଼ିଥିଲା। ଅନ୍ୟପଟେ କରୀନାଙ୍କ ସମ୍ପର୍କୀୟ ଭାଇ ଅର୍‌ମାନ ଜୈନ୍ ନିଜ ଗର୍ଲଫ୍ରେଣ୍ଡ ଅନିଶା ମାଲ୍‌ହୋତ୍ରାଙ୍କୁ ବିବାହ କରିବାକୁ ଯାଉଛନ୍ତି। ସେ ୨୦୧୪ରେ 'ଲେକର ହମ୍ ଦିୱାନା ଦିଲ୍' ଫିଲ୍ମରୁ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏପଟେ ବେବୋ ମଧ୍ୟ 'ଗୁଡ୍ ନ୍ୟୁଜ୍' ଫିଲ୍ମ ପରେ ଇର୍‌ଫାନ୍ ଖାନଙ୍କ ସହ ଫିଲ୍ମ 'ଅଂଗ୍ରେଜୀ ମିଡିୟମ୍' ଏବଂ କରଣ ଜୋହରଙ୍କ ମଲ୍‌ଟି ଷ୍ଟାରର୍ ଫିଲ୍ମ 'ଲଖ୍‌ତ'ରେ ନଜରକୁ ଆସିବେ।

## ବୀରତ୍ୱର ଗାଥା ଗାଏ

# ବିଜୟ ଦିବସ

ଦେଶରେ ପ୍ରତିବର୍ଷ ୧୬ ଡିସେମ୍ବରକୁ ବିଜୟ ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସରେ ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତର ବିଜୟ ଗୌରବ ଗାଥାକୁ ସ୍ମରଣ କରାଯାଏ। ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ମଧ୍ୟ ଦିଆଯାଇଥାଏ। ଯୁଦ୍ଧରେ ଭାରତ ପାକିସ୍ତାନକୁ କଡ଼ା ଜବାବ ଦେଇ ବିଜୟଲାଭ କରିଥିଲା। ମାତ୍ର ୧୩ ଦିନରେ ଭାରତର ବିଜୟ ହୋଇଥିଲା ଓ ପୂର୍ବ ପାକିସ୍ତାନ ସ୍ୱାଧୀନତା ଲାଭ କରିବା ପରେ ବାଂଲାଦେଶ ଗଠିତ ହୋଇଥିଲା। ଭାରତର ୩,୯୦୦ ଯବାନ ଏହି ଯୁଦ୍ଧରେ ଶହୀଦ ହେବା ସହ ୯,୮୫୧ ଯବାନ ଆହତ ହୋଇଥିଲେ। ପୂର୍ବପାକିସ୍ତାନରେ ପାକିସ୍ତାନୀ ସେନାର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏ.ଏ.କେ .ନିୟାଜି ଭାରତର ସେତେବେଳର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଜଗଜିତ ସିଂ ଆରୋରାଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ୯୩,୦୦୦ ପାକିସ୍ତାନୀ ଯବାନ ଆତ୍ମସମର୍ପଣ କରିବା ପରେ ସେମାନଙ୍କୁ ଯୁଦ୍ଧବନ୍ଦୀ ଭାବେ ରଖାଯାଇଥିଲା। ପୂର୍ବପାକିସ୍ତାନରେ ମୁକ୍ତି ସଂଗ୍ରାମକୁ ଚପାଇ ଦେବା ପାଇଁ ୨୫ ମାର୍ଚ୍ଚ ୧୯୭୧ରେ ସେଠାରେ ପାକିସ୍ତାନୀ ସୈନ୍ୟ ଦମନଲୀଳା ଆରମ୍ଭ କରିଦେବା ପରେ ଶେଖ୍ ମୁଜିବୁର ରହମନଙ୍କୁ ଗିରଫ କରିନେଲେ। ଏହି ସମୟରେ ବହୁ ଶରଣାର୍ଥୀ ଭାରତ ଆସିବାରେ ଲାଗିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ପୂର୍ବତନ ସ୍ଥଳ ସେନାଧ୍ୟକ୍ଷ ଶାମ୍ ମାନେକ୍‌ଶାଙ୍କ ମଧ୍ୟରେ ଆଲୋଚନା ହେବା ପରେ ଆକ୍ରମଣ ଲାଗି ଯୋଜନା ପ୍ରସ୍ତୁତ କରାଯାଇଥିଲା। ୩ ଡିସେମ୍ବର, ୧୯୭୧ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ କଲିକତା(କୋଲକତା)ରେ ଏକ ଜନସଭାକୁ ସମ୍ବୋଧିତ କରୁଥିବା ବେଳେ ପାକିସ୍ତାନୀ ବାୟୁସେନା ଭାରତୀୟ ସୀମା ଅତିକ୍ରମ କରି ପଠାନକୋଟ,ଅମୃତସର , ଶ୍ରୀନଗର ଆଦି ଏୟାର ବେସ୍ ଉପରେ ଆକ୍ରମଣ କରିବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁହାଁମୁହିଁ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ୧୪ ଡିସେମ୍ବରରେ ଢାକାର ଗଭର୍ନମେଣ୍ଟ ହାଉସରେ ପାକିସ୍ତାନୀ ପ୍ରଶାସନ ଅଧିକାରୀଙ୍କର ଏକ ଗୁପ୍ତ ବୈଠକ ହେବାର ଗୁପ୍ତ ସୂଚନା ମିଳିବା ପରେ ବୈଠକ ଚାଲୁଥିବା ସମୟରେ ଭାରତୀୟ ବାୟୁସେନା ସେହି ହଲ୍ ଉପରେ ଆକ୍ରମଣ କରି ତା' ଛାତ ଉଡାଇ ଦେଇଥିଲା। ଭାରତ ପାଖରେ କମ୍ ସୈନ୍ୟ ରହିଥିଲେ ବି ଯୁଦ୍ଧକୁ ନିଜ କବ୍‌ଜାକୁ ଆଣିବାରେ ସକ୍ଷମ ହୋଇଥିଲା। ୧୬ ଡିସେମ୍ବର ସକାଳେ ଆତ୍ମ ସମର୍ପଣ ଲାଗି ସବୁ କିଛି ପ୍ରସ୍ତୁତ କରିବା ପାଇଁ ଢାକାରେ ପହଞ୍ଚିବାକୁ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଜେ.ଏଫ୍.ଆର. ଜ୍ୟାକବ୍‌ଙ୍କୁ ମାନେକ୍‌ଶା ଖବର ଦେଇଥିଲେ। ଜ୍ୟାକବ୍ ନିୟାଜିଙ୍କ ରୁମ୍‌ରେ ପ୍ରବେଶ କରିବା ସମୟରେ ଆତ୍ମସମର୍ପଣ ସମ୍ପର୍କିତ କାଗଜପତ୍ର ପ୍ରସ୍ତୁତ ହୋଇ ରହିଥିଲା। ଏହାପରେ ଜେନେରାଲ ଆରୋରା ଢାକାରେ ପହଞ୍ଚିବା ପରେ ନିୟାଜି ଓ ଆରୋରା ଆତ୍ମସମର୍ପଣ କାଗଜପତ୍ରରେ ସ୍ୱାକ୍ଷର କରିଥିଲେ। ନିୟାଜି ତାଙ୍କ ବେଲ୍ଟ ଓ ରିଭଲଭର ଆରୋରାଙ୍କୁ ଦେଇଥିଲେ। ଏହି ସମୟରେ ନିୟାଜିଙ୍କ ଆଖିରେ ଲୁହ ଆସିଯାଇଥିଲା। ସନ୍ଧ୍ୟା ବି ହୋଇଆସୁଥିଲା। ପୂରା ଅନ୍ଧାର ଛାଇ ହୋଇଯିବା ପରେ ଲୋକମାନଙ୍କ ଆକ୍ରୋଶରୁ ନିୟାଜିଙ୍କୁ ରକ୍ଷାକରିବା ଲାଗି ଭାରତୀୟ ସେନାର ବରିଷ୍ଠ ଅଧିକାରୀମାନେ ଚାରିପାଖରେ ଘେରି ରହି ବାହାରକୁ ଆଣିଥିଲେ। ଏହି ବିଜୟରେ ପୂରା ଦେଶରେ ଆନନ୍ଦର ଲହରି ଖେଳିଯାଇଥିଲା।



# ଗୁରୁମା'ଙ୍କ କନ୍ୟାଦାନ କଲେ ଶିକ୍ଷାର୍ଥୀ

## ନିଆରା ଗୁରୁଦକ୍ଷିଣା

**ପାଲି:** ବେଶ୍ ନିଆରା ଗୁରୁ-ଶିଷ୍ୟ ପରମ୍ପରା। କେଉଁ ଆବହମାନ କାଳରୁ ଭାରତୀୟ ସମାଜରେ ଏହି ପୂଜ୍ୟପୂଜାର ପରମ୍ପରା ପ୍ରଚଳିତ। ହେଲେ ରାଜସ୍ଥାନ ରାଜ୍ୟ ପାଲି ସୁନ୍ଦରନଗରସ୍ଥିତ ରାଜଶ୍ରୀ ସ୍କୁଲର ଛାତ୍ରୀଛାତ୍ର ଏହି ପରମ୍ପରାକୁ ଆଉ ଗୋଟିଏ ପାଦ ଆଗକୁ ନେଇଛନ୍ତି। ଶିକ୍ଷାନୁଷ୍ଠାନର ପ୍ରିୟ ଶିକ୍ଷୟିତ୍ରୀ ହେମା ପ୍ରଜାପତଙ୍କ କନ୍ୟାଦାନ କରି ସେମାନେ ସୃଷ୍ଟି କରିଛନ୍ତି ନିଆରା ଉଦାହରଣ। ଏହି ବିବାହ କାର୍ଯ୍ୟକ୍ରମରେ ୧୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିବାବେଳେ ନିଜ ପକେଟରୁ ସେମାନେ ଖର୍ଚ୍ଚ କରିଛନ୍ତି ୧ ଲକ୍ଷ ୭୧ ହଜାର ଟଙ୍କା। ଗତ ଡିସେମ୍ବର ୧୦ରେ ହେମା ଜୀବନର ଦ୍ୱିତୀୟ ଇଂନିସ ଆରମ୍ଭ କରିଥିବାବେଳେ ଛାତ୍ରୀଛାତ୍ରଙ୍କ ଏପରି ଗୁରୁଦକ୍ଷିଣାକୁ ନେଇ ଏବେ ସୋସିଆଲ ମିଡିଆରେ ଆରମ୍ଭ ହୋଇଛି ଚର୍ଚ୍ଚା।ସମସ୍ୟା ଭିତରେ କଟିଛି ହେମାଙ୍କ ଶୈଶବ। ମାତ୍ର ୬ମାସର ହୋଇଥିବାବେଳେ ତାଙ୍କ ବାପାଙ୍କ ଦେହାନ୍ତ ହୋଇଯାଇଥିଲା। ୧୬ବର୍ଷରେ ସେ ନିଜ ମା'କୁ ବି ହରାଇଲେ। ଏପରି କଷ୍ଟକର ସମୟରେ ଛୋଟ ଭଉଣୀଙ୍କ ଦାୟିତ୍ୱ ଆସିଥିଲା ତାଙ୍କ କାନ୍ଧକୁ। ହେମା ସ୍କୁଲ ଛୁଟି ପରେ ନିୟମିତ ୨ଘଣ୍ଟା ଆର୍ଥିକ ଏବଂ ପାଠପଢ଼ାରେ ପଛୁଆ ପିଲାଙ୍କୁ ପାଠ ପଢ଼ାଇଥାନ୍ତି। ସେମାନଙ୍କୁ ନିଃଶୁଳ୍କ କୋଚିଂ ଦେଇ ଅନ୍ୟମାନଙ୍କ ସମକକ୍ଷ କରିବାକୁ ଯଥାସାଧ୍ୟ ଉଦ୍ୟମ ଜାରି ରଖିଛନ୍ତି। ଛୁଟିଦିନରେ ମଧ୍ୟ ସେ ପିଲାଙ୍କ ଅତିରିକ୍ତ କ୍ଲାସ ନେଉଥିଲେ। ହେମା ୫ବର୍ଷରେ ମାତ୍ର ୬ଦିନ ଛୁଟି ନେଇଛନ୍ତି। ଗଣିତରେ ହେମାଙ୍କ ଭଲ ପାରଦର୍ଶିତା ରହିଛି। ସେ ଜୟନାରାୟଣ ବ୍ୟାସ ବିଶ୍ୱବିଦ୍ୟାଳୟରୁ ଗଣିତ ବିଷୟରେ ପ୍ରଥମ ଶ୍ରେଣୀରେ ଏମ୍‌ଏସ୍‌ସି ପାସ୍ କରିଛନ୍ତି। ଏଥିସହ ବିଏଡ୍ ମଧ୍ୟ କରିଛନ୍ତି। ଗତ ମହିଳା ଦିବସରେ ହେମାଙ୍କୁ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ସମ୍ମାନିତ କରାଯିବା ସହ ୫୧ହଜାର ଟଙ୍କା ପୁରସ୍କାର ରାଶି ଦିଆଯାଇଥିଲା।

ଏପରି ଭିନ୍ନ ଗୁରୁଦକ୍ଷିଣାକୁ ନେଇ ହେମା କହିଛନ୍ତି, ପିଲାମାନଙ୍କ ଏପରି କାମ ସ୍ୱପ୍ନ ଭଳି ଲାଗୁଛି। ସ୍କୁଲ କର୍ତ୍ତୃପକ୍ଷ ଏବଂ ପିଲାମାନେ ତାଙ୍କୁ ଏତେ ସ୍ନେହ ଭଲପାଇବା ଦେବେ ସେ ଏକଥା ବିଶ୍ୱାସ କରିପାରୁନାହାନ୍ତି। ପାଠ ପଢ଼ାଇ ସେ ଏହାକୁ ପରିଶୋଧ କରିବେ। ସ୍କୁଲ ନିର୍ଦ୍ଦେଶକ ରାଜନ୍ଦ୍ରେ ସିଂ ଘରାସନୀ କୁହନ୍ତି, ହେମାଙ୍କ ବିବାହରେ କିଛି ନିଆରା କରିବାକୁ ପିଲାମାନେ ପ୍ରସ୍ତାବ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଭାବନାକୁ ସମ୍ମାନ ଜଣାଇ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ଏଥିରେ ଆବଶ୍ୟକ ସହାୟତା କରିଥିଲେ।



# ପବନରୁ ପ୍ରସ୍ତୁତ ହେଉଛି ପାଣି, ବୋତଲର ଦାମ୍ ୮ଟଙ୍କା

ଆଜିକାଲି ଦୁନିଆରେ କୌଣସି କଥା ଅସମ୍ଭବ ନୁହେଁ। ବୈଜ୍ଞାନିକମାନେ ସବୁ ଅସମ୍ଭବକୁ ସମ୍ଭବ କରିଦେଉଛନ୍ତି। ତେଲେଙ୍ଗାନାର ସିକନ୍ଦରାବାଦ ରେଲୱେ ଷ୍ଟେଶନକୁ ଦେଖୁନାହାନ୍ତି, ଏଠାରେ କେମିତି ପବନରୁ ପାଣି ପ୍ରସ୍ତୁତ ହୋଇ ବିକ୍ରି ହେଉଛି। ଗୋଟିଏ ବୋତଲର ପାଣି କିଣିଲେ ଦେବାକୁ ପଡ଼ିଥାଏ ମାତ୍ର ୮ ଟଙ୍କା। ଯଦି ଆପଣ ବୋତଲ ନେଇ ଯିବେ ତେବେ ୫ ଟଙ୍କାରେ ପାଣି ମିଳିବ। ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏହି ପାଣିକୁ ସ୍ୱାସ୍ଥ୍ୟ ଉପଯୋଗୀ ଘୋଷଣା ମଧ୍ୟ କରାଯାଇଛି। ଗୁରୁବାର ସିକନ୍ଦରାବାଦ ରେଲୱେ ଷ୍ଟେଶନରେ ଏକ ମେଶିନ ଲଗାଯାଇଛି। ଯେଉଁଥିରେ ଅଟୋମେଟିକ ୱାଟର ଜେନେରେଟର ଲାଗିଛି। ଯାହା ପ୍ରତିଦିନ ୧୦୦୦ ଲିଟର ପାଣି ପ୍ରସ୍ତୁତ କରୁଛି। ଏହାକୁ ଏକ ଷ୍ଟିଲ ଟ୍ୟାଙ୍କରରେ ସଂରକ୍ଷିତ ରଖାଯାଉଛି। ଏହି ଟ୍ୟାଙ୍କର ପାଣିକୁ କେବେ ଖରାପ ହେବାକୁ ଦିଏ ନାହିଁ। ପବନରୁ ପାଣି ବାହାରିବା ପାଇଁ ମେଘଦୂତ ଉପାୟକୁ ମୈତ୍ରୀ ଆକ୍ୱାଟେକ 'ମେକ ଇନ ଇଣ୍ଡିଆ' ସୁନ୍ଦର ଭାବରେ ବିକଶିତ କରିଛି। ରେଲୱେ ଅଧିକାରୀଙ୍କ ମତରେ ଏହି ମେଶିନ ପରିବେଶ ପାଇଁ ବେଶ ଅନୁକୂଳ। ପ୍ରତି ଋତୁରେ ଏହା କାମ କରିପାରିବ। କୌଣସି ସ୍ରୋତ ଉପରେ ନିର୍ଭର ନ କରି ଏହାର ଅବିରତ ଜଳ ପ୍ରଦାନ କରିପାରିବାର କ୍ଷମତା ରହିଛି।

**କେମିତି ପବନରୁ ପାଣି ପ୍ରସ୍ତୁତ ହୁଏ ଜାଣନ୍ତୁ:** ଏକ ପ୍ରଣାଳୀ ମାଧ୍ୟମରେ ପବନ ମେଶିନ ଭିତରେ ପଶିଥାଏ। ଏଥିରୁ ସମସ୍ତ ଦୂଷିତ ପଦାର୍ଥକୁ ଛାଣି ଦିଆଯାଏ। ଏହା ପରେ ଯେତିକି ପବନ ବାକି ରହିଯାଏ ଏକ କୁଲିଂ ଚାମ୍ବର(ଶୀତଳ କକ୍ଷ)ରେ ପବନ ଥଣ୍ଡା ହୋଇଥାଏ। ଏହି ଥଣ୍ଡା ପବନ ପାଣିରେ ରୁପାନ୍ତରିତ ହୋଇଥାଏ ଏବଂ ବୁନ୍ଦା ବୁନ୍ଦା ହୋଇ ଟ୍ୟାଙ୍କରରେ ଜମା ହୋଇଥାଏ। ଏହି ପାଣିକୁ ପୁନର୍ବାର ଫିଲ୍ଟରିଂ କରାଯାଏ। ପାଣିକୁ ଅଲଟ୍ରା ଭାଓଲେଟ କିରଣରେ ରଖିଦିଆଯାଏ। ଯେଉଁଥିରେ ପାଣିରେ ଥିବା ପ୍ରଦୂଷକ ତତ୍ତ୍ୱ ନଷ୍ଟ ହୋଇ ବିଶୁଦ୍ଧ ପାଣି ମିଳିଥାଏ।



# ପିଆଜ କାଲା କୋଟିପତି

**ବେଙ୍ଗାଲୁରୁ:** ପିଆଜ ଏବେ ସାରା ଭାରତକୁ କନ୍ଦାଉଥିବାବେଳେ ଋଣ ଭାରରେ ବୁଡିଥିବା ଜଣେ ଚାଷୀଙ୍କ ମୁହଁରେ ଏହା ହସ ଖେଳାଇ ଦେଇଛି। କର୍ଣାଟକର ଏହି ଚାଷୀ ଜଣକ ହେଉଛନ୍ତି ମଲ୍ଲିକାର୍ଜୁନ। କର୍ଣାଟକ ଚିତ୍ରଦୁର୍ଗ ଜିଲାର ଡୋଡାସିଦ୍ଧଭାନାହାଲ୍ଲିର ଚାଷୀ ମଲ୍ଲିକାର୍ଜୁନ ମାସକ ଭିତରେ ପିଆଜ ବିକି କୋଟିପତି ହୋଇଯାଇଛନ୍ତି। ୪୨ ବର୍ଷୀୟ ଏହି ଚାଷୀ ଜଣକ ଋଣ କରି ପିଆଜ ଚାଷ କରିଥିଲେ। ତାଙ୍କ ନିଜର ୧୦ ଏକର ଜମି ସହିତ ଆଉ ୧୦ ଏକର ଲିଜ୍ ଆଣି ଏହି ଚାଷ କରିଥିଲେ। ୫୦ ଜଣ ଶ୍ରମିକଙ୍କୁ ବି ଚାଷରେ ଲଗାଇଥିଲେ। ଏହା ଥିଲା ତାଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ଯଦି ଚାଷରେ କ୍ଷତି ହୋଇଥାନ୍ତା କି ପିଆଜ ଦର ମାଡ଼ ଖାଇଯାଇଥାନ୍ତା ତେବେ ତାଙ୍କ ଋଣଭାର ବେଡି ଉପରେ କୋରଡା ମାଡ ଭଳି ହୋଇଥାନ୍ତା। କିନ୍ତୁ ପିଆଜ ତାଙ୍କ ଭାଗ୍ୟ ବଦଳାଇଦେଲା। କୋଟିପତି ସଜାଇ ଦେଲା। ପରିବାରରେ ଖୁସି ଖେଳାଇଦେଲା। ଚାଷରୁ ପାଇଲେ ୨୪୦ଟନ୍ (ପାଖାପାଖି ୨୦ଟ୍ରକ)ପିଆଜ। ପିଆଜ ଦର କିଲୋପ୍ରତି ୨୦୦ଟଙ୍କା ଛୁଇଁବାକୁ ଯାଉଥିବାବେଳେ ମଲ୍ଲିକାର୍ଜୁନଙ୍କ ଉପରେ ଟଙ୍କା ବର୍ଷା କରିଯାଇଛି। ବେଙ୍ଗାଲୁରୁଠାରୁ ୨୦୦କିଲୋମିଟର ଦୂର ତାଙ୍କ ଗାଁରେ ଏହି ଚାଷକରି ସେ ଚିତ୍ରଦୁର୍ଗଜିଲାର ଚାଷୀମାନଙ୍କ ମଧ୍ୟରେ ସେଲିବ୍ରିଟି ପାଲଟିଯାଇଛନ୍ତି। ସେ ଏବେ ତାଙ୍କ ଋଣ ଶୁଝିବା ପରେ ଘର ତିଆରି କରିବା ଲାଗି ଯୋଜନା କରିବା ସହ ଅଧିକ ଜମି କିଣି ଚାଷ ବଢାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି ମଲ୍ଲିକାର୍ଜୁନ। ମରୁଡି ପ୍ରବଣ ଅଞ୍ଚଳରେ ଅନେକ ଚାଷୀ ଚାଷ ଛାଡି ଦେଇଥିବାବେଳେ ସେ ୨୦୦୪ରୁ ବର୍ଷାଦିନେ ପିଆଜ ଚାଷ କରିଆସୁଛନ୍ତି। ଗତ ବର୍ଷ ସେ ଏହି ଚାଷରୁ ୫ ଲକ୍ଷ ଟଙ୍କା ଲାଭ ପାଇଥିଲେ। କିନ୍ତୁ ଏଥର ସେ ଅଧିକ ଜମିରେ ଚାଷ କରି ଅକ୍ଟୋବର ଯାଏ ଚାପରେ ରହିଥିଲେ। ଚାଷରେ ୧୫ ଲକ୍ଷ ଖର୍ଚ୍ଚ କରି ୫ରୁ ୧୦ ଲକ୍ଷ ଟଙ୍କା ଲାଭ କରିବେ ବୋଲି ଆଶା କରିଥିଲେ। କିନ୍ତୁ ପିଆଜ ଅମଳ କରିବାପରେ ନଭେମ୍ବର ପ୍ରଥମ ସପ୍ତାହରେ କୁଇଣ୍ଟାଲ ପ୍ରତି ୭ ହଜାର ଓ କିଛିଦିନ ପରେ ୧୨ ହଜାର ଟଙ୍କା ବିକ୍ରି କରି ଏବେ ପାଲଟିଯାଇଛନ୍ତି କୋଟିପତି।



**ଝୁନ୍‌ଝୁନ୍:** କୋଟି କୋଟି ଟଙ୍କା ଋଣ ନ ଦେଇ ଫାଙ୍କୁଥିବାବେଳେ ଜଣେ ବ୍ୟକ୍ତିଙ୍କୁ ୫୦ ପଇସା ପଇଠ କରିବା ପାଇଁ ଏକ ଘରୋଇ ବ୍ୟାଙ୍କ ନୋଟିସ ପଠାଇବା ଭଳି ରୋଚକ ଖବର ସାମ୍ନାକୁ ଆସିଛି। ରାଜସ୍ଥାନର ଝୁନ୍‌ଝୁନ୍ ନିବାସୀ ଜିତେନ୍ଦ୍ର ସିଂ ଘର ବାହାରେ ବ୍ୟାଙ୍କ ଏମିତି ଏକ ନୋଟିସ ଝୁଲାଇ ଦେଇଯାଇଛି। ଜିତେନ୍ଦ୍ରଙ୍କ ମେରୁହାଡରେ ଆଘାତ ଲାଗିଥିବାରୁ ଏହି ନୋଟିସ୍ ପାଇବା ପରେ ସେ ବ୍ୟାଙ୍କ୍‌କୁ ଟଙ୍କା ଜମା କରିବାକୁ ଯାଇପାରିନାହାନ୍ତି। ତାଙ୍କ ପିତା ବିକ୍ରମ ସିଂ ଟଙ୍କା ଜମା କରିବା ପାଇଁ ବ୍ୟାଙ୍କରେ ପହଞ୍ଚିବା ପରେ ଟଙ୍କା ଜମାକରାଯାଇପାରିନାହିଁ ବୋଲି ଜଣାଇବା ସହ ବ୍ୟାଙ୍କ ତାଙ୍କୁ ଫେରାଇ ଦେଇଛି। ଏବେ ଜିତେନ୍ଦ୍ର ଏବାବାଦରେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି।

# ବ୍ୟାଙ୍କ ପଠାଇଲା ୫୦ ପଇସାର ନୋଟିସ



## ଜୋତା ଚୋରାଇବାରୁ ରାଗିଗଲେ ବର

# ବିବାହ ଭାଙ୍ଗିଦେଲେ କନ୍ୟା

**ମୁଜାଫରନଗର:** ବିବାହ ସମୟରେ ଜୋତା ଚୋରାଇବା ଏକ ପରମ୍ପରା ରହିଛି। କନ୍ୟାଙ୍କ ଭଉଣୀ ଏହି ପରମ୍ପରା ନିଭାଇବାର ବିଧି ରହିଛି। କିନ୍ତୁ ଏହି ଜୋତା ଚୋରା ପରମ୍ପରା ଯୋଗୁ ଏକ ବିବାହ ଭାଙ୍ଗିଯାଇଛି। ଉତ୍ତର ପ୍ରଦେଶର ମୁଜାଫରନଗରରେ ଘଟିଛି ଏଭଳି ଘଟଣା। ସିସୌଲିରେ ଚାଲିଥିବା ଏକ ବିବାହ କାର୍ଯ୍ୟକ୍ରମରେ ବରର ଜୋତା ଚୋରାଇଥିଲେ ଶାଳୀ। ଏହାର ବଦଳରେ ଶାଳୀ ଏବଂ ତାଙ୍କ ସାଙ୍ଗମାନେ ଟଙ୍କା ମାଗିଥିଲେ। କିନ୍ତୁ ଏଥିରେ ରାଗି ଯାଇ ବର ସେଠାରେ ଉପସ୍ଥିତି କିଛି ମହିଳାଙ୍କୁ ଅପଶବ୍ଦ କହିଥିଲେ। ଘଟଣାରେ ବରଙ୍କୁ କନ୍ୟା ଘର ପକ୍ଷରୁ ଯେତେବେ ବୁଝାଇବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ରାଗିଯାଇ ଜଣଙ୍କୁ ଚାପୁଡା ମାରିଥିଲେ। ଏସବୁ ଦେଖି କନ୍ୟା ନିଜ ବିବାହ ଭାଙ୍ଗି ଦେଇଥିଲେ। ଏପରିକି ଯୌତକ ବାବଦରେ ନେଇଥିବା ୧୦ ଲକ୍ଷ ଟଙ୍କା ଫେରାଇ ଦେବାକୁ ମଧ୍ୟ ଅଡି ବସିଥିଲେ। ବର, ତାଙ୍କ ପିତା ଏବଂ ଦୁଇ ସମ୍ପର୍କୀୟଙ୍କୁ କନ୍ୟା ଘର ପକ୍ଷରୁ ବନ୍ଧକ ରଖାଯାଇଥିଲା। ପୋଲିସ କୌଣସି ସୂତ୍ରରୁ ଖବର ପାଇଁ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ମାମଲାର ସମାଧାନ ପାଇଁ ଉଭୟ ପକ୍ଷରୁ ବୁଝାଇଥିଲେ ମଧ୍ୟ କୌଣସି ସମାଧାନ ବାହାରିପାରି ନ ଥିଲା। ଫଳରେ ବିବାହ ଭାଙ୍ଗିଯାଇଥିଲା।



## ସଂକ୍ଷେପରେ


### ଇସ୍ରୋ ପରିଦର୍ଶନ ପାଇଁ ଅବିନାଶ ମନୋନୀତ



କୋରୁକୋଣ୍ଡା, ୧୫।୧୨(ଡ଼ି.ଏନ.ଏ.): ମାଲକାନଗିରି ଜିଲା ବାଲିମେଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୦ମ ଶ୍ରେଣୀର ଛାତ୍ର ଅବିନାଶ ବେହେରା ଇସ୍ରୋ ପରିଦର୍ଶନ ପାଇଁ ମନୋନୀତ ହୋଇଛନ୍ତି। ଓଡ଼ିଶାରୁ ମନୋନୀତ ହୋଇଥିବା ୨୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅବିନାଶ ଅନ୍ୟତମ। ଗତ ୧୨ ତାରିଖରେ ଟାଟା ଷ୍ଟିଲ ପକ୍ଷରୁ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତା ହୋଇଥିଲା। ଏଥିରେ ଅବିନାଶଙ୍କ ପ୍ରକଳ୍ପ ଉଚ୍ଚ ପ୍ରଶଂସିତ ହୋଇଥିଲା। ମାଲକାନଗିରି ଜିଲାରୁ ଅବିନାଶ ଏକମାତ୍ର ଛାତ୍ର ରୂପେ ଇସ୍ରୋକୁ ମନୋନୀତ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଅବିନାଶଙ୍କ ବାପା ଅନୁଭବ ବେହେରା ଜଣେ ଶିକ୍ଷକ। ମାଆ ଜଣେ ଗୃହିଣୀ। ତାଙ୍କର ଏହି ସଫଳତାର ଶ୍ରେୟ ସେ ମାଆବାପା ଓ ବିଦ୍ୟାଳୟର ଗୁରୁମା ଗୁରୁଜୀଙ୍କୁ ଦେଇଛନ୍ତି।

### ଗାଡ଼ି ଧକ୍କାରେ ହେଟାବାଘ ମୃତ

ନଖ, ଦାନ୍ତ କାଟିନେଲେ ଦୁର୍ବୃତ୍ତ



କୋରୁକୋଣ୍ଡା, ୧୫।୧୨(ଡି.ଏନ.ଏ.): ମାଲକାନଗିରି ଜିଲା ସଦର ମହକୁମା ବାଲିମେଲା ମୁଖ୍ୟ ରାସ୍ତାରେ ଶନିବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଗୋଟିଏ ହେଟାବାଘର ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ଏହା ଦେଖି କୋରୁକୋଣ୍ଡା ବନ ବିଭାଗକୁ ଖବର ଦେଇଥିଲେ। କୋରୁକୋଣ୍ଡା ବନ ବିଭାଗ ବନପାଳ ରାଜେଶ ସେଠୀ, ଗାର୍ଡ ସାରୁ କବାସୀ ପହଞ୍ଚି ହେଟାବାଘକୁ ବ୍ୟବଚ୍ଛେଦ ପାଇଁ ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ତେବେ ଉଦ୍ଧାର ସମୟରେ ବାଘଟିର ନଖ ଓ ଦାନ୍ତ ନ ଥିବା ଦେଖିବାକୁ ମିଳିଥିଲା। କେହି ଦୁର୍ବୃତ୍ତ ଏହାକୁ କାଟି ନେଇଯାଇଛି। ଏକ ଅଜଣା ଗାଡି ଧକ୍କାରେ ହେଟାବାଘର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ବନପାଳ ସେଠୀ କହିଛନ୍ତି। ହେଟାବାଘର ନଖ ଓ ଦାନ୍ତ ଚୋରି ଘଟଣାର ତଦନ୍ତ ହେବ ବୋଲି ସେ କହିଛନ୍ତି।

### ବଡ଼ଭାଇ ଟାଙ୍ଗିଆ ଚୋଟରେ ସାନଭାଇ ମୃତ

କଣ୍ଟାବାଞ୍ଜି, ୧୫।୧୨(ଡି.ଏନ୍.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ବେହେରେନସିଲେଟ ଗାଁରେ ଜମିବାଡି ବିବାଦକୁ କେନ୍ଦ୍ର କରି ଶନିବାର ରାତିରେ ବଡଭାଇର ଟାଙ୍ଗିଆ ଚୋଟରେ ସାନଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବରାମ ମାଝି(୪୦)। ମୃତକଙ୍କ ସ୍ତ୍ରୀ ଶ୍ରୀମତ ମାଝୀଙ୍କ ଅଭିଯୋଗ ଅନୁସାରେ ପୋଲିସ ଅଭିଯୁକ୍ତ ବଡ଼ଭାଇ ଶରତ ମାଝୀ(୪୫)ଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି। ମିଳିଥିବା ସୂଚନା ମୁତାବକ ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ତେବେ ଏ ନେଇ କଥାହେବା ପାଇଁ ଶରତ ଶନିବାର ରାତିରେ ଦେବରାମଙ୍କୁ ଡାକିଥିଲେ। ଦୁଇଭାଇଙ୍କ ମଧ୍ୟରେ ଆଲୋଚନା ଚାଲିଥିବା ବେଳେ ହଠାତ୍ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଏଥିରେ ଶରତ ଉତ୍କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ ସାନ ଭାଇ ଦେବରାମଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସକାଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦଫା ୩୦୨ରେ ଏକ ହତ୍ୟା ମାମଲା(ନଂ.୨୯୯/୧୯) ରୁଜୁ କରି ଅଭିଯୁକ୍ତ ବଡ଼ଭାଇ ଶରତଙ୍କୁ ରବିବାର କୋର୍ଟ ଚାଲାଣ କରିଛି।

---

ଅସ୍ପଷ୍ଟ ଖଣିନୀତି

# ରାଜ୍ୟ ହରାଇବ ରାଜସ୍ୱ, ବଢ଼ିପାରେ ଖଣିଜ ଚୋରି

ଯୋଡ଼ା, ୧୫।୧୨(ଡି.ଏନ.ଏ.)

ରାଜ୍ୟ ସରକାର ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଲିଜ୍ ଅବଧି ଶେଷ ହେଉଥିବା ୨୦ଟି ଖଣିର ପୁନଃ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୯ ଅକ୍ଟୋବର ୪,୧୪ ଓ ୧୮ ତାରିଖରେ ସରକାର ଡାକିଥିବା ଟେଣ୍ଡରକୁ ରଦ୍ଦ କରି ପୁନଃ ଟେଣ୍ଡର କରିବାକୁ ରାଜ୍ୟ ଖଣି ଓ ଇସ୍ପାତ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ଖଣି ଓ ଇସ୍ପାତ ବିଭାଗ ଯୁଗ୍ମ ସଚିବ ମଞ୍ଜୁଲତା ସ୍ୱାଇଁ ଚିଠି ସଂଖ୍ୟା ୯୪୯୨, ତା ୦୨।୧୨।୨୦୧୯ ରିଖରେ ଖଣି ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ନଭେମ୍ବର ୩୦ରେ ଅନୁଷ୍ଠିତ ବୈଷୟିକ ମୂଲ୍ୟାୟନ କମିଟି(ଟିଇସି) ଏବଂ ଉଚ୍ଚକ୍ଷମତାସମ୍ପନ୍ନ କମିଟି(ଏଚ୍ଏଲ୍ସି)ରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ପୂର୍ବରୁ ଡକାଯାଇଥିବା ନିଲାମ ପ୍ରକ୍ରିୟାକୁ ରଦ୍ଦ କରାଯାଇ ଏକକାଳୀନ ୨୦ଟି ଖଣିର ପୁନଃ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ଉକ୍ତ ଚିଠିରେ ଦର୍ଶାଯାଇଛି। ପୂର୍ବରୁ ଡକାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ସର୍ବାଧିକ ଶତକଡା ୮୦ ପ୍ରତିଶତରୁ ଅଧିକ ହୋଇଥିବା ଜଣାପଡିଛି। ଖଣି ବିଶାରଦମାନେ ମତ ଦେଇଛନ୍ତି ଯେ, ନିଲାମ ଡାକୁଥିବା କମ୍ପାନୀ ଗୁଡ଼ିକ ବହୁ ପରିମାଣର ଅର୍ଥବ୍ୟୟ କରି ଖଣି ହାତେଇବା ପାଇଁ ଚେଷ୍ଟା କରୁଛନ୍ତି। କେନ୍ଦ୍ର ସରକାରଙ୍କର ଅସ୍ପଷ୍ଟ ଖଣି ନୀତି ଯୋଗୁ ଖଣି ବ୍ୟବସାୟ ଅତ୍ୟଧିକ ବ୍ୟୟ ସାପେକ୍ଷ ହେବ। ଖଣି ବିଶାରଦଙ୍କ ମତରେ କେନ୍ଦ୍ର ସରକାରଙ୍କର ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ଦ୍ୱାରା ଧାର୍ଯ୍ୟ ଖଣିଜର ମୂଲ୍ୟକୁ ଆଧାର କରି ୧୫ ପ୍ରତିଶତ ରାଜସ୍ୱ ରାଜ୍ୟ ସରକାର ପାଇଥାନ୍ତି। ଏହା ସହିତ ଉକ୍ତ ରାଜସ୍ୱର ୨ ପ୍ରତିଶତ ଏନ୍ଏମ୍ଇଟି ପାଇଥାଏ। ସେହିପରି ଉକ୍ତ ରାଜସ୍ୱର ୩୦ ପ୍ରତିଶତ ଖଣି ପ୍ରଭାବିତ



ଜିଲାର ବିକାଶ ପାଇଁ ଡିଷ୍ଟ୍ରିକ ମିନେରାଲ ଫାଉଣ୍ଡେଶନକୁ ଯାଇଥାଏ। ଏହା ସହିତ ସଫଳ ନିଲାମକାରୀ ଯେତିକି ପ୍ରତିଶତ ନିଲାମ ଡାକି ଦେଇଥିବେ, ଶତକଡା ସେତିକି ପ୍ରତିଶତର ଅର୍ଥ ପୁନଃ ସରକାରଙ୍କୁ ଦେବା ସହିତ ନିଲାମ ପାଇଥିବା ଖଣି ଲିଜ୍‌ଧାରୀଙ୍କ ପାଇଁ ଖଣିଜ ଉତ୍ତୋଳନ ଖର୍ଚ୍ଚ ମୂଲ୍ୟ ପ୍ରତି ଟନ୍ ପିଛା ବୈଧାନିକ ଆବଶ୍ୟକତାର ଭରଣା ଅନୁମୋଦନ, ଲିଜ୍ ଟ୍ରାନ୍ସଫର ହେବା ଫଳରେ ଆବଶ୍ୟକ ପଡୁଥିବା ସରକାରୀ ଷ୍ଟାମ୍ପ ଡ୍ୟୁଟି ବ୍ୟୟ, ସାମାଜିକ ମୂଲ୍ୟବୋଧ ଜରିଆରେ ଖଣି ପାରିପାର୍ଶ୍ୱିକ ଅଞ୍ଚଳରେ ବିକାଶ ପାଇଁ ଖର୍ଚ୍ଚ ସହିତ ଅନ୍ୟାନ୍ୟ ସରକାରୀ କର ସଫଳ ନିଲାମକାରୀଙ୍କୁ ପୈଠ କରିବାକୁ ପଡିବ। ଯାହାକି ଅତ୍ୟଧିକ ବ୍ୟୟସାପେକ୍ଷ।

ସୂଚନାଯୋଗ୍ୟ ୨୦୧୬-୧୭ ମସିହାରେ ୨ଟି ଖଣି ଲିଜ୍‌ଧାରୀମାନଙ୍କୁ ଏପର୍ଯ୍ୟନ୍ତ ସରକାରୀ ବୈଧାନିକ ଅନୁମୋଦନ ମିଳି ନ ଥିବାରୁ ଖଣି କାର୍ଯ୍ୟ ଆରମ୍ଭ ହୋଇ ନ ପାରି ବର୍ଷ ବର୍ଷ ଧରି ବନ୍ଦ ରହିଛି। ସେହିପରି ବର୍ତ୍ତମାନ ହେଉଥିବା ନିଲାମ ପ୍ରକ୍ରିୟାରେ ରାଜ୍ୟ ବାହାରୁ ଅନେକ କମ୍ପାନୀ ଆସି ବହୁଗୁଣା ବର୍ଦ୍ଧିତ ମୂଲ୍ୟ ଦେଇ ଖଣି ହାତେଇବାକୁ ଚେଷ୍ଟା କରୁଥିଲେ ହେଁ, ଏହା ମାତ୍ରାଧିକ ବ୍ୟୟବହୁଳ ହେଉଥିବାରୁ ଏହି ନୂତନ ଲିଜ୍‌ଧାରୀମାନେ କିପରି ଖଣି ଚଳାଇବେ ଏନେଇ ଖଣି ବିଶାରଦମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହା ଦ୍ୱାରା ଅସାଧୁ ଉପାୟ ଅବଲମ୍ବନ କରିବା ସମ୍ଭାବନା ରହିଛି ବୋଲି ବିଶାରଦମାନେ କହିଛନ୍ତି। ଲୁହାପଥରର ମାନ ଅନୁଯାୟୀ କେନ୍ଦ୍ର ସରକାରଙ୍କର ଆଇବିଏମ୍, ଖଣିଜର ମୂଲ୍ୟାୟନ କରୁଥିବା ମାନରେ ହେରଫେର କରି ଉନ୍ନତ ମାନର ଲୁହାପଥରକୁ ରପ୍ତାନି ଓ ପରିବହନ କରି ନିମ୍ନମାନର ଖଣିଜର ସରକାରୀ ଅନୁମୋଦନ ଦେବାର ସମ୍ଭାବନା ରହିଥିବା ମତ ଦେଇଛନ୍ତି। ଫଳରେ ଏହା ଏକ ହାଇଟେକ୍ ଚୋରି ବୃଦ୍ଧିରେ ସହାୟକ ହେବ ଏବଂ ସରକାର ଅଜସ୍ର ଅର୍ଥ ରାଜସ୍ୱ ହରାଇବେ। ଆହୁରି ମଧ୍ୟ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି ଯେ, କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପାଉଥିବା ରାଜସ୍ୱକୁ ୧୫ ପ୍ରତିଶତ ପରିବର୍ତ୍ତେ ୧୦ ପ୍ରତିଶତ କରିବାକୁ ଯାଉଛନ୍ତି। ସେହିପରି ଖଣି ପ୍ରଭାବିତ ଜିଲାଗୁଡିକର ବିକାଶ ପାଇଁ ଜିଲାକୁ ମିଳୁଥିବା ୩୦ ପ୍ରତିଶତ ଅର୍ଥକୁ ହ୍ରାସ କରି ୧୦ ପ୍ରତିଶତ କରିବାର ଯୋଜନା ମଧ୍ୟ ରହିଛି। ଏହାଦ୍ୱାରା ରାଜ୍ୟର ଆମଦାନୀ ହ୍ରାସ ପାଇବା ସହିତ ଅଞ୍ଚଳର ବିକାଶ ବାଧାପ୍ରାପ୍ତ ହେବ। ଅଞ୍ଚଳର ଭବିଷ୍ୟତ ନିଲାମ ପ୍ରକ୍ରିୟା ଏକ ଅନିଶ୍ଚିତତା ଘେରକୁ ଚାଲିଯାଇଛି। ଏହା ଦ୍ୱାରା ଖଣି ଅଞ୍ଚଳରେ ପ୍ରାୟ ୧ଲକ୍ଷରୁ ଅଧିକ କୁଶଳୀ ଓ ଅଣକୁଶଳୀ ଶ୍ରମିକ ରୋଜଗାର ହରାଇବେ ବୋଲି ଖଣି ଅଞ୍ଚଳର ବରିଷ୍ଠ ଶ୍ରମିକ ନେତା ମହେଶ୍ୱର ରାଉତ ସୂଚନା ଦେଇଛନ୍ତି। ଓଡିଆ ଖଣିଲିଜଧାରୀମାନଙ୍କ ହାତରୁ ଖଣିଗୁଡିକ ଅନ୍ୟ ରାଜ୍ୟର ଅଣଓଡିଆଙ୍କ କବ୍‌ଜାକୁ ଚାଲିଯିବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ , ନିଲାମ ନଥିପତ୍ରରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ତଥା କର୍ମଚାରୀମାନଙ୍କୁ ନୂତନ ନିଲାମ ଜରିଆରେ ଲିଜ୍ ନେଇଥିବା କମ୍ପାନୀଗୁଡିକ ସେମାନଙ୍କୁ ଥଇଥାନ କରିବେ କି ନାହିଁ ଏହାର କୌଣସି ସ୍ପଷ୍ଟୀକରଣ ଦେଇନାହାନ୍ତି। ଫଳରେ ବର୍ତ୍ତମାନ ଖଣିରେ କାର୍ଯ୍ୟରତ କର୍ମଚାରୀ, କୁଶଳୀ ଓ ଅଣକୁଶଳୀ ଶ୍ରମିକମାନଙ୍କ ମହଲରେ ଭବିଷ୍ୟତ ରୋଜଗାରକୁ ନେଇ ଏକ ଭୟ ସୃଷ୍ଟି ହୋଇଛି।

---

ନାବାଳିକାଙ୍କୁ ଗଣବଳାତ୍କାର, ହତ୍ୟା ଘଟଣା

# ବିଚାର ବିଭାଗୀୟ ତଦନ୍ତ ଦାବି କଲା ଭାଜପା

ନବରଙ୍ଗପୁର, ୧୫।୧୨(ବି.ପ୍ର.)

- ନାବାଳିକାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ
- ଉପଜିଲାପାଳ, କଂଗ୍ରେସ ଜିଲା ସଭାପତି ଦେଲେ କାନ୍ଧ
- ଘଟଣାସ୍ଥଳରେ ଆଉ ଏକ ପ୍ୟାଣ୍ଟ ପଡିଥିବାରୁ ସାଇଣ୍ଟିଫିକ ଟିମର ତଦନ୍ତ
- ଅଟକ ଯୁବକଙ୍କୁ ଛାଡ଼ିବା ଦାବିରେ ରାସ୍ତାରୋକୋ

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ପୂର୍ବତନ ଏମପି ବଳଭଦ୍ର ମାଝୀ ପୋଲିସ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ସରକାର ୫-ଟି କରିଛନ୍ତି। ଏହା କେବଳ ପ୍ରହସନ। ନ୍ୟାୟ ବ୍ୟବସ୍ଥା ଭୁଶୁଡ଼ି ପଡିଛି। ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ଦିଆଯାଉ। ସ୍ଥାନୀୟ ଜିଲା ଜଜଙ୍କ ଦ୍ୱାରା ଏହାର ବିଚାର ବିଭାଗୀୟ ତଦନ୍ତ କରାଯାଉ ବୋଲି ଭାଜପା ପକ୍ଷରୁ ଆହୁତ ଏକ ଖବରଦାତା ସମ୍ମିଳନୀରେ ମାଝି ଦାବି କରିଛନ୍ତି।

ଅନ୍ୟପକ୍ଷରେ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ରବିବାର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ଉପଜିଲାପାଳ ଭାସ୍କର ରଇତୋ, କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀଙ୍କ ସମେତ ପରିବାର ଲୋକ ମୃତଦେହକୁ କାନ୍ଧ ଦେଇ ଶ୍ମଶାନରେ ପହଞ୍ଚିଥିଲେ। ସେଠାରେ ଖ୍ରୀଷ୍ଟ ସମ୍ପ୍ରଦାୟର ରୀତିନୀତିରେ ସତ୍କାର କରାଯାଇଥିଲା। ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଏଚ ହୃଦାନନ୍ଦ, ପାପଡାହାଣ୍ଡି ଏସଡିପିଓ, କୋଷାଗୁମୁଡା ଭାରପ୍ରାପ୍ତ ଥାନା ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଓ ଗୃହ ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦିଆଯାଇଛି। ଘଟଣା ସ୍ଥଳରେ ଆଉ ଏକ ପ୍ୟାଣ୍ଟ ପଡିଥିବା ଜଣା ପଡିବା ପରେ ପୁଣି ସନ୍ଧାନୀ କୁକୁର ଅଣାଯାଇ ତଦନ୍ତ କରାଯାଇଥିଲା। ତେବେ ସନ୍ଧାନୀ କୁକୁର ପୁଣି କୋଟପାଡ ଥାନା ବଡକୁହୁଡି ଗାଁକୁ ଯାଇଥିଲା। ଏହି ଘଟଣାରେ କୋଟପାଡ ବ୍ଲକ ବଡ କୁହୁଡି ଗ୍ରାମର ୨ ଜଣ ଯୁବକଙ୍କୁ ପୋଲିସ କୋଟପାଡ ଥାନାରେ ଶନିବାର ଅଟକ ରଖିଥିଲା। ଏହାକୁ ବିରୋଧ କରି ଅଟକ ଯୁବକଙ୍କ ପରିବାର ପକ୍ଷରୁ କୋଟପାଡ଼ ଥାନା ସମ୍ମୁଖ ଜାତୀୟ ରାଜପଥରେ ରାସ୍ତାରୋକ କରାଯାଇଥିଲା। ଅଟକ ଯୁବକ ନିର୍ଦ୍ଦୋଷ ଏବଂ ତାଙ୍କ ବିରୋଧରେ କୌଣସି ପ୍ରମାଣ ନଥିବା ଦର୍ଶାଇ ତୁରନ୍ତ ଛାଡିବାକୁ ଦାବି କରିଥିଲେ। ରାସ୍ତା ଅବରୋଧ ଯୋଗୁ ଯାନବାହାନ ଅଟକି ରହିଥିଲା। ଖବର ପାଇ ବୋରିଗୁମ୍ମା ଏସଡ଼ିପିଓ ହରେକୃଷ୍ଣ ମାଝୀ, ଥାନା ଅଧିକାରୀ ଉଲ୍ଲାସ ମାଝୀ ପ୍ରମୁଖ ଅବରୋଧକାରୀଙ୍କୁ ବୁଝାଇ ରାସ୍ତା ଅବରୋଧ ହଟେଇ ଥିଲେ। ରବିବାର କୋଷାଗୁମୁଡା ପୋଲିସ ଉକ୍ତ ଯୁବକଙ୍କୁ ନବରଙ୍ଗପୁର ଥାନାକୁ ଆଣି ପଚରାଉଚରା କରୁଛି।

---

କଲେଜ ଛାତ୍ରୀଙ୍କୁ ଗଳାକାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ

# ପାରିବାରିକ କଳହରୁ ଜୀବନ ଗଲା

ବାଲୁଗାଁ, ୧୫।୧୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଲୁଗାଁସ୍ଥିତ ଗଙ୍ଗାନଗରରେ ଶନିବାର ରାତିରେ ଘଟିଥିଲା ଏକ ବୀଭତ୍ସ ହତ୍ୟାକାଣ୍ଡ। ବାଲୁଗାଁ କଲେଜର ଯୁକ୍ତ ୨ ଶେଷବର୍ଷ ଛାତ୍ରୀ ଶିବାନୀ ବେହେରା (୧୭)ଙ୍କୁ ତାଙ୍କ ଘରେ କେହି ଦୁର୍ବୃତ୍ତ ଗଳାକାଟି ହତ୍ୟା କରିଥିଲେ। ରବିବାର ପୋଲିସର ତଦନ୍ତ ପରେ ଘଟଣାର ପର୍ଦ୍ଦାଫାଶ ହୋଇଛି। ଅଭିଯୁକ୍ତ ଜଣକ ଆଉ କେହି ନୁହନ୍ତି, ଖୋଦ୍ ଶିବାନୀଙ୍କ ଭାଉଜ କାବେରୀ ବେହେରା ବୋଲି ଜଣାପଡିଛି। ପାରିବାରିକ କଳହ ନେଇ ସେ ହତ୍ୟା କରିଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି ବୋଲି ବାଲୁଗାଁ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ କହିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ବାଲୁଗାଁର ୫ନଂ. ୱାର୍ଡ ଗଙ୍ଗାନଗରରେ ରୁହନ୍ତି ରାମଚନ୍ଦ୍ର ବେହେରାଙ୍କ ପରିବାର। ସ୍ତ୍ରୀ ବବିତା, ପୁଅ ଦିଲୀପ ଓ ଝିଅ ଶିବାନୀ ମଧ୍ୟ ସାଙ୍ଗରେ ରହୁଥିଲେ। ରାମଚନ୍ଦ୍ର ବ୍ୟବସାୟ କରୁଥିବାବେଳେ ଦିଲୀପ ଏକ ଦୋକାନରେ ରହି କାର୍ଯ୍ୟ କରନ୍ତି। ୫ ମାସ ପୂର୍ବେ ଦିଲୀପ ଟାଙ୍ଗୀ ଥାନା କୁହୁଡି ହାଟସାହିର କାବେରୀ ବେହେରାଙ୍କୁ ପ୍ରେମ ବିବାହ କରିଥିଲେ। ତେବେ ଏହି ବାହାଘରରେ ପରିବାର ଲୋକେ ଖୁସି ନ ଥିଲେ। ବିଭିନ୍ନ କାରଣ ନେଇ ପରିବାରରେ କଳହ ଲାଗି ରହୁଥିଲା। କିଛିଦିନ ତଳେ ଜ୍ଞାତିକୁଟୁମ୍ବ ବୈଠକ କରି ଏହାର ସମାଧାନ କରିଥିଲେ। ବୋହୂ କାବେରୀ ମଧ୍ୟ ପରିବାରରେ ଆଉ ଗଣ୍ଡଗୋଳ କରିବି ନାହିଁ ବୋଲି ଲିଖିତ ଆକାରରେ ଦେଇଥିଲେ। ଏପରିସ୍ଥଳେ ଶନିବାର ରାତି ପ୍ରାୟ ୯ଟାରେ ଘରେ ଶାଶୁ ଅନୁପସ୍ଥିତ ଥିବାବେଳେ କାବେରୀ ରୁଟି ବେଲୁଥିଲେ ଓ ଶିବାନୀ ଟିଭି ଦେଖୁଥିଲେ। ରୋଷେଇ ସାରି କାବେରୀ ଟିଭି ଦେଖିବା ପାଇଁ ଯାଇଥିବାବେଳେ ଶିବାନୀ ହଠାତ୍ ରାଗିଯାଇ ତାଙ୍କୁ ଚାକରାଣୀ ବୋଲି କହି ରୁମ୍‌ରୁ ତଡ଼ି ଦେଇଥିଲେ। ଏହି ଘଟଣାକୁ ନେଇ ଉଭୟ ନଣନ୍ଦ ଓ ଭାଉଜଙ୍କ ମଧ୍ୟରେ ବଚସା ଉଗ୍ରରୂପ ଧାରଣ କରିଥିଲା। କାବେରୀ ଉତ୍କ୍ଷିପ୍ତ ହୋଇ ନିକଟରେ ପଡ଼ିଥିବା ଏକ ଛୁରି ଦ୍ୱାରା ଶିବାନୀଙ୍କ ଗଳା କାଟି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ସେଠାରେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। କାବେରୀ ସେଠାରୁ ପଳାଇଯାଇ ବାଲୁଗାଁ ବଜାରର ଏକ ଦୋକାନରେ କାର୍ଯ୍ୟ କରୁଥିବା ସ୍ୱାମୀ ଦିଲୀପଙ୍କ ନିକଟରେ ପହଞ୍ଚି ଶିବାନୀଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରିଛି ବୋଲି କହିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପରିବାରର ସମସ୍ତ ସଦସ୍ୟ ପହଞ୍ଚି ଶିବାନୀଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଭାଉଜଙ୍କୁ ମିଛ ଧରାଇ ଦେଲା



କାବେରୀ

ଶିବାନୀଙ୍କୁ କାହିଁକି ଓ କିଏ ହତ୍ୟା କଲା ସେ ନେଇ ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଥିଲା। ସୂଚନାଯୋଗ୍ୟ, ଶିବାନୀଙ୍କୁ କିଛିଦିନ ତଳେ ଉକ୍ତ ସାହିର ଜଣେ ଯୁବକ ପ୍ରେମ ନିବେଦନ କରି ବିଫଳ ହେବାପରେ କଲେଜ ଯିବା ରାସ୍ତାରେ ହଇରାଣ କରୁଥିଲେ। ଶିବାନୀ ଏ ଘଟଣା ଜଣାଇବା ପରେ ପରିବାର ଲୋକେ ଉକ୍ତ ଯୁବକଙ୍କୁ ତାଗିଦ୍ କରିଥିଲେ। ଏହି ହତ୍ୟାକାଣ୍ଡ ପଛରେ ସେହି ଯୁବକଙ୍କ ହାତ ଥାଇପାରେ ବୋଲି କାବେରୀ ନାଟକ ରଚିଥିଲେ। ଶିବାନୀଙ୍କ ମା' ବବିତା ମଧ୍ୟ ପୋଲିସ ଆଗରେ ଉକ୍ତ ଯୁବକ ବିରୋଧରେ ବୟାନ ଦେଇଥିଲେ। ତେବେ ତଦନ୍ତ ବେଳେ କାବେରୀ ପୋଲିସକୁ ଦୁର୍ବୃତ୍ତଙ୍କ ଚେହେରା ସମ୍ପର୍କରେ ଯାହା କହିଥିଲେ ତାହା ଉକ୍ତ ଯୁବକଙ୍କ ଚେହେରା ସହ ଖାପ ଖାଇ ନ ଥିଲା। ଫଳରେ କାବେରୀ ମିଛ କହୁଥିବା ପୋଲିସ ସ୍ପଷ୍ଟ ହୋଇଥିଲା। ଏହାପରେ ପୋଲିସ ଉକ୍ତ ଯୁବକ ଓ କାବେରୀଙ୍କୁ ଶନିବାର ରାତିରେ ଥାନାକୁ ଆଣିଥିଲା। ରବିବାର ପୂର୍ବାହ୍ନରେ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ଖୋର୍ଦ୍ଧା ଏସ୍‌ପି ସ୍ୱାଇଁ, ଏସ୍‌ଡିପିଓ ସୁନୀଲ ମହାନ୍ତି, ବାଲୁଗାଁ ଆଇଆଇସି ରମାକାନ୍ତ ମହାଲିକ ଓ ବାଣପୁର ଥାନା ଆଇଆଇସି ସଞ୍ଜୟ ପଟ୍ଟନାୟକ କାବେରୀଙ୍କୁ ଜେରା କରିବାରୁ କାବେରୀ ନିଜେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ଘଟଣାସ୍ଥଳରୁ ରକ୍ତଭିଜା ଲୁଗା ଓ ବ୍ୟବହୃତ ଛୁରି ଜବତ କରିଛି। ଶିବାନୀଙ୍କ ମା' ବବିତା ବେହେରାଙ୍କ ଅଭିଯୋଗକ୍ରମେ ବାଲୁଗାଁ ପୋଲିସ ଆଇପିସି ଦଫା ୩୦୨, ୪୫୦ରେ ଏକ ମାମଲା (କେସ୍ ନଂ.୧୬୦/୧୯) ରୁଜୁ କରିଛି। ସୋମବାର କାବେରୀଙ୍କୁ କୋର୍ଟ ଚାଲାଣ କରାଯିବ। ଅନ୍ୟପକ୍ଷରେ ବ୍ରହ୍ମପୁରରେ ଶିବାନୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ବାଲୁଗାଁରେ ପହଞ୍ଚିଥିଲା।

---

■ ରାଜଧାନୀରେ ବରଗଡ଼ ଜିଲା ପରିଷଦ ସଦସ୍ୟ ମୁହଁ ଖୋଲିଲେ

# ଅପହରଣ କରାଯାଇ ନାହିଁ, ନିଜ ଇଚ୍ଛାରେ ସାମିଲ ହୋଇଛୁ

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

'ଆମକୁ ଅପହରଣ କରାଯାଇନାହିଁ। ଆମ ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଭୁବନେଶ୍ୱର ଆସିଛୁ। ଭାଜପା ପକ୍ଷରୁ କରାଯାଇଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ।' ରାଜଧାନୀ ଭୁବନେଶ୍ୱର ଶହୀଦନଗର ସ୍ଥିତ ଏକ ସ୍ଥାନରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏପରି କଥା କହିଛନ୍ତି ବରଗଡ଼ ଜିଲାର ୯ ଜଣ ଜିଲା ପରିଷଦ ସଭ୍ୟ। ଏମାନଙ୍କ ମଧ୍ୟରେ ରହିଛନ୍ତି-ସଂଯୁକ୍ତା ମାଝି, ଉମେଶ ଚନ୍ଦ୍ର ବେହେରା, ସୁଷମା ଭୁଏ ଏବଂ ପାର୍ବତୀ ଭୁଏ ପ୍ରମୁଖ। ଚଳିତ ବର୍ଷ ମାର୍ଚ୍ଚ ୨୮ରୁ ସେମାନେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ତେଣୁ ଅନ୍ୟ କୌଣସି ଦଳକୁ ଯିବାର ପ୍ରଶ୍ନ ଉଠୁନାହିଁ ବୋଲି ସଦସ୍ୟମାନେ କହିଛନ୍ତି।

ଏଠାରେ ସୂଚନାଥାଉ କି ଶାସକ ଦଳ ବିଜେଡି ପକ୍ଷରୁ ବରଗଡ଼ ଜିଲା ପରିଷଦର ୨ ସଭ୍ୟାଙ୍କୁ ଅପହରଣ କରାଯାଇଥିବା ଭାଜପା ପକ୍ଷରୁ ଶନିବାର ଅଭିଯୋଗ କରାଯାଇଥିଲା। ଏପରି କି ବୈଦ୍ୟୁତିକ ଗଣମାଧ୍ୟମରେ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ମଧ୍ୟ ଦେଇଥିଲେ। ହେଲେ ଏହାର



ବରଗଡ଼ର ଜିଲାପରିଷଦର ୯ ସଦସ୍ୟ ଶହୀଦ ନଗରସ୍ଥିତ ଏକ ପଡ଼ିଆରେ ସମବେତ ହୋଇଛନ୍ତି।

ଗୋଟିଏ ଦିନ ପରେ ଜିଲା ପରିଷଦ ସଭ୍ୟମାନଙ୍କ ବୟାନ ପରେ ଘଟଣାର ମୋଡ ବଦଳିଛି। ଜିଲା ପରିଷଦ ସଭ୍ୟା ସଂଯୁକ୍ତା କହିଛନ୍ତି ଯେ ଭାଜପାରୁ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲୁ। ହେଲେ ଦୁଇ ବର୍ଷ ଯାଏ ନିଜ ଲୋକଙ୍କ ପାଇଁ କିଛି କରିପାରିଲୁ ନାହିଁ। ତେଣୁ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ବହୁ ପୂର୍ବରୁ ବିଜେଡିରେ ମିଶିସାରିଛୁ ବୋଲି ସେ କହିଥିଲେ। ସେହିପରି ଉମେଶ କହିଛନ୍ତି ଯେ ଶନିବାର ୨ ଜିଲା ପରିଷଦ ସଭ୍ୟାଙ୍କ ସ୍ୱାମୀ ସେମାନଙ୍କ ସ୍ତ୍ରୀ ନିଖୋଜ ହୋଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ଏ କଥା ଗଣମାଧ୍ୟମରେ ପ୍ରସାରିତ ହେବା ପରେ ୨ ଜିଲା ପରିଷଦ ସଭ୍ୟାଙ୍କ ସ୍ୱାମୀଙ୍କୁ ଫୋନ୍ କରାଯାଇଥିଲା, ହେଲେ ସେମାନଙ୍କ ଫୋନ୍ ସ୍ୱିଚ୍ ଅଫ ଥିଲା। ସେମାନଙ୍କୁ ଭାଜପା ପକ୍ଷରୁ ପ୍ରଭାବିତ କରାଯାଇଥିବ ବୋଲି ଉମେଶ କହିଛନ୍ତି।

ଏହି ପ୍ରସଙ୍ଗରେ ଭାଜପା ପକ୍ଷରୁ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ମଧ୍ୟ ଟାର୍ଗେଟ କରାଯାଇଥିଲା। ହେଲେ ସମସ୍ତ ଜିଲା ପରିଷଦ ସଭ୍ୟ ଏହାକୁ ଖଣ୍ଡନ କରିଛନ୍ତି। ଅପରପକ୍ଷରେ ଏ ସମସ୍ତ ଘଟଣା ଉପରେ ପ୍ରତିକ୍ରିୟା ରଖି ଭାଜପା ନେତା

- ଶାସକ ବିଜେଡି ବରଗଡ଼ ଭାଜପାକୁ ଭାଙ୍ଗିବାକୁ ପ୍ରୟାସ କରୁଛି: ପ୍ରଦୀପ
- ଅଯଥା ରାଜନୀତି କରା ନ ଯାଉ:ଲେନିନ୍

ପ୍ରଦୀପ ପୁରୋହିତ ବିଜେଡିକୁ କଡା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଶାସକ ଦଳ ପକ୍ଷରୁ ଭାଜପାକୁ ଭାଙ୍ଗିବା ପାଇଁ ଚକ୍ରାନ୍ତ କରାଯାଉଛି। ତୃତୀୟ ମହଲା ନିର୍ଦ୍ଦେଶରେ ଏହି ସବୁ କାର୍ଯ୍ୟ କରାଯାଉଛି। ଭାଜପାରୁ ନିର୍ବାଚିତ ହୋଇଥିବା ଜିଲା ପରିଷଦ ସଭ୍ୟମାନେ ବିଜେଡିରେ ଯୋଗ ଦେଲେ ଦଳ ବିରୋଧୀ ଆଇନ ଲାଗୁ ହେବ। ଏ ନେଇ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରଦୀପ କହିଛନ୍ତି। ଅପରପକ୍ଷରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଯେ, ଭାଜପା ପକ୍ଷରୁ ଯେଉଁ ଜିଲା ପରିଷଦ ସଭ୍ୟମାନଙ୍କୁ ନେଇ ଅଭିଯୋଗ କରାଯାଇଛି, ସେମାନେ ନିଜ ନିଜ ପକ୍ଷ ଗଣମାଧ୍ୟମରେ ରଖି ସାରିଛନ୍ତି। ତେଣୁ ଏହାକୁ ନେଇ ଅଯଥା ରାଜନୀତି କରା ନ ଯାଉ।

---

# ଆଜିଠୁ ଶ୍ରୀମନ୍ଦିରରେ ପହିଲି ଭୋଗ

ପୁରୀ ଅଫିସ, ୧୫।୧୨:

ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ସୋମବାର ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାପ୍ରଭୁଙ୍କ ପହିଲି ଭୋଗ ନୀତି। ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ପ୍ରତ୍ୟହ ଏହି ନୀତି ଚାଲିବ। ଗତ ଶୁକ୍ରବାର ଅନୁଷ୍ଠିତ ନୀତି ସବ୍ କମିଟି ବୈଠକରେ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଚୂଡ଼ାନ୍ତ ହୋଇଛି। ମହାପ୍ରଭୁଙ୍କ ପହଲି ଭୋଗ ନୀତି ଧନୁ ସଂକ୍ରାନ୍ତି ଅର୍ଥାତ୍ ଡିସମ୍ବର ୧୬ ତାରିଖଠାରୁ ଆରମ୍ଭ ହୋଇ ଜାନୁୟାରୀ ୧୪ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟହ ରାତ୍ର ୩ଟାରେ ଦ୍ୱାରଫିଟା, ୩ଟା ୩୦ରେ ଭିତରଶୋଧ, ୩ଟା ୪୫ରେ ମଙ୍ଗଳ ଆଳତି ନୀତି ସମ୍ପନ୍ନ ହେବ। ସକାଳ ୬ଟା ୨୦ରୁ ୬ଟା ୫୦ ମଧ୍ୟରେ ପହିଲି ଭୋଗ ନୀତି ବଢ଼ିବ। ସକାଳ ୬ଟା ୩୦ରୁ ୯ଟା ସକାଳ ଧୂପ(କେବଳ କୋଠଭୋଗ), ୮ଟା ୪୫ରୁ ୧୦ଟା ୩୦ ଭୋଗମଣ୍ଡପ, ୧୧ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ ମଧ୍ୟାହ୍ନ ଧୂପ(କେବଳ କୋଠଭୋଗ), ୧୨ଟା ୧୫ରୁ ଅପରାହ୍ନ ୨ଟା ଦ୍ୱିତୀୟ ଭୋଗ ମଣ୍ଡପ ହୋଇ ଅନ୍ୟାନ୍ୟ ନୀତି ଚାଲିବ। ଅପରାହ୍ନ ୫ଟାରେ ସନ୍ଧ୍ୟା ଆଳତି, ସାଢେ ୬ଟାରୁ ରାତି ୮ଟା ସନ୍ଧ୍ୟା ଧୂପ, ୯ଟାରେ ଚନ୍ଦନ ଲାଗି, ୧୦ଟାରେ ବଡସିଂହାର ବେଶ, ୧୦ଟା ୩୦ ବଡସିଂହାର ଭୋଗ ଏବଂ ୧୧ଟାରେ ରାତ୍ର ପହୁଡ ନୀତି ସମ୍ପନ୍ନ ଲାଗି ନୀତି ଚୂଡ଼ାନ୍ତ ହୋଇଛି।

# ବାଇକ୍ ଆରୋହୀଙ୍କଠାରୁ ୫.୭ ଲକ୍ଷ ଲୁଟିନେଲେ

କଣ୍ଟାବାଞ୍ଜି, ୧୫।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ୨୬ନଂ. ରାଜ୍ୟ ରାଜପଥର କାନୁଟ-ତଅଁଳା ଇଲେକ୍ଟ୍ରିଗ୍ରୀଡ ନର୍ସରୀ ନିକଟରେ ରବିବାର ସନ୍ଧ୍ୟାରେ ମୁଖାପିନ୍ଧା ଲୁଟେରା ଜଣେ ବାଇକ୍ ଆରୋହୀଙ୍କଠାରୁ ୫ଲକ୍ଷ ୭୦ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ଏସ.ରେଡ୍ଡୀ ଲୁଟେରାଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଖବର ପାଇ କଣ୍ଟାବାଞ୍ଜି ଥାନା ଆଇଆଇସି ବିଜୟାନନ୍ଦ କରକରା ହସ୍‌ପିଟାଲକୁ ଯାଇ ଆହତଙ୍କୁ ପଚରାଉଚରା କରିବା ସହ ଘଟଣାର ଅନୁସନ୍ଧାନ କରିଥିଲେ। ଲୁଟେରାଙ୍କୁ ଧରିବା ପାଇଁ ନିକଟସ୍ଥ ଥାନାଗୁଡିକୁ ସୂଚନା କରାଯାଇଥିବା କରକରା କହିଛନ୍ତି। କଣ୍ଟାବାଞ୍ଜି ଅନୀଲ ବ୍ରଦର୍ସରେ କାମ କରୁଥିବା ଏସ.ରେଡ୍ଡୀ ବିଭିନ୍ନ ବ୍ୟବସାୟୀଙ୍କଠାରୁ ଉକ୍ତ ଟଙ୍କା ସଂଗ୍ରହ କରି ବାଇକ୍‌ରେ ଫେରିବା ବାଟରେ ତଅଁଳା ଛକ ନିକଟରେ ଏହି ଘଟଣା ଘଟିଛି।

## ସଂକ୍ଷେପରେ

### ୯ ବଖରା ଜଳିଗଲା

**ଭଣ୍ଡାରିପୋଖରୀ/ତିହିଡ଼ି, ୧୫।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନେଉଳିଆ ଓ ତିହିଡ଼ି ଥାନା ବାରସର ପଞ୍ଚାୟତ ଅଧୀନ ଚକରାସାହି ଗ୍ରାମରେ ଅଗ୍ନିକାଣ୍ଡ ଘଟି ୭ ବଖରା ଘର ଜଳି ଯାଇଛି। ସୂଚନା ଅନୁଯାୟୀ, ନେଉଳିଆ ଗାଁରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡରେ ସୁଶାନ୍ତ ବଳଙ୍କ ୨ ବଖରା ବାସଗୃହ ସହ ଦୁଇଟି ଛଣଗଦା ପୋଡ଼ିଯାଇଛି। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ସେହିପରି ଚକରାସାହି ଗ୍ରାମର ରତ୍ନାକର ମଳିକ ଓ କୈଳାସ ମଳିକଙ୍କ ୫ ବଖରା ଘର ଜଳିଯାଇଛି। ବିଦ୍ୟୁତ୍ ଶଟ୍‌ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ତିହିଡ଼ିରୁ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ।

### ସଫେଇ ବାହାନାରେ ଠକି ନେଲେ ସୁନା ଅଳଙ୍କାର

**ବାରିପଦା ଅଫିସ,୧୫।୧୨:** ବାରିପଦା ସୁନାମୁହିଁ ଅଞ୍ଚଳର ସନ୍ଦୀପ୍ତ ମାଇତିଙ୍କ ଘରୁ ସଫେଇ କରିଦେବା କହି ସୁନା ଅଳଙ୍କାର ଧରି ଛୁ ମାରିଛନ୍ତି ୨ଜଣ ଯୁବକ। ସୁନା ମୁଦି ଓ ହାରକୁ ନେଇ ସେମାନେ ଫେରାର ହୋଇ ଯାଇଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ଏହି ୨ ଯୁବକ ଏକ ମୋଟରସାଇକଲରେ ଆସିଥିବା କେତେଜଣ ଅଞ୍ଚଳବାସୀ କହୁଛନ୍ତି। ପ୍ରଥମେ ଘରର ପିତ୍ତଳ ସାମଗ୍ରୀକୁ ସେମାନେ ସଫା କରି ଦେଖାଇ ଥିଲେ। ଏହା ଚକ ଚକ ହେବାପରେ ସୁନା ଅଳଙ୍କାର ସଫେଇ କରିଦେବେ ବୋଲି କହି ୨ ଯୁବକ ଠକିଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ଏହା ବାରିପଦାରେ ନୂଆ ଘଟଣା ନୁହେଁ। ବାହାର ଅଞ୍ଚଳର କିଛି ଯୁବକ ଏଠାକୁ ଆସି ନିୟମିତ ସହର ଓ ଗ୍ରାମାଞ୍ଚଳକୁ ଯାଇ ଠକେଇ କରୁଛନ୍ତି। ଏମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସ୍କାଡ ଗଠନ ପାଇଁ ଦାବି ହେଉଛି।

### ସଂଗ୍ରାମୀ ମାୟାଧରଙ୍କ ଶ୍ରାଦ୍ଧୋତ୍ସବ

**ଭଦ୍ରକ ଅଫିସ,୧୫।୧୨:** ଭଦ୍ରକ ଦ୍ରୌପଦୀ କଲ୍ୟାଣ ମଣ୍ଡପଠାରେ ରବିବାର କନିକା ପ୍ରଜା ଆନ୍ଦୋଳନର ମୁଖ୍ୟ ସଂଗ୍ରାମୀ ଚକ୍ରଧର ବେହେରାଙ୍କ ଅଙ୍ଗରକ୍ଷୀ ଏକାନ୍ତ ଆନୁଗତ୍ୟ ତଥା ସହଯୋଗୀ ଥିବା ସଂଗ୍ରାମୀ ସ୍ୱର୍ଗତ ମାୟାଧର ଦାସଙ୍କ ୨୬ତମ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଂ. ଅଭୟ ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ବିଷ୍ଣୁ ସେଠୀ ଯୋଗ ଦେଇଥିଲେ। କନିକା ପ୍ରଜା ଆନ୍ଦୋଳନରେ ରାଜାଙ୍କ ଅମାନୁଷିକ ଅତ୍ୟାଚାର ବିରୋଧରେ ଲଢ଼େଇ କରି ସଂଗ୍ରାମୀ ମାୟାଧର ଜନପ୍ରିୟ ହୋଇପାରିଥିଲେ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ ଓ ଅନ୍ୟତମ ଅତିଥି ଭାବେ ଆଇନଜୀବୀ ଗଦାଧର ବଳ, ଗିରିଧାରୀ ନାଥ, ଗାନ୍ଧୀ ବିଚାର ମଞ୍ଚର ସମ୍ପାଦକ ଶାନ୍ତନୁ ରାଉତ, ପ୍ରଧାନ ଶିକ୍ଷକ ଶୀତଳ ବେହେରା, ସୁରେନ୍ଦ୍ର ଗାହାଣ ପ୍ରମୁଖ ଯୋଗଦେଇ କନିକା ଅଞ୍ଚଳ ମାୟାଧରଙ୍କୁ ଏବେ ବି ଝୁରୁଛି ବୋଲି ମତବ୍ୟକ୍ତ କରିଥିଲେ। ଖବରଦାତା ତଥା ସ୍ମୃତି କମିଟି ସଭାପତି ବଂଶୀଧର ଦାସ ଅତିଥି ପରିଚୟ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ରଶ୍ମିତା ନାୟକ ଉପସ୍ଥାପିକା ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ■ଅସହାୟଙ୍କୁ ସହାୟ ହେଲେ ସାମାଜିକ କର୍ମୀ

# ଠିକଣା ଖୋଜିଲେ, ପରିବାର ସହ ଭେଟକଲେ

**ଅନୁଗୋଳ ଅଫିସ, ୧୫।୧୨**

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପୋଡ଼ି ଯାଇ ୬ ମାସ ହେଲା ଅସହାୟ ଅବସ୍ଥାରେ ମେଡିକାଲରେ ପଡିରହିଥିବା ଜଣେ ଅସହାୟଙ୍କ ପାଇଁ ଦେବଦୂତ ପାଲଟିଛନ୍ତି ଅନୁଗୋଳର ସାମାଜିକକର୍ମୀ ପ୍ରତାପ ମହାପାତ୍ର। ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବାଠାରୁ ଆରମ୍ଭ କରି ସୁସ୍ଥ ହେବା ପର୍ଯ୍ୟନ୍ତ ସାହାଯ୍ୟ ସହଯୋଗ ଏବଂ ପରେ ତାଙ୍କ ପରିବାର ସହ ଭେଟ କରାଇ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଂଶସାର ସୁଅ ଛୁଟିଛି।

ଘଟଣା ମୁତାବକ, ତାଳଚେର ବସ୍‌ଷ୍ଟାଣ୍ଡ ସ୍ଥିତ ଏକ କବାଡ଼ିଆ ଦୋକାନରେ ଝାଡଖଣ୍ଡ ରାଜ୍ୟ ରାଞ୍ଚି ଅନ୍ତର୍ଗତ ରାମଗଡ ଅଞ୍ଚଳର ରାଜୁ ରାଜୱାନ ଦୀର୍ଘ ଦିନ ହେଲା କାମ କରୁଥିଲେ। ପ୍ରାୟ ୬ ମାସ ପୂର୍ବେ ତାଳଚେର ଦେଇ ଯାଇଥିବା ରେଳଲାଇନ ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇଥିଲେ। ତାଙ୍କ ଶରୀରର ପ୍ରାୟ ୭୦ ପ୍ରତିଶତ ପୋଡି ଯାଇଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେହି ସମୟରେ ସାମାଜିକ କର୍ମୀ ପ୍ରତାପ ତାଙ୍କ ସହାୟତା କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ରାଜୁଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ପରେ ସେ ଧୀରେ ଧୀରେ ସୁସ୍ଥ ହୋଇଥିଲେ ହେଁ ନିଜ ଘର ଠିକଣା କିମ୍ବା ପରିବାର ଲୋକଙ୍କୁ ଭୁଲିଯାଇଥିଲେ। ନିକଟରେ କେହି ନ ଥିବାରୁ ସାମାଜିକ କର୍ମୀ ପ୍ରତାପଙ୍କ ଅନୁରୋଧ କ୍ରମେ ରାଜୁଙ୍କୁ ଅନୁଗୋଳ ଡାକ୍ତରଖାନାରେ ରଖାଯାଇଥିଲା। ତେବେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ରାଜୁ ଘର ଠିକଣା ମନେ ପକାଇଥିଲେ। ପରେ ପ୍ରତାପ ଓ ଅନ୍ୟଜଣେ ସାମାଜିକ କର୍ମୀ ମହେଶ ଭୋମରାଜ ରାଜୁଙ୍କୁ ନେଇ ରାଞ୍ଚି ଅଭିମୁଖେ ବାହାରିଥିଲେ। ସେଠାରେ ରାଜୁଙ୍କ ଭିଣୋଇ ତାଙ୍କୁ ଚିହ୍ନିବା ସହ ତାଙ୍କ ଜିମା ନେଇଥିଲେ। ଏହାକୁ ନେଇ ରାଜୁଙ୍କ ପରିବାର ସମେତ ସ୍ଥାନୀୟ ଲୋକେ ସାମାଜିକ କର୍ମୀଙ୍କୁ ସାଧୁବାଦ ଜଣାଇଛନ୍ତି।


ବାମରୁ ସାମାଜିକ କର୍ମୀ ପ୍ରତାପଙ୍କ ସହ ରାଜୁ।

## ଶାରୀରିକ, ବୌଦ୍ଧିକ ବିକାଶ କରେ କ୍ରୀଡ଼ା



ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

**କଣିହାଁ, ୧୫।୧୨(ଡି.ଏନ.ଏ.)**

କଣିହାଁ ବ୍ଲକ ଗଣ୍ଡମାଳା ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡ଼ା କୁଳାବୀର ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ଧରି ଚାଲିଥିବା ଏହି ଉତ୍ସବକୁ ସ୍ଥାନୀୟ ସରପଞ୍ଚ କୁନି ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରାକେଶ କୁମାର ମହାରଣା ଯୋଗଦେଇ କ୍ରୀଡ଼ା ଉଭୟ ଶାରୀରିକ ଓ ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ। କୁଳାବୀର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉଦୟ ଚନ୍ଦ୍ର ବେହେରା ଅତିଥି ପରିଚୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଣ୍ଡମାଳା ହୋମିଓପାଥି ଡାକ୍ତର ଏସ୍. ପି. ସାମନ୍ତରାଏ, ସୁଲେଇପାଳ ଓ ଗଣ୍ଡମଳା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ନନ୍ଦ, ଜୟକୃଷ୍ଣ ସାହୁ, ନାଏବ ସରପଞ୍ଚ ନେଙ୍କୁରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଅନ୍ତୁ ଶିକ୍ଷକ



**ବଇଣ୍ଡା,୧୫।୧୨(ଡି.ଏନ.ଏ.)**

ଶିକ୍ଷାର ବିକାଶ ପାଇଁ ସରକାର ଅନେକ ଯୋଜନା ପ୍ରଚଳନ କରିଛନ୍ତି। ଛାତ୍ରୀଛାତ୍ରମାନେ ବେସରକାରୀ କଲେଜ ଛାଡ଼ି ସରକାରୀ କଲେଜଗୁଡ଼ିକ ପ୍ରତି ଆକର୍ଷିତ କରିବା ପାଇଁ ଶିକ୍ଷକ ଅଧ୍ୟାପକମାନେ ଅଧିକ ଧ୍ୟାନ ଦେଇ ପାଠ ପଢାନ୍ତୁ। ଏଥିସହ ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କ ପ୍ରତି ସେମାନେ ଅଧିକ ଦାୟିତ୍ୱବାନ ହୁଅନ୍ତୁ ବୋଲି ରବିବାର ଅନୁଗୋଳ ଜିଲା ମାନଜୋର ଡାକ ବଙ୍ଗଳାଠାରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ ଅଧ୍ୟକ୍ଷ-ଅଧ୍ୟାପକ ଓ ଆଠମଲ୍ଲିକ ବିଧାୟକଙ୍କ ଅନୁଷ୍ଠିତ ସମନ୍ୱୟ ବୈଠକରେ ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏ ଯୋଗଦେଇ କହିଛନ୍ତି। ଆଠମଲ୍ଲିକ କଲେଜ ଅଧ୍ୟକ୍ଷ ଦିଲୀପ କୁମାର ସିଂଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବଇଣ୍ଡା କଲେଜ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା, କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, କିଶୋରନଗର ଯୁକ୍ତ ୨ କଲେଜର ଶ୍ୟାମଲାଲ ପଟେଲ, ଠାକୁରଗଡ଼ ଡିଗ୍ରୀ କଲେଜର ପ୍ରତିମା ବାଗ, ଠାକୁରଗଡ଼ ଯୁକ୍ତ ୨ କଲେଜ ଅଧ୍ୟକ୍ଷ ନିରଜକାନ୍ତ ସାହୁ, ଅଙ୍ଗପଡ଼ା କଲେଜ ଅଧ୍ୟକ୍ଷ ବଳରାମ ପ୍ରଧାନ, ପଇଁଅକୁଳ କଲେଜର ଅଧ୍ୟକ୍ଷା କଳ୍ପନା ମହାନ୍ତି, ପାଇକସାହି କଲେଜ ଅଧ୍ୟକ୍ଷ ନିରଞ୍ଜନ ବେହେରା, ତୋଫାନ ମହାନନ୍ଦିଆ, ଆଶୁତୋଷ ପ୍ରଧାନ, କାଳନ୍ଦୀଚରଣ ପ୍ରଧାନଙ୍କ ସମେତ ଅଧ୍ୟାପକମାନେ ଯୋଗ ଦେଇଥିଲେ। ଏହି ଅବସରରେ କଲେଜର ବିଭିନ୍ନ ସମସ୍ୟା ବିଷୟରେ ବିଧାୟକଙ୍କୁ ଅବଗତ କରାଯାଇଥିଲା।

## ‘ସାଙ୍ଗଠନିକ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ସମ୍ଭବ’

**ଆରଡ଼ି, ୧୫।୧୨ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ପହଣାଠାରେ ନିଖିଳ ଉତ୍କଳ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚରୀ ସଂଘ ପକ୍ଷରୁ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଦାମୋଦର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୟୋଜ୍ୟେଷ୍ଠ ଶିକ୍ଷକ ମୁରଲୀଧର ବଳ ଏହାକୁ ଉଦ୍‌ଘାଟନ କରିଥିଲେ। ସଂଘର ଆରଡ଼ି ଜୋନ୍ ସମ୍ପାଦକ ଗଦାଧର ନାୟକ, ହୃଦାନନ୍ଦ ନାୟକ, ପ୍ରାଣବନ୍ଧୁ ଓଝା ପ୍ରମୁଖ ସାଙ୍ଗଠନିକ ଆଲୋଚନା ଦ୍ୱାରା ବିଭିନ୍ନ ସମସ୍ୟାର ସମାଧାନ ସମ୍ଭବ ବୋଲି କହିଥିଲେ। ବ୍ଲକ ସମ୍ପାଦକ ପ୍ରମୋଦ ତ୍ରିପାଠୀ, ସହସମ୍ପାଦକ କମଳାକାନ୍ତ ପତି ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ସମସ୍ୟା ସମାଧାନ ଲାଗି ସେମାନେ ଉଦ୍ୟମ ଅବ୍ୟାହତ ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଂଘର ମୁଖପତ୍ର ଆସନ୍ତା ଜୁନରେ ପ୍ରକାଶିତ ହେବ ଓ ଏଥିନିମନ୍ତେ ଲେଖା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦେବାକୁ ସମ୍ମିଳନୀରେ ସ୍ଥିର କରାଯାଇଥିଲା।

## କେନ୍ଦ୍ରୀୟ ଚଷା ସମାଜ ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି


ବୈଠକରେ ଉପସ୍ଥିତ ଚଷା ସମାଜର ସଦସ୍ୟମାନେ।

**ତାଳଚେର, ୧୫।୧୨(ନି.ପ୍ର.)**

ତାଳଚେର ବ୍ଲକ ଭରତପୁର ସିଏଚ୍‌ପି ଛକ ସ୍ଥିତ ଚଷା ଭବନ ଠାରେ କେନ୍ଦ୍ରୀୟ ଚଷା ସମାଜର ବାର୍ଷିକ ସମ୍ମିଳନୀ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମକୁନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉପଦେଷ୍ଟା କନ୍ଦର୍ପ ସାହୁ, ମାନସ ରଞ୍ଜନ ପ୍ରଧାନ, ଡ. ବାସୁଦେବ ଦେହୁରୀ, ସମ୍ପାଦକ ରାମ ଚନ୍ଦ୍ର ସ୍ୱାଇଁ, ଜଳଧର ଜେନା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରମୋଦ ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ମୁରଲୀଧର ସାହୁ ପ୍ରମୁଖ ଯୋଗଦେଇ ତୃଣମୂଳ ସ୍ତରରୁ ଚଷା ସମାଜକୁ ସୁଦୃଢ଼ କରିବା, ସାମାଜିକ ସଂସ୍କାରର ବିକାଶ, ନିଶାମୁକ୍ତ ଅଞ୍ଚଳ, ପଲିଥିନ୍ ମୁକ୍ତ ତାଳଚେର, ଖଣି କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ଓ ଥଇଥାନ ଆଦି ଦାବି କରିବା ସହ ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଆଗାମୀ ବାର୍ଷିକ ସମ୍ମିଳନୀ ଫେବୃୟାରୀ ପ୍ରଥମ ସପ୍ତାହରେ ଗଡତଳ ଅଞ୍ଚଳ ବଡଯୋରଡା (ତାଳଚେର ବ୍ଲକ) ଠାରେ ପାଳନ କରାଯିବା ନେଇ ବୈଠକରେ ସଭାପତି ଘୋଷଣା କରିଥିଲେ। ହିମାଂଶୁ ଶେଖର ସାହୁ ପ୍ରସ୍ତୁତି ବୈଠକ ଆୟୋଜନ କରିଥିଲେ। କ୍ଷୀରୋଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ମାଧ୍ୟମିକ ଶିକ୍ଷକ-କର୍ମଚାରୀ ସଂଘର ବୈଠକ



**ବଇଣ୍ଡା,୧୫।୧୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବାମୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁକଦେବ ସାହୁ, ଜାମୁନାଳୀ ହାଇସ୍କୁଲର ସ୍ୱପ୍ନେଶ୍ୱର ପ୍ରଧାନ, ହୃଷୀକେଶ ସାହୁ, ନିଶାମଣି ଦାସ, ସନତ କୁମାର ପ୍ରଧାନ, ସୁଧାକର ପ୍ରଧାନ, କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ବିଦ୍ୟାଳୟରେ କିଭଳି ଉନ୍ନତମାନର ଶିକ୍ଷାଦାନ କରାଯିବ ସେଥିପ୍ରତି ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା।

### ■ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

# ଭାଗନେଲେ ୨ଶହ ଛାତ୍ରୀଛାତ୍ର

**ଛେଣ୍ଡିପଦା, ୧୫।୧୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ଉଚ୍ଚ ବିଦ୍ୟାଳୟଠାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଶନିବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ମାଧ୍ୟମିକ ଶିକ୍ଷକ ସଂଘର ବ୍ଲକ ସଭାପତି ଭରତ ଚନ୍ଦ୍ରସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଓଷ୍ଟା ସଂଘର କାର୍ଯ୍ୟକାରୀ ସଭାପତି ତ୍ରିନାଥ ଦେବତା, ମୁଖ୍ୟବକ୍ତା ତେଣ୍ଟଲୋଇ କୋଡାସାହି ଉଚ୍ଚ ବିଦ୍ୟାଳୟର ପ୍ରଧାନ, ଶିକ୍ଷକ ଭବାନୀ ଶଙ୍କର ପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ ଦୁର୍ଗାପୁର ଗ୍ରାମ୍ୟ କମିଟି ସଭାପତି ବଶିଷ୍ଠ ଦେହୁରୀ ଓ ବ୍ଲକ ଓଷ୍ଟା ସମ୍ପାଦକ ଗୌତମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବ୍ଲକର ୧୪ଟି ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଓ ଅଣ ଅନୁଦାନ ପ୍ରାପ୍ତ ଓଡ଼ିଆ ମାଧ୍ୟମିକ ବିଦ୍ୟାଳୟର ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗୀମାନଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୩୦ ଛାତ୍ରୀଛାତ୍ରଙ୍କୁ ବିଚାରକମାନେ ଚୟନ କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଜିଲା ଓଷ୍ଟା ସଭାପତି ରାଜକିଶୋର ସାହୁ, ମୁଖ୍ୟବକ୍ତା ଭାବେ ଓଷ୍ଟା କାର୍ଯ୍ୟକାରୀ ସଭାପତି ତ୍ରିନାଥ ଦେବତା, ସମ୍ମାନିତ ଅତିଥି ଭାବେ ଜିଲା ଯୁଗ୍ମ ସମ୍ପାଦକ ଦେବରାଜ ପ୍ରଧାନ ଓ ଦୁର୍ଗାପୁର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ଅସିତ କୁମାର ପଟ୍ଟନାୟକ ପ୍ରମୁଖ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ୨୦ ଛାତ୍ରୀଛାତ୍ର ଆସନ୍ତା ୧୭ ତାରିଖରେ କୁମଣ୍ଡ ଜରାସିଂହା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ଶିଶୁ ମହୋତ୍ସବରେ ଅଂଶ ଗ୍ରହଣ ନିମନ୍ତେ ମନୋନୀତ ହୋଇଛନ୍ତି। ଦୁର୍ଗାପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସାହୁ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପୁରାତନ ଛାତ୍ରମାନେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ଦିବ୍ୟଦର୍ଶନ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା

**ବଅଁରପାଳ, ୧୫।୧୨ (ଡି.ଏନ୍.ଏ)**

ବଅଁରପାଳ ସ୍ଥିତ ଦିବ୍ୟଦର୍ଶନ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ସଭାପତି ଉଦୟ ସାହୁ ଯୋଗଦେଇ ପାଠ ପଢ଼ିବା ସହ ଖେଳକୁଦ ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ଶରୀର ସୁସ୍ଥ ରହିବ ବୋଲି କହିଥିଲେ। ଶନିବାର ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ବଅଁରପାଳ ପିବିକେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଉଦୟ ନାଥ ସାହୁ ଯୋଗଦେଇଥିଲେ। ଦିବ୍ୟଦର୍ଶନ ସଂଘର ଆଞ୍ଚଳିକ ପ୍ରତିନିଧି ହେମନ୍ତ କୁମାର ସାହୁ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଅନୁପମା ସାହୁ, ସମ୍ପାଦକ ସଞ୍ଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିଶୁ ମନ୍ଦିରର ଗୁରୁମା ଓ ଗୁରୁଜୀମାନେ ସହଯୋଗ କରିଥିଲେ। ଶେଷରେ ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।


କୃତୀ ଛାତ୍ରୀଛାତ୍ରମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

## ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ: ପ୍ରସନ୍ନ ସଭାପତି, ଟୁଟୁ ସମ୍ପାଦକ

**ବଅଁରପାଳ, ୧୫।୧୨ (ଡି.ଏନ୍.ଏ)**



ଅନୁଗୋଳ ସ୍ଥିତ ଗୋପବନ୍ଧୁ ପାର୍କଠାରେ ରବିବାର ଜିଲାସ୍ତରୀୟ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୮ଟି ବ୍ଲକର ୨୦୧୫ ଓ ୨୦୧୮ ବ୍ୟାଚର ଶିକ୍ଷୟିତ୍ରୀ, ଶିକ୍ଷକ ଓ ବ୍ଲକର ସମସ୍ତ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ବୈଠକରେ ଜିଲାସ୍ତରୀୟ କନିଷ୍ଠ ସଂଘ କର୍ମକର୍ତ୍ତା ଚୟନ କରାଯାଇଥିଲା। ପ୍ରସନ୍ନ କୁମାର ସାମଲଙ୍କୁ ସଭାପତି ଭାବେ ଚୟନ କରାଯାଇଥିବାବେଳେ ଉପସଭାପତି ଭାବେ ପ୍ରଶାନ୍ତ କୁମାର ପ୍ରଧାନ, ସମ୍ପାଦକ ଟୁଟୁ ମାଝି, ସହ ସମ୍ପାଦକ ଭାବେ ଦେବୀପ୍ରସାଦ ତ୍ରିପାଠୀ, କ୍ୟାଶିୟର ଭାବେ ଲକ୍ଷ୍ମଣ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା। ସେହିପରି ମାଧ୍ୟମ ସମନ୍ୱୟକାରୀ ଆଲୋକ କୁମାର ସାମଲ, ବିଭୂତି ଭୂଷଣ ନାୟକ ଓ ସନ୍ଧ୍ୟାରାଣୀ ଛୋଟରାୟ, ସଙ୍ଗଠନ ସମ୍ପାଦକ ଦିଲୀପ କୁମାର ସ୍ୱାଇଁ, ବ୍ଲକ ସମନ୍ୱୟକାରୀ ଉପଦେଷ୍ଟା ମଣ୍ଡଳୀର ଜଗନ୍ନାଥ ସାହୁ, ସୌମ୍ୟରଞ୍ଜନ କର ଓ ମିଟୁ ନାଏକଙ୍କୁ ସଂଘ ପକ୍ଷରୁ ଚୟନ କରାଯାଇଛି। ଉପସ୍ଥିତ ଥିବା ସମସ୍ତ ୨୦୧୫ ଓ ୨୦୧୮ ବ୍ୟାଚର ଜେଟି ଓ ଜେଟିସିମାନଙ୍କ ସହାୟତାରେ ଏହି ଚୟନ ପ୍ରକ୍ରିୟା ହୋଇଥିଲା।

## ସଂକ୍ଷେପରେ

### ୨୫ ହଜାର ଟଙ୍କା ଜରିମାନା ଆଦାୟ

**ହିନ୍ଦୋଳ, ୧୫।୧୨(ଡି.ଏନ.ଏ.):** ହିନ୍ଦୋଳ ସିଭିଲ କୋର୍ଟ ପରିସରରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭ଟି ମାମଲାର ଫଇସଲା କରାଯାଇଛି। ଏଥିସହ ବ୍ୟାଙ୍କ ମାମଲା ସମ୍ପର୍କିତ ମାମଲାର ସମାଧାନ କରାଯାଇ ୨୫ ହଜାର ଟଙ୍କା ଆଦାୟ କରାଯାଇଥିଲା। ସିନିୟର ଡିଭିଜନ ସିଭିଲ ଜଜ୍ ସି.ଏଚ୍. ବାସୁଦେବ ପାତ୍ର, ଏସ୍‌ଡିଜେଏମ ଦେବଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୋର୍ଟ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲିଲେ ସିଡିଏମଓ

**ରାଇସୁଆଁ,୧୫।୧୨(ଡି.ଏନ.ଏ.):** ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଖବର ବୁଧବାର ଧରିତ୍ରୀରେ ପ୍ରକାଶିତ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସିଡିଏମଓ ଅଶୋକ ଦାସ ଏବଂ ଏଡିଏମଓ ମିଳିତ ଭାବେ ପରିଦର୍ଶନ କରିବା ସହିତ ସ୍ୱାସ୍ଥ୍ୟସେବା ଯାଞ୍ଚ କରି ନିରାମୟ ଯୋଜନାରେ ମିଳୁଥିବା ଔଷଧ ଯାଞ୍ଚ କରିଥିଲେ।

### ରାଷ୍ଟ୍ରୀୟ ଲୋକ ଅଦାଲତ

**କେନ୍ଦୁଝର, ୧୫।୧୨(ଡି.ଏନ୍.ଏ.):** ଜିଲା ଆଇନ ସେବା ପ୍ରାଧୀକରଣ, କେନ୍ଦୁଝର ଆନୁକୂଲ୍ୟରେ ଜିଲା କୋର୍ଟ ସମେତ ଆନନ୍ଦପୁର, ଚମ୍ପୁଆ ଓ ବଡବିଲ ଆଦି କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ସମୁଦାୟ ୪୭୮ଟି ମକଦ୍ଦମାର ଫଇସଲା କରାଯାଇ ୩ କୋଟି ୯୩ ଲକ୍ଷ ୧ ହଜାର ୪୧୭ ଟଙ୍କା ଜରିମାନା, ରାଜସ୍ୱ ଓ କ୍ଷତିପୂରଣ ଆଦାୟ ହୋଇଛି। ଜିଲା କୋର୍ଟ ପରିସରରେ ଅନୁଷ୍ଠିତ ଏହି ରାଷ୍ଟ୍ରୀୟ ଅଦାଲତକୁ ପ୍ରାଧୀକରଣର ଅଧକ୍ଷ ତଥା ଜିଲା ଓ ଦୌରାଜଜ୍ ବେଣୁଧର ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

### ହାତୀ ଶାବକ ଜନ୍ମ

**ଝୁମ୍ପୁରା, ୧୫।୧୨ (ଡି.ଏନ.ଏ.):** ଚମ୍ପୁଆରେ ବାଲିବନ୍ଧ ଫରେଷ୍ଟ ଅନ୍ତର୍ଗତ ଦେଓଝର ପାହାଡ଼ରେ ରବିବାର ଭୋର ସମୟରେ ଏକ ହାତୀ ଶାବକ ଜନ୍ମ ହୋଇଥିବା ବାଲିବନ୍ଧ ଫରେଷ୍ଟର ଖଗେଶ୍ୱର ବାରିକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଦେଓଝର ପାହାଡିଆ ଅଞ୍ଚଳରେ ବର୍ତ୍ତମାନ ୧୯ଟି ହାତୀ ରହୁଛନ୍ତି। ନିକଟସ୍ଥ ଗ୍ରାମାଞ୍ଚଳକୁ ପ୍ରତ୍ୟହ ଏହି ହାତୀପଲ ଚାଲି ଆସୁଥିଲେ ହେଁ, ଗତ ଦୁଇଦିନ ଧରି ହାତୀପଲଙ୍କର ଦେଖା ମିଳି ନ ଥିଲା। ବାଲିବନ୍ଧ ସେକଶନର ବନ ବିଭାଗ କର୍ମଚାରୀ ଏହା ଦେଖି ହାତୀପଲକୁ ଖୋଜିବା ସହିତ ଦେଓଝର ପାହାଡରେ ଠାବ କରିଥିଲେ। ଏହି ସମୟରେ ହାତୀପଲରେ ଥିବା ମାଈ ହାତୀଟି ଶାବକ ଜନ୍ମ କରିଥିବା ଜଣା ପଡ଼ିଥିଲା। ଶାବକ ଜନ୍ମ ହେବାପରେ ହାତୀପଲ ଶାବକକୁ ନେଇ କନକନା ଜଙ୍ଗଲକୁ ଚାଲି ଯାଉଥିବା ବାଲିବନ୍ଧ ଫରେଷ୍ଟ ସେକଶନ ପକ୍ଷରୁ କୁହାଯାଇଛି।

■୪୮ ଘଣ୍ଟା ପୂରିଲା, ଫେରାର କଏଦୀଙ୍କ ପତ୍ତା ମିଳୁନି

# କର୍ମଚାରୀଙ୍କୁ ଦୋଷଦେଲେ କର୍ତ୍ତୃପକ୍ଷ

**ଢେଙ୍କାନାଳ ଅଫିସ, ୧୫।୧୨**

ଜିଲା ସୁରକ୍ଷା ବ୍ୟବସ୍ଥାକୁ ନେଇ ଚର୍ଚ୍ଚାକୁ ଆସିଛି ୧୦୦ ବର୍ଷ ପୁରୁଣା ଢେଙ୍କାନାଳ ଜିଲା କାରଗାର। ନାବାଳିକା ବଳାତ୍କାର ଭଳି ସଙ୍ଗିନ ମାମଲାର ବିଚାରାଧୀନ କଏଦୀ ଶିବ ମୁଣ୍ଡା (୨୩) ଯୋଜନାବଦ୍ଧ ଭାବେ ଜେଲ ପାଚେରି ଡେଇଁ ଚମ୍ପଟ ମାରିବା ଏବେ କାରାଗାରର ହୁଗୁଳା ବ୍ୟବସ୍ଥାକୁ ପଦାରେ ପକାଇଛି। ଘଟଣାକୁ ୪୮ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଫେରାର କଏଦୀଙ୍କ ପତ୍ତା ମିଳୁନାହିଁ। ଅନ୍ୟପଟେ ଜେଲ ପରିସରରେ କାର୍ଯ୍ୟରତ କର୍ମଚାରୀଙ୍କ ତ୍ରୁଟି ଯୋଗୁ ଏପରି ଘଟଣା ଘଟିଥିବା କହିଛନ୍ତି ଜେଲ ସୁପରିଣ୍ଟେଣ୍ଡେଣ୍ଟ।

ସ୍ୱାଧୀନତା ସଂଗ୍ରାମର ସ୍ମୃତି ବହନ କରୁଥିବା ଢେଙ୍କାନାଳ ଜିଲା କାରଗାରକୁ ପୂରିଛି ୧୦୩ ବର୍ଷ। ହେଲେ ଶୁକ୍ରବାର ଅପରାହ୍ନ ୫ଟା ୪୫ରେ କଏଦୀ ଫେରାର ହେବା ପରେ ଜେଲ ଭିତରର ସୁରକ୍ଷା ବ୍ୟବସ୍ଥା ପ୍ରତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫେରାର କଏଦୀ ଶିବ ମୁଣ୍ଡା ବିଦ୍ୟୁତ୍ ଟାୱାର ଲାଇନ୍ କାର୍ଯ୍ୟ କରନ୍ତି। ତାଙ୍କ ଘର ଭୁବନ ଥାନା କାଞ୍ଚନବାହାଲି ଡିପସାହି ଅଞ୍ଚଳରେ। ମାର୍ଚ୍ଚ ମାସରେ ସେ ତୁମୁସିଙ୍ଗା ଥାନା ଅଞ୍ଚଳକୁ ବିଦ୍ୟୁତ୍ ଟାୱାର ଲାଇନ କାର୍ଯ୍ୟ କରିବାକୁ ଯାଇଥିଲେ। ସେଠାରେ ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଶିବଙ୍କ ନାମରେ ନଂ. ୩୧/୧୯, ଦଫା ୩୬୩, ୩୭୬(୨) (ଏମ୍), ୬ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଢେଙ୍କାନାଳ ଜିଲା କାରାଗାରକୁ ପଠାଇ ଦିଆଯାଇଥିଲା।



ଢେଙ୍କାନାଳ ଜିଲା କାରଗାର।

ଜିଲା ସୁରକ୍ଷା ବ୍ୟବସ୍ଥାର ଫାଇଦା ନେଇ ଶିବ ଲୁଙ୍ଗି ସହାୟତାରେ ପାଚେରି ଡେଇଁ ଜନଗହଳି ରାସ୍ତାରେ ଫେରାର ହୋଇଯାଇଥିଲେ। ଏହି ଘଟଣାର ସମସ୍ତ ଦୃଶ୍ୟ ପାଚେରି ନିକଟରେ ଜଣେ ବ୍ୟକ୍ତିଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରାରେ ରେକର୍ଡିଂ ହୋଇଛି। ଏ ନେଇ ଜେଲ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ନଂ. ୩୮୧/୧୯, ଦଫା ୨୨୪ରେ ଏକ ମାମଲା ରୁଜୁ କରାଯାଇଛି । ତଦନ୍ତକାରୀ ଅଧିକାରୀ ତଥା ଟାଉନଥାନା ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ ରବିବାର ଶିବଙ୍କ ଗ୍ରାମକୁ ଯାଇ ତଦନ୍ତ କରିଛନ୍ତି। ଏଥିସହ ତାଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

ଏ ନେଇ ଜେଲ ସୁପରିଣ୍ଟେଣ୍ଡେଣ୍ଟ ବୀରେନ ସାହୁ କୁହନ୍ତି, ଡ୍ୟୁଟିରେ ଥିବା କର୍ମଚାରୀଙ୍କ ଅବହେଳାରୁ ଏପରି ଘଟଣା ଘଟିଲା। ଶନିବାର ସମ୍ବଲପୁରରୁ ଜେଲ୍ ଡିଆଇଜି କାରାଗାର ପରିଦର୍ଶନରେ ଆସି ତଦନ୍ତ କରି ଯାଇଛନ୍ତି। ଫେରାର କଏଦୀ ଟାୱାରରେ ଚଢ଼ି କାମ କରିବା ଅଭିଜ୍ଞତା ଥିବାରୁ ସେ ପାଚେରି ଡେଇଁ ପଳାଇବାକୁ ସକ୍ଷମ ହୋଇଛନ୍ତି, ଯାହା ତାଙ୍କର ରେକର୍ଡ ବିଷୟରେ ଅନୁଧ୍ୟାନ କରିବା ପରେ ଜଣାପଡ଼ିଛି। ଜେଲ ପାଚେରି ଉପରେ ଦିଆଯାଇଥିବା ତାର ବାଡ ଓ ଆଙ୍ଗେଲ ମଧ୍ୟରେ ଗ୍ୟାପ୍ ଥିବାରୁ ଜଣେ ସହଜରେ ଗଳି ଯାଇପାରିବ। ତାରବାଡ ଲାଗିବା ସମୟରେ ଏହି ତ୍ରୁଟିକୁ କେହି ଜାଣିପାରି ନ ଥିବା ଅନୁମାନ କରାଯାଉଛି। ସାଧାରଣତଃ ୱାଚଟାୱାର ପାଚେରି ବାହାରେ ନିର୍ମାଣ ହୋଇଥାଏ। ହେଲେ ଏଠି ଜେଲ ଭିତରେ ନିର୍ମାଣ ହୋଇଛି। ୱାଚଟାୱାର ପାଇଁ କର୍ମଚାରୀଙ୍କ ଅଭାବ ରହିଛି। ନାବାଳିକା ବଳାତ୍କାର ଘଟଣାର ଦଣ୍ଡାଦେଶ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ହେଉଛି। ଜେଲରେ ଥିବା ଟିଭିରୁ ଏ ସମ୍ପର୍କିତ ଖବର ଦେଖି କଏଦୀ ଜଣକ ଏପରି ଘଟଣା ଘଟାଇଥିବା ସନ୍ଦେହ କରାଯାଉଛି ବୋଲି ସୁପରିଣ୍ଟେଣ୍ଡେଣ୍ଟ କହିଛନ୍ତି।

■ରୁଜୁ ହୋଇଥିଲା ନାବାଳିକା ବଳାତ୍କାର ମାମଲା
■ଦଣ୍ଡ ଭୟରେ ପାଚେରି ଡେଇଁଥିବା ସନ୍ଦେହ
■ଉପଯୋଗ କଲେ ଟାୱାର ଚଢ଼ା କୌଶଳ
■ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସର ତନାଘନା
■୧୦୦ବର୍ଷର ଜେଲ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ

### ୱାର୍ଡେନ ନିଲମ୍ବିତ

ଢେଙ୍କାନାଳ ଜିଲା କାରାଗାରରୁ ବିଚାରାଧୀନ କଏଦୀ ଫେରାର ହୋଇଯିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି ୱାର୍ଡେନ ଇନ୍ଦ୍ରମଣି ସେଠୀ। ସେହିପରି ମୁଖ୍ୟ ୱାର୍ଡେନ ସଞ୍ଜୟ କୁମାର ସ୍ୱାଇଁ ଏବଂ ୱାର୍ଡେନ ପ୍ରୀତିରଞ୍ଜନ ଜେନାଙ୍କୁ ଚୌଦ୍ୱାର ମଣ୍ଡଳ କାରାଗାରକୁ ବଦଳି କରାଯାଇଛି। ଶନିବାର ସମ୍ବଲପୁରରୁ ଜେଲ୍ ଡିଆଇଜି କାରାଗାର ପରିଦର୍ଶନ କରିଥିଲେ। ଏଥିସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚୌଦ୍ୱାର ମଣ୍ଡଳ କାରାଗାର ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ଜେଲ ସୁପରିଣ୍ଟେଣ୍ଡେଣ୍ଟ ବୀରେନ ସାହୁ କହିଛନ୍ତି।

### କାମରେ ଆସୁନି ୱାଚ୍ ଟାୱାର

ଢେଙ୍କାନାଳ ଜିଲା କାରାଗାରର କଏଦୀଙ୍କ ଉପରେ ନଜର ରଖିବାକୁ ଜେଲ ଭିତର ପାର୍ଶ୍ୱରେ ନିର୍ମିତ ହୋଇଛି ୪ଟି ୱାଚ୍ ଟାୱାର। ୨୦୦୬-୦୭ବର୍ଷରେ ଏହାର ନିର୍ମାଣ କାମ ସରିଥିବାବେଳେ ଅଦ୍ୟାବଧି ଏଠାରେ କର୍ମଚାରୀ ନିୟୋଜିତ ହେଉନାହାନ୍ତି। ଫଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ନିର୍ମାଣ କରାଯାଇଥିବା ୱାଚଟାୱାର କୌଣସି କାମରେ ଲାଗୁନାହିଁ। ଏହା କେବଳ ଲୋକଦେଖାଣିଆ ଭାବେ ରହିଥିବା ଆଲୋଚନା ହେଉଛି।

■ଗ୍ରାମ ଦର୍ଶନ କାର୍ଯ୍ୟକ୍ରମ

## ଗାଁ ବୁଲିଲେ, ଶୃଙ୍ଖଳା ଶିଖିଲେ

**କାମାକ୍ଷାନଗର,୧୫।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ଶନିବାର ଗ୍ରାମ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୯ମ ଶ୍ରେଣୀର ଛାତ୍ରୀଛାତ୍ର କାନପୁର ଗ୍ରାମ ପରିଦର୍ଶନ କରି ଗ୍ରାମ୍ୟ ଜୀବନ, ଶୃଙ୍ଖଳା ଏବଂ ସ୍ୱଚ୍ଛତା ବିଷୟରେ ଜ୍ଞାନ ଆହରଣ କରିଥିଲେ। ଗ୍ରାମ ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ବରିଷ୍ଠ ସଭ୍ୟ ଦୋଳଗୋବିନ୍ଦ ରାଉତ, ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଗ୍ରାମର ଐତିହ୍ୟ, ପରମ୍ପରା ଓ ସାଂସ୍କୃତିକ ପୃଷ୍ଠଭୂମୀ ସମ୍ପର୍କରେ ଅବଗତ କରାଇଥିଲେ। ସ୍ୱାଧୀନତା ସଂଗ୍ରାମରେ ପାଇକଙ୍କ ଭୂମିକା ସମ୍ପର୍କରେ ପିଲାମାନେ ଶିକ୍ଷାଲାଭ କରିଥିଲେ। ଏଥିସହ ଭାଗବତ ଟୁଙ୍ଗୀ, କୋଠଘର ବୁଲି ଦେଖିଥିଲେ। ପ୍ରଧାନ ଆଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ପିଲାମାନେ ବିଭିନ୍ନ ଦୁଃସାହସିକ କୌଶଳ ପ୍ରଦର୍ଶନ କରିଥିଲେ।



ସେହିପରି ରବିବାର ସ୍କୁଲରେ ଜେଜେ ବାପା ଓ ଜେଜେ ମା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମାନସହଂସ କୃଷ୍ଣଚନ୍ଦ୍ର ଦାସ, ପରିଚାଳନା କମିଟି ସଭାପତି ସଞ୍ଜୀବ କୁମାର ମିଶ୍ର ଯୋଗଦେଇ ପରିବାରରେ ବୟସ୍କ ସଦସ୍ୟଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଆଚାର୍ଯ୍ୟ ପ୍ୟାରୀମୋହନ ଦାସ, ବିନୋଦିନୀ ସାହୁ, ସୁଚିତ୍ରା ଓଝା, ସୁନିତା ବେହେରା, ପ୍ରତିମା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କାର୍ଯ୍ୟାନୁଷ୍ଠାନ ନ ହେବାରୁ ଡିଏଫ୍‌ଓଙ୍କୁ ଭେଟିଲେ

**କେନ୍ଦୁଝର, ୧୫।୧୨ (ସ୍ୱ.ପ୍ର.)**

ଘଟଗାଁ ମା’ ତାରିଣୀ ମନ୍ଦିର ନିକଟ ଶାଳ ଜଙ୍ଗଲକୁ ନଷ୍ଟ କରାଯାଇ ବ୍ୟବସାୟିକ କାମରେ ବ୍ୟବହାର କରାଯାଉଥିବା ଅଭିଯୋଗ ହେବାପରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଥିଲେ ମଧ୍ୟ ଏ ଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହି ସ୍ଥାନରୁ ୬୦ ମୂଲ୍ୟବାନ ଗଛ କଟାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିବାବେଳେ ତଦନ୍ତ ବେଳେ କମ ଗଛ ନଷ୍ଟ ହୋଇଥିବା ଦର୍ଶାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଲୋକ ଗୁରୁବାର କେନ୍ଦୁଝର ଡିଏଫଓଙ୍କୁ ଭେଟି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏହି ଜଙ୍ଗଲଟିକୁ ଲିଜ୍ ଆକାରରେ ବ୍ଲକକୁ ଦିଆ ଯାଇଥିବା ବେଳେ ପରେ କର୍ତ୍ତୃପକ୍ଷ ଏହାକୁ ସ୍ଥାନୀୟ ପଞ୍ଚାୟତକୁ ହସ୍ତାନ୍ତର କରିଥିଲେ। ଗତ ୩ ବର୍ଷ ହେଲା ଚୁକ୍ତି ଖିଲାପ କରାଯାଇ ଏହି ସ୍ଥାନକୁ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଯାଇଆସୁଥିବା ସେମାନେ ଡିଏଫ୍‌ଓଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

■ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

## ଷ୍ଟାର ଏକାଦଶ ଚାମ୍ପିୟନ



ଟ୍ରଫିସହ ଚାମ୍ପିୟନ ଦଳର ଖେଳାଳିମାନେ।

**ଢେଙ୍କାନାଳ ଅଫିସ, ୧୫।୧୨**

ଢେଙ୍କାନାଳର ଯୁବ ସଙ୍ଗଠନ ବଜରଙ୍ଗ କ୍ଲବ ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ସହଯୋଗରେ ରବିବାର କଙ୍କଡାହାଡ଼ ଖେଳପଡ଼ିଆରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଗ୍ରାମ ସଭାପତି ଦେବରାଜ ବେହେରା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ମହେଶ୍ୱର ବେହେରା, ସାମାଜିକ କର୍ମୀ ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଫୁଟ୍‌ବଲ ଦଳ ମଧ୍ୟରୁ ମାଝିସାହି, ବନମାଳୀପ୍ରସାଦ, ନଛିପୁରା, ଷ୍ଟାର ଏକାଦଶ ସେମିଫାଇନାଲ୍‌କୁ ଯାଇଥିଲେ। ଫାଇନାଲ ମ୍ୟାଚ୍‌ରେ ବନମାଳୀପ୍ରସାଦକୁ ହରାଇ ଷ୍ଟାର ଏକାଦଶ ଚାମ୍ପିୟନ ହୋଇଛି। ସନ୍ତୋଷ ସାହୁ ରେଫେରି ଦାୟିତ୍ୱ ତୁଲାଇଥିଲେ।

କଙ୍କଡ଼ାହାଡ଼ ବଜରଙ୍ଗ କ୍ଲବ ସଭାପତି ଜିତେନ୍ଦ୍ର ବେହେରା, ଉପସଭାପତି ଅଜିତ ମହାରଣା, ସମ୍ପାଦକ ବିଶ୍ୱଜିତ୍ ବେହେରା, ସହସମ୍ପାଦକ ଜ୍ୟୋତିରଞ୍ଜନ ସେଠୀ, ସଭ୍ୟ ପିଣ୍ଟୁ ବେହେରା, ଜ୍ୟୋତିରଞ୍ଜନ ବେହେରା, ସ୍ମୃତିରଞ୍ଜନ ସେଠୀ, ଶ୍ରୀବତ୍ସ ବେହେରା, ବିଭୂତି ଭୂଷଣ ବେହେରା, ବୈଦ୍ୟନାଥ ବିନ୍ଧାଣୀ, ନିକୁନ୍ ବେହେରା, ମଳୟ କୁମାର ବିନ୍ଧାଣୀ ପ୍ରମୁଖ ସହଯୋଗ କରିଥିଲେ।

## ନୂଆକୋଟ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା



କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର, ଗୁରୁଜୀଗୁରୁମାଙ୍କ ସମେତ ଅନ୍ୟମାନେ।

**ହିନ୍ଦୋଳ, ୧୫।୧୨(ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ପଞ୍ଚାୟତ ନୂଆକୋଟ ଡିହସାହିସ୍ଥିତ ଓଡ଼ିଶା ଶିଶୁମନ୍ଦିରର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ୨୦ ବିଭାଗ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୭୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀ ଶତାବ୍ଦୀ ସାହୁ, ପ୍ରତିପ୍ରଜ୍ଞା ଜେନା, ପ୍ରଜ୍ଞାପାରମିତା ବେହେରା, ସ୍ୱୟଂଜିତ ପ୍ରଧାନ, ପ୍ରୀତମଜିତ ବେହେରା ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ଏଥିସହ ଅନ୍ୟ ୬୦ଜଣ ମଧ୍ୟ କୃତିତ୍ୱ ଅର୍ଜନ କରିଛନ୍ତି। ସମସ୍ତଙ୍କୁ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ।

ମୁଖ୍ୟଅତିଥି ଭାବେ ଆଇନଜୀବୀ ବିଭୂତି ଭୂଷଣ ବେହେରା, ସମ୍ମାନିତ ଅତିଥି ହିନ୍ଦୀ ଶିକ୍ଷକ ଅଭୟ କୁମାର ସାହୁ, କ୍ରୀଡ଼ା ଶିକ୍ଷୟିତ୍ରୀ ଅନୁପମା ଭଞ୍ଜ, ଖବରଦାତା ତ୍ରିନାଥ ବେହେରା, ଶିଶୁ ମନ୍ଦିର ପ୍ରଧାନ ଶିକ୍ଷୟିତ୍ରୀ ଜଳିଲତା ସାହୁ, ପ୍ରତିଷ୍ଠାତା ସମ୍ପାଦକ କାହ୍ନୁଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ପରମେଶ୍ୱର ଦାସ ଖେଳ ପରିଚାଳନା କରିଥିଲେ। ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ସହଯୋଗ କରିଥିଲେ।

■ଭାଜପା ମଣ୍ଡଳ ସଭାପତି, ପ୍ରତିନିଧିଙ୍କ ନାମ ଘୋଷଣା

## ଅଜୟଙ୍କୁ ମ୍ୟୁନିସିପାଲିଟି ମଣ୍ଡଳ ଦାୟିତ୍ୱ

**ଢେଙ୍କାନାଳ ଅଫିସ, ୧୫।୧୨**

ଢେଙ୍କାନାଳ ଜିଲାର ୨୯ ଭାଜପା ମଣ୍ଡଳର ସଭାପତି ଏବଂ ପ୍ରତିନିଧିଙ୍କ ନାମ ଶୁକ୍ରବାର ଘୋଷଣା କରାଯାଇଛି। ଏ ନେଇ ଜିଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ଅଜୟ କୁମାର ଭଞ୍ଜଙ୍କୁ ଢେଙ୍କାନାଳ ମ୍ୟୁନିସିପାଲିଟି ମଣ୍ଡଳ ସଭାପତି ଦାୟିତ୍ୱ ଦିଆଯାଇଥିବାବେଳେ ପ୍ରତିନିଧି ଭାବେ ଧ୍ରୁବଚରଣ ସ୍ୱାଇଁଙ୍କ ନାମ ଘୋଷଣା କରାଯାଇଛି।

ସେହିପରି ମହାବିରୋଡ ମଣ୍ଡଳ ସଭାପତି ଭାବେ କୃଷ୍ଣଚନ୍ଦ୍ର ସାହୁ, ପ୍ରତିନିଧି ସୁକୁମାର ସାହୁ, କଙ୍କଡାହାଡ଼ ମଣ୍ଡଳ ସଭାପତି ନାଉରୀ ସିଂ, ପ୍ରତିନିଧି ମନମୋହନ ସିଂ, ତୁମୁସିଙ୍ଗା ମଣ୍ଡଳ ସଭାପତି ମୀନକେତନ ନାୟକ, ପ୍ରତିନିଧି ଶିବପ୍ରସାଦ ସାହୁ, ଅଷ୍ଟଶମ୍ଭୁ କୁଆଲୋ ମଣ୍ଡଳ ସଭାପତି ଦୟାନିଧି ସାହୁ, ପ୍ରତିନିଧି ନବକିଶୋର ବେହେରା, ସାଆନ୍ଦା ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ନାୟକ, ପ୍ରତିନିଧି ବିଜୟ କୁମାର ସାହୁ, ପରଜଙ୍ଗ ମଣ୍ଡଳ ସଭାପତି ରମେଶ ସାହୁ, ପ୍ରତିନିଧି ପ୍ରଶାନ୍ତ ବେହେରା, ବାରୁଆଁ (କ) ମଣ୍ଡଳ ସଭାପତି ବିଜୟ ମଲ୍ଲ, ପ୍ରତିନିଧି ଚନ୍ଦନ ବେହେରା, ବଡସୁଆଁଳ ମଣ୍ଡଳ ସଭାପତି ସଞ୍ଜୟ ରାଉତ, ପ୍ରତିନିଧି ଲକ୍ଷ୍ମଣ ବିଶ୍ୱାଳ, ବଣସିଂହ ମଣ୍ଡଳ ସଭାପତି ରାମଚନ୍ଦ୍ର ବିଶ୍ୱାଳ, ପ୍ରତିନିଧି ରାଜକିଶୋର ସାହୁ, ଜିରାଳ ମଣ୍ଡଳ ସଭାପତି ମହେଶ୍ୱର ପରିଡ଼ା, ପ୍ରତିନିଧି ଅଭୟ ନାୟକ, ବାରୁଆଁ (ଖ) ମଣ୍ଡଳ ସଭାପତି ସଞ୍ଜୟ ଦାସ, ପ୍ରତିନିଧି ଭଜମନ ସାମଲ, ମହୁଲପାଳ (ଖ) ମଣ୍ଡଳ ସଭାପତି ଚୈତନ୍ୟ ବେହେରା, ପ୍ରତିନିଧି ଆନନ୍ଦ ସାହୁ, ଭୁବନ ଏନ୍‌ଏସି ମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା, ପ୍ରତିନିଧି ମୋହନ ନାୟକ, କାମାକ୍ଷାନଗର ଏନ୍‌ଏସି ମଣ୍ଡଳ ସଭାପତି ସନ୍ଦୀପ ପଟ୍ଟନାୟକ, ପ୍ରତିନିଧି ଅଶ୍ୱିନୀ କୁମାର ମହାପାତ୍ର, ମୋଟଙ୍ଗା ମଣ୍ଡଳ ସଭାପତି ଜ୍ୟୋତିପ୍ରକାଶ ରାଉତ, ପ୍ରତିନିଧି ଭକ୍ତବନ୍ଧୁ ବେହେରା, ଓଡ଼ାପଡ଼ା ମଣ୍ଡଳ ସଭାପତି ବନଜ ରଥ, ପ୍ରତିନିଧି ମନୋଜ ମହାରଣା, ଗୁଣ୍ଡିଚାପଡା ମଣ୍ଡଳ ସଭାପତି କ୍ଷୀରୋଦ ପାତ୍ର, ପ୍ରତିନିଧି ପ୍ରଶାନ୍ତ ପ୍ରଧାନ, ପାରିଜୁଲ ମଣ୍ଡଳ ସଭାପତି ଧର୍ମାନନ୍ଦ ସେନାପତି, ପ୍ରତିନିଧି ଜୀବନ ମିଶ୍ର, ହାତୁରା ମଣ୍ଡଳ ସଭାପତି ଅଜିତ୍ କୁମାର ସାମଲ, ପ୍ରତିନିଧି ଦିଲୀପ ପଟ୍ଟନାୟକ, ବାବନ୍ଧ ମଣ୍ଡଳ ସଭାପତି ଅଶୋକ ରାଉତ, ପ୍ରତିନିଧି ସୁଶାନ୍ତ ପତି, ରାସୋଳ ମଣ୍ଡଳ ସଭାପତି ମନୋରଞ୍ଜନ ନାଥ, ପ୍ରତିନିଧି ଫକୀର ମୋହନ ଖଟୁଆ, ହିନ୍ଦୋଳ ଏନ୍‌ଏସି ମଣ୍ଡଳ ସଭାପତି ସନ୍ତୋଷ ବେହେରା, ପ୍ରତିନିଧି ମନୋରଞ୍ଜନ ନାୟକ, ଯୋରନ୍ଦା ମଣ୍ଡଳ ସଭାପତି ପ୍ରତ୍ୟୁଷ ହରି ପ୍ରଧାନ, ପ୍ରତିନିଧି ଅମ୍ବିକା ପ୍ରସାଦ ମିଶ୍ର, କପିଳାସ ମଣ୍ଡଳ ସଭାପତି ଶୈଳେନ୍ଦ୍ର ସିଂ, ପ୍ରତିନିଧି ଶତ୍ରୁଘ୍ନ ରାଉତ, ଗଁଦିଆ ମଣ୍ଡଳ ସଭାପତି ଲଳିତ ମୋହନ ଦାସ, ପ୍ରତିନିଧି ସଞ୍ଜୟ ପୃଷ୍ଟି, ନିହଲପ୍ରସାଦ ମଣ୍ଡଳ ସଭାପତି ପ୍ରଦୀପ କୁମାର ଦାସ, ପ୍ରତିନିଧି ଶୈଳେନ୍ଦ୍ର ଜେନା, ଭାପୁର ମଣ୍ଡଳ ସଭାପତି ଧ୍ରୁବଚରଣ ରାଉତ, ପ୍ରତିନିଧି ମଧୁସୂଦନ ଜେନା, ଶଙ୍କରପୁର ମଣ୍ଡଳ ସଭାପତି ଅଭିମନ୍ୟୁ ବେହେରା, ପ୍ରତିନିଧି ଭାବେ ରବୀନ୍ଦ୍ର ବେହେରାଙ୍କ ନାମ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ଜିଲାର ବରିଷ୍ଠ ଭାଜପା ନେତାଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଁଅରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ଆଜି କ'ଣ କେଉଁଠି

■ପରଜଙ୍ଗ
ଜନ ଅଭିଯୋଗ ଶୁଣାଣି ଶିବିର
ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ପରଜଙ୍ଗ
ସମୟ: ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ପ୍ରେମୀଯୁଗଳଙ୍କୁ ଧରି ନିସ୍ତୁକ ମାଡ଼

**ପରଜଙ୍ଗ, ୧୫।୧୨(ଡି.ଏନ୍.ଏ.)**
ଘରୁ ଫେରାର ହୋଇଯାଇଥିବା ଜନୈକ ପ୍ରେମୀଯୁଗଳଙ୍କୁ ଝିଅ ଘର ଲୋକେ ଧରି ନିସ୍ତୁକ ପଟିବା ଘଟଣା ଶନିବାର ପରଜଙ୍ଗ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ତାଳଚେର ଅଞ୍ଚଳର ସମ୍ପୃକ୍ତ ସ୍କୁଲ ଛାତ୍ରୀ ଶୁକ୍ରବାର ତାଙ୍କ ପ୍ରେମିକଙ୍କ ସହ ଘରୁ ପଳାଇ ଆସିଥିଲେ। ଏ ନେଇ ଝିଅ ଘର ପକ୍ଷରୁ ଥାନାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା। ବାଇକ୍‌ରେ ଯାଉଥିବାବେଳେ ପରଜଙ୍ଗ ବଜାରରେ ଉଭୟଙ୍କୁ ଧରିଥିଲେ ଝିଅ ଘର ଲୋକେ। ସେଠାରେ ଉଭୟଙ୍କୁ ପିଟିଥିଲେ। ଝିଅଙ୍କ ଜଣେ ସମ୍ପର୍କୀୟ ବାଇକ୍ ଚାବି ବାହାର କରି ରଖିଥିବାବେଳେ ପ୍ରେମିକ ଜଣକ କୌଶଳକ୍ରମେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପୋଲିସ ପହଞ୍ଚି ଛାତ୍ରୀଙ୍କୁ ହେପାଜତକୁ ନେଇଥିଲା। ଖବର ଲେଖାଯିବା ସୁଦ୍ଧା ଛାତ୍ରୀ ଓ ତାଙ୍କ ଘର ଲୋକେ ଥାନାରେ ଅଛନ୍ତି। ଛାତ୍ରୀଙ୍କୁ ତାଳଚେର ପୋଲିସ ଜିମା ଦିଆଯିବ ବୋଲି ପରଜଙ୍ଗ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

### ୧୨୫ ୟୁନିଟ ରକ୍ତ ସଂଗ୍ରହ



**ଢେଙ୍କାନାଳ ଅଫିସ, ୧୫।୧୨:**
ଢେଙ୍କାନାଳ ଦେଉଳସାହିସ୍ଥିତ ନେତାଜୀ କ୍ଲବ ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି, ଅନୁଷ୍ଠାନର ପ୍ରଦୀପ କୁମାର ଜେନା, ସଞ୍ଜୟ କୁମାର ଭଞ୍ଜ ପ୍ରମୁଖ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ମୋଟ ୧୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ରକ୍ତଭଣ୍ଡାର ଡାକ୍ତର ପ୍ରମୋଦ କୁମାର ମହାଳିକ, ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ରାକେଶ କୁମାର ବେହେରା, ଷ୍ଟାଫ୍ ନର୍ସ ମାଳତିଲତା ନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ। କ୍ଲବ ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

### କାର୍ ପଛରେ ପିଟିଲା ବାଇକ୍, ଜଣେ ଗୁରୁତର

**ପରଜଙ୍ଗ, ୧୫।୧୨(ଡି.ଏନ୍.ଏ.):**
ପରଜଙ୍ଗ ଥାନା ଡିହଡୋଳ-ମହାବିରୋଡ଼ ପୂର୍ତ୍ତ ବିଭାଗ ରାସ୍ତାର କନ୍ତୁର ଗ୍ରାମ ନିକଟରେ ରବିବାର ସକାଳେ କାର୍ ପଛରେ ପିଟି ହୋଇ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଆମ୍ବପଳାସ ଗ୍ରାମର ସୀମାଂଶୁ ପରିଡ଼ା। ତାଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଯୁବକ ଜଣଙ୍କ ପରଜଙ୍ଗ ଆସୁଥିବାବେଳେ ଆଗରେ ଯାଉଥିବା ଉକ୍ତ କାର୍ ହଠାତ୍ ବ୍ରେକ୍ ମାରିଥିଲା। ଫଳରେ ସୀମାଂଶୁ ଗାଡ଼ି ପଛପଟେ ପିଟି ହୋଇ ଛିଟିକି ପଡ଼ିଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଟିପ୍ପର ବାଇକ୍ ଉପରେ ଚଢ଼ିଯାଇଥିଲା। ବାଇକ୍‌ଟି ଚୂରମାର ହୋଇଯାଇଛି। ଦୁର୍ଘଟଣା ପରେ କାର୍ ଏବଂ ଟିପ୍ପର ଛୁ' ମାରିଥିଲେ। ପୋଲିସ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଛି।

### ବିଦ୍ୟୁତ୍ କର୍ମଚାରୀ ମହାସଂଘର ନୂତନ କର୍ମକର୍ତ୍ତା

**ଢେଙ୍କାନାଳ ଅଫିସ, ୧୫।୧୨**
ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ବାର୍ଷିକ ବୈଠକ ଉପସଭାପତି ମଳୟ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୨୦୨୦ ବର୍ଷ ପାଇଁ ଡିଭିଜନ ସମ୍ପାଦକ ଭାବେ ମୃତ୍ୟୁଞ୍ଜୟ ପ୍ରଧାନ, ସହ ସମ୍ପାଦକ ପ୍ରମୋଦ ତ୍ରିପାଠୀ, ସଞ୍ଜିତ ଶତପଥୀ, ସଙ୍ଗଠନ ସମ୍ପାଦକ ଅଜୟ ପଟ୍ଟନାୟକ, ସହ ସଙ୍ଗଠନ ସମ୍ପାଦକ ସମୀର ରଞ୍ଜନ ନାୟକ, ମହେଶ୍ୱର ପରିଡ଼ା, କୋଷାଧ୍ୟକ୍ଷ ଭାବେ ବିକାଶ କୁମାର ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ସମସ୍ତ ସେକ୍ସନର କାର୍ଯ୍ୟନିର୍ବାହୀ ସଭ୍ୟ, ସବ୍‌ଡିଭିଜନର ସେକ୍ରେଟାରୀଙ୍କୁ ମଧ୍ୟ ନିର୍ବାଚିତ କରାଯାଇଥିଲା। ଆୟୋଜିତ ସଭାରେ ସର୍କଲ ସମ୍ପାଦକ ପ୍ରାଣବନ୍ଧୁ ମହାନ୍ତି, ଚାଇଁପାଳ ଡିଭିଜନ ସମ୍ପାଦକ ବିକାଶ ସାହୁ, ଅନୁଗୋଳ ଡିଭିଜନ ସମ୍ପାଦକ ସୁରେନ୍ଦ୍ର ଦାସ ଉପସ୍ଥିତ ଥିଲେ। ଡିସେମ୍ବର ୨୪ ଏବଂ ୨୫ରେ ସଂଘର ପ୍ରଥମ ବାର୍ଷିକ ସମ୍ମିଳନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

■ଜଙ୍ଗଲରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

# ହାତୀ ଆକ୍ରମଣରେ ମୃତ୍ୟୁ ଅଭିଯୋଗ


ଘଟଣାସ୍ଥଳରେ ବନ କର୍ମଚାରୀ, ପୋଲିସ ତଦନ୍ତ କରୁଛନ୍ତି।

■କ୍ଷତିପୂରଣ ଦାବି, ମୃତଦେହ ଛାଡ଼ିଲେନି ଗ୍ରାମବାସୀ

■ବ୍ୟବଚ୍ଛେଦ ରିପୋର୍ଟରୁ ସତ ଜଣାପଡ଼ିବ: ରେଞ୍ଜର

**ପରଜଙ୍ଗ, ୧୫।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ବେରଣା ବଡ଼କଟା ନିକଟ ଜଙ୍ଗଲରୁ ରବିବାର ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଡମୋଳ ଗ୍ରାମର ବୁଧେଇ ବେହେରା (୬୦)। ମହିଳାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ହାତୀ ଆକ୍ରମଣରେ ତାଙ୍କ ଜୀବନ ଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ବୁଧେଇ ଶନିବାର ଛେଳି ଚରାଇବାକୁ ଜଙ୍ଗଲକୁ ଯାଇଥିଲେ। ଅପରାହ୍ନରେ ଛେଳି ପଲ ଘରକୁ ବାହୁଡ଼ିଥିବାବେଳେ ବୃଦ୍ଧା ଜଣକ ଆସି ନ ଥିଲେ। ପରିବାର ଲୋକେ, ଗ୍ରାମବାସୀ ଏବଂ ବନ କର୍ମଚାରୀ ତାଙ୍କୁ ଖୋଜାଖୋଜି କରିଥିଲେ। ହେଲେ ସନ୍ଧ୍ୟା ହୋଇଯିବାରୁ ହାତୀ ଭୟରେ ଫେରି ଆସିଥିଲେ। ରବିବାର ସକାଳେ ପୁଣି ଥରେ ଉକ୍ତ ଅଞ୍ଚଳରେ ତଲାସି କରିବା ବେଳେ ବୁଧେଇଙ୍କ ମୃତଦେହ ମିଳିଥିଲା। ଘଟଣାସ୍ଥଳରୁ କିଛି ଦୂରରେ ବୁଧେଇ ବ୍ୟବହାର କରୁଥିବା ଚପଲ ଏବଂ ବାଡ଼ି ପଡ଼ିଥିଲା। ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ସୂଚନା ପାଇ କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜର ସତ୍ୟ ନାରାୟଣ ସାହୁ, ମହାବିରୋଡ଼ ରେଞ୍ଜର ସୁବ୍ରତ ବେହେରା, ଫରେଷ୍ଟର ରାମଚନ୍ଦ୍ର ରାଉତ, ଥାନାଧିକାରୀ ବିଜୟ କୁମାର ହାଇବ୍ରୁ ପ୍ରମୁଖ ସଦଳବଳ ପହଞ୍ଚି ତଦନ୍ତ କରିଥିଲେ।

ଅନ୍ୟପଟେ କ୍ଷତିପୂରଣ ଦାବିରେ ଗ୍ରାମବାସୀ ମୃତଦେହ ଉଠାଇବାକୁ ଦେଇ ନ ଥିଲେ। ସରକାରୀ ନିୟମ ଅନୁଯାୟୀ ପ୍ରଥମେ ମୃତକଙ୍କ ପରିବାରକୁ ୪୦ହଜାର ଟଙ୍କା ଦେବାକୁ ସେମାନେ ଅଡ଼ି ବସିଥିଲେ। ହେଲେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାରୁ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ କ୍ଷତିପୂରଣ ଦିଆଯିବ ବୋଲି ରେଞ୍ଜର କହିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଆବଶ୍ୟକ ଯାଞ୍ଚ ପରେ ଆକାଉଣ୍ଟକୁ ଟଙ୍କା ଛଡ଼ାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। କାମାକ୍ଷାନଗର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

ବୁଧେଇଙ୍କ ସ୍ୱାମୀ ଗାଣ୍ଡୁ ବେହେରା ହାତୀ ଆକ୍ରମଣରେ ଗୁରୁତର ହୋଇ ଶଯ୍ୟାଶାୟୀ ଅଛନ୍ତି। ତାଙ୍କୁ ବନ ବିଭାଗ ପକ୍ଷରୁ କୌଣସି କ୍ଷତିପୂରଣ ପ୍ରଦାନ କରାଯାଇ ନ ଥିବା ମୃତ ମହିଳାଙ୍କ ସମ୍ପର୍କୀୟ କହିଛନ୍ତି। ଅପରପକ୍ଷେ ହାତୀ ଘଉଡ଼ାଇବା କାର୍ଯ୍ୟରେ ନିୟୋଜିତ ବନ କର୍ମଚାରୀ ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଅଞ୍ଚଳବାସୀ ଡିଏଫ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

■ଶିଡ଼ିରୁ ପଡ଼ି ବାୟୁସେନା ଅଧିକାରୀ ମୃତ

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ


ମୃତ ବାୟୁସେନା ଅଧିକାରୀଙ୍କ ସମ୍ପର୍କୀୟଙ୍କୁ ଜାତୀୟପତାକା ଏବଂ ଟୋପି ପ୍ରଦାନ କରାଯାଉଛି।

**କାମାକ୍ଷାନଗର, ୧୫।୧୨(ଡି.ଏନ୍.ଏ.)**

**ବାରୁଆଁ (କା)ରେ ଶୋକାକୁଳ ପରିବେଶ**

କର୍ମସ୍ଥଳରେ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଥିବା ଭାରତୀୟ ବାୟୁସେନାର ଜୁନିୟର ୱାରେଣ୍ଟ ଅଫିସର ଧନେଶ୍ୱର ସାହୁଙ୍କ ଶେଷକୃତ୍ୟ ରବିବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ଏହାକୁ ନେଇ ପୈତୃକ ଗ୍ରାମ କାମାକ୍ଷାନଗର ବ୍ଲକ ବାରୁଆଁ (କା)ରେ ସୃଷ୍ଟି ହୋଇଥିଲା ଶୋକାକୁଳ ପରିବେଶ।

ଧନେଶ୍ୱର ରାଜସ୍ଥାନର ନାଲ ବାୟୁସେନା କାର୍ଯ୍ୟାଳୟରେ ନିୟୋଜିତ ଥିଲେ। ଡିସେମ୍ବର ୧ରେ ଡ୍ୟୁଟି ସାରି କ୍ୱାର୍ଟର୍ସକୁ ଫେରିବା ବେଳେ ସେ ଅସାବଧାନତାବଶତଃରୁ ଶିଡ଼ିରୁ ଖସିପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେ କୋମାରେ ଥିଲେ। ସେଠାକାର ସେନା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରବିବାର ଏକ ସ୍ୱତନ୍ତ୍ର ଗାଡ଼ିରେ ମରଶରୀର ଗ୍ରାମକୁ ଅଣାଯାଇଥିଲା। ସରପଞ୍ଚ ମମତା ମାହୁନ୍ତ, ସମିତିସଭ୍ୟ ଦୀପକ ମାହୁନ୍ତ, ଜିଲା ପରିଷଦ ସଭ୍ୟ ହୃଦାନନ୍ଦ ପରିଡ଼ା, ବାୟୁସେନାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ତୋପସଲାମୀ ଦିଆ ଯିବାପରେ ଅନ୍ତିମ ସଂସ୍କାର କରାଯାଇଥିଲା। ଧନେଶ୍ୱର ୧୯୯୭ରେ ଚାକିରିରେ ଯୋଗଦେଇଥିଲେ। ତାଙ୍କ ଘରେ ମା', ସ୍ତ୍ରୀ ଏବଂ ୨ ପୁଅ ଅଛନ୍ତି।

# ଟାଟାଷ୍ଟିଲ୍ ବିଏସ୍‌ଏଲ୍‌କୁ ଶକ୍ତି ସଂରକ୍ଷଣ ପୁରସ୍କାର


ପୁରସ୍କାର ସହିତ କମ୍ପାନୀର ଅଧିକାରୀମାନେ।

**ଓଡ଼ାପଡ଼ା, ୧୫।୧୨(ଡି.ଏନ.ଏ.)**

ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ବିଏସ୍‌ଏଲ କମ୍ପାନୀକୁ ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର ମିଳିଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ-୨୦୧୯ ଉପଲକ୍ଷେ ଶନିବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ରଙ୍କଠାରୁ କମ୍ପାନୀର ପରିବେଶ ବିଭାଗ ମୁଖ୍ୟ ସରୋଜ ବାନାର୍ଜୀ ଏହି ପୁରସ୍କାର ଗ୍ରହଣ କରିଥିଲେ। ୧୦୦ ମେଗାୱାଟ୍‌ରୁ ଅଧିକ କ୍ୟାପ୍‌ଟିଭ ପ୍ଲାଣ୍ଟ ବର୍ଗରେ ଉତ୍ତମ ପ୍ରଦର୍ଶନ, କାର୍ବନ ନିର୍ଗମନ ମାତ୍ରା ହ୍ରାସ ଏବଂ ଜୀବାଶ୍ମ ଇନ୍ଧନର ବ୍ୟବହାର କମ୍, ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ, ଉର୍ଜା ଦକ୍ଷତା ପରିଯୋଜନା କ୍ଷେତ୍ରରେ ସୁଧାର ଆଣିପାରିଥିବାରୁ କମ୍ପାନୀକୁ ଏହି ପୁରସ୍କାର ଦିଆଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ଶକ୍ତି ବିଭାଗ କମିଶନର ତଥା ସଚିବ ବିଷ୍ଣୁପଦ ସେଠୀ, ପରିବେଶ ପାଠ୍ୟକ୍ରମ କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ଡ. ଆଶୁତୋଷ ଦେବତା, ମୁଖ୍ୟଯନ୍ତ୍ରୀ ସନ୍ତୋଷ ଦାସ, କମ୍ପାନୀର ବ୍ଲାଷ୍ଟ ଫର୍ନେସ ଭିପି ରାଜେଶ ଶ୍ରୀବାସ୍ତବ, ସେଣ୍ଟ୍ରାଲ ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ଭିପି ରାଜେଶ ଅଗ୍ରୱାଲ, କୋକ୍ ପ୍ଲାଣ୍ଟ-୨ର ଏଭିପି ଅମର ବୌନ୍ତରା, ପରିବେଶ ବିଭାଗର କୈଳାସ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାବଲମ୍ବୀ କରିବ ବିୟୁଟି ପାର୍ଲର ତାଲିମ

**ଢେଙ୍କାନାଳ ଅଫିସ, ୧୫।୧୨**

ଢେଙ୍କାନାଳ ସହର ରଥଗଡ଼ାସ୍ଥିତ ୟୁକୋ ବ୍ୟାଙ୍କ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନରେ ଏକମାସ ଧରି ଚାଲିଥିବା ବିୟୁଟି ପାର୍ଲର ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଲିଡ୍ ବ୍ୟାଙ୍କ ଅଧିକାରୀ ବିଶ୍ୱନାଥ ପଟ୍ଟନାୟକ, ଜୀବିକା ମିଶନ ଜିଲା କାର୍ଯ୍ୟକ୍ରମ ଅଧିକାରୀ ନିରୋଜ ଜେନା, ଜିଲା ନିୟୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଆଲୋକ ମହାନ୍ତି, ନିର୍ଦ୍ଦେଶିକା ପୁଷ୍ପଲତା ତ୍ରିପାଠୀ, ତାଲିମଦାତା ରଶ୍ମିବାଳା ଜେନା, ଚିନ୍ମୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆଧୁନିକ ସମୟରେ ମହିଳା, ଯୁବତୀମାନେ ଫ୍ୟାଶନକୁ ବେଶି ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଅଜସ୍ର ଟଙ୍କା ବି ଖର୍ଚ୍ଚ କରୁଛନ୍ତି। ଏ ଦିଗରେ ବିୟୁଟି ପାର୍ଲର ରୋଜଗାରର ମାଧ୍ୟମ ପାଲଟିଛି। ଜଣେ ଚାହିଁଲେ ସ୍ୱଳ୍ପ ସମୟ ବିନିଯୋଗ କରି ଏଥିରୁ ଅର୍ଥ ଉପାର୍ଜନ କରି ସ୍ୱାବଲମ୍ବୀ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିଲାଗି ବ୍ୟାଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ଅନୁଷ୍ଠାନର ସୁଚିତ୍ରା ଗଡ଼ନାୟକ, କାଦମ୍ବରୀ ମହାକୁଡ, ପ୍ରଣବ ରଞ୍ଜନ ମିଶ୍ର, ସତ୍ୟମ୍ ଶୁଭମ୍ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ପ୍ରମାଣପତ୍ର ସହ ପ୍ରଶିକ୍ଷାର୍ଥୀମାନେ।

■ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

# ୩୫ ବିଭାଗରେ କୌଶଳ ଦେଖାଇଲେ ଛାତ୍ରୀଛାତ୍ର


ଟ୍ରଫି ସହ କୃତୀ ପ୍ରତିଯୋଗୀମାନେ।

**କାମାକ୍ଷାନଗର, ୧୫।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଯନ୍ତାରିବୋଲସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଶେଷ ହୋଇଛି। ମୋଟ ୩୫ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଏବଂ କନିଷ୍ଠ ବର୍ଗରେ ପ୍ରତିଯୋଗୀମାନେ ଭାଗନେଇ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ।

ପରିଚାଳନା କମିଟି ସଦସ୍ୟ ସନ୍ଦୀପ ପଟ୍ଟନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଶିକ୍ଷାବିତ୍ ମାୟାଧର ପାଣି ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଶାରୀରିକ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ପ୍ରଧାନଶିକ୍ଷକ ବଟକୃଷ୍ଣ ଦାସ, ସମ୍ମାନିତ ଅତିଥି ଆଇନଜୀବୀ ପ୍ରେମାନନ୍ଦ ସାହୁ, ଭାରପ୍ରାପ୍ତ ଅଧ୍ୟକ୍ଷ ଟୁନା ପରିଡ଼ା ଛାତ୍ର ଜୀବନରେ ଖେଳକୁଦର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ମାନସ ରଞ୍ଜନ ଘଡ଼ାଇ, କ୍ରୀଡ଼ା ଶିକ୍ଷକ ଶ୍ରୀକାନ୍ତ ବର୍ମା, ଶିକ୍ଷୟିତ୍ରୀ ଅଭିସ୍ମିତା ସାହୁଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■୨୮ତମ ରାଜ୍ୟ ଥ୍ରୋ-ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

# ରାଉରକେଲାକୁ ହରାଇ ପୁରୀ ଚାମ୍ପିୟନ

**ଢେଙ୍କାନାଳ ଅଫିସ, ୧୫।୧୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଦାଣ୍ଡିମାଳ ସରକାରୀ ହାଇସ୍କୁଲ ପଡ଼ିଆରେ ଦୁଇଦିନ ଧରି ଚାଲିଥିବା ୨୮ତମ ରାଜ୍ୟ ଥ୍ରୋ-ବଲ୍ ପ୍ରତିଯୋଗିତା ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଉଭୟ ମହିଳା ଏବଂ ପୁରୁଷ ବିଭାଗରେ ପୁରୀ ଚାମ୍ପିୟନ ହୋଇଛି। ମହିଳା ବିଭାଗରେ ୧୫-୧୩ ଓ ୧୫-୪ ଏବଂ ପୁରୁଷ ବିଭାଗରେ ୧୫-୦୯, ୧୪-୧୬ ଏବଂ ୧୫-୧୦ ପଏଣ୍ଟ ବ୍ୟବଧାନରେ ରାଉରକେଲାକୁ ହରାଇ ପୁରୀ ବାଜିମାତ କରିଛି। ମହିଳା ବିଭାଗରେ ପୁରୀର ଶୁଭଦର୍ଶିନୀ ଜେନା ଏବଂ ପୁରୁଷ ବିଭାଗରେ ରାଉରକେଲାର ଜ୍ୟୋତିର୍ମୟ ଜ୍ଞାନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଶ୍ରୀକାନ୍ତ ଦତ୍ତ, ଯଶୋବନ୍ତ ପରମଗୁରୁ, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ପାର୍ଥ ଦାସ, ଶେଖ ରେହେମାନ ରେଫରି ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଦଳକୁ ଟ୍ରଫି ଦେଇଥିଲେ। ସମ୍ମାନିତ ଅତିଥି ବିଧାୟିକା ସୀମାରାଣୀ ନାୟକ ଉପସ୍ଥିତ ରହି କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଦାଣ୍ଡିମାଳ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ସଭାପତି ମୋହନ ମୁରାରୀ ମିଶ୍ର, ପରିଚାଳନା କମିଟି ସଭାପତି ଶଶାଙ୍କ ଶେଖର ରଥ, ପ୍ରଧାନ ଶିକ୍ଷକ ଅମର କୁମାର ମଲ୍ଲିକ, ରାଜ୍ୟ ଥ୍ରୋ-ବଲ୍ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ରନାଥ ଦାସ, ରାଜ୍ୟ ଥ୍ରୋ-ବଲ୍ ଆସୋସିଏଶନ ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଥ୍ରୋ-ବଲ୍ ଆସୋସିଏଶନ କାର୍ଯ୍ୟକାରୀ ସଭାପତି ରାଜକିଶୋର ବେହେରା, ସମ୍ପାଦକ ରାମକୃଷ୍ଣ ବେହେରା, ଅମୀୟ କୁମାର ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଅତିଥିଙ୍କ ସହ ମହିଳା ବିଭାଗ ଚାମ୍ପିୟନ ଟିମ୍।


ପୁରୁଷ ବିଭାଗ ଚାମ୍ପିୟନ ଟିମ୍ ।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଜଣେ ଗୁରୁତର

**ସଜନାଗଡ଼, ୧୫।୧୨(ଡି.ଏନ.ଏ.):** ନୀଳଗିରି ବ୍ଲକ୍ ଗରଡ଼ିହି ପଞ୍ଚାୟତର ଚାଇନ୍ଦର ଗ୍ରାମର ଛାଟିଆ ସିଂଙ୍କ ପୁଅ ସୁଦାମ (୩୫) ରବିବାର ନିକଟସ୍ଥ ଟିଆକଟା ଜଙ୍ଗଲକୁ ଛେଳି ନେଇ ଆସୁଥିବା ବେଳେ ହଠାତ୍ ଏକ ହାତୀ ଅତର୍କିତ ଭାବେ ଗୋଡ଼ାଇଥିଲା। ସୁଦାମ ଜୀବନ ବିକଳରେ ଦୌଡ଼ି ଦୌଡ଼ି ଆସୁଥିବା ବେଳେ ଜଙ୍ଗଲ ମଧରେ ପଡ଼ିଯିବାରୁ ତାର ଛାତିରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ପୂର୍ବ ଶତ୍ରୁତାରୁ ଦମ୍ପତିଙ୍କୁ ଆକ୍ରମଣ

**ଭଦ୍ରକ ଅଫିସ,୧୫।୧୨:** ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଜଳଙ୍ଗା ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏକ ଦମ୍ପତିଙ୍କୁ ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ଦମ୍ପତି ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଜାଣିବାକୁ ମିଳିଛି। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ ପୋଲିସ ଘଟଣାର ତଦନ୍ତ କରୁ ନ ଥିବା ଅଭିଯୋଗ ହେଉଛି। ଆକ୍ରମଣର ଶିକାର ହୋଇଥିବା ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଜଳଙ୍ଗା ବଜାରରେ ତାଙ୍କ ସ୍ୱାମୀଙ୍କର ଏକ ଜଳଖିଆ ଦୋକାନ ରହିଛି। ଶୁକ୍ରବାର ସକାଳେ ଦୋକାନ ଖୋଲିବାକୁ ଯିବାରୁ ସେହି ଗ୍ରାମର ୬ ଜଣ ଆକ୍ରୋଶମୂଳକ ଭାବେ ଉଭୟଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିସହ ତାଙ୍କର ଏକ ବାଇକ୍ ଭାଙ୍ଗି ଦେଇଥିବା ସେ ଦର୍ଶାଇଛନ୍ତି।

### ଆକ୍ରମଣ, ୧୦ ହଜାର ଲୁଟ୍

**ସୋର, ୧୫।୧୨(ଡି.ଏନ.ଏ.):** ସୋର ଉତ୍ତରେଶ୍ୱରଠାରେ ଥିବା ଠିପିଖୋଲା ମଦ ଦୋକାନ ନିକଟରେ ଜଣେ ବସ୍ ହେଲପରଙ୍କୁ କାଚରେ ଆକ୍ରମଣ କରି ୨ଜଣ ଯୁବକ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ହେଲପର ହେଉଛନ୍ତି ସୋର ମ୍ୟୁନିସିପାଲିଟି କମରପୁର ଗ୍ରାମର କୈଳାଶ ମହାଲିକ। ସେ ରବିବାର ସନ୍ଧ୍ୟାରେ ମଦ ଦୋକାନ ନିକଟ ଏକ ଦୋକାନରେ ଖାଉଥିବା ବେଳେ ଅନ୍ୟ ୨ଜଣ ଯୁବକ ସେଠାରେ ଖାଉଥିଲେ। କୌଣସି କାରଣରୁ ସେମାନଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ସମ୍ପୃକ୍ତ ୨ ଯୁବକ ହେଲପର୍ କୈଳାଶଙ୍କୁ ଏକ କାଚରେ ଆକ୍ରମଣ କରି ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ପରେ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା।

### ସୂଚନା ଅଧିକାର ଅଭିଯାନ କର୍ମଶାଳା

**ସୋର, ୧୫।୧୨(ଡି.ଏନ୍.ଏ.):** ସୋର ସହରସ୍ଥ ଶିକ୍ଷକ ଭବନ ପରିସରରେ ଓଡିଶା ସୂଚନା ଅଧିକାର ଅଭିଯାନ(ଓସା) ଭଦ୍ରକ ଜିଲା ଶାଖା ପକ୍ଷରୁ ସୂଚନା ଅଧିକାର ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ ପୁହାଣ ପୌରୋହିତ୍ୟ କରିଥିଲେ। ଓସାର ରାଜ୍ୟ ଆବାହକ ପ୍ରଦୀପ କୁମାର ପ୍ରଧାନ ମୁଖ୍ୟଅତିଥି, ଅନ୍ୟତମ ଅତିଥି ଭାବେ ଓସା ଭଦ୍ରକ ଜିଲା ଶାଖା ସଭାପତି ପ୍ରକାଶ କୁମାର ଜେନା, ଆବାହକ ବିଶ୍ୱକେଶରୀ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ।

■ଚଳଚଞ୍ଚଳ ବାୟାଣୀ ପୀଠ

# ବଣଭୋଜିରେ ସାମିଲ ଶତାଧିକ ପର୍ଯ୍ୟଟକ ଦଳ


ବାୟାଣୀ ପୀଠରେ ପର୍ଯ୍ୟଟକମାନେ ଭୋଜି କରୁଛନ୍ତି।

**ଛେଣ୍ଡିପଦା,୧୫।୧୨(ସ୍ୱ.ପ୍ର)**

ପର୍ଯ୍ୟଟନ ଋତୁରେ ଚଳଚଞ୍ଚଳ ହୋଇଉଠିଛି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡା ମା'ବାୟାଣୀଙ୍କ ପୀଠ। ପ୍ରତିଦିନ ଏଠାକୁ ଜିଲା ତଥା ଜିଲା ବାହାରୁ ବହୁ ପର୍ଯ୍ୟଟକ ଆସି ବଣଭୋଜିର ମଜା ନେଉଛନ୍ତି। ଏଥିସହିତ ପୀଠ ଚାରିପାଖରେ ଥିବା ସୌନ୍ଦର୍ଯ୍ୟମୟ ପରିବେଶକୁ ଉପଭୋଗ କରୁଛନ୍ତି। ରବିବାର ପୀଠରେ ୧ ଶହରୁ ଊର୍ଦ୍ଧ୍ୱ ପର୍ଯ୍ୟଟନ ଦଳ ଆସି ବଣଭୋଜି ସହ ମନୋରଞ୍ଜନ କରୁଥିବା ଦେଖିବାକୁ ମିଳିଥିଲା।

ପାତ୍ରପଡା ଗ୍ରାମ ଦେବୀ ନଗର ପାହାଡର ପାଦ ଦେଶରେ ରହିଛି ମା'ବାୟାଣୀ ଠାକୁରାଣୀଙ୍କ ପୀଠ। ଏହାର ପାର୍ଶ୍ୱରେ ବୋହିଯାଇଛି ଚିରସ୍ରୋତା ମାଦେଳିଆ ଯୋର। ଉକ୍ତ ଯୋରରେ ମନ୍ଦିରର ଉପରି ଭାଗରେ ରହିଛି ଚୁନପଥରରେ ନିର୍ମିତ ଡ୍ୟାମ। ସେହିପରି ପୀଠ ପାଖରେ ବହୁ ପୁରାତନ ବାଗଦରୀ ମଠ, ଗୁମ୍ଫା, ଜଗନ୍ନାଥ ମନ୍ଦିର ଓ ଆକର୍ଷଣୀୟ ଫୁଲ ବଗିଚା ରହିଛି। ଘଞ୍ଚ ଜଙ୍ଗଲ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ପାହାଡର ପାଦଦେଶ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରୁଛି। ଏହି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ପ୍ରତିବର୍ଷ ନଭେମ୍ବରରୁ ମେ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଗହଳି ଲାଗିଥାଏ। ଅନୁଗୋଳଠାରୁ ଛେଣ୍ଡିପଦା ଦେଇ ଏହି ସ୍ଥାନକୁ ଯାତ୍ରା କରିହୁଏ। ହଣ୍ଡପା ଠାରୁ ମଧ ଏହି ସ୍ଥାନକୁ ଯାଇହେବ। ରାଜ୍ୟ ସରକାର ୧୯୯୮ରେ ଉକ୍ତ ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରିଛନ୍ତି। ଗ୍ରାମ୍ୟ କମିଟି ସଭାପତି ଚୈତନ୍ୟ ସାହୁ, ଉପସଭାପତି ବାଳକୃଷ୍ଣ ସାହୁ, ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ପ୍ରାଧ୍ୟାପକ ଲୋକନାଥ ସାହୁ, ସରପଞ୍ଚ ଯୋଗେଶ୍ୱର ସାହୁ, ପ୍ରକାଶ ସାହୁ, ବାସୁଦେବ ସାହୁ ପ୍ରମୁଖ ପୀଠର ଉନ୍ନତୀମୂଳକ କାର୍ଯ୍ୟରେ ସହଯୋଗ କରୁଛନ୍ତି। ବର୍ତ୍ତମାନ ପୀଠରେ ପର୍ଯ୍ୟଟକଙ୍କ ଗହଳି ଲାଗି ରହିଥିବାରୁ ଛେଣ୍ଡିପଦା ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଉଛି।

■ପ୍ରକାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

# କଡଲା, ବାଘଧରିଆ ଟିମ୍ ବିଜୟୀ


ଅତିଥି ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

**ସାତମାଇଲ, ୧୫।୧୨(ଡି.ଏନ.ଏ.)**

ସାତମାଇଲସ୍ଥିତ ଜନତା କଲେଜ ଖେଳପଡ଼ିଆରେ ରବିବାର ୯ମ ପ୍ରକାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ବାଲିମୀ ଏକାଦଶକୁ ୪ ଉଇକେଟରେ ହରାଇ କଡଲା ଏବଂ ହମାବୀରା ଏକାଦଶକୁ ୪ ଉଇକେଟରେ ହରାଇ ବାଘଧରିଆ ବିଜୟୀ ହୋଇଛି। ନିରୋଦ ପଟ୍ଟନାୟକ, ବଦ୍ରିକା ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିବାବେଳେ ବିଜନ୍ ମିଶ୍ର ଧାରା ବିବରଣୀ ଦେଇଥିଲେ।

ଅମରଜ୍ୟୋତି ଯୁବକସଂଘ ଏବଂ ଡାଇମଣ୍ଡ କ୍ରିକେଟ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ଜିଲା ପରିଷଦ ଅଧ୍ୟକ୍ଷା ମିନତି ନାୟକ ଉଦ୍‌ଘାଟନ କରିଥିଲେ। କିଷାନ ପଟ୍ଟନାୟକ, ଅବନୀ ରଞ୍ଜନ ଜେନା, ପର୍ଶୁରାମ ଗଡନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଯୁବକ ସଂଘର କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିଥିଲେ।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍




**ଭାପୁର, ୧୫।୧୨(ଡି.ଏନ.ଏ.)**

ଢେଙ୍କାନାଳ ସଦର ବ୍ଲକ ଭାପୁର ଗ୍ରାମରେ ଚାଲିଥିବା ମାଣବସା ଲକ୍ଷ୍ମୀପୂଜା ଉପଲକ୍ଷେ ଯାତ୍ରାପାର୍ଟି କଳାକାରଙ୍କୁ ନେଇ ରବିବାର ଅପରାହ୍ଣରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ରଙ୍ଗମହଲ ଯାତ୍ରା ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୦୯ ରନ୍ ସଂଗ୍ରହ କରିଥିଲା। ଜବାବରେ ସ୍ୱର୍ଣ୍ଣମହଲ ୧୦ ଓଭରରେ ୧୧୧ ରନ୍ କରି ବିଜୟୀ ହୋଇଥିଲା। ମ୍ୟାଚ୍ ଏବଂ କଳାକାରଙ୍କୁ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା।

## ରଟିଣାରେ ସତ୍ୟସାଇ ମନ୍ଦିର ପ୍ରତିଷ୍ଠା

**ଖଇରା, ୧୫।୧୨ (ଡି.ଏନ.ଏ.):** ଖଇରା ବ୍ଲକ ରଟିଣା ଗ୍ରାମରେ ସତ୍ୟସାଇ ବାବାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଧର୍ମସଭାରେ ରାଜ୍ୟ ସଭାପତି ନାରାୟଣ ପ୍ରସାଦ ସର, ଜିଲା ସଭାପତି ଶ୍ୟାମାଚରଣ ଦାସମହାପାତ୍ର, ପୂର୍ବତନ ସଭାପତି ଡ ରମାକାନ୍ତ ନାୟକ ପ୍ରମୁଖ ବାବାଙ୍କ ବାଣୀ ଶୁଣାଇଥିଲେ। ପୂର୍ବତନ ଆବାହକ ସୁଦର୍ଶନ ସାହୁ ବିବରଣୀ ପାଠ କରିଥିଲେ। ରଟିଣା ସମିତ ଆବାହକ ଡ ପରୀକ୍ଷିତ ବେହେରା ଧନ୍ୟବାଦ ଦେଇଥିଲେ। ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଖଇରା ସମିତିର ଆବାହକ ଶୁଭ୍ରାଂଶୁ ଶେଖର ମହାପାତ୍ର ତଥା ଖଇରା, ସଇଁ, ନଟାପଡା ଓ ଗେଙ୍ଗୁଟିଆ ଭଜନମଣ୍ଡଳୀ ଓ ସେବା ଦଳ ଏଥିରେ ସହାୟତା କରିଥିଲେ।

# ମାଛକୁଟା ଚାମ୍ପିୟନ




**ଛେଣ୍ଡିପଦା,୧୫।୧୨(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ କୁକୁରପେଟା ଖେଳ ପଡିଆରେ ପଞ୍ଚାୟତସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ କୁକୁରପେଟା ଓ ମାଛକୁଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାଛକୁଟା ଦଳ କୁକୁରପେଟା ଦଳକୁ ୩-୦ସେଟରେ ହରାଇ ଚାମ୍ପିୟନ ହୋଇଛି। ମୁଖ୍ୟଅତିଥି ଭାବେ ଯୁବନେତା ଅଗସ୍ତି ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଶ୍ରୀନିବାସ ପ୍ରଧାନ, କୁକୁରପେଟା ଦଳର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ଧାନ ଅମଳ ହ୍ରାସ, ଚାଷୀ ହତାଶ

**ବାଲିଆପାଳ,୧୫।୧୨(ଡି.ଏନ.ଏ.)**

ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଖରିଫ ଧାନ ଅମଳ ଆଶାତୀତ ଭାବେ ହ୍ରାସ ପାଇଛି। ଫଳରେ ଚାଷୀ ହତାଶ ହୋଇଛନ୍ତି। ଏବେ ଧାନ ଅମଳ ଜୋରସୋରରେ ଚାଲିଥିବାରୁ ଚାଷୀମାନେ ଏହି ଆଶଙ୍କା ବ୍ୟକ୍ତ କରିଛନ୍ତି। ଚଳିତ ଖରିଫ ଋତୁରେ ଧାନ ଚାଷ ଏହି ଅଞ୍ଚଳରେ ଖୁବ୍ ଭଲ ହୋଇଥିଲା। ଚାଷୀମାନେ ସମବାୟ ଓ ଜାତୀୟକରଣ ବ୍ୟାଙ୍କରୁ କୃଷି ଋଣ ଆଣି ଚାଷ କରିଥିଲେ। ମାତ୍ର ଘୂର୍ଣ୍ଣିଝଡ ବୁଲ୍‌ବୁଲ ପ୍ରଭାବରେ ଚାଷୀଙ୍କର ଧାନ ଚାଷ ଉଜୁଡିଯାଇଛି। ବହୁ ଚାଷୀଙ୍କର ଜମିରୁ ଧାନ ଅମଳ ଅଦ୍ୟାବଧି ହୋଇପାରିନାହିଁ। ପାଣ୍ଠ ଓ ଗହୀର ଜମିରେ ପାଣି ଜମି ରହିଛି। ଫଳରେ ଚାଷୀ ଧାନ ଅମଳ କରି ନ ପାରି ହଇରାଣ ହରକତ ହେଉଛନ୍ତି। ବାଲିଆପାଳ ବ୍ଲକର ଭାତଥାଳି କୁହାଯାଉଥିବା ଷୋଳଶା ପାଣ୍ଠ ଜମିରେ ଅଦ୍ୟାବଧି ପାଣି ରହିଥିବାରୁ ଧାନକେଣ୍ଡାଗୁଡିକ ପାଣିରେ ପଡି ଭାସୁଛି। ଅନ୍ୟ ପକ୍ଷରେ ଦୈନନ୍ଦିନ ମଜୁରି ମୂଲ୍ୟ ବୃଦ୍ଧି ପାଇ ଚାଲିଥିବାରୁ ପୁରୁଣା ଓ ପୁରୁଖା ଚାଷୀମାନେ ଧାନ ଚାଷ କରିବେ ନାହିଁ ବୋଲି କହିଛନ୍ତି। କେତେକ ଚାଷୀ ବିଲରେ ପାଚିଲା ଧାନ ଛାଡି ଦେଇଆସିଛନ୍ତି। ସେସବୁ ଜମିରେ ଗୋରୁ ବୁଲୁଛନ୍ତି। ତେବେ ଯେଉଁ ଚାଷୀମାନେ ସମବାୟ ଓ ଜାତୀୟକରଣ ବ୍ୟାଙ୍କରୁ ଋଣ ଆଣି ଚାଷ କରିଥିଲେ ସେମାନେ ଧାନ ଅମଳ ହ୍ରାସ ଯୋଗୁ ଚିନ୍ତାରେ ପଡିଛନ୍ତି। ସରକାର ଚାଷୀଙ୍କ ଏହି ସମସ୍ୟାକୁ ସମାଧାନ ନ କଲେ ଏଠାରେ ଚାଷୀ ଆତ୍ମହତ୍ୟା ଭଳି ଘଟଣା ଯେ ନ ଘଟିବ ଏକଥା ଏଡାଯାଇ ନ ପାରେ। ତେବେ ଧାନ ଅମଳ ହ୍ରାସ ନେଇ ସରକାରଙ୍କୁ ଜଣାଯାଇଛି ବୋଲି ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ମଣ୍ଡଳ କହିଛନ୍ତି।

# ସୁସ୍ଥ ରହିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

**ବଇଣ୍ଡା,୧୫।୧୨(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ହାଇସ୍କୁଲ ପରିସରରେ ରବିବାର ଆୟୁଷ ମନ୍ତ୍ରାଳୟ ଭାରତ ସରକାରଙ୍କ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସରପଞ୍ଚ ମହେଶ୍ୱର ଦେହୁରି, ଅନ୍ୟତମ ଅତିଥି ଭାବେ ପ୍ରଧାନଶିକ୍ଷକ ମଳୟ କୁମାର ସାହୁ, ସହକାରୀ ଶିକ୍ଷକ ଶିବାସିଷ ମିଶ୍ର, ଆୟୁଷ ମନ୍ତ୍ରାଳୟର କର୍ମଚାରୀ ସ୍ୱାତୀ ଆର ଆଗୁଆରୀ, ଅକ୍ଷୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ କିଭଳି ନିଜକୁ ଫିଟ୍ ରଖିବେ ସେ ନେଇ ଅତିଥିମାନେ ପରାମର୍ଶ ଦେଇଥିଲେ। ଶେଷରେ ସେମାନଙ୍କୁ ସଚେତନାର ଏକ ବାର୍ତ୍ତା କାର୍ଡ ବଣ୍ଟନ କରାଯାଇଥିଲା।


ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନେ।

# ବଣିକ ସଂଘର ନୂତନ କର୍ମକର୍ତ୍ତା


ବଣିକ ସଂଘ ପକ୍ଷରୁ ଅନୁଷ୍ଠିତ ବୈଠକ।

**ଭୁବନ, ୧୫।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ନୂଆ ଭୁବନ ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ ରବିବାର ଅନୁଷ୍ଠିତ ହୋଇଯାଇଛି। ହୃଷୀକେଶ ମିଶ୍ରଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ସେହିପରି ଉପସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ଅନିରୁଦ୍ଧ ମିଶ୍ର, ସହ ସମ୍ପାଦକ ସୁନୀଲ କୁମାର ରାଉଳ ଏବଂ କୋଷାଧ୍ୟକ୍ଷ ଭାବେ ବିଷ୍ଣୁ ପ୍ରସାଦ ବେହେରା ଚୟନ ହୋଇଛନ୍ତି। ଏଥିସହ ବରିଷ୍ଠ କର୍ମକର୍ତ୍ତାଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଅଞ୍ଚଳରେ ସମସ୍ତ ବ୍ୟବସାୟୀ ସଙ୍ଗଠିତ ହୋଇ କାମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବରିଷ୍ଠ କର୍ମକର୍ତ୍ତା ନାରାୟଣ ସାହୁ ବୈଠକରେ ସଭାପତିତ୍ୱ କରିଥିଲେ।

■ରାଜ୍ୟସ୍ତରୀୟ ଜୁନିୟର କବାଡ଼ି ପ୍ରତିଯୋଗିତା


# ଜଗତସିଂହପୁର, ଖୋର୍ଦ୍ଧା ଚାମ୍ପିୟନ

**ତାଳଚେର,୧୫।୧୨(ନି.ପ୍ର.)**

ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପକ୍ଷରୁ ଥର୍ମାଲସ୍ଥିତ ଶକ୍ତି ଷ୍ଟାଡିୟମଠାରେ ଚାଲିଥିବା ୪୬ତମ ରାଜ୍ୟସ୍ତରୀୟ ଜୁନିୟର କବାଡ଼ି ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାଳକ ବିଭାଗରେ କଟକ ଟିମକୁ ୪୬-୩୧ ପଏଣ୍ଟରେ ହରାଇ ଜଗତସିଂହପୁର ଚାମ୍ପିୟନ ହୋଇଛି। ସେହିପରି ବାଳିକା ବିଭାଗରେ ଖୋର୍ଦ୍ଧା ଟିମ ୩୯-୨୫ ପଏଣ୍ଟରେ କିଟକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅନୁଗୋଳର ଅତିରିକ୍ତ ଏସପି ଯଦୁନାଥ ହାଁସଦା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେନେରାଲ ମ୍ୟାନେଜର ଡି. ଏନ. ତିୱାରୀ,





ଅନୁରୁଦ୍ଧ ସିହ୍ନା, କେ.ଆର ପାଣ୍ଡୁ, ଜିଲା କବାଡି ଆସୋସିଏଶନର ସଭାପତି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏସ.ଏମ ପାଢୀ ଓ ସିପା ସୁତପା ମଞ୍ଚ ପରିଚଳନା କରିଥିଲେ। ଏଜିଏମ ଏଲିଇସ ଟପ୍ପୋ ଧନ୍ୟବାଦ ଦେଇଥିଲେ।



## ଅଙ୍ଗାରକାମ୍ଳକୁ ନିୟନ୍ତ୍ରଣ କରିବ ବ୍ୟାକ୍ଟେରିଆ

ବର୍ତ୍ତମାନ ସମଗ୍ର ବିଶ୍ୱରେ ବାୟୁ ପ୍ରଦୂଷଣ ଏକ ଗମ୍ଭୀର ସମସ୍ୟା ଭାବରେ ଉଭାହୋଇଛି। ଏହାର ପ୍ରଭାବ ସିଧାସଳଖ ଜୀବଜଗତ ଉପରେ ପଡୁଛି। ତେଣୁ ବାୟୁ ପ୍ରଦୂଷଣକୁ କିପରି ଦୂରକରିହେବ ସେ ନେଇ ବିଭିନ୍ନ ଦେଶର ବୈଜ୍ଞାନିକମାନେ ଚେଷ୍ଟା ଜାରି ରଖିଛନ୍ତି। ଏ କ୍ଷେତ୍ରରେ ଆଉ ପାଦେ ଅଗ୍ରସର ହୋଇଛନ୍ତି ଇସ୍ରାଏଲର ୱାଇଜମେନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ବୈଜ୍ଞାନିକମାନେ। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ୍)କୁ ନିୟନ୍ତ୍ରଣରେ ରଖିବାକୁ ସେମାନେ ଏକ ବ୍ୟାକ୍ଟେରିଆ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛନ୍ତି। ଏହି ବ୍ୟାକ୍ଟେରିଆ ବାୟୁମଣ୍ଡଳରେ ପ୍ରବେଶ କରିବା ପରେ ଅଙ୍ଗାରକାମ୍ଳକୁ ଶୋଷି ନେବାର କ୍ଷମତା ରଖିଛି। ଖାସ୍ କଥା ହେଲା ଏଭଳି ବ୍ୟାକ୍ଟେରିଆର ଶାରୀରିକ ବିକାଶ ପାଇଁ ଅଙ୍ଗାରକାମ୍ଳର ଆବଶ୍ୟକ ହୋଇଥାଏ। ପରୀକ୍ଷାମୂଳକ ଭାବରେ ଏଥିରୁ ସଫଳତା ମିଳିବା ପରେ ତାହାକୁ କିପରି ଅନ୍ୟ କ୍ଷେତ୍ରରେ ଉପଯୋଗ କରାଯାଇପାରିବ ସେ ନେଇ ଉକ୍ତ ଇନ୍‌ଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକମାନେ ଚେଷ୍ଟା ଜାରି ରଖିଛନ୍ତି।



## ଥାଇରଏଡ୍ ପାଇଁ ମେଦବହୁଳତା ଦାୟୀ ନୁହେଁ

ଥାଇରଏଡ୍ ପରି ସମସ୍ୟା ପାଇଁ ମେଦବହୁଳତା ଦାୟୀ ନୁହେଁ। ଏପରି ଏକ ରୋଚକପୂର୍ଣ୍ଣ ତଥ୍ୟ ନିକଟରେ ଲୋକଲୋଚନକୁ ଆସିଛି। ଏ ସମ୍ପର୍କରେ ଦୀର୍ଘଦିନ ଧରି ଗବେଷଣା କରିବା ପରେ ଆମେରିକାସ୍ଥିତ ମିଶିଗାନ୍ ମେଡିକାଲ ସେଣ୍ଟରର ବିଶେଷଜ୍ଞମାନେ ଏପରି କଥା ଜାଣିପାରିଛନ୍ତି। ଗବେଷଣା ସମୟରେ ଥାଇରଏଡ୍ ହରମୋନ୍ ସ୍ତରକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ତେବେ ଥାଇରଏଡ୍ ରୋଗୀଙ୍କର ହରମୋନ୍ ସ୍ତର ଯଦି କୌଣସି କାରଣରୁ ଅସନ୍ତୁଳିତ ହୁଏ ତେବେ ତାହାର ସେତେ ପ୍ରଭାବ ଥାଇରଏଡ୍ ଉପରେ ପଡି ନ ଥାଏ ବୋଲି ଉକ୍ତ ଗବେଷଣାରୁ ଜଣାପଡିଥିଲା। ବିଶେଷଭାବରେ ଥାଇରଏଡ୍ ରୋଗୀଙ୍କ ମନରୁ ଏଭଳି ଧାରଣା ଦୂରହେବା ଆବଶ୍ୟକ ବୋଲି ଉକ୍ତ ମେଡିକାଲ ସେଣ୍ଟର ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ସଙ୍କୁଚିତ ହେଉଛି ବୃହସ୍ପତିର ରେଡ୍ ସ୍ପଟ୍

ସୌରଜଗତରେ ବୃହତ୍ତମ ଗ୍ରହ ଭାବରେ ବୃହସ୍ପତିକୁ ବିବେଚନା କରାଯାଇଥାଏ। ଏଥିରେ ଗତ କିଛି ଦଶନ୍ଧି ଧରି ଏକ ବଡ଼ ରେଡ୍ ସ୍ପଟ୍ ଉପରେ ଗବେଷଣା ଜାରି ରହିଛି। ଏ ନେଇ ନିକଟରେ ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ମହାକାଶ ବିଜ୍ଞାନୀମାନେ ଏକ ଚାଞ୍ଚଲ୍ୟକର ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। ଏକ ନିଆଁ ପିଣ୍ଡୁଳା ଆକାରରେ ଦୃଶ୍ୟମାନ ହେଉଥିବା ଏହି ରେଡ୍ ସ୍ପଟ୍‌ର ଆକାର ପୂର୍ବାପେକ୍ଷା କମିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଏହି ଗବେଷଣାର ମୁଖ୍ୟ ତଥା ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ମେକାନିକାଲ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଫିଲିପ ମାର୍କସ କହନ୍ତି, ''ଏହି ରେଡ୍ ସ୍ପଟ୍ ଆକାର କମିଛି, ହେଲେ ଏହା ଯେ ଭବିଷ୍ୟତରେ ବିଲୀନ ହୋଇଯିବ ସେପରି ଅନୁମାନ ଏବେ କରିବା ଠିକ୍ ହେବ ନାହିଁ। ଏହି ସ୍ପଟ୍ ଚାରିପଟେ ଝଡ଼ର ବାଦଲ ମଧ୍ୟ ଦେଖିବାକୁ ମିଳିଛି।''

# ରାଜାଙ୍କ ରୋଗ ଓ ରୋଗଙ୍କ ରାଜା



ଡା. ନିତ୍ୟାନନ୍ଦ ସ୍ୱାଇଁ







**ରକ୍ତରେ ୟୁରିକ୍ ଏସିଡ୍ ମାତ୍ରା ବଢ଼ିଗଲେ ଜାତ ହୋଇପାରେ ଗାଉଟ୍। ୟୁରିକ୍ ଏସିଡ୍ ସମସ୍ୟା ଦ୍ୱାରା ପୀଡ଼ିତ ଲୋକଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ମାତ୍ର ଆକ୍ରାନ୍ତ ଲୋକଙ୍କ ସଂଖ୍ୟା ବଢ଼ିଲେ ବି ରୋଗଟି ସମ୍ପର୍କରେ ସଚେତନ ଥିବା ଲୋକଙ୍କ ସଂଖ୍ୟାକୁ ଆଙ୍ଗୁଠି ଅଗରେ ଗଣି ଦେଇହେବ। ଏହି କାରଣରୁ ରୋଗର ଠିକ୍ ଚିକିତ୍ସା ସମ୍ଭବ ହୋଇପାରୁନି। ତେଣୁ ୟୁରିକ୍ ଏସିଡ୍‌ର ଅତ୍ୟାଚାରରୁ ତ୍ରାହିପାଇବା ପାଇଁ ସଚେତନତାକୁ ହିଁ ଅସ୍ତ୍ରରୂପେ ବ୍ୟବହାର କରିବା ଏକମାତ୍ର ପନ୍ଥା...**

ରାଜାଙ୍କ ରୋଗ ଓ ରୋଗଙ୍କ ରାଜା ?- ସତରେ କ'ଣ ଏମିତି ଏକ ରୋଗ ଅଛି ? ହଁ, ଅଛି। 'ଗାଉଟ୍' ନାମକ ରୋଗକୁ ମିଳିଛି ଏପରି ଏକ ଅସୂୟାସୂଚକ ସମ୍ମାନ। ହେଲେ କାହିଁକି ଏପରି କଟୂକ୍ତି ? କ'ଣ ଏହି ରୋଗଟିର ନାଡ଼ି ନକ୍ଷତ୍ର ?

'ଗାଉଟ୍' ଶବ୍ଦଟି 'ଗଟ୍ଟା' ନାମକ ଲାଟିନ ଶବ୍ଦରୁ ଆସିଅଛି। 'ଗଟ୍ଟା'ର ଅର୍ଥ 'ବୁନ୍ଦା'। ପୂର୍ବରୁ ବିଶ୍ୱାସ କରାଯାଉଥିଲା ଯେ ଏକ ବିଷାକ୍ତ ଉପାଦାନ ବୁନ୍ଦା ବୁନ୍ଦା ହୋଇ ଗଣ୍ଠିଗୁଡ଼ିକ ଭିତରେ ପଡ଼ିଲେ ଗାଉଟ ରୋଗ ଜାତ ହୁଏ।

ଥୋମାସ ସିଡେନହାମ ଥିଲେ ଜଣେ ଇଂରେଜ ଡାକ୍ତର। ଜୀବନ ସାରା ସେ ଗାଉଟ୍ ରୋଗ ଭୋଗିଚାଲିଥିଲେ। ନିଜ ଅଭିଜ୍ଞତାରୁ ସେ ଏହି ରୋଗଟି ସମ୍ପର୍କରେ ବିସ୍ତୃତ ବିବରଣୀ ଲିପିବଦ୍ଧ କରିଯାଇଛନ୍ତି। ତେଣୁ ତାଙ୍କୁ 'ଗାଉଟ୍‌ର ସେକ୍ସପିୟର' ଭାବେ ଅଭିହିତ କରାଯାଏ। ସେ ଉଲ୍ଲେଖ କରିଛନ୍ତି – ' ଯେଉଁ ବୟସ୍କ ବ୍ୟକ୍ତିମାନେ ଖୁବ୍ ଆରାମରେ ଜୀବନଯାପନ କରିଥାନ୍ତି, ଯେଉଁମାନେ ବିଳାସ ପରାୟଣ ଓ ଇନ୍ଦ୍ରିୟାସକ୍ତ, ଅଭ୍ୟାସାସକ୍ତ ମଦ୍ୟପ ଏବଂ ନିୟମିତ ଖାଇଥାନ୍ତି ବେଶି ପରିମାଣର ମାଛ, ମାଂସ, ଅଣ୍ଡା ଆଦି ଆମିଷ ଜାତୀୟ ଖାଦ୍ୟ, ସେହିଭଳି ବ୍ୟକ୍ତିମାନେ ଗାଉଟ୍‌ର ଆକ୍ରମଣ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଏବଂ ଏହି ରୋଗରେ ଅସାଧାରଣ ଭାବେ ତୀବ୍ର ଯନ୍ତ୍ରଣା ହେଉଥିବାରୁ ଗାଉଟ୍‌କୁ ରାଜାମାନଙ୍କ ରୋଗ ଓ ରୋଗମାନଙ୍କ ରାଜା ବୋଲି କହିବା ଯଥାର୍ଥ। 'ମହାନ୍ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡର, ଫ୍ରାନ୍ସର ସମ୍ରାଟ ଚତୁର୍ଦ୍ଦଶ ଲୁଇ, ବୈଜ୍ଞାନିକ ଆଇଜାକ୍ ନିଉଟନ୍ ରକ୍ତ ସଞ୍ଚାଳନର ଆବିଷ୍କର୍ତ୍ତା ଉଇଲିୟମ୍ ହାଲେ, ଆମେରିକୀୟ ରାଜନୀତିଜ୍ଞ ତଥା ବୈଜ୍ଞାନିକ ବେଞ୍ଜାମିନ୍ ଫ୍ରାଙ୍କଲିନ୍, ଖ୍ରୀଷ୍ଟିୟାନ ଧର୍ମଗୁରୁ ମାର୍ଟିନ ଲୁଥର, ବିଖ୍ୟାତ ଇଂରେଜ କବି ଓ ପ୍ରାବନ୍ଧିକ ଜନ୍ ମିଲ୍‌ଟନ ପ୍ରମୁଖ ଗାଉଟ ରୋଗୀ ଥିଲେ ବୋଲି ପ୍ରକାଶ।

**ରୋଗ ହୁଏ କାହିଁକି**

ରକ୍ତରେ ୟୁରିକ୍ ଏସିଡ୍ ମାତ୍ରା ବଢ଼ିଗଲେ ଜାତ ହୋଇପାରେ ଗାଉଟ୍। ୟୁରିକ୍ ଏସିଡ୍ ସମସ୍ୟା ଦ୍ୱାରା ପୀଡ଼ିତ ଲୋକଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ମାତ୍ର ଆକ୍ରାନ୍ତ ଲୋକଙ୍କ ସଂଖ୍ୟା ବଢ଼ିଲେ ବି ରୋଗଟି ସମ୍ପର୍କରେ ସଚେତନ ଥିବା ଲୋକଙ୍କ ସଂଖ୍ୟାକୁ ଆଙ୍ଗୁଠି ଅଗରେ ଗଣି ଦେଇହେବ। ଏହି କାରଣରୁ ରୋଗର ଠିକ୍ ଚିକିତ୍ସା ସମ୍ଭବ ହୋଇପାରୁନାହିଁ। ତେଣୁ ୟୁରିକ୍ ଏସିଡ୍‌ର ଅତ୍ୟାଚାରରୁ ତ୍ରାହି ପାଇବା ପାଇଁ ସଚେତନତାକୁ ହିଁ ଅସ୍ତ୍ରରୂପେ ବ୍ୟବହାର କରିବା ଏକମାତ୍ର ପନ୍ଥା।

ହେଲେ ୟୁରିକ୍ ଏସିଡ୍ ଆସେ କେଉଁଠୁ। ଶରୀରର କୋଷଗୁଡ଼ିକ ଭିତରେ ଥାଏ ଡିଏନ୍‌ଏ ଓ ଆର୍‌ଏନ୍‌ଏ ଅଣୁ। ପ୍ୟୁରିନ୍ ହେଉଛି ଡିଏନ୍‌ଏ ଓ ଆର୍‌ଏନ୍‌ଏ ଅଣୁର ଅନ୍ୟତମ ଉପାଦାନ। ଏହି ଉପାଦାନ ଭାଙ୍ଗିଗଲେ ୟୁରିକ୍ ଏସିଡ୍ ଜାତ ହୁଏ। ପୁଣି ପ୍ୟୁରିନ୍ ରହିଥିବା ଖାଦ୍ୟ ଖାଇଲେ ମଧ୍ୟ ରକ୍ତରେ ୟୁରିକ୍ ଏସିଡ୍‌ର ମାତ୍ରା ବଢ଼ିଯାଏ। ରକ୍ତରେ ରହିବା ସହ ଏହା ପରିସ୍ରାରେ ନିଷ୍କାସିତ ହୋଇଥାଏ ମଧ୍ୟ।

ସାଧାରଣ ସୁସ୍ଥ ବୟସ୍କ ବ୍ୟକ୍ତିର ରକ୍ତରେ ୟୁରିକ୍ ଏସିଡ୍‌ର ମାତ୍ରା ୧୦୦ ମିଲି ଲିଟର ସିରମ ପ୍ରତି ୩ରୁ ୭ ମିଲିଗ୍ରାମ୍। ପରିସ୍ରାରେ ଦୈନିକ ୩୦୦ରୁ ୭୦୦ ମିଲିଗ୍ରାମ ୟୁରିକ୍ ଏସିଡ୍ ନିଷ୍କାସିତ ହୋଇଥାଏ। ସେହିପରି ବୃକ୍କ ସନ୍ତୋଷଜନକ ଭାବରେ କାମ କରି ନ ପାରିଲେ ୟୁରିକ୍ ଏସିଡ୍‌ର ନିଷ୍କାସନ ବାଧାପ୍ରାପ୍ତ ହୋଇ ଏହା ରକ୍ତରେ ଜମିଯିବା ସ୍ୱାଭାବିକ। ରକ୍ତରେ ୟୁରିକ୍ ଏସିଡ୍‌ର ମାତ୍ରା ବୃଦ୍ଧିକୁ କୁହାଯାଏ 'ହାଇପର ୟୁରିସିମିଆ'ଓ ଏହାର ପରିଣାମରେ ପ୍ରକାଶ ପାଏ ଗାଉଟ୍।

**ରୋଗର ଲକ୍ଷଣ:** ରକ୍ତରେ ୟୁରିକ୍ ଏସିଡ୍‌ର ମାତ୍ରା ବଢ଼ିଗଲେ ତାହା ସୋଡିୟମ ୟୁରେଟ୍ ଭାବରେ ଗଣ୍ଠି ନିକଟସ୍ଥ ତନ୍ତୁରେ ଜମିରହେ। ଜମିଥାଏ ଗଣ୍ଠିଗୁଡ଼ିକ ପାଖରେ ଥିବା ଟେଣ୍ଡନ ଓ କାର୍ଟିଲେଜ୍(ଉପାସ୍ଥି ବା କୋମଳାସ୍ଥି)ରେ। ୟୁରେଟ୍ ନେଇଥାଏ ଛୁଞ୍ଚି ସଦୃଶ ସ୍ଫଟିକାର ଆକାର। ବେଶି ଆକ୍ରାନ୍ତ ହୋଇଥାଏ ଆଣ୍ଠୁ, ବଳାଗଣ୍ଠି, କହୁଣି ପାଖର ଗଣ୍ଠି, ମଣିବନ୍ଧ ବା କବ୍‌ଜି ଗଣ୍ଠି ଓ ହାତ ଏବଂ ପାଦର ଆଙ୍ଗୁଠି ଗଣ୍ଠି। ଏକାଧିକ ଗଣ୍ଠି ଆକ୍ରାନ୍ତ ହେବା ଆଦୌ ଅସାଧାରଣ ନୁହେଁ। ତେବେ ପାଦର ବୁଢ଼ା ଆଙ୍ଗୁଠି ଗଣ୍ଠି ଆକ୍ରାନ୍ତ ହେବା ଅତି ସାଧାରଣ। ଆକ୍ରାନ୍ତ ଗଣ୍ଠି ଲାଲ୍ ପଡି ଫୁଲିଯାଏ ଓ ଏହା ଉଷୁମ ଲାଗେ। ଜାତ ହୁଏ ଅସହ୍ୟ ଯନ୍ତ୍ରଣା। ଗଣ୍ଠି ଏତେ ବେଶି ଦରଜ ହୋଇପଡ଼େ ଯେ ରୋଗୀ ସେହି ଗଣ୍ଠିରେ ହାତ ଛୁଆଁଇ ଦିଏନି। ଏପରି କି ଗଣ୍ଠି ଉପରେ ରୁମାଲଟିଏ ଥୋଇଲେ ବି ତାହା ରୋଗୀ ପାଇଁ ବ୍ୟାଥାଦାୟକ ହୋଇଥାଏ। ଯନ୍ତ୍ରଣା ପ୍ରାୟତଃ ରାତିରେ ଆରମ୍ଭ ହୋଇଥାଏ ଓ ରୋଗୀ ହଠାତ୍ ନିଦରୁ ଉଠିପଡ଼ି ଯନ୍ତ୍ରଣାରେ ଛଟପଟ ହେବାରେ ଲାଗେ। ରୋଗ ବହୁଦିନର ହୋଇଗଲେ ଗଣ୍ଠି ପାଖରେ ଚମ ତଳେ ୟୁରେଟ୍ ସ୍ଫଟିକ ଗୋଟାଳି ଭଳି ଜମିଯାଏ। ଏଭଳି ଗୋଟାଳିଆ ଅଂଶକୁ କୁହାଯାଏ ଟୋଫଇ। ଉଚ୍ଚ ରକ୍ତଚାପ, ଡାଇବେଟିସ୍, ହୃଦ୍‌ରୋଗ, ରକ୍ତରେ କୋଲଷ୍ଟରଲ୍‌ର ମାତ୍ରା ବୃଦ୍ଧି ଓ ପୃଥୁଳତା ଭଳି ସମସ୍ୟା ଥିଲେ ରକ୍ତରେ ୟୁରିକ୍ ଏସିଡ୍‌ର ମାତ୍ରା ବଢ଼ିପାରେ। ଇଉରେଟ ଜମିବା ଫଳରେ ବୃକ୍କ ବା କିଡ୍‌ନୀ ଆକ୍ରାନ୍ତ ହୋଇପଡିବା ମଧ୍ୟ ଆଶଙ୍କା ରହିଛି। ଏଭଳି କ୍ଷେତ୍ରରେ ୟୁରେଟ୍ ଜମି ଜାତ କରିପାରେ ୟୁରେଟ୍ ପଥୁରି ରୋଗ ବା ୟୁରେଟ୍ ଷ୍ଟୋନ୍।

**ରୋଗ ଚିହ୍ନଟ :** ଗାଉଟ୍ ହୋଇଥାଇପାରେ ବୋଲି ସନ୍ଦେହ ହେଲେ ଡାକ୍ତରମାନେ ମୁଖ୍ୟତଃ ସିରମ୍ ୟୁରିକ୍ ଏସିଡ୍‌ର ମାତ୍ରା ପରୀକ୍ଷା କରେଇବା ପାଇଁ ପରାମର୍ଶ ଦେଇଥାନ୍ତି। ଗାଉଟ୍ ଥିଲେ ଏହି ମାତ୍ରା ବଢ଼ିଯାଇଥାଏ। ସ୍ଥଳବିଶେଷରେ ରକ୍ତର ହେମୋଗ୍ଲୋବିନ୍, ଡବ୍ଲ୍ୟୁବିସି, ଇଏସ୍‌ଆର୍, କ୍ରିଏଟିନିନ୍, ସୁଗାର ଓ ଲିପିଡ୍ ପ୍ରୋଫାଇଲ କରାଯାଇଥାଏ। ଅନେକ ସମୟରେ ଡାକ୍ତରମାନେ ଗଣ୍ଠିର ଏକ୍ସ-ରେ ଓ ଏମ୍‌ଆର୍‌ଆଇ ପରୀକ୍ଷା କରେଇପାରନ୍ତି। ଏହି ପରୀକ୍ଷାରୁ ଗୋଟାଳିଆ 'ଟୋଫାଇ'ର ଉପସ୍ଥିତି ଜଣାପଡ଼େ।

**ଚିକିତ୍ସା ବ୍ୟବସ୍ଥା :** କେତେକ ନିର୍ଦ୍ଦିଷ୍ଟ ଔଷଧ ଦ୍ୱାରା ଗାଉଟ୍ ରୋଗର ଚିକିତ୍ସା କରାଯାଏ।

*-'ଅଭୀପ୍‌ସା', ଅଭିନବ ବିଡ଼ାନାସୀ, କଟକ, ମୋ : ୯୪୩୭୭୬୬୧୧୭*


## ମ୍ୟାଲେରିଆ ଚିହ୍ନଟ କରିବାର ସହଜ ଉପାୟ



ମ୍ୟାଲେରିଆକୁ ଚିହ୍ନଟ କରିବାର ଏକ ଉପାୟ ନିକଟରେ ଉଦ୍ଭାବିତ ହୋଇଛି। ସାଧାରଣତଃ ଏହି ଜ୍ୱରକୁ ଚିହ୍ନଟ କରିବା ପାଇଁ ରକ୍ତପରୀକ୍ଷା କରାଯାଇଥାଏ। ହେଲେ ରାଇସ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଅଭିନବ ଉପାୟରେ ମ୍ୟାଲେରିଆକୁ ଚିହ୍ନଟ କରିପାରିଛନ୍ତି। ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କ ଚର୍ମକୁ ପରୀକ୍ଷାକରି ଏପରି ରୋଗକୁ ଚିହ୍ନଟ କରିହେବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏଥିପାଇଁ ସେମାନେ ଉନ୍ନତ କାରିଗରି କୌଶଳରେ ନିର୍ମିତ ଡିଭାଇସର ସହାୟତା ନେଇଥିଲେ। ଏଥିରେ ଏକ ବିମ୍ ସଂଯୋଗ କରାଯାଇଛି। ଉକ୍ତ ବିମ୍‌ର ରଶ୍ମି ଚର୍ମ ଉପରେ ପଡ଼ିବା କ୍ଷଣି ତାହା ଚର୍ମ ଭିତରେ ଥିବା କୋଷ (ସେଲ୍)ଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା କରିଥାଏ। ଯଦି କୌଣସି କୋଷ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ତାହାକୁ ଉକ୍ତ ଡିଭାଇସ୍ ଚିହ୍ନଟ କରିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।


## ସ୍ୱା ସ୍ଥ୍ୟ ସୂ ଚ ନା

- ନିଜକୁ ସୁସ୍ଥ ରଖିବା ପାଇଁ ନିଜର ଖାଦ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ।
- ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।
- ଯେତେ ବ୍ୟସ୍ତ ଥିଲେ ମଧ୍ୟ ସକାଳ ଜଳଖିଆ ଖାଇବାକୁ ଭୁଲନ୍ତୁ ନାହିଁ। ଏହି ତାଲିକାରେ ତଟକା ଫଳମୂଳ ଜୁସ୍ ସାମିଲ କରନ୍ତୁ।
- ନିଜ ମନକୁ ସବୁବେଳେ ସକାରାତ୍ମକ ମାନସିକତା ଭିତରେ ରଖିବାକୁ ଚେଷ୍ଟା କରନ୍ତୁ।
- କୌଣସି ରୋଗର ଲକ୍ଷଣ ସମ୍ପର୍କରେ ଅବଗତ ହେବା ପରେ ବିଳମ୍ବ ନ କରି ତାହାର ଚିକିତ୍ସା କରାଇ ନିଅନ୍ତୁ।
- ଯଦି ଆପଣଙ୍କୁ ଅସୁସ୍ଥ ଲାଗୁଛି ତେବେ ବ୍ୟାୟାମ କରିବାରୁ କିଛିଦିନ ବିରତି ନିଅନ୍ତୁ।
- କୌଣସି ରୋଗ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ତାଙ୍କ ସହ ନିଃସଙ୍କୋଚରେ ନିଜ ରୋଗ ବିଷୟରେ ଆଲୋଚନା କରନ୍ତୁ।
- ବୟସ ବଢ଼ିବା ସହ ବ୍ଲଡ୍‌ପ୍ରେସର, ଡାଇବେଟିସ୍ ପ୍ରତି ସତର୍କ ରହନ୍ତୁ। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ବ୍ଲଡ୍‌ପ୍ରେସର ଏବଂ ସୁଗାର ପରୀକ୍ଷା କରାଇନେବାକୁ ଭୁଲନ୍ତୁ ନାହିଁ।



ପରିଚୟ

## ଫର୍ମାଙ୍କ ଶେଷ ଉପପାଦ୍ୟ




ଗଣିତକୁ 'ବିଜ୍ଞାନର ରାଣୀ' ଭାବରେ ଅଭିହିତ କରାଯାଏ। ଗଣିତ ପ୍ରତି ଅନେକ ଗାଣିତିକ ସ୍ମରଣୀୟ ଅବଦାନକୁ ଅସ୍ୱୀକାର କରାଯାଇ ନ ପାରେ। ଗଣିତକୁ ଲୋକଙ୍କ ଦ୍ୱାରା ଆଦୃତ ହେବା ପଛରେ ରହିଛି ଅନେକ କାହାଣୀ। ସେପରି ଜଣେ ଗାଣିତିକ ହେଲେ ପିଏରି ଡେ. ଫର୍ମା। ତାଙ୍କର କୃତିକୁ ନିକଟରେ ପ୍ରକାଶିତ ପୁସ୍ତକ 'ଫର୍ମାଙ୍କ ଶେଷ ଉପପାଦ୍ୟ'ରେ ବେଶ୍ ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି ଇଂ.ମାୟାଧର ସ୍ୱାଇଁ। ୧୮୪ ପୃଷ୍ଠାର ଏହି ପୁସ୍ତକରେ ରହିଛି 'ଫର୍ମାଙ୍କ ଶେଷ ଉପପାଦ୍ୟ, ଗୋଲ୍‌ଡବାଚ ଅନୁମାନ, କାଲକୁଲସ୍‌ର ଆବିଷ୍କାରକୁ ନେଇ ବିବାଦ, ରିମାନ ଉପପାଦ୍ୟ, ପରିପୂର୍ଣ୍ଣ ମଧ୍ୟମା, ମନ୍ଦିର ଜ୍ୟାମିତି ପରି ଉପାଦେୟ ବିଷୟ। ଉପରୋକ୍ତ ଶିକ୍ଷଣୀୟ ବିଷୟଗୁଡ଼ିକୁ ନେଇ ପ୍ରକାଶିତ ଏହି ପୁସ୍ତକ ପାଠିକାପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରାଯାଏ। ଏହାର ମୂଲ୍ୟ ରହିଛି ୧୮୮ ଟଙ୍କା। ଯୋଗାଯୋଗ : ଦି ବୁକ୍ ପଏଣ୍ଟ, ପଠାଣି ସାମନ୍ତ ପ୍ଲାନେଟାରିୟମ ପରିସର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୧୩।

## ଦାନ୍ତବିନ୍ଧାର ଘରୋଇ ଉପଚାର



**ଦାନ୍ତ ବିନ୍ଧା ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ତା'ସହ ଏପରି କେତେକ ଘରୋଇ ଉପଚାର ରହିଛି ଯାହାକୁ ଆପଣେଇ ପାରିଲେ ଦାନ୍ତବିନ୍ଧାରୁ ଅନେକାଂଶରେ ଉପଶମ ମିଳିଥାଏ...**

ଖାଇବା ପରେ ଭଲ ଭାବରେ କୁଳିକରି ପାଟି ସଫା ନ କଲେ ଖାଇଥିବା ଖାଦ୍ୟାଂଶ ଦାନ୍ତ ସନ୍ଧିରେ ରହିଯାଇ ଦାନ୍ତଜନିତ ସମସ୍ୟା ସୃଷ୍ଟି କରିଥାଏ। ଫଳରେ ପାଟି ଦୁର୍ଗନ୍ଧ ହେବା ସହ ଦାନ୍ତ ବିନ୍ଧିଥାଏ। ଏପରି ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ତା'ସହ ଏପରି କେତେକ ଘରୋଇ ଉପଚାର ରହିଛି ଯାହାକୁ ଆପଣେଇ ପାରିଲେ ଦାନ୍ତବିନ୍ଧାରୁ ଅନେକାଂଶରେ ଉପଶମ ମିଳିଥାଏ। ଏକ ଗ୍ଲାସ୍ ଉଷୁମ ପାଣିରେ ଅଧଚାମଚ (ଛୋଟ) ଲୁଣ ମିଶାଇ ସେହି ମିଶ୍ରିତ ପାଣିରେ ଗାର୍ଗିଲିଂ କରନ୍ତୁ। ଦାନ୍ତମୂଳ ବିନ୍ଧୁଥିଲେ ତାହାର ଥଣ୍ଡା ଉପଚାର କରିପାରନ୍ତି। ଛୋଟ ଟାୱେଲରେ ବରଫ ଖଣ୍ଡ ରଖି ତାହାକୁ ବିନ୍ଧୁଥିବା ଦାନ୍ତମୂଳରେ ଘଷନ୍ତୁ। ଏହାଦ୍ୱାରା ଦାନ୍ତବିନ୍ଧାରୁ କେତେକାଂଶରେ ଉପଶମ ମିଳିଥାଏ। ଏକ ପ୍ୟାକେଟ୍ ପିପରମେଣ୍ଟ ଚା' ପ୍ୟାକେଟ୍‌କୁ ପ୍ରଥମେ ରେଫ୍ରିଜରେଟରରେ କିଛି ସମୟ ରଖିଦିଅନ୍ତୁ। ତା'ପରେ ବିନ୍ଧୁଥିବା ଦାନ୍ତମୂଳରେ ଏହାକୁ ଘଷିଲେ ଏପରି ଯନ୍ତ୍ରଣା ଲାଘବ ହୋଇଥାଏ। ଅଦାକୁ ଭଲ ଭାବରେ ବାଟି ପେଷ୍ଟ ପ୍ରସ୍ତୁତକରି ଦାନ୍ତମୂଳରେ ଲଗାନ୍ତୁ। ନ ହେଲେ ଅଦାଖଣ୍ଡରେ ଅଳ୍ପ ଲୁଣ ମିଶାଇ ଚୋବାଇଲେ ଏହି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। କଟନ ବଲ୍‌ରେ ଲବଙ୍ଗ ତେଲ ପକାଇ ତାହାକୁ ଦାନ୍ତମୂଳରେ ଘଷିପାରନ୍ତି। ପାଣିରେ ପିଜୁଳିପତ୍ର ପକାଇ ତାହାକୁ ଉଷୁମ କରନ୍ତୁ। ଏହି ପାଣିରେ କୁଳିକଲେ ଦାନ୍ତବିନ୍ଧାରୁ ଉପଶମ ମିଳିଥାଏ।

## ସଂକ୍ଷେପରେ

### ୮ରେ ଶକ୍ତିକ୍ଷେତ୍ର କର୍ମଚାରୀଙ୍କ ଦେଶବ୍ୟାପୀ ଧର୍ମଘଟ

ନୂଆଦିଲ୍ଲୀ,୧୫-୧୨

ପ୍ରାୟ ୧୫ ଲକ୍ଷ ଶକ୍ତି କ୍ଷେତ୍ର କର୍ମଚାରୀ ଜାନୁୟାରୀ ୮ରେ ଦେଶବ୍ୟାପି ଦିନିକିଆ ଧର୍ମଘଟକୁ ଓହ୍ଲାଇବେ ବୋଲି ଜଣାପଡିଛି। ପ୍ରସ୍ତାବିତ ଇଲେକ୍ଟ୍ରିସିଟି ଆଇନ ୨୦୦୩କୁ କର୍ମଚାରୀମାନେ ବିରୋଧ ପ୍ରଦର୍ଶନ କରିବେ। ବିଦ୍ୟୁତ ଯୋଗାଣକୁ ଘରୋଇକରଣ ନେଇ ପଦକ୍ଷେପ ନିଆଯାଉଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ଦୁର୍ବଳ ବର୍ଗ ଏବଂ କୃଷକ ଶ୍ରେଣୀ କ୍ଷତିଗ୍ରସ୍ତ ହେବେ। ଏଭଳି ବିଭିନ୍ନ ପ୍ରସଙ୍ଗକୁ ଧ୍ୟାନରେ ରଖି ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏଭଳି ପ୍ରକ୍ରିୟା ହାତକୁ ନ ନିଆଯାଉ ବୋଲି ଅଲ୍ ଇଣ୍ଡିଆ ପାୱାର ଇଞ୍ଜିନିୟର୍ସ ଫେଡ଼େରେଶନ (ଏଆଇପିଇଏଫ)ର ଅଧ୍ୟକ୍ଷ ଶୈଳେନ୍ଦ୍ର ଦୁବେ ଶନିବାର କହିଛନ୍ତି। ସରକାରଙ୍କ ମଲ୍ଟିପୁଲ ପ୍ରାଇଭେଟ ଲାଇସେନ୍ସ ଯୋଗାଣକୁ ସାରା ଦେଶରେ ବିଦ୍ୟୁତ କର୍ମଚାରୀମାନେ ମାନେ ବିରୋଧ କରିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ଶକ୍ତି କ୍ଷେତ୍ର କର୍ମଚାରୀଙ୍କ ପ୍ରମୁଖ ସଂଘ ନ୍ୟାଶନାଲ କୋଅର୍ଡିନେଶନ କମିଟି ଅଫ ଇଲେକ୍ଟ୍ରିସିଟି ଏମ୍ପ୍ଲଇ ଆଣ୍ଡ ଇଞ୍ଜିନିୟର୍ସ (ଏନ୍‌ସିସିଓଇଇଇ) ଆନୁକୂଲ୍ୟରେ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବା ନେଇ ଦୁବେ ସୂଚନା ଦେଇଛନ୍ତି।

### ୨୪ ଘଣ୍ଟିଆ ହେବ ଏନ୍‌ଇଏଫ୍‌ଟି ନେଣଦେଣ

ନୂଆଦିଲ୍ଲୀ,୧୫-୧୨: ଯଦି ଆପଣ ଅନଲାଇନ ନେଣଦେଣ ନ୍ୟାଶନାଲ ଇଲେକ୍‌ଟ୍ରୋନିକ୍ସ ଫଣ୍ଡ ଟ୍ରାନ୍ସଫର (ଏନ୍‌ଇଏଫ୍‌ଟି) ଦ୍ୱାରା କରୁଥାନ୍ତି ତେବେ ଏହା ଆହୁରି ସୁବିଧାଜନକ ହୋଇଛି। ୧୬ ଡିସେମ୍ବରଠାରୁ ଏନ୍‌ଇଏଫ୍‌ଟି ନେଣଦେଣ ୨୪ ଘଣ୍ଟିଆ ହେବ। ଏହା ପୂର୍ବରୁ ଏହାର ୨୪ ଘଣ୍ଟିଆ ସେବା ଯୋଗାଣ ହେଉ ନ ଥିଲା। ସେହିଭଳି ଏନ୍‌ଇଏଫ୍‌ଟି ସେବା ୭ ସପ୍ତାହର ୭ ଦିନ ମିଳିବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିକଟରେ ପ୍ରକାଶିତ ଏକ ବିଜ୍ଞପ୍ତିରୁ ଜଣାପଡିଛି। ଏହି ସୁବିଧା ଦ୍ୱାରା ଗ୍ରାହକ ଏକାଥରକେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନେଣଦେଣ କରିପାରିବେ। ଏହି ଧାରାକୁ ସୁଗମ କରିବା ଲାଗି ସବୁ ବ୍ୟାଙ୍କକୁ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେଇଛି। ଗ୍ରାହକଙ୍କୁ ଏ ନେଇ ସଚେତନ କରାଇବାକୁ କୁହାଯାଇଛି। ଏନ୍‌ଇଏଫ୍‌ଟି ଏବଂ ଆର୍‌ଟିଜିଏସ୍ ନେଣଦେଣ ଉପରେ ଚାର୍ଜ ନ ନେବା ଲାଗି ପୂର୍ବରୁ ସରକାର ନିଷ୍ପତ୍ତି ନେଇ ସାରିଛନ୍ତି।

ଘରୋଇ ବଜାରରେ ମାନ୍ଦାବସ୍ଥା ଲାଗି ରହିଥିବାରୁ ଅନ୍ତର୍ଜାତୀୟ ବଜାରକୁ ନିର୍ମାଣ ସାମଗ୍ରୀ ରପ୍ତାନି ଉପରେ ଏବେ ଧ୍ୟାନକେନ୍ଦ୍ରିତ କରିଛୁ।
– ସୋରାବ ଅଗ୍ରୱାଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଆକ୍ସନ କନଷ୍ଟ୍ରକଶନ ଇକ୍ୱିପମେଣ୍ଟ



ଭାରତରେ ମାନ୍ଦାବସ୍ଥା ଲାଗି ରହିଥିଲେ ମଧ୍ୟ ଶ୍ରମଶକ୍ତିରେ ଛଟେଇ ନେଇ କୌଣସି ଯୋଜନା ନାହିଁ। ନୂଆ ପ୍ରଡକ୍ଟ ଲାଇନ ଉପରେ ଧ୍ୟାନ ରହିଛି।
– ଗ୍ୱେଣ୍ଟର ବୁସେକ୍, ଟାଟା ମୋଟର୍ସ ଏମ୍‌ଡି ତଥା ସିଇଓ



## ପ୍ରାକ୍ ବଜେଟ ପରାମର୍ଶ ପ୍ରକ୍ରିୟା

# ଆଜି ଅଂଶୀଦାରଙ୍କୁ ଭେଟିବେ ସୀତାରାମନ

ନୂଆଦିଲ୍ଲୀ,୧୫-୧୨

■ ଅଭିବୃଦ୍ଧି ଫେରାଇ ଆଣିବାକୁ ସର୍ବୋଚ୍ଚ ପ୍ରାଥମିକତା
■ ବିଭିନ୍ନ ପ୍ରସଙ୍ଗରେ ଅଂଶୀଦାରଙ୍କ ପରାମର୍ଶ ଲୋଡାଯାଇଛି
■ ୫ ଲକ୍ଷ ପର୍ଯ୍ୟନ୍ତ ଆୟକୁ ଟିକସ ମୁକ୍ତ କରିବାକୁ ଶିଳ୍ପର ଦାବି
■ ଆୟକର ଢାଞ୍ଚାରେ ପରିବର୍ତ୍ତନ ଆଶା



୨୦୨୦-୨୧ ଆର୍ଥିକ ବର୍ଷର ସାଧାରଣ ବଜେଟ ଲାଗି ପ୍ରାକ୍ ବଜେଟ ପରାମର୍ଶ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହେଉଛି। ଏଥିଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅଂଶୀଦାରଙ୍କୁ ଭେଟିବେ। ଏହା ମଧ୍ୟରେ ଶିଳ୍ପ ସଂଘ, କୃଷକଙ୍କ ସଂଘ ଏବଂ ଅର୍ଥନୀତିଜ୍ଞମାନେ ରହିଛନ୍ତି। ଏମାନଙ୍କ ସହ ଅର୍ଥମନ୍ତ୍ରୀ ଭେଟିବା ସହ ଦେଶର ବିକାଶ ହାର ଏବଂ ଚାହିଦା ବୃଦ୍ଧି ଲାଗି ପରାମର୍ଶ ଗ୍ରହଣ କରିବେ। ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଦ୍ୱିତୀୟ ବଜେଟକୁ ଚଳିତ ବର୍ଷ ଫେବୃୟାରୀ ପହିଲାରେ ସୀତାରାମନ ଉପସ୍ଥାପନ କରିବେ। ଅଂଶୀଦାରଙ୍କ ସହ ଏହି ପରାମର୍ଶ ପ୍ରକ୍ରିୟା ଚଳିତ ମାସ ୨୩ ତାରିଖ ଯାଏ ଚାଲିବ।

୨୦୧୯-୨୦ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଛି। ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସରକାରଙ୍କ ପ୍ରମୁଖ ପ୍ରସଙ୍ଗ ରହିବ ବୋଲି କୁହାଯାଉଛି। ଅର୍ଥ ମନ୍ତ୍ରଣାଳୟ ସୂଚନା ମୁତାବକ ସୀତାରାମନ ସୋମବାର ସକାଳେ ଗ୍ରୁପ ଅଫ୍ ନ୍ୟୁ ଇକୋନୋମି: ଷ୍ଟାର୍ଟ ଅପ, ଫିନଟେକ ଏବଂ ଡିଜିଟାଲ ସେକ୍ଟରକୁ ଭେଟିବେ। ଏହି ଦିନ ପରବର୍ତ୍ତୀ ପର୍ଯ୍ୟାୟରେ ଆର୍ଥିକ କ୍ଷେତ୍ର ଏବଂ ପୁଞ୍ଜି ବଜାର ପ୍ରତିନିଧିଙ୍କୁ ଭେଟିବାର କାର୍ଯ୍ୟକ୍ରମ ମଧ୍ୟ ଧାର୍ଯ୍ୟ ହୋଇଛି। ଦେଶ ମଧ୍ୟରେ ବାଣିଜ୍ୟ ସୁଗମତା, ନିୟାମକ ପରିବେଶ, ଘରୋଇ ନିବେଶ ଉପରେ ପ୍ରଭାବ, ରପ୍ତାନି ପ୍ରତିଦ୍ୱନ୍ଦ୍ୱିତା, ପେମେଣ୍ଟ ପ୍ରଦାନରେ ବିଳମ୍ବ ଏବଂ ଚୁକ୍ତି କାର୍ଯ୍ୟକାରିତା କ୍ଷେତ୍ରରେ ସରକାରଙ୍କ ଭୂମିକା ଘରୋଇ ନିବେଶକୁ ପୁନର୍ଜୀବିତ କରିବା ଭଳି ପ୍ରସଙ୍ଗ ଉପରେ ସରକାର ପରାମର୍ଶ ଲୋଡ଼ିଥିବା ଶିଳ୍ପଜଗତ ପକ୍ଷରୁ ସୂଚନା ରହିଛି।

ଶିଳ୍ପ ସଂଘଗୁଡ଼ିକୁ ଡିସେମ୍ବର ୧୯ରେ ଅର୍ଥମନ୍ତ୍ରୀ ଭେଟି ପାରନ୍ତି ବୋଲି କୁହାଯାଇଛି। ସରକାର ବର୍ତ୍ତମାନ ଯାଏ କର୍ପୋରେଟ ଟିକସ ହ୍ରାସ କରିଛନ୍ତି। ବ୍ୟକ୍ତିଗତ ଆୟକର ଢାଞ୍ଚାରେ ପରିବର୍ତ୍ତନ ସହ ବେତନଭୋଗୀଙ୍କ ଲାଗି ଖୁସି ଖବର ସରକାର ଘୋଷଣା କରିପାରନ୍ତି ବୋଲି ଆଶା କରାଯାଉଛି। ସାମଗ୍ରୀ ଏବଂ ସେବା ଚାହିଦା ବଢ଼ାଇବା ଲାଗି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ ଟିକସ ମୁକ୍ତ କରିବା ଲାଗି ସରକାରଙ୍କ ନିକଟରେ ଶିଳ୍ପସଂଘଗୁଡ଼ିକ ଦାବି ରଖିଛନ୍ତି। ବର୍ତ୍ତମାନ ଏହି ସୀମା ୨.୫ ଲକ୍ଷ ଟଙ୍କା ରହିଛି। ଆୟକର ଆଇନ ୮୦ସି ଅନୁସାରେ ମୋଟ ଡିଡକସନ ଲିମିଟ୍ ୧.୫ ଲକ୍ଷ ଟଙ୍କାରୁ ଅନ୍ତତଃ ୩ ଲକ୍ଷ ଟଙ୍କାକୁ ବଢାଇବାକୁ ମଧ୍ୟ ଦାବି କରାଯାଇଛି। ବ୍ୟକ୍ତିଗତ ଟିକସଦାତାଙ୍କ ନିବେଶ ଏବଂ ଟିକସ ସଞ୍ଚୟ ଦିଗରେ ଏହା କାର୍ଯ୍ୟ କରିବ ବୋଲି ଶିଳ୍ପ ସଂଘ ପକ୍ଷରୁ କୁହାଯାଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବଜେଟ ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ ହୋଇ ସାରିଛି। ବିଭିନ୍ନ ବିଭାଗ ଏବଂ ମନ୍ତ୍ରଣାଳୟ ସେମାନଙ୍କ ଯୋଜନା ଖର୍ଚ୍ଚ ନେଇ ପ୍ରସ୍ତୁତି କରୁଛନ୍ତି। ବଜେଟର ରୂପରେଖ କଣ ରହିଛି ତାକୁ ବଜାର ବିଶେଷଜ୍ଞମାନେ ଅପେକ୍ଷା କରି ରହିଛନ୍ତି। ବିଶେଷ କରି ବିତ୍ତୀୟ ନିଅଣ୍ଟ ଉପରେ ସମସ୍ତଙ୍କ ନଜର ରହିଥିବା ଶୁଣାଯାଉଛି।

## ଏସ୍‌ବିଆଇ ଗ୍ରୀନ୍ ମାରାଥନ୍‌ର ତୃତୀୟ ସଂସ୍କରଣ



ଭୁବନେଶ୍ୱର,୧୫-୧୨

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ଏହାର ଗ୍ରୀନ ମାରାଥନର ତୃତୀୟ ସଂସ୍କରଣ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ବିଆଇ ଏମ୍‌ଡି ଧନଞ୍ଜୟ ତାମ୍ବେ, ଭୁବନେଶ୍ୱର ସର୍କଲ ସିଜିଏମ୍ ପ୍ରବୀଣା କାଲା ମାରାଥନକୁ ଶୁଭାରମ୍ଭ କରିଥିଲେ। ଏଥିରେ ପ୍ରାୟ ୪୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ସ୍ୱଚ୍ଛ ଓ ସବୁଜ ପରିବେଶର ପ୍ରଚାର ଲାଗି ଏଭଳି ଏକ ପଦକ୍ଷେପ ବ୍ୟାଙ୍କ ଗ୍ରହଣ କରିଛି। କାର୍ଯ୍ୟକ୍ରମରେ ଧାବିକା ଦୃତି ଚାନ୍ଦ ଏବଂ ଭାରତୀୟ ମହିଳା ଫୁଟବଲ ଟିମର ଅଧିନାୟିକା ଶ୍ରଦ୍ଧାଞ୍ଜଳୀ ସାମନ୍ତରାଏ ଯୋଗ ଦେଇଥିଲେ। ଦେଶର ପ୍ରମୁଖ ୧୫ ସହରରେ ଏହାକୁ ବ୍ୟାଙ୍କ ପକ୍ଷରୁ ଆୟୋଜନ କରାଯାଇଛି।

## ଟେକ୍ ଭୁବନେଶ୍ୱର ୨୦୧୯ ଆୟୋଜିତ

ଭୁବନେଶ୍ୱର,୧୫-୧୨



ଟେକ୍ ଭୁବନେଶ୍ୱରର ଚତୁର୍ଥ ସଂସ୍କରଣ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମାଇଣ୍ଡ ଫାୟାର ସଲ୍ୟୁଶନ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟେକ୍ନିକାଲ ଏବଂ ମୋଟିଭେଶନାଲ ସେସନ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଇଲେକଟ୍ରୋନିକ୍ସ ଏବଂ ଆଇଟି ସଚିବ ମନୋଜ ମିଶ୍ର ଏହାକୁ ଉଦଘାଟନ କରିଥିଲେ। ଆଇଟି ପ୍ରଫେସନାଲମାନେ ଏଭଳି ଏକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଅଭିଜ୍ଞତା ଏବଂ ଶିକ୍ଷାକୁ ଅନ୍ୟମାନଙ୍କ ସହ ବାଣ୍ଟିବାରେ ଏକ ମଞ୍ଚ ପ୍ରଦାନ କରିଥାଏ ବୋଲି ମାଇଣ୍ଡ ଫାୟାରର ସିଓଓ ସୌମ୍ୟ ମିଶ୍ର କହିଛନ୍ତି। ଟେକ୍ ଭୁବନେଶ୍ୱର ଚତୁର୍ଥ ସଂସ୍କରଣରେ ଉଦ୍ୟୋଗ ଜଗତରୁ ୧୬ ଜଣ ବକ୍ତା ଯୋଗ ଦେଇଥିଲେ। ଶିଳ୍ପ କ୍ଷେତ୍ରରେ ବିଭିନ୍ନ ଦିଗରେ ବକ୍ତାମାନେ ଆଲୋଚନା କରିବା ସହ ମତ ରଖିଛନ୍ତି। ଅନ୍ତରାର ସିଇଓ ଗିରିଶ ନୁଲି, ସିଏମ୍‌ଓଆକ୍ସିସ୍‌ର ସଂସ୍ଥାପକ ବିନୋଦ ହାରିଥ, ସ୍ଲାଗଲ୍ୟାବସ ସଂସ୍ଥାପକ ରଙ୍ଗରାଜନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଚଳିତ ବର୍ଷ ପ୍ରାୟ ୧,୦୦୦ ସଫ୍ଟୱେର ପ୍ରଫେସନାଲ ଏଥିରେ ଯୋଗ ଦେଇଛନ୍ତି। ବ୍ଲକଚେନ ଏବଂ ମେଶିନ ଲର୍ନିଂ ବିଷୟବସ୍ତୁ ଉପରେ କାର୍ଯ୍ୟକ୍ରମ ପର୍ଯ୍ୟବସିତ ହୋଇଛି। ଏଥିରେ ମାଇଣ୍ଡ ଫାୟାରର ସିଇଓ ଚିନ୍ମୟ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଇବିସି ପ୍ରକ୍ରିୟା ପୂର୍ବରୁ ୯ ହଜାରରୁ ଊର୍ଦ୍ଧ୍ୱ ମାମଲା ଫଇସଲା

ନୂଆଦିଲ୍ଲୀ,୧୫-୧୨

ଇନ୍‌ସଲଭେନ୍ସି ଆଇନରେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ପ୍ରି ଆଡମିଶନ ଷ୍ଟେଜରେ ୯ ହଜାରରୁ ଊର୍ଦ୍ଧ୍ୱ ମାମଲା ଫଇସଲା କରାଯାଇଛି। ଏହି ମାମଲାଗୁଡିକ ସହ ୩.୭୪ ଲକ୍ଷ କୋଟି ଟଙ୍କାର ଜଡିତ ରହିଥିବା ସରକାରଙ୍କ ପକ୍ଷରୁ ସୂଚନା ରହିଛି। ୨୦୧୬ରେ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ ଲାଗୁ ହୋଇଥିଲା। ଚାପଗ୍ରସ୍ତ ସମ୍ପତ୍ତିର ସମୟ ଭିତ୍ତିରେ ଏବଂ ବଜାର ଭିତ୍ତିକ ସମାଧାନ ଧାରା ଏହା ଦ୍ୱାରା ଗ୍ରହଣ କରାଯାଉଛି। ଏହି ଆଇନ ଅଧୀନରେ ୨୧,୧୩୬ ଆବେଦନ ଆସିଥିବା କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ୨୮୩୮ ମାମଲା କର୍ପୋରେଟ ଇନସଲଭେନ୍ସି ସାମ୍ନାକୁ ଆସିଥିବା ବେଳେ ଏହା ମଧ୍ୟରେ ୩୦୬ ମାମଲା ବନ୍ଦ ହୋଇଛି।

## ରପ୍ତାନିରେ ହ୍ରାସ ଧାରା ଜାରି

ନୂଆଦିଲ୍ଲୀ,୧୫-୧୨



ଚଳିତ ଆର୍ଥିକ ବର୍ଷରେ ଲଗାତର ଭାବେ ପଞ୍ଚମ ଥର ଲାଗି ରପ୍ତାନିରେ ହ୍ରାସ ଘଟିଛି। ଚଳିତ ବର୍ଷ ନଭେମ୍ବରରେ ଦେଶ ମଧ୍ୟରୁ ରପ୍ତାନି ୦.୩୨% ଖସିଛି। ବିଶ୍ୱ ସ୍ତରରେ ଚାହିଦା ହ୍ରାସ, ଅଶୋଧିତ ତୈଳ ମୂଲ୍ୟ କମ୍ ରହିବା ଯୋଗୁ ଭାରତ ପେଟ୍ରୋଲିୟମ ସାମଗ୍ରୀ ରପ୍ତାନି ମଧ୍ୟ କମିଥିବା ସରକାରୀ ଡାଟାରୁ ସାମ୍ନାକୁ ଆସିଛି। ସେହିଭଳି ଆମଦାନୀ ମଧ୍ୟ ୬ ମାସ ଲାଗି ହ୍ରାସ ଘଟିଛି। ଅର୍ଥ ବ୍ୟବସ୍ଥାରେ ଚାହିଦା ହ୍ରାସ ହେବା ଯୋଗୁ ପେଟ୍ରୋଲିୟମ, ଇଞ୍ଜିନିୟରିଂ ଏବଂ ଶିଳ୍ପ କ୍ଷେତ୍ରରେ ମାନ୍ଦାବସ୍ଥା ଲାଗି ରହିଛି। ଅଶୋଧିତ ତୈଳ ଆମଦାନୀ କମିବା ଯୋଗୁ ବାଣିଜ୍ୟ ନିଅଣ୍ଟ ମଧ୍ୟ କମ୍ ରହିଛି। ନଭେମ୍ବରରେ ଆମଦାନୀ ୧୨.୭୧% କମିବା ଯୋଗୁ ବାଣିଜ୍ୟ ନିଅଣ୍ଟ ୧୨.୧୨ ବିଲିୟନ ଡଲାର ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧୬.୬୧ ବିଲିୟନ ଡଲାର ରହିଥିଲା ବୋଲି ସରକାର ଜାରି କରିଥିବା ଡାଟାରୁ ସାମ୍ନାକୁ ଆସିଛି। ଚମଡା, ଜେମ୍‌ସ ଆଣ୍ଡ ଜୁଏଲେରି, ରେଡି ମେଡ ଗାର୍ମେଣ୍ଟ, ପେଟ୍ରୋଲିୟମ ରପ୍ତାନି କମିଛି।

## ଟିକସ ଫାଙ୍କିବା ଲାଗି ନୂଆ ଠିକଣା ଖୋଜୁଛନ୍ତି କୋଟିପତି

ନୂଆଦିଲ୍ଲୀ,୧୫-୧୨

ଋଣ ଶୁଝିବାକୁ ସକ୍ଷମ ନ ହେଉଥିବା ବ୍ୟକ୍ତିବିଶେଷ ସରକାରୀ ଏଜେନ୍ସିଠାରୁ ବଞ୍ଚିବା ଏବଂ ନିଲାମଠାରୁ ନିଜ ସମ୍ପତ୍ତିକୁ ରକ୍ଷା କରିବା ଲାଗି ଭାରତୀୟ କୋଟିପତିମାନେ ନୂଆ ତରିକା ଆପଣାଉଥିବା ଦେଖାଯାଇଛି। ଏମାନେ ମାଲ୍ଟା, ଦୁବାଇ, ସିଙ୍ଗାପୁର ଭଳି ସ୍ଥାନଗୁଡିକରେ ଟ୍ରଷ୍ଟ ସ୍ଥାପନ କରିବା ସହ ନିଜ ଟଙ୍କା ସେଠାକୁ ପଠାଉଛନ୍ତି। ରିୟଲ ଇଷ୍ଟେଟ ଏବଂ ଭିଡିଭୂମି ବିଜନେସ କ୍ଷେତ୍ରରେ ସକ୍ରିୟ ଦିଲ୍ଲୀର ଏକ ବିଜନେସ ପରିବାର ଉତ୍ତରାଧିକାର ଯୋଜନା ସମ୍ପର୍କରେ ପୂର୍ବରୁ କେବେ ଚିନ୍ତା କରି ନ ଥିବା ବେଳେ ନିକଟରେ ୟୁରୋପର ମାଲ୍ଟାରେ ଏକ ଫ୍ୟାମିଲି ଟ୍ରଷ୍ଟ ଗଠନ କରିଛି। ଏହି ଟ୍ରଷ୍ଟର ୨୦ ଲାଭାର୍ଥୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ କେହି କେହି ଭାରତ ବାହାରେ ମଧ୍ୟ ରହୁଛନ୍ତି। ଏହି ପରିବାରର ମୋଟ ସମ୍ପତ୍ତି ୧୫୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଧୀରେ ଧୀରେ ସବୁ ସମ୍ପତ୍ତିକୁ ଉକ୍ତ ପରିବାର ଫ୍ୟାମିଲି ଟ୍ରଷ୍ଟକୁ ପଠାଉବା ଲାଗି ପ୍ରସ୍ତୁତି ଆରମ୍ଭ କରିଥିବା ଘଟଣା ଏକ ସୂତ୍ରରୁ ଜଣାପଡିଛି। ସ୍ୱସ୍ ବ୍ୟାଙ୍କ ଖୁଲାସା ପରେ କୋଟିପତିମାନେ ଏଭଳି ଆଡା ପରିବର୍ତ୍ତନ କରୁଥିବା କୁହାଯାଇଛି।

## ବେଦାନ୍ତ ଫ୍ୟାଶନ୍ସର ପ୍ରଚାର କରିବେ ଆଲିଆ

କଲିକତା,୧୫-୧୨



ମୋହେ ବ୍ରାଣ୍ଡର ମୂଳ କମ୍ପାନୀ ବେଦାନ୍ତ ଫ୍ୟାଶନ୍ସ ଲିମିଟେଡ ଏହାର ମାର୍କେଟିଂ ଷ୍ଟ୍ରାଟେଜି ଅନ୍ତର୍ଗତ ଆଲିଆ ଭଟ୍ଟଙ୍କ ସହ ଯୋଡି ହୋଇଛି। ୨୦୧୬ରେ ଶୁଭାରମ୍ଭ ହୋଇଥିବା ମୋହେ ବ୍ରାଣ୍ଡକୁ ମହିଳା ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ଲାଗି କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। କମ୍ପାନୀ ନିକଟରେ ଅଧିକରୁ ଅଧିକ ବଲିଉଡ ସେଲିବ୍ରିଟିଙ୍କୁ ନିଜ ସହ ଯୋଡିଛି। ଭାରତୀୟ ଗ୍ରାହକଙ୍କ ପ୍ରକୃତ ଆବଶ୍ୟକତାକୁ ବିଚାର କରି କମ୍ପାନୀ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ବିଗତ ଦିନ ଗୁଡିକରେ ମୋହେ ଅଭୂତପୂର୍ବ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଛି। ବ୍ରାଣ୍ଡକୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ମାନ୍ୟବରର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରବି ମୋଦି କହିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଗଣପତି ଫାଇନାନ୍ସ
8929119958
7289935297
M.P. Nagar, Zone-1, Bhopal, Madhya Pradesh.

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

ASTROLOGY ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ + Bike Free ଆଜି ହିଁ ସଂପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

ଭାରତରେ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପ୍ରସ୍ତୁତି ପାଇଁ ଆମ ନିକଟରେ ଯଥେଷ୍ଟ ସମୟ ରହିଛି।

–ଥୋମାସ ଡେନର୍ବି, ଭାରତୀୟ ଦଳର କୋଚ୍



ଆମେରିକା ଟିମ୍‌ର ଜଣେ ଖେଳାଳି ଓ ଅଧିନାୟକ ହିସାବରେ ପ୍ରେସିଡେଣ୍ଟ୍ସ କପ୍ ଜିତିବା ମୋ ପାଇଁ ଗୌରବର ବିଷୟ।

–ଟାଇଗର ଉଡ୍ସ, ବିଶିଷ୍ଟ ଗଲ୍ଫ ଖେଳାଳି



## ସଂକ୍ଷେପରେ

### ଇଷ୍ଟ ଇଣ୍ଡିଆ ସ୍ନୁକର: ଫାଇନାଲରେ ସୁବ୍ରତ

ଭୁବନେଶ୍ୱର,୧୫।୧୨(କ୍ରୀଡ଼ା ପ୍ରତିନିଧି): ପାଟଣାରେ ଚାଲିଥିବା ଇଷ୍ଟ ଇଣ୍ଡିଆ ସ୍ନୁକର ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ସୁବ୍ରତ ଦାସ। ରବିବାର ଅନୁଷ୍ଠିତ ସେମିଫାଇନାଲରେ ସେ ବିହାରର ୨ ନମ୍ବର ଖେଳାଳି ଅର୍ଜୁନ ସିଂଙ୍କୁ ୪-୦ ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଫାଇନାଲରେ ସେ ଝାଡ଼ଖଣ୍ଡର ନମ୍ବର ୱାନ ଖେଳାଳି ଆଦର୍ଶମ ବର୍ମାଙ୍କୁ ଭେଟିବେ।

### ଡ୍ର ସହ ଓଡ଼ିଶା ଏଫ୍‌ସିର ଅଭିଯାନ ଆରମ୍ଭ

ନୂଆଦିଲ୍ଲୀ, ୧୫।୧୨: ଏଆଇଏଫଏଫ ହିରୋ ଏଲିଟ୍ ୟୁଥ୍ ଲିଗ୍(୧୮ ବର୍ଷରୁ କମ୍)ରେ ମ୍ୟାଚ ଡ୍ର ସହ ଓଡ଼ିଶା ଏଫସି ଏହାର ଅଭିଯାନ ଆରମ୍ଭ କରିଛି। ରବିବାର ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମ ଟ୍ରେନିଂ ପିଚ୍-୨ରେ ଅନୁଷ୍ଠିତ ଓଡ଼ିଶା ଏଫସି-ପଞ୍ଜାବ ଏଫସି ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଓଡ଼ିଶା ଏଫସି ପକ୍ଷରୁ ଅକ୍ଷୁନ୍ନ ତ୍ୟାଗୀ ୨ଟି ଯାକ ଗୋଲ ସ୍କୋର କରିଥିଲେ। ତ୍ୟାଗୀ ମ୍ୟାଚର ୧୩ତମ ମିନିଟରେ ଗୋଲ ଦେଇ ଓଡ଼ିଶା ଏଫସିକୁ ଅଗ୍ରଣୀ କରାଇଥିଲେ। ତେବେ ପ୍ରଥମାର୍ଦ୍ଧ ଶେଷ ହେବାର ୫ ମିନିଟ ପୂର୍ବରୁ ଫ୍ରେଡି ଲାଲାୱ୍ମାୱ୍ମା ଗୋଲ ପରିଶୋଧ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ମ୍ୟାଚର ୭୯ତମ ମିନିଟରେ ପୁଣି ତ୍ୟାଗୀଙ୍କ ଗୋଲ ବଳରେ ଓଡ଼ିଶା ଏଫସି ଅଗ୍ରଣୀ ହାସଲ କରିଥିଲା। ତେବେ ୯୦ ମିନିଟ ପରେ ଇଞ୍ଜୁରି ଟାଇମ୍‌ରେ ସତପାଲ ସିଂ ଗୋଲଟି ପରିଶୋଧ କରିଦେବାରୁ ମ୍ୟାଚ ସମାନ ସ୍ତରକୁ ଚାଲି ଆସିଥିଲା। ଓଡ଼ିଶା ଏଫସି ଏହାର ପରବର୍ତ୍ତୀ ମ୍ୟାଚ ଆଗାମୀ ୨୦ ତାରିଖରେ ୟୁଥ୍ ଫୁଟବଲ କ୍ଲବ ବିପକ୍ଷରେ ଖେଳିବ। ଏହି ତିନି ଦଳ ବ୍ୟତୀତ ପ୍ରତିଯୋଗିତାରେ ଭାଗ ନେଉଥିବା ଅନ୍ୟ ଦଳ ଗୁଡ଼ିକ ହେଲେ ସୁଦେବ ଫୁଟବଲ କ୍ଲବ, ବାଇଚୁଙ୍ଗ ଭୂଟିଆ ଫୁଟବଲ ସ୍କୁଲ୍ସ, କନ୍‌ସିଏଣ୍ଟ ଫୁଟବଲ, ମାକ୍ସିମସ୍ ପ୍ରାଇମ୍ ସ୍ପୋର୍ଟ୍ସ ଓ ୟୁନାଇଟେଡ ପଞ୍ଜାବ ଫୁଟବଲ କ୍ଲବ।

### ବୁଟ୍ ନ ଥିବାରୁ ବ୍ୟାଣ୍ଡେଜ ବାନ୍ଧି ଦୌଡ଼ି ଜିତିଲେ ୩ ସ୍ୱର୍ଣ୍ଣ

ମାନିଲା,୧୫।୧୨: ଫିଲିପାଇନ୍ସରେ ଜଣେ କୁନି ବାଳିକା ଆଥ୍‌ଲେଟଙ୍କ କ୍ରୀଡ଼ା ପ୍ରତି ସମର୍ପଣ ମନୋଭାବ ସଭିଙ୍କୁ ଚକିତ କରିଛି। ବୁଟ୍ କିଣିବାକୁ ଅର୍ଥ ନ ଥିବାରୁ ପାଦରେ ବ୍ୟାଣ୍ଡେଜ ବାନ୍ଧି ଦୌଡ଼ିଥିଲେ। ଆଉ ଜିତିଲେ ୩ ସ୍ୱର୍ଣ୍ଣ। ରିୟା ବୁଲୋସ ନାମ୍ନୀ ଆଥ୍‌ଲେଟ ଆନ୍ତଃ ସ୍କୁଲ ଦୌଡ଼ ପ୍ରତିଯୋଗିତାରେ ପାଦରେ ଭିନ୍ନ ଜୋତା ପିନ୍ଧିଥିଲେ। ବ୍ୟାଣ୍ଡେଜ ଦ୍ୱାରା ୧୧ ବର୍ଷୀୟା ଆଥ୍‌ଲେଟ ଏହି ଜୋତା ତିଆରି କରିଥିଲେ। କେବଳ ଏତିକି ନୁହେଁ, ବୁଟ୍‌ରେ ନାଇକର ଲୋଗୋ ମଧ ଲଗାଇଥିଲେ। ସିବିଏସ୍ ସ୍ପୋର୍ଟ୍ସ ଅନୁଯାୟୀ, ଏହି ଆଥ୍‌ଲେଟ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ୪୦୦ ମିଟର, ୮୦୦ ମି. ଓ ୧୫୦୦ ମି. ଦୌଡ଼ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଛନ୍ତି। କୋଚ୍ ପେଡ୍ରିକ ବି. ଭାଲେନଜୁଏଲା ସୋସିଆଲ ମିଡିଆରେ ଉକ୍ତ ଆଥ୍‌ଲେଟଙ୍କ ଫଟୋ ଶେୟାର କରିଥିଲେ। ଏହାପରେ ନାଇକ କମ୍ପାନୀକୁ ଉକ୍ତ ଆଥ୍‌ଲେଟଙ୍କୁ ସହାୟତା ପାଇଁ ଅନୁରୋଧ କରିଥିଲେ। ଏକ ବାସ୍କେଟବଲ ଷ୍ଟୋର ମାଲିକ ଜେଫ କାରିଆସୋ ଟୁଇଟର ୟୁଜର୍ସଙ୍କ ଠାରୁ ନମ୍ବର ନେବା ପରେ ବୁଲୋସଙ୍କୁ ସହାୟତାର ହାତ ବଢ଼ାଇଛନ୍ତି।

# ନ୍ୟୁଜିଲାଣ୍ଡକୁ ହରାଇଲା ଅଷ୍ଟ୍ରେଲିଆ

ପର୍ଥ, ୧୫।୧୨ (ଏଏଫ୍‌ପି)

ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଏଠାରେ ଖେଳାଯାଇଥିବା ଦିବା-ରାତ୍ର ଟେଷ୍ଟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୨୯୬ ରନର ବୃହତ୍ ବ୍ୟବଧାନରେ ଜିତି ନେଇଛି। ଘରୋଇ ଦଳ ପକ୍ଷରୁ ଧାର୍ଯ୍ୟ ୪୬୮ ରନର ବିଶାଳ ଟାର୍ଗେଟ୍‌କୁ ପିଛା କରି ନ୍ୟୁଜିଲାଣ୍ଡ ରବିବାର ମ୍ୟାଚ୍‌ର ୪ର୍ଥ ଦିବସରେ ଦ୍ୱିତୀୟ ଇନିଂସରେ ୧୭୧ ରନରେ ଅଲ୍‌ଆଉଟ୍ ହୋଇଥିଲା। ବିଜୟ ସହ

**ଦିବା-ରାତ୍ର ଟେଷ୍ଟ**

ଅଷ୍ଟ୍ରେଲିଆ ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ଡିସେମ୍ବର ୨୬ରୁ ମେଲବୋର୍ନ କ୍ରିକେଟ୍ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଦ୍ୱିତୀୟ ମ୍ୟାଚ୍ ଆରମ୍ଭ ହେବ।

୨୫୦ ରନରେ ଅଗ୍ରଣୀ ଲାଭ କରିଥିବା ଅଷ୍ଟ୍ରେଲିଆ ଶନିବାର ଖେଳ ଶେଷ ସୁଦ୍ଧା ୨ୟ ଇନିଂସରେ ୬ ଉଇକେଟ୍ ହରାଇ ୧୬୭ ରନ କରିଥିଲା। ରବିବାର ୨୧୭/୯ରେ ଦ୍ୱିତୀୟ ଇନିଂସ ଘୋଷଣା କରିବା ସହ ନ୍ୟୁଜିଲାଣ୍ଡ ସମ୍ମୁଖରେ ୪୬୮ ରନର ଏକ କଷ୍ଟସାଧ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ଘରୋଇ ଦଳର ୩ ବୋଲର ମିଚେଲ ଷ୍ଟାର୍କ (୪/୪୫), ଜୋଶ୍ ହାଜେଲଉଡ୍ (୨/୩୧) ଓ ନାଥନ ଲିୟନ (୪/୬୩)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ନ୍ୟୁଜିଲାଣ୍ଡ ୬୫.୩ ଓଭରରେ ୧୭୧ ରନରେ ସୀମିତ ରହିଥିଲା। ବିଜେ ୱାଟଲିଂ (୪୦) ଓ କଲିନ ଡି ଗ୍ରାଣ୍ଡହୋମ୍ (୩୩)ଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି କିୱି ବ୍ୟାଟ୍ସମ୍ୟାନ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ଏହି ଦିବା-ରାତ୍ର ପିଙ୍କ ବଲ୍ ଟେଷ୍ଟ ମ୍ୟାଚ୍‌ରେ ପୂର୍ବରୁ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ମାର୍ନସ ଲାବୁସେନ (୧୪୩)ଙ୍କ ଶତକ ବଳରେ ୪୧୬ ରନ କରିଥିଲା। ଜବାବରେ ରସ୍ ଟେଲର (୮୦)ଙ୍କ ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୧୬୬ ରନରେ ସୀମିତ ରହିଥିଲା। ମ୍ୟାଚରେ ମୋଟ୍ ୯ ଉଇକେଟ୍ ନେଇଥିବା ଷ୍ଟାର୍କ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।



ଉଇକେଟ୍ ହାସଲ ପରେ ମିଚେଲ ଷ୍ଟାର୍କଙ୍କୁ ସାଥୀ ଖେଳାଳିଙ୍କ ବଧାଇ।

**ସଂକ୍ଷିପ୍ତ ସ୍କୋର**

- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୪୧୬/୧୦
- ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୧୬୬/୧୦
- ଅଷ୍ଟ୍ରେଲିଆ ୨ୟ ଇନିଂସ- ୨୧୭/୯ ଘୋଷଣା
- ନ୍ୟୁଜିଲାଣ୍ଡ ୨ୟ ଇନିଂସ- ୧୭୧/୧୦

■ ବାଂଲାଦେଶ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜର

## ଡବଲ୍ସରେ ଋତୁପର୍ଣ୍ଣା ରନର୍ସଅପ୍



ଟ୍ରଫି ସହ ମନୀଷା ଓ ଋତୁପର୍ଣ୍ଣା ପଣ୍ଡା ।

ଢାକା,୧୫।୧୨(ପି.ଟି.)

ବାଂଲାଦେଶ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ଋତୁପର୍ଣ୍ଣା ପଣ୍ଡା ମହିଳା ଡବଲ୍ସରେ ରନର୍ସଅପ୍ ହୋଇଛନ୍ତି। ଋତୁପର୍ଣ୍ଣା ଓ ତାଙ୍କ ପାର୍ଟନର ମନୀଷା କେ. ଫାଇନାଲରେ ମାଲେସିଆର ତାନ୍ ପିଅର୍ଲି କୁଙ୍ଗ୍ ଲି ଓ ଥିନା ମୁରଲିଥରନଙ୍କଠାରୁ ୨୦-୨୨, ୧୯-୨୧ ଗେମ୍‌ରେ ପରାସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଉଦୀୟମାନ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍ ରବିବାର ଚଳିତ ସିଜନରେ ତାଙ୍କର ୫ମ ଅନ୍ତର୍ଜାତୀୟ ଟାଇଟଲ। ଏଠାରେ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ସେ ସିଧାସଳଖ ଗେମ୍‌ରେ ମାଲେସିଆର ଲେଓଙ୍ଗ ଜୁନ ହାଓଙ୍କୁ ହରାଇଦେଇଛନ୍ତି। ୧୮ବର୍ଷୀୟ ଲକ୍ଷ୍ୟ ୨୨-୨୦, ୨୧-୧୮ ଗେମ୍‌ରେ ମ୍ୟାଚ୍ ଜିତିଛନ୍ତି। ଆସନ୍ତା ୨୦୨୦ ବର୍ଷ ସେ ତାଙ୍କର ଏହି ଫର୍ମ ଜାରି ରଖିବାକୁ ଚେଷ୍ଟା କରିବେ ବୋଲି ଲକ୍ଷ୍ୟ ନିଜ ଟୁଇଟର ଆକାଉଣ୍ଟରେ ସୂଚନା ଦେଇଛନ୍ତି।



ଅରାତି ବିଜୟ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ଚେସ୍: ଟ୍ରଫି ଓ ମାନପତ୍ର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## କନ୍ଧମାଳ ଜିଲାରେ ଭିତ୍ତିଭୂମି ତଦାରଖ କଲେ କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର, ୧୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତୀ ବେହେରା କନ୍ଧମାଳ ଜିଲା ଗସ୍ତ କରିଛନ୍ତି। ଜିଲାରେ ରହିଥିବା କ୍ରୀଡ଼ା ଭିତ୍ତିଭୂମିର ସେ ତଦାରଖ କରୁଛନ୍ତି। ରବିବାର ସେ କନ୍ଧମାଳ ଜିଲା ମିନି ଷ୍ଟାଡିୟମ ପରିଦର୍ଶନ କରି ନିର୍ମାଣକାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏଥିସହ ଜିଲାରେ ଜିଲାରେ ସାମଗ୍ରିକ କ୍ରୀଡ଼ାର ବିକାଶ ନେଇ ଏମ୍‌ପି ଅଚ୍ୟୁତ ସାମନ୍ତ, ପିଆରଆଇ ସଦସ୍ୟ ଏବଂ ଜିଲା ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ପରେ ମନ୍ତ୍ରୀ କନ୍ଧମାଳ ଜିଲା କ୍ରୀଡ଼ା ଛାତ୍ରାବାସ ପରିଦର୍ଶନ କରିଥିଲେ। ସେଠାରେ ରହିଥିବା ସୁବିଧା ଏବଂ ଅଭାବ ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସେ ବାଲିଗୁଡ଼ା ଗସ୍ତ କରି ସେଠାରେ ଏକ ଫୁଟ୍‌ବଲ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ସେଠାରେ ଥିବା ଏକ ମିନି ଷ୍ଟାଡିୟମର ସେ ପରିଦର୍ଶନ କରିଥିଲେ। ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମିର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେବା ସହ ସ୍ଥାନୀୟ କ୍ରୀଡ଼ାର ବିକାଶ ଦିଗରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇ ପାରିବ ସେ ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରାଯିବ ବୋଲି କ୍ରୀଡ଼ା ମନ୍ତ୍ରୀ ଏହି ଅବସରରେ ପ୍ରକାଶ କରିଛନ୍ତି।

■ ଅରାତି ବିଜୟ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ଚେସ୍

## ଅଂଶୁମାନ ସାମଲଙ୍କୁ ଟାଇଟଲ

ଭୁବନେଶ୍ୱର, ୧୫।୧୨ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ଆନୁକୂଲ୍ୟରେ ଅରାତି ବିଜୟ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ଚେସ୍ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୪ ଓ ୧୫ ତାରିଖ ଦୁଇଦିନଧରି ଅନୁଷ୍ଠିତ ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଅଂଶୁମାନ ସାମଲ, ବୈଭବ ମିଶ୍ର ଓ ହର୍ଷିତ ରଞ୍ଜନ ସାହୁ ୭.୫ ପଏଣ୍ଟ ଲେଖାଏ ପାଇଥିବାବେଳେ ବୁକୋଲଜରେ ଯଥାକ୍ରମେ ଚାମ୍ପିୟନ, ରନର୍ସଅପ୍ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ମିଶ୍ର, ଜିତେନ୍ଦ୍ର କୁମାର ଦାସ, ଏସ.କେ. ରାଜା, ତନ୍ମୟ ତ୍ରିପାଠୀ, ରବୀନ୍ଦ୍ର କୁମାର ଓଝା, ମାନସ ରଞ୍ଜନ ପରିଡ଼ା ଓ ଅମରେନ୍ଦ୍ର ଖମାରି ଟପ୍-୧୦ ଫିନିଶ୍ କରିଛନ୍ତି। ୨୫ ଜଣଙ୍କୁ ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧, ୧୩ ଓ ୧୫ ବର୍ଷରୁ କମ୍ ଶ୍ରେଷ୍ଠ ୨ ଜଣ ଲେଖାଏ ବାଳିକା ଓ ବାଳକ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସଞ୍ଜୟ ପଟ୍ଟନାୟକ ଶ୍ରେଷ୍ଠ ଭେଟେରାନ ଓ ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ପାଇଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ଅନୁଶାସନ ସଚିବ ତ୍ରିନାଥ ପଲାଇ, ଓଡ଼ିଶା ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ସମ୍ପାଦକ ମୁରଲୀଧର ଦାସ, କ୍ରୀଡ଼ା ସମ୍ପାଦକ ରଣଜିତ ମୁଦୁଲି ଓ ଆଶିଷ ଷଡ଼ଙ୍ଗୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦେବାଶିଷ ପାଣିଗ୍ରାହୀ ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ।

## ପ୍ରଗତି ସ୍ପୋର୍ଟିଂର ବୃହତ୍ ବିଜୟ

ଭୁବନେଶ୍ୱର, ୧୫।୧୨ (କ୍ରୀଡ଼ା ପ୍ରତିନିଧି)

ନିରୋଜ ମେମୋରିଆଲ ଓସ୍କାର କପ୍ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଦ୍ୱିତୀୟ ଦିବସ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ୧୧୨ ରନରେ ଭାରତ ଭୂଷଣ କ୍ରିକେଟ ଏକାଡେମୀ(ବିବିସିଏ)କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ୨ ଉଇକେଟ ହରାଇ ୧୮୧ ରନ କରିଥିବାବେଳେ ବିବିସିଏ ୬୯ ରନ କରି ଅଲଆଉଟ ହୋଇ ଯାଇଥିଲା। ୭୮ ବଲ୍‌ରୁ ୬୨ ରନ ଏବଂ ୩ ଓଭରରେ ୭ ରନ ଦେଇ ଗୋଟିଏ ଉଇକେଟ ନେଇଥିବା ବିଜୟୀ ଦଳର ସୌମ୍ୟରଞ୍ଜନ ମହାରଣା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। କ୍ରିକେଟ କୋଚ୍ ଟୁନା ସାହୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।



ନିମାପଡ଼ା ଫୁଟ୍‌ବଲ ଚାମ୍ପିୟନ କଟକ ସାଇ ହଷ୍ଟେଲ ଦଳ ।

## ମଞ୍ଜୁଳାମଣି ରାଜ୍ୟ ଓପନ ବ୍ଲିଜ୍ ଚେସ୍: ସ୍ୱୟମ୍ଭ ଚାମ୍ପିୟନ

ଭୁବନେଶ୍ୱର, ୧୫।୧୨ (କ୍ରୀଡ଼ା ପ୍ରତିନିଧି)

ଏସଆର ଚେସ୍ ସେଣ୍ଟର ଓ ଆମ ପରିବାରର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜାଭିୟର ଛକସ୍ଥିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ପରିସରରେ ରବିବାର ମଞ୍ଜୁଳାମଣି ମିଶ୍ର ରାଜ୍ୟ ଓପନ ବ୍ଲିଜ୍ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି। ୭ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ରାଜ୍ୟର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ପୂରା ୭ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ମନୀଷ କୁମାର, ସଞ୍ଜୀବନ ନାୟକ, ନୀଲସୁ ପଟ୍ଟନାୟକ, ଏସ. ସତ୍ୟକାମ, ପ୍ରିୟଂଶ ଦାସ, ଦେବୀ ପ୍ରସାଦ ନାୟକ, ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ୬ ପଏଣ୍ଟ ଲେଖାଏ ପାଇଥିବାବେଳେ ଟାଇବ୍ରେକର ପଦ୍ଧତିରେ ଯଥାକ୍ରମେ ଦ୍ୱିତୀୟରୁ ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି। ଜଗଦୀଶ ବାରିକ ଏବଂ ବିବେକ କୁମାର ଟିବରୱାଲ ୫.୫ ପଏଣ୍ଟ ଲେଖାଏ ହାସଲ କରି ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ପୁରସ୍କାର ଭାବରେ ୧୫,୦୦୦ଟଙ୍କାର ଅର୍ଥରାଶି ସହ ଟ୍ରଫି ଏବଂ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

ଭେଟେରାନ ବର୍ଗରେ ଏସ. ସୁନ୍ଦରରାଜନ, ୬ ବର୍ଷରୁ କମ୍ ବୟସ ବର୍ଗରେ ଶୁଭସ୍ମିତା ପ୍ରିୟଦର୍ଶିନୀ ଓ ସ୍ମୃତିରଞ୍ଜନ ସାହୁ, ୭ ବର୍ଷରୁ କମ୍ ବୟସ ବର୍ଗରେ ଆର୍ଯ୍ୟନ ବେହେରା ଓ ହର୍ଷିତ ସିଂ, ୯ ବର୍ଷରୁ କମ୍ ବିଭାଗରେ ଆଦିତ୍ୟ ବିକ୍ରମ ମିଶ୍ର ଓ ଶ୍ରଦ୍ଧା ମିଶ୍ର, ୧୧ ବର୍ଷରୁ କମ୍‌ରେ କୌସ୍ତୁଭ ଦାଶ ଓ ଯଶିତା ରାଉତ, ୧୩ ବର୍ଷରୁ କମ୍‌ରେ ସୌରଭ କର ଓ ପି. ସାଇରୂପା ଯଥାକ୍ରମେ ବାଳକ ଓ ବାଳିକା ବର୍ଗରେ ଚାମ୍ପିୟନ ହୋଇଥିଲେ। ଏହି ପ୍ରତିଯୋଗିତାରେ ୫୧ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳିଙ୍କ ସହ ମୋଟ ୧୪୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅଙ୍କିତା ସାହୁ ଶ୍ରେଷ୍ଠ ମହିଳା ଓ ନିପୁନ ଆଦିତ୍ୟ ମହାନ୍ତି ଶ୍ରେଷ୍ଠ ଦିବ୍ୟାଙ୍ଗ ଖେଳାଳିଭାବେ ପୁରସ୍କୃତ ହୋଇଥିଲେ। ରଞ୍ଜନ ମହାପାତ୍ର, ଅଜୟ ନାୟକ ଓ ବିନୋଦିନୀ ମିଶ୍ର ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅବକାରୀ ସଚିବ ସୁଶୀଲ କୁମାର ଲୋହାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ଚେସ୍ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଏସଆର ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, 'ଆମ ପରିବାର' ଅନୁଷ୍ଠାନ ପକ୍ଷରୁ ଡ. ନଳିନୀ ପଟ୍ଟନାୟକ, ରାଜନାରାୟଣ ତ୍ରିପାଠୀ, ମହେଶ୍ୱର ବିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱୟମ୍ଭଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି, ଫିଡେ ଆର୍ବିଟର ଜ୍ୟୋତିରଞ୍ଜନ ନନ୍ଦ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସତ୍ୟଜିତ ପଟ୍ଟନାୟକ, ପ୍ରଶାନ୍ତ ଜେନା, ଅବିନାଶ ଦାସ, ପ୍ରଣବ ମହାନ୍ତି, ସୂର୍ଯ୍ୟମିତ୍ର ସେନ୍ ଏବଂ ଆଶୁତୋଷ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ସ୍ୱୟମ୍ଭ ମିଶ୍ର।

■ ରାଜ୍ୟସ୍ତରୀୟ ନିମାପଡ଼ା ଫୁଟ୍‌ବଲ

## ସାଇ ହଷ୍ଟେଲକୁ ଟାଇଟଲ

ନିମାପଡ଼ା, ୧୫।୧୨ (ଡିଏନ୍ଏ)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ୬ଷ୍ଠ ପଦ୍ମଲୋଚନ ସାମନ୍ତସିଂହାର ସ୍ମାରକୀ ନିମାପଡ଼ା ଫୁଟ୍‌ବଲରେ କଟକ ସାଇ ହଷ୍ଟେଲ ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ କଟକ ସାଇ ହଷ୍ଟେଲ ୨-୧ ଗୋଲରେ ୟୁନାଇଟେଡ୍ କ୍ଲବ ଚରମ୍ପାକୁ ପରାସ୍ତ କରିଥିଲା। ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ କଟକ ସାଇ ହଷ୍ଟେଲର ଅବିନାଶ ସାମଲ ଓ ଅଜୟ ବାରହାଙ୍କ ଗୋଲ ବଳରେ ଦଳ ୨-୦ରେ ଅଗ୍ରଣୀ ହାସଲ କରିଥିଲା। ଚରମ୍ପା ପକ୍ଷରୁ ମଳୟ ନାୟକ ଗୋଲସ୍କୋର କରି ପରାଜୟ ବ୍ୟବଧାନକୁ କମାଇଥିଲେ। ଚାମ୍ପିୟନ କଟକ ଦଳର ଚନ୍ଦ୍ର ମୁର୍ମୁ ଓ ଚରମ୍ପାର ଦୁର୍ଗା ପ୍ରସାଦ ନାୟକ ଯଥାକ୍ରମେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ହାସଲ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ଦୋଳଗୋବିନ୍ଦ ସେଠୀ, ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ କଟକ ସାଇ ହଷ୍ଟେଲକୁ ୩୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ୍ ୟୁନାଇଟେଡ୍ କ୍ଲବ ଚରମ୍ପାକୁ ୨୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ୭ଜଣ ରେଫରି ଓ ୧୦ ଜଣ ଫୁଟ୍‌ବଲ ଖେଳାଳିଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମ୍ୟାଚ୍‌କୁ ଜାତୀୟସ୍ତରର ରେଫରି ବିଷ୍ଣୁପ୍ରିୟା ଦାସ, ସୁଦୀପ ଦାସ, ନିର୍ମଳ ମିଶ୍ର, ସରୋଜ ମହାରଣା, ରାକେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ଢେଙ୍କାନାଳ, ସୋମବାର, ୧୬ ଡିସେମ୍ବର , ୨୦୧୯



## ସଂକ୍ଷେପରେ

### ମୁମ୍ବାଇ ସିଟି ଏଫ୍‌ସି ଦଣ୍ଡିତ

ମୁମ୍ବାଇ, ୧୫।୧୨ (ପି.ଟି.)- ମ୍ୟାଚ ଅଫିସିଆଲଙ୍କୁ ଦୁର୍ବ୍ୟବହାର ପାଇଁ ମୁମ୍ବାଇ ସିଟି ଏଫ୍‌ସିର ୧୮ ବର୍ଷରୁ କମ୍ ଫୁଟ୍‌ବଲ ଦଳ ଦଣ୍ଡିତ ହୋଇଛି। ମୁମ୍ବାଇ ଡିଷ୍ଟ୍ରିକ୍ଟ ଫୁଟ୍‌ବଲ ଆସୋସିଏଶନ (ଏମ୍‌ଡିଏଫ୍‌ଏ)ର ଶୃଙ୍ଖଳାକମିଟି ଏହି ଟିମ୍‌କୁ ଚଳିତ ସିଜନର ଅବଶିଷ୍ଟ ପାଇଁ ସସ୍‌ପେଣ୍ଡ କରିଥିବାବେଳେ ୧୦ ଲକ୍ଷ ଟଙ୍କା ଜରିମାନା କରିଛି। ବୁଧବାର ଏକ ଏଲିଟ୍ ଡିଭିଜନ ମ୍ୟାଚ ପରେ ମୁମ୍ବାଇ ସିଟି ଏଫ୍‌ସି ୧୮ ବର୍ଷରୁ କମ୍ ଦଳର ଖେଳାଳି ଏବଂ ସହାୟକ ଷ୍ଟାଫ୍‌ମାନେ ଆସିଷ୍ଟାଣ୍ଟ ମ୍ୟାଚ ରେଫରି ଉମେଶ ପଟେଲଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଗୋଲକିପଂ କୋଚ୍ ଅବ୍‌ଦୁଲ କାଦିର, ଫିଜିଓ ଜୟ ସିଂ, କୋଚ୍ ମୋହାନ ଦାସ, ଆସିଷ୍ଟାଣ୍ଟ କୋଚ୍ ସୁପ୍ରିତ୍ ଜାଠ୍‌ନା ଏବଂ ୧୦ଜଣ ଖେଳାଳିଙ୍କୁ ସସ୍‌ପେଣ୍ଡ କରାଯିବା ସହ ଜରିମାନା କରାଯାଇଛି।

### ମୋମୋତାଙ୍କୁ ବର୍ଷରେ ୧୧ ଟାଇଟଲ

ଶାଂଘାଇ, ୧୫।୧୨ (ଏଏଫ୍‌ପି)- ବିଶ୍ୱର ନମ୍ବର ଓ୍ୱାନ ଖେଳାଳି କେଣ୍ଟୋ ମୋମୋତା ବିଡବ୍ଲ୍ୟୁଏଫ୍ ଓ୍ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ଜାପାନର ଏହି ଖେଳାଳି ୮ମ ର୍‍ୟାଙ୍କିଙ୍ଗପ୍ରାପ୍ତ ତଥା ଇଣ୍ଡୋନେସିଆର ଆନ୍ଥୋନୀ ସିନିସୁକା ଗିନ୍‌ଟିଙ୍ଗଙ୍କୁ ୧୭-୨୧, ୨୧-୧୭, ୨୧-୧୪ ଗେମ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଦୀର୍ଘ ୮୭ ମିନିଟ ଧରି ଖେଳାଯାଇଥିଲା। ଏହି ବିଜୟ ଦ୍ୱାରା ମୋମୋତା ଚଳିତ ବର୍ଷ ତାଙ୍କର ୧୧ତମ ଟାଇଟଲ ହାସଲ କରିପାରିଛନ୍ତି। ଅନ୍ୟପକ୍ଷରେ ଏହାକୁ ମିଶାଇ ୨୩ ବର୍ଷୀୟ ଗିନ୍‌ଟିଙ୍ଗଙ୍କର ଚଳିତ ବର୍ଷ ଖେଳିଥିବା ସମସ୍ତ ୫ଟି ଫାଇନାଲରେ ପରାସ୍ତ ହୋଇଛନ୍ତି। ଦୁଇଥର ବିଶ୍ୱ ଚାମ୍ପିୟନ ତଥା ୨୫ବର୍ଷୀୟ ମୋମୋତା ପ୍ରଥମ ଗେମ୍‌ରେ ପରାଜିତ ହେବା ପରେ ଦ୍ୱିତୀୟ ଗେମ୍‌ରେ ବିଜୟ ସହ ପ୍ରତ୍ୟାବର୍ତ୍ତନ କରିଥିଲେ। ତୃତୀୟ ତଥା ନିର୍ଣ୍ଣାୟକ ଗେମ୍‌ରେ ଗିନ୍‌ଟିଙ୍ଗ୍ ତାଙ୍କଠାରୁ ୧୭-୧୪ରେ ପଛୁଆ ରହିଥିବାବେଳେ ଡାହାଣ ପାଦରେ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ଆଶୁ ଚିକିତ୍ସା ପାଇଁ ପଡ଼ିଆକୁ ଡାକ୍ତର ଆସିଥିଲେ। ଇଣ୍ଡୋନେସିଆ ଖେଳାଳି ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲେ। ମୋମୋତା ଏହାର ଫାଇଦା ଉଠାଇ ସିଜନ ଶେଷ ଟୁର୍ନାମେଣ୍ଟକୁ ଷ୍ଟାଇଲରେ ଜିତିନେଇଥିଲେ।

### ତସନିମ୍‌ଙ୍କୁ ସ୍ୱର୍ଣ୍ଣ, ତାରାଙ୍କୁ ରୌପ୍ୟ

ସୁରାବାୟା (ଇଣ୍ଡୋନେସିଆ), ୧୫।୧୨ (ପି.ଟି.)-ଏଠାରେ ଚାଲିଥିବା ୧୭ ବର୍ଷରୁ କମ ଏବଂ ୧୫ ବର୍ଷରୁ କମ ଏସିଆ ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭାରତୀୟ ଖେଳାଳି ତସନିମ୍ ମୀର୍ ପ୍ରଥମ ଥର ୧୫ବର୍ଷରୁ କମ୍ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଦୁଇ ଭାରତୀୟ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ସେ ନିଜ ଦେଶର ତାରା ଶାହଙ୍କୁ ୧୭-୨୧, ୨୧-୧୧, ୨୧-୧୧ରେ ପରାସ୍ତ କରିଛନ୍ତି। ଏହି ବିଜୟ ଦ୍ୱାରା ତସନିମ ସ୍ୱର୍ଣ୍ଣ ଏବଂ ତାରାଙ୍କୁ ରୌପ୍ୟ ମିଳିଛି। ଏହି ଟୁର୍ନାମେଣ୍ଟର ଗତ ସଂସ୍କରଣ ମ୍ୟାନମାରରେ ହୋଇଥିଲା। ଏଥିରେ ଏହି ଦୁଇ ଖେଳାଳି କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇପାରିଥିଲେ। ତସନିମ ଓ ତାରା ଉଭୟେ ଶନିବାର ସେମାନଙ୍କ ସେମିଫାଇନାଲ ମୁକାବିଲାରେ ଜାପାନିଜ ଖେଳାଳିଙ୍କ ବିପକ୍ଷରେ ସହଜ ବିଜୟ ହାସଲ କରିଥିଲେ। ତସ୍‌ନିମ ୨୧-୧୬, ୨୧-୧୧ରେ ସୋରା ଇସିଓକାଙ୍କୁ ଏବଂ ତାରା ୨୧-୧୮, ୨୧-୧୪ରେ କାଜୁନେ ଇଓ୍ୱାତୋଙ୍କୁ ପରାସ୍ତ କରି ଫାଇନାଲଙ୍କୁ ଉନ୍ନୀତ ହୋଇଥିଲେ।



ଟି୨୦ ବିଶ୍ୱକପ୍ ପାଇଁ ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀ ଭାରତୀୟ ଦଳରେ ସ୍ଥାନ ପାଇବେ ବୋଲି ମୋର ଦୃଢ ବିଶ୍ୱାସ।
–ଡ୍ୱେନ ବ୍ରାଭୋ, ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର



ଟି୨୦ ବିଶ୍ୱକପ୍ ପୂର୍ବରୁ ଏବି ଡି'ଭିଲର୍ସଙ୍କ ସମେତ କେତେଜଣ ଅବସରପ୍ରାପ୍ତ ଖେଳାଳିଙ୍କୁ ଫେରିବା ଲାଗି ହୁଏତ ମୁଁ ପ୍ରବର୍ତ୍ତାଇ ପାରେ।
–ମାର୍କ ବାଉଚର, ଦକ୍ଷିଣ ଆଫ୍ରିକା କ୍ରିକେଟ କୋଚ୍

■ ପ୍ରଥମ ଦିନିକିଆ: ହେଟମେର, ହୋପ୍‌ଙ୍କ ଶତକ

# ୱେଷ୍ଟଇଣ୍ଡିଜର ସହଜ ବିଜୟ

ଚେନ୍ନାଇ, ୧୫।୧୨

ମ୍ୟାନ୍ ଅଫ୍ ଦି ମ୍ୟାଚ ଶିମରନ ହେଟମେର ଓ ଶାଇ ହୋପ୍‌ଙ୍କ ଶତକ ଏବଂ ଦ୍ୱିଶତକୀୟ ଭାଗୀଦାରି ସହାୟତାରେ ୱେଷ୍ଟଇଣ୍ଡିଜ ରବିବାର ଅନୁଷ୍ଠିତ ଭାରତ ବିପକ୍ଷ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ସହଜ ବିଜୟ ହାସଲ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୨୮୮ ରନ ବିଜୟ ଲକ୍ଷ୍ୟର ପିଛା କରି ୱେଷ୍ଟଇଣ୍ଡିଜ ୪୭.୫ ଓଭରରେ ମାତ୍ର ୨ ଉଇକେଟ ହରାଇ ୨୯୧ ରନ ସଂଗ୍ରହ କରି ନେଇଥିଲା। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୱେଷ୍ଟଇଣ୍ଡିଜ ୧-୦ରେ ଅଗ୍ରଣୀଲାଭ କରିଛି। ୱେଷ୍ଟଇଣ୍ଡିଜ ପକ୍ଷରୁ ହେଟମେର ୧୦୬ ବଲ୍‌ରୁ ସର୍ବାଧିକ ୧୩୯(୧୧ ଚୌକା, ୭ ଛକା) ରନ କରି ଆଉଟ ହୋଇଥିବାବେଳେ ହୋପ୍ ୧୫୧ ବଲ୍‌ରୁ ୭ ଚୌକା ଓ ୧ ଛକା ସହ ୧୦୨ ରନରେ ଅପରାଜିତ ରହିଥିଲେ। ହୋପ୍‌ଙ୍କ ସହିତ ନିକୋଲାସ ପୁରନ ୨୯ ରନରେ ଅପରାଜିତ ଥିଲେ। ୱେଷ୍ଟଇଣ୍ଡିଜ ମାତ୍ର ୧୧ ରନରେ ସୁନୀଲ ଆମ୍ବ୍ରିସ(୯)ଙ୍କ ଉଇକେଟ ହରାଇଥିଲେ ହେଁ ହୋପ୍ ଓ ହେଟମେର ଦ୍ୱିତୀୟ ଉଇକେଟରେ ୨୧୮ ରନର ଭାଗୀଦାରି ଗଢ଼ି ଦଳପାଇଁ ବିଜୟ ପଥ ପରିଷ୍କାର କରିଥିଲେ। କୌଣସି ଭାରତୀୟ ବୋଲର ଏ ଦୁଇ ବ୍ୟାଟ୍ସମ୍ୟାନଙ୍କ ଉପରେ ଅଙ୍କୁଶ ଲଗାଇପାରି ନ ଥିଲେ। ମହମ୍ମଦ ଶାମି ୩୮.୪ ଓଭରରେ ହେଟମେରଙ୍କୁ ଆଉଟ କରି ଯୋଡ଼ି ଭାଙ୍ଗିଥିଲେ ହେଁ ସେତବେଳକୁ ବହୁତ ବିଳମ୍ବ ହୋଇ ଯାଇଥିଲା। ହେଟମେରଙ୍କ ଆଉଟ ପରେ ହୋପ୍ ଓ ପୁରନ ଅସମାପ୍ତ ୩ୟ ଉଇକେଟ ଯୋଡ଼ିରେ ୬୨ ରନ ଯୋଗ କରି ଆହୁରି ୧୩ଟି ବଲ୍ ବାକିଥାଇ ମ୍ୟାଚର ପରିସମାପ୍ତି ଘଟାଇଥିଲେ। ଭାରତ ପକ୍ଷରୁ ଦୀପକ ଚହର ଓ ଶାମି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ୱେଷ୍ଟଇଣ୍ଡିଜ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବୋଲରମାନେ ଅଧିନାୟକ କିରନ ପୋଲାର୍ଡଙ୍କ ନିଷ୍ପତ୍ତିକୁ ଉଚିତ ମଧ୍ୟ ସାବ୍ୟସ୍ତ କରିଥିଲେ। ଭାରତ ସ୍କୋର ୨୧ ଥିବାବେଳେ ଲୋକେଶ ରାହୁଲ ଏବଂ ୨୫ ହୋଇଥିବାବେଳେ ଅଧିନାୟକ ବିରାଟ କୋହଲିଙ୍କ ପ୍ରାଇଜ୍ ଉଇକେଟ ନେଇ ଭାରତର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ଶେଲଡନ କଟ୍ରେଲ। ଭଲ ଆରମ୍ଭ କରିଥିବା ରୋହିତ ଶର୍ମା ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ୫୬ ବଲ୍‌ରୁ ୬ ଚୌକା ସହାୟତାରେ ୩୬ ରନ କରିଥିବାବେଳେ ଆଲଜାରି ଜୋସେଫଙ୍କ ବଲ୍‌ରେ ଆଉଟ ହୋଇଥିଲେ। ତେବେ ୪ ନମ୍ବର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର ଏବଂ ଚାପରେ ଥିବା ରିଷଭ ପନ୍ତ ୪ର୍ଥ ଉଇକେଟରେ ୧୧୪ ରନର ଭାଗୀଦାରି ଗଢ଼ି ଦଳକୁ ସଙ୍କଟ ପରିସ୍ଥିତିରୁ ଉଦ୍ଧାର କରିଥିଲେ। ୩୬.୪ ଓଭରରେ ଭାରତ ସ୍କୋର ୧୯୪ ହୋଇଥିବାବେଳେ ଆୟାରଙ୍କୁ ଆଉଟ କରି ୱେଷ୍ଟଇଣ୍ଡିଜକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ଜୋସେଫ। ୮୮ଟି ବଲ୍‌ର ସାମ୍ନା କରିଥିବା ଆୟର ୫ ଚୌକା ଓ ୧ ଛକା ସହାୟତାରେ ୭୦ ରନ ସ୍କୋର କରିଥିଲେ। ସ୍ୱାଭାବିକ ଷ୍ଟାଇଲରେ ଆକ୍ରମଣାତ୍ମକ ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିଥିବା ରିଷଭ ଏଠାରେ କ୍ୟାରିୟରର ପ୍ରଥମ ଶତକ ହାସଲ କରିବା ଆଶା କରାଯାଉଥିଲା। ମାତ୍ର ସେ ୬୯ ବଲ୍‌ରୁ ୭୧(୭ ଚୌକା, ୧ ଛକା) ରନ କରିଥିବାବେଳେ ପୋଲାର୍ଡଙ୍କ ଏକ ସ୍ଲୋ ବଲ୍‌କୁ ଅଫ୍ କଟର ଖେଳିବାକୁ ଯାଇ ଡିପ୍ ସ୍କୋୟାରଲେଗ୍‌ରେ ଶିମରନ ହେଟମେରଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ଭାରତ ୪୫ ଓଭରରେ ୨୫୦ ଅତିକ୍ରମ କରିଥିବାରୁ ୩୦୦ ରନ ସ୍ପର୍ଶ କରିବା ଆଶା କରାଯାଉଥିଲା। ମାତ୍ର ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲରମାନେ ଶେଷ ଭାଗରେ ଆକର୍ଷଣୀୟ ବୋଲିଂ କରିବାରୁ ଭାରତୀୟ ସ୍କୋର ୫୦ ଓଭରରେ ୨୮୭/୮ରେ ସୀମିତ ରହିଥିଲା। କେଦାର ଯାଦବ ୩୫ ବଲ୍‌ରୁ ୪୦(୩ ଚୌକା, ୧ ଛକା) ଓ ରବୀନ୍ଦ୍ର ଜାଡେଜା ୨୧ ବଲ୍‌ରୁ ୨୧(୨ ଚୌକା) ରନ କରିଥିବାବେଳେ ଶିବମ୍ ଦୁବେ ମାତ୍ର ୯ ରନ କରି ଆଉଟ ହୋଇ ଯାଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଶେଲଡନ କଟ୍ରେଲ, କେମୋ ପଲ୍ ଓ ଆଲଜାରି ଜୋସେଫ ୨ଟି ଲେଖାଏ ଏବଂ କିରନ ପୋଲାର୍ଡ ଗୋଟିଏ ଉଇକେଟ ନେଇଥିଲେ।





ଦୁଇ ଶତକ ହାସଲକାରୀ ବ୍ୟାଟ୍ସମ୍ୟାନ ଶିମରନ ହେଟମେର ଓ ଶାଇ ହୋପ୍।

### ସଂକ୍ଷିପ୍ତ ସ୍କୋର

ଭାରତ ୫୦ ଓଭରରେ ୨୮୭/୮(ପନ୍ତ-୭୧, ଆୟାର-୭୦, କେଦାର-୪୦, ରୋହିତ-୩୬, କଟ୍ରେଲ-୨/୪୬, ପଲ୍-୨/୪୦, ଜୋସେଫ-୨/୪୫, ପୋଲାର୍ଡ-୧/୨୮)।

ୱେଷ୍ଟଇଣ୍ଡିଜ ୪୭.୫ ଓଭରରେ ୨୯୧/୨(ହେଟମେର-୧୩୯, ହୋପ୍-୧୦୨*, ଚହର-୧/୪୮, ଶାମି-୧/୫୭)।



ବାରବାଟୀ ଦିନିକିଆ
ଆଉ ୬ ଦିନ

## ଆଜି ଅନୁବନ୍ଧିତ ୟୁନିଟ୍‌କୁ ଟିକେଟ୍

କଟକ ଅଫିସ,୧୫।୧୨

ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ସୋମବାରଠାରୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସହ ଅନୁବନ୍ଧିତ ୟୁନିଟ୍ ଗୁଡ଼ିକୁ ଟିକେଟ ବିକ୍ରି କରାଯିବ। ଓସିଏ ସମ୍ମିଳନୀ କକ୍ଷରେ ଦୁଇଦିନ ଧରି ଏହି ପ୍ରକ୍ରିୟା ଚାଲିବ। ବିସିସିଆଇ ପ୍ରାୟୋଜକଙ୍କ ସମେତ ଓସିଏ ସହ ଅନୁବନ୍ଧିତ ଥିବା ସମସ୍ତ ଜିଲା ସଂଘ, କ୍ଲବ, ସ୍କୁଲ, କଲେଜ ପାଇଁ ମୋଟ୍ ୮୯୪୬ଟି ଟିକେଟ ରଖାଯାଇଛି। ପ୍ରତ୍ୟେକ ୟୁନିଟ୍‌କୁ ପ୍ରତ୍ୟେକ ଗ୍ୟାଲେରୀରୁ ୧୦ଟି ଲେଖାଏ ଟିକେଟ ବିକ୍ରି ନିମନ୍ତେ ଧାର୍ଯ୍ୟ କରାଯାଇଛି। ଏହାଛଡ଼ା ଅନ୍ୟ ସ୍ଥାନଗୁଡ଼ିକରୁ ମଧ୍ୟ କିଛି ସଂଖ୍ୟାରେ ଟିକେଟ୍ ଅନୁବନ୍ଧିତ ୟୁନିଟ୍ ଗୁଡ଼ିକ କିଣିବେ।

■ ଶ୍ରୀକୃଷ୍ଣ ବିଶ୍ୱାଳ ସ୍ମାରକୀ ଫୁଟ୍‌ଭଲି

## କନ୍ଧମାଳ ପୁରୁଷ, ଯାଜପୁର ମହିଳା ଚାମ୍ପିୟନ

ଭୁବନେଶ୍ୱର, ୧୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ସିଟି କ୍ଲବ ନୟାପଲ୍ଲୀ ଏବଂ ଓଡ଼ିଶା ଫୁଟ୍‌ଭଲି ଆସୋସିଏଶନ ଆନୁକୂଲ୍ୟରେ ମମତାଜ ଅଲୀ ଉଚ୍ଚ ବିଦ୍ୟାଳୟ ପରିସରରେ ୨ୟ ବାର୍ଷିକ ଫୁଟ୍‌ଭଲି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମହିଳା ବିଭାଗ ଫାଇନାଲରେ ଯାଜପୁର ୧୫-୮, ୧୫-୯ରେ କଟକକୁ ହରାଇ ଚାମ୍ପିୟନ ହୋଇଛି। ସେହିପରି ପୁରୁଷ ବିଭାଗରେ କନ୍ଧମାଳ ୧୫-୧୨, ୧୫-୫ ପଏଣ୍ଟରେ ଢେଙ୍କାନାଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ପୁରୁଷ ବିଭାଗରେ ରୁପାନ୍ତ ଦେହୁରୀ (କନ୍ଧମାଳ)ଏବଂ ମହିଳା ବିଭାଗରେ ଶାନ୍ତି ଭୋଇ(ଯାଜପୁର) ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। କଟକର ମୋନାଲିସା ନାୟକ ଶ୍ରେଷ୍ଠ ଉଦୀୟମାନ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ନଟବର ସାମନ୍ତରାୟ, ଦିବାକର ଜେନା, ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ଦାସ, ସୌର୍ଯ୍ୟ ରଞ୍ଜନ ପରିଡା, ଫୁଟ୍‌ଭଲି ଆସୋସିଏଶନର ସଭାପତି ଦିଲୀପ କୁମାର ପ୍ରଧାନ, ସମ୍ପାଦକ ପ୍ରସନ୍ନ ରାଉତ କ୍ରୀଡ଼ା ସଂଗଠକ ସହଦେବ ରାଉତ, ଭାଗ୍ୟଧର ଜଗଦେବ, କୋଚ୍ ନନ୍ଦକିଶୋର ପଟ୍ଟନାୟକ, ସମରେନ୍ଦ୍ର ଜେନା, ମହିଳା ଫୁଟ୍‌ବଲର ସମ୍ପାଦିକା ସଙ୍ଗୀତା ଶର୍ମା ପ୍ରମୁଖ ଯୋଗ ଦେଇଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

## ଆଜିଠାରୁ ସର୍ବଭାରତୀୟ ପୋଲିସ ହକି

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

■ କଳିଙ୍ଗଷ୍ଟାଡିୟମରେ ମୁହାଁମୁହିଁ ହେବେ ୨୫ ଟିମ୍
■ ଟାଇଟଲ୍ ଆଶା ରଖିଛି ଓଡ଼ିଶା ପୋଲିସ ହକି
■ ୭ମ ବାଟାଲିୟନରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ

କଳିଙ୍ଗ ଷ୍ଟାଡିୟମରେ ଆଉଏକ ବଡ଼ ହକି ଟୁର୍ନାମେଣ୍ଟ। ଏଥର କୌଣସି ଦେଶ ନୁହେଁ, ଭାରତର ବିଭିନ୍ନ ପୋଲିସ ଟିମ୍ ମଧ୍ୟରେ ହେବ ଲଢେଇ। ଅଲ୍ ଇଣ୍ଡିଆ ପୋଲିସ କଣ୍ଟ୍ରୋଲ ବୋର୍ଡ ଆନୁକୂଲ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ପ୍ରଥମଥର ପାଇଁ ସୋମବାରଠାରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ୬୮ତମ ସର୍ବଭାରତୀୟ ପୋଲିସ ହକି ଚମ୍ପିୟନଶିପ। ଏଥର ଏହି ଚାମ୍ପିୟନଶିପ୍‌ରେ ଭାଗନେଇଛନ୍ତି ବିଭିନ୍ନ ରାଜ୍ୟ ପୋଲିସ, ସିଆର୍‌ପିଏଫ୍, ବିଏସ୍‌ଏଫ୍, ଆର୍ମି ସମେତ ଦେଶର ୨୫ ଟିମ୍‌ର ୫ଶହ ଖେଳାଳି। ସେହିଭଳି ୨ଶହ କ୍ରୀଡା ପ୍ରଶାସକ ଓ ପ୍ରଶିକ୍ଷକ ମଧ୍ୟ ଏଥିରେ ଯୋଗଦେଇଛନ୍ତି। ଲିଗ୍ କମ୍ ନକ୍ ଆଉଟ ଆଧାରରେ ଖେଳ ହେବ। ସଫଳ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ସହଯୋଗ କରୁଥିବାବେଳେ ରାଜ୍ୟ ସରକାରଙ୍କ କ୍ରୀଡା ମାସ୍କଟ 'ଓଲି'କୁ ଏହି ପ୍ରତିଯୋଗିତାର ମାସ୍କଟ ଭାବେ ଗ୍ରହଣ କରାଯାଇଛି। ରବିବାର ପୋଲିସ ଭବନରେ ଚାମ୍ପିୟନଶିପ୍‌ର ଲୋଗୋ ଓ ମାସ୍କଟ 'ଓଲି'କୁ ଡିଜିପି ଅଭୟ ବିଭିନ୍ନ ରାଜ୍ୟର ପୋଲିସ ହକି ଟିମ୍ ଅଫିସିଆଲଙ୍କ ଉପସ୍ଥିତିରେ ଉନ୍ମୋଚନ କରିଛନ୍ତି। ପଞ୍ଜାବ ଜଳନ୍ଧରରେ ଖେଳାଯାଇଥିବା ୬୭ତମ ଚାମ୍ପିୟନଶିପ୍‌ରେ ସିଆରପିଏଫ୍ ହକି ଟିମ୍ ଚାମ୍ପିୟନ ଓ ବିଏସ୍‌ଏଫ୍ ଟିମ୍ ରନର୍ସ ଅପ୍ ହୋଇଥିଲା। ପଞ୍ଜାବ ଟିମ୍ ତୃତୀୟ ସ୍ଥାନରେ ଥିଲାବେଳେ ଓଡ଼ିଶା ପୋଲିସ ହକି ଟିମ୍ ସେମିଫାଇନାଲରୁ ହାରି ୪ର୍ଥ ସ୍ଥାନ ଅକ୍ତିଆର କରିଥିଲା। କିନ୍ତୁ ଏଥର ଟାଇଟଲ୍ ଆଶା ରଖିଛି ଓଡ଼ିଶା ପୋଲିସ ହକି ଟିମ୍। ଦମ୍‌ଦାର ଡିଫେଣ୍ଡର ସହ ଜବରଦସ୍ତି ଫର୍‌ଓ୍ୱାର୍ଡ ପ୍ଲେୟାର ଓ ପାଓ୍ୱାରଫୁଲ ଗୋଲ୍ କିପର ଟିମ୍ ପାଇଁ ଏଭଳି ସୁଯୋଗ ଆଣିବ ବୋଲି କୁହାଯାଉଛି। ପୁଣି ହୋମ୍‌ଗ୍ରାଉଣ୍ଡ ଓ ହୋମ୍ କ୍ରାଉଡ୍‌ରେ ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ ରହିଛନ୍ତି ଓଡ଼ିଶା ପୋଲିସ ହକି ଟିମ୍‌ର ଖେଳାଳି। ଚାମ୍ପିୟନଶିପ୍‌ରେ ସୁପରିଚାଳନା ପାଇଁ ଭୁବନେଶ୍ୱରସ୍ଥିତ ଓଏସ୍‌ଏପି ମୁଖ୍ୟ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ସେଲ୍ ଖୋଲାଯାଇଛି। ଆସିଥିବା ଖେଳାଳି, କୋଚ୍, ଅଧିକାରୀ ଓ ଅତିଥିଙ୍କ ରହଣି ପାଇଁ ବିଭିନ୍ନ ସ୍ଥାନରେ ବ୍ୟବସ୍ଥା ହୋଇଛି। ସୋମବାର ସକାଳ ୯ଟାରେ ୭ମ ଓଏସ୍‌ଏପି ବାଟାଲିୟନ ପରିସରରେ ଉଦ୍‌ଘାଟନ ଓ ୨୪ ତାରିଖରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।




ପୋଲିସ ଡିଜି ଅଭୟ ହକି ଟିମ୍ ଅଧିକାରୀଙ୍କ ସହ ଚାମ୍ପିୟନଶିପ୍ ଲୋଗୋ ଉନ୍ମୋଚନ କରୁଛନ୍ତି।

## ଆବିଦ୍‌ଙ୍କ ବିରଳ କୀର୍ତ୍ତିମାନ

ରାଓ୍ୱଲପିଣ୍ଡି, ୧୫।୧୨ (ଏଏଫ୍‌ପି)

ଦୀର୍ଘ ଏକ ଦଶନ୍ଧି ପରେ ପାକିସ୍ତାନ ଏହାର ଘରୋଇ ମାଟିରେ ଖେଳିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌କୁ ଡ୍ର'ରେ ଶେଷ କରିଛି। ଶ୍ରୀଲଙ୍କା ବିପକ୍ଷ ଏହି ବର୍ଷା ବାଧାପ୍ରାପ୍ତ ମ୍ୟାଚ୍ ରବିବାର ଅନ୍ତିମ ତଥା ୫ମ ଦିବସରେ ବିନା ଫଳାଫଳରେ ସମାପ୍ତ ହୋଇଛି। ମ୍ୟାଚ୍ ଡ୍ର' ରହିଥିଲେ ମଧ୍ୟ ଘରୋଇ ପାକିସ୍ତାନ ଓପନର୍ ଆବିଦ୍ ଅଲି ଏକ ବିରଳ କୀର୍ତ୍ତିମାନ ହାସଲ କରିଛନ୍ତି। ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଆବିଦ୍ ଉଭୟ ଦିନିକିଆ ଓ ଟେଷ୍ଟ ପଦାର୍ପଣ ମ୍ୟାଚ୍‌ରେ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ କରାଚୀରେ ୧୯ରୁ ଆରମ୍ଭ ହେବ।

୩୨ ବର୍ଷୀୟ ଆବିଦ୍ ୯୫ ରନ କରିଥିବାବେଳେ ବିଶ୍ୱ ଫର୍ନାଣ୍ଡୋଙ୍କ ବଲ୍‌ରୁ ଚୌକା ଓ ଡବଲ୍ ନେଇ ୧୧ତମ ପାକିସ୍ତାନ ବ୍ୟାଟ୍ସମ୍ୟାନ ଭାବେ ପଦାର୍ପଣ ଟେଷ୍ଟରେ ଶତକ ହାସଲ କରିଥିଲେ। ୧୦୯ ରନର ଅପରାଜିତ ଇନିଂସ ମଧ୍ୟରେ ସେ ୧୧ ଚୌକା ମାରିଥିଲେ। ପୂର୍ବରୁ ଆବିଦ ଗତ ମାର୍ଚ୍ଚରେ ଦୁବାଇଠାରେ ଅଷ୍ଟ୍ରେଲିଆ ବିପକ୍ଷ ପଦାର୍ପଣ ଦିନିକିଆ ମ୍ୟାଚରେ ମଧ୍ୟ ଶତକ ଅର୍ଜନ କରିଥିଲେ। ବିଶ୍ୱର ୧୫ତମ ବ୍ୟାଟ୍ସମ୍ୟାନ ଭାବେ ସେ ଦିନିକିଆ ପଦାର୍ପଣରେ ଶତକ ମାରିଥିଲେ ମଧ୍ୟ ତାଙ୍କୁ ଛାଡ଼ି ଅନ୍ୟମାନେ କେହି ଟେଷ୍ଟ ପଦାର୍ପଣରେ ଏହି ସଫଳତାକୁ ଦୋହରାଇ ପାରି ନ ଥିଲେ। ଏହି ମ୍ୟାଚ୍‌ରେ ମଧ୍ୟ ବାବର ଆଜମ ୧୦୨ ରନର ଅପରାଜିତ ଇନିଂସ ଖେଳିଥିଲେ। ପାକିସ୍ତାନ ପ୍ରଥମ ଇନିଂସରେ ୨ ଉଇକେଟ ହରାଇ ୨୫୨ ରନ କରିଥିବାବେଳେ ମ୍ୟାଚ୍‌କୁ ଡ୍ର' ରଖାଯାଇଥିଲା। ପୂର୍ବରୁ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୬ ଉଇକେଟ୍ ହରାଇ ୩୦୮ ରନ କରି ଇନିଂସ ଘୋଷଣା କରିଥିଲା। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ର ପ୍ରଥମ ୪ ଦିନରେ ମାତ୍ର ୯୧.୫ ଓଭର ଖେଳ ସମ୍ଭବପର ହୋଇପାରି ଥିଲା। ତୃତୀୟ ଦିବସ ସୁଦ୍ଧା ଶ୍ରୀଲଙ୍କା ୬ ଉଇକେଟ୍ ହରାଇ ୨୮୨ ରନ କରିଥିଲା। ବର୍ଷା ଯୋଗୁ ଶନିବାର ଗୋଟିଏ ବି ବଲ୍ ପଡ଼ିବା ସମ୍ଭବପର ହୋଇପାରି ନ ଥିଲା। ରବିବାର ଧନଞ୍ଜୟ ଡି ସିଲ୍‌ଭା (୧୦୨*)ଙ୍କ ଶତକ ହାସଲ ପରେ ଶ୍ରୀଲଙ୍କା ୩୦୮/୬ରେ ଏହାର ଇନିଂସ ଘୋଷଣା କରିଥିଲା। ସ୍ମରଣଯୋଗ୍ୟ, ୨୦୦୯ରେ ଏକ ଟେଷ୍ଟ ମ୍ୟାଚ୍ ସମୟରେ ଲାହୋରରେ ଶ୍ରୀଲଙ୍କା ଖେଳାଳିଙ୍କ ବସ ଉପରକୁ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନକୁ କୌଣସି ଦେଶ ଖେଳିଯିବାକୁ ରାଜି ହେଉ ନ ଥିଲେ।

ରାଓ୍ୱଲପିଣ୍ଡି ଟେଷ୍ଟ



ଆବିଦ୍ ଅଲି

# ୫ରେ ଶୀତ ବସ୍ତ୍ର ପ୍ରଦାନ ଉତ୍ସବ

କଣିହାଁ,୧୫।୧୨(ଡି.ଏନ.ଏ.)

କଣିହାଁ ବ୍ଲକ ମହକୁମାସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦୃଷ୍ଟିହୀନ କଲ୍ୟାଣ ସମିତି ତରଫରୁ ଜାନୁୟାରୀ ୫ ମାସର ପ୍ରଥମ ରବିବାରରେ ଶୀତବସ୍ତ୍ର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେବ। ଏ ନେଇ ରବିବାର ଏକ ପ୍ରସ୍ତୁତି ବୈଠକ ବସିଥିଲା। ଏଥିରେ ଏନ୍‌ଟିପିସି ସମେତ ଅନ୍ୟାନ୍ୟ ପ୍ରକଳ୍ପ ସଂସ୍ଥା ସାମାଜିକ ଦାୟିତ୍ୱ ବୋଧ ଯୋଜନାରେ ସହଯୋଗ ସହ ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ମଧ୍ୟ ଅବଦାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସର୍ବସମ୍ମତିକ୍ରମେ ଆସନ୍ତା ମାସର ପ୍ରଥମ ରବିବାର ସମିତି କାର୍ଯ୍ୟାଳୟ ନିକଟରେ କାର୍ଯ୍ୟକ୍ରମ କରାଯିବ ଧାର୍ଯ୍ୟ ହୋଇଛି। ପ୍ରତିବର୍ଷ ଏଥିରେ ରାଜ୍ୟର ବିଭିନ୍ନ ଜିଲାର ଦୃଷ୍ଟିହୀନ ଦିବ୍ୟାଙ୍ଗମାନେ ଯୋଗ ଦେଇଥାନ୍ତି। ଚଳିତ ଥର ମଧ୍ୟ ପ୍ରକୃତ ଦିବ୍ୟାଙ୍ଗ ଯୋଗଦାନ କରିବାକୁ ସମିତି ସଭାପତି ସୁଧାକର ପ୍ରଧାନ, ସମ୍ପାଦକ କାଳନ୍ଦୀ ପ୍ରଧାନ ଅନୁରୋଧ କରିଛନ୍ତି।







## ଭତ୍ତା ନେବାକୁ ଆସି ବୃଦ୍ଧଙ୍କ ପ୍ରାଣ ଗଲା

ବାଲିଆପାଳ, ୧୫।୧୨ (ସ୍ୱ.ପ୍ର.)

ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ନେବାକୁ ଆସିଥିବା ବାଲିଆପାଳ ଅଞ୍ଚଳର ଜଣେ ୯୫ ବର୍ଷୀୟ ବୃଦ୍ଧଙ୍କ ରବିବାର ମୃତ୍ୟୁ ହୋଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୧୫ ତାରିଖ ଭତ୍ତା ବଣ୍ଟନ ପାଳିଥିବାରୁ ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତ କେନ୍ଦୁଆଡ଼ିଆ ଗ୍ରାମର ମକରା ମହୋରୀ ଭତ୍ତା ନେବା ପାଇଁ ସକାଳୁ ଘରୁ ଚାଲି ଚାଲି ଆସି ପଞ୍ଚାୟତ ଅଫିସ ଆଗରେ ଧାଡ଼ିରେ ଛିଡ଼ା ହୋଇଥିଲେ। ତାଙ୍କ ଘରଠାରୁ ପଞ୍ଚାୟତ ଅଫିସ ୭ରୁ ୮ କି.ମି. ହେବ। ମକରା ଧାଡ଼ିରେ ଛିଡ଼ା ହୋଇଥିବା ବେଳେ ହଠାତ୍ ତଳେ ପଡ଼ି ଯାଇଥିଲେ। ପାଖରେ ଥିବା ଲୋକମାନେ ତାଙ୍କୁ ପାଣି ପିଆଇଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ୭୦ ବର୍ଷରୁ ଅଧିକ ବୟସଧାରୀ ବୃଦ୍ଧାବୃଦ୍ଧଙ୍କୁ ଘରେ ଭତ୍ତା ଯୋଗାଇ ଦେବାକୁ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ଦାବି କରିଛନ୍ତି।

## ଟ୍ରେନ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ବସ୍ତା,୧୫।୧୨(ସ୍ୱ.ପ୍ର.)

ବସ୍ତା ଓ ଅମର୍ଦ୍ଦା ରୋଡ଼ ରେଳ ଷ୍ଟେଶନ ମଧ୍ୟବର୍ତ୍ତୀ ନାରଙ୍ଗାବାଦ ରେଳବାଇ ଫାଟକ ନିକଟରେ ଟ୍ରେନ୍ ଧକ୍କାରେ ରବିବାର ଅପରାହ୍ନରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମହିଳା ଜଣକ ରେଳଧାରଣା ପାର୍ଶ୍ୱରୁ କୋଇଲା ଗୋଟାଇ ରେଳ ଧାରଣା ପାରି ହେଉଥିବା ବେଳେ ଏକ ଏକ୍ସପ୍ରେସ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମହିଳାଙ୍କ ପରିଚୟ ମିଳିପାରି ନାହିଁ। ତାଙ୍କର ବୟସ ୫୫ରୁ ୬୦ବର୍ଷ ମଧ୍ୟରେ ହେବ । ଶରୀର କ୍ଷତବିକ୍ଷତ ହୋଇଥିବା ଯୋଗୁ ଚିହ୍ନଟ କରିବାରେ ଅସୁବିଧା ହୋଇଛି। ତେବେ ସେ ସ୍ଥାନୀୟ ଅଞ୍ଚଳର ମହିଳା ବୋଲି ଅନୁମାନ କରାଯାଉଛି।

## ଚରିତ୍ର ସଂହାର ଅଭିଯୋଗରେ ଯୁବକ ଗିରଫ

ରାସଗୋବିନ୍ଦପୁର, ୧୫।୧୨(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ନୁଣଚାଟି ଅଞ୍ଚଳର ଜଣେ ମହିଳାଙ୍କ ଚରିତ୍ରସଂହାର କରି ଏକ ବ୍ୟାନର ମାରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଯୁବକ ଭାସ୍କର ନନ୍ଦିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସମ୍ପର୍କରେ ମହିଳାଜଣଙ୍କ ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୁକ୍ତଙ୍କ ଘର ଜଳେଶ୍ୱର ଥାନା ଅଞ୍ଚଳରେ ବୋଲି ପୋଲିସ କହିଛି।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ